# ଉତ୍କଳ ପ୍ରସଙ୍ଗ

## ମହିଳା ବିଶେଷାଙ୍କ





ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ପି: ଭି: ନରସିଂହ ରାଓ ତା ୨୧-୮-୧୯୯୧ ରିଖ ସକାଳେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସମ୍ପ୍ରତି ରାଜ୍ୟର ବନ୍ୟାଜନିତ କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି ।



ତା ୧୮-୮-୧୯୯୧ ରିଖ ଦିନ ସାମରିକ ହେଲିକପ୍ଟରରୁ ଖାଦ୍ୟ ପୁଡ଼ିଆ ବନ୍ୟାଞ୍ଚଳରେ ଆକାଶ ମାର୍ଗରୁ ପକାଯାଉଛି ।

ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା, ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ, ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କର ଓ ମନ୍ତ୍ରୀ ପରିଷଦର ଅନ୍ୟାନ୍ୟ ସଦସ୍ୟବୃନ୍ଦ ବିଧାନସଭା ପରିସର ମଧ୍ୟରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।







ବ୍ରହ୍ମପୁର ଶାନ୍ତିବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଗଞ୍ଜାମ ଜିଲ୍ଲାରେ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ।

# ଉତ୍କଳ ପ୍ରସଙ୍ଗ

୪୮ ଭାଗ ୩ୟ ସଂଖ୍ୟା ଆଶ୍ୱିନ ୧୯୧୩ ଶକାବ୍ଦ
ଅକ୍ଟୋବର ୧୯୯୧

**ସମ୍ପାଦନା ମଣ୍ଡଳୀ**

ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର, ନିର୍ଦ୍ଦେଶକ
ପ୍ରହରାଜ ସତ୍ୟନାରାୟଣ ନନ୍ଦ, ସହ ସମ୍ପାଦକ
ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ, ସମ୍ପାଦନା ସହଯୋଗୀ

ଶ୍ରୀ ସତୀଶ ପାତ୍ର, ମୁଖ୍ୟ ସମ୍ପାଦକ

ଶ୍ରୀ ଅରୂପାନନ୍ଦ ଭୋଇ, ପ୍ରଚ୍ଛଦ ଶିଳ୍ପୀ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟ ସମ୍ପର୍କିତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସର୍ବଦା ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

**ପ୍ରକାଶନ**
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଓଡ଼ିଶା ସରକାର, ଭୁବନେଶ୍ୱର

**ମୁଦ୍ରଣ**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ଫଟୋଟାଇପସେଟିଙ୍ଗ୍ ପଦ୍ଧତିରେ ଅକ୍ଷର ସଂଯୋଜିତ

## ସୂଚୀ

୧ ସମାଜ କଲ୍ୟାଣ ଏକ ନୂତନ ଦିଗନ୍ତ
● ଡଃ ଦାମୋଦର ରାଉତ

୪ ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ମହିଳାମାନଙ୍କ ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥା
● ଡାକ୍ତର ସୌମିତ୍ରୀ ପାଣିଗ୍ରାହୀ

୬ ଝିଅମାନଙ୍କ ପାଠପଢ଼ା
● ଡକ୍ଟର ଜଗନ୍ନାଥ ମହାନ୍ତି

୯ ମା' ଭଗବତୀ
● ଗଣେଶ ପ୍ରସାଦ ପରିଜା

୧୩ ସକଳ ଘଟେ ନାରାୟଣ
● ଶ୍ରୀମତୀ କୁନ୍ତଳା କୁମାରୀ ଆଚାର୍ଯ୍ୟ

୧୮ ନାରୀ
● ଶ୍ରୀମତୀ ସୁକାମିନୀ ନନ୍ଦ

୨୦ ରାଜ୍ୟ ସରକାରଙ୍କର ମହିଳା ବିକାଶ କାର୍ଯ୍ୟକ୍ରମ
● ଶ୍ରୀମତୀ କନକବାଳା ଦାସ

୨୪ ବିକଳାଙ୍ଗଙ୍କ ଶିକ୍ଷା ବ୍ୟବସ୍ଥା ଓ ଆର୍ଥିକ ... 
● ଶ୍ରୀ ଭିକାରୀ ଚରଣ ରଥ

୨୮ ଓଡ଼ିଶାର ସେବିକା ଓ ସମାଜ
● ଅଧ୍ୟାପିକା ଶୁଭ୍ରାଂଶୁବାଳା ମହାନ୍ତି

୩୦ ଅଗ୍ରଗତି ପଥରେ ଓଡ଼ିଶା ନିର୍ମାଣ ନିଗମ
● ଶ୍ରୀ ଦିବାକର ମିଶ୍ର
ଅନୁବାଦ—ଶ୍ରୀ ଗିରିଜାଶଙ୍କର ଦାସ

୩୨ ନାରୀ ଶିକ୍ଷାର ପ୍ରସାର ହିଁ ନିର୍ଯ୍ୟାତନାର ପ୍ରତିକାର
● ମମତା ପାଣ୍ଡି

୩୪ ସାର୍ଥକ ସ୍ୱପ୍ନ

୩୬ ସମ୍ବାଦ ପରିକ୍ରମା

୪୧ ଶକ୍ତି ପୂଜାର ମହାମନ୍ତ୍ର
● ପଣ୍ଡିତ ଶ୍ରୀ ଅଚ୍ୟୁତାନନ୍ଦ କର

୪୪ କୃଷିରେ ମହିଳାମାନଙ୍କ ଭୂମିକା
● ଦାମୋଦର ଲେଙ୍କା

୪୬ ପାଠକଙ୍କ କଲମରୁ

# ୩୬ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ବାର୍ତ୍ତା



ଅକ୍ଟୋବର ପହିଲାଠାରୁ ସାତଦିନ ପର୍ଯ୍ୟନ୍ତ ସାରା ଦେଶରେ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି । ଏହାର ଉଦ୍ଦେଶ୍ୟ, ଦେଶର ଜଙ୍ଗଲରେ ରହୁଥିବା ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ଜନଚେତନା ଜାଗ୍ରତ କରିବା । ପରିବେଶର ଭାରସାମ୍ୟ ରକ୍ଷିବା ପାଇଁ ଜଙ୍ଗଲ ଓ ଜୀବଜନ୍ତୁ ନିହାତି ଦରକାର । ଏଥିରେ ବ୍ୟତିକ୍ରମ ହେଲେ ତାହା ମଣିଷ ସଭ୍ୟତା ପାଇଁ ବିପଦ ସୃଷ୍ଟି କରିବ ।

ଉପଗ୍ରହରୁ ନିଆଯାଇଥିବା ଛବିରୁ ଦେଶରେ ଜଙ୍ଗଲ ପରିମାଣ ବହୁ ପରିମାଣରେ କମି ଯାଇଥିବାର ଜଣାପଡୁଛି । ଜନସଂଖ୍ୟା ବୃଦ୍ଧି, ଶିଳ୍ପ ପ୍ରସାର ଓ ନଦୀବନ୍ଧ ଯୋଜନା ଯୋଗୁଁ ଜଙ୍ଗଲ କମିଯାଉଛି । ଜଙ୍ଗଲ ପରିମାଣ କମିଯାଉଥିବାରୁ ଓ ଚମଡ଼ା, ମାଂସ, ଶିଙ୍ଗ ଓ ହାତୀଦାନ୍ତ ଇତ୍ୟାଦି ପାଇଁ ପଶୁ ଶିକାର କରାଯିବା ଯୋଗୁଁ ଦେଶରେ ବନ୍ୟଜନ୍ତୁଙ୍କ ସଂଖ୍ୟା କମିବାରେ ଲାଗିଛି । ଏହିପରି ଅନେକ କିସମର ବନ୍ୟପ୍ରାଣୀ ଲୋପ ପାଇଗଲେଣି । ଏହି ଅବସ୍ଥାକୁ ସୁଧାରିବା ପାଇଁ ଲୋକଙ୍କ ଭିତରେ ଚେତନା ଆଣିବା ଦରକାର । ପ୍ରାକୃତିକ ପରିବେଶ ମଧ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ବଂଶ ବିସ୍ତାର ପାଇଁ ସାହାଯ୍ୟ କରିବା ଆମ ସମସ୍ତଙ୍କର ନୈତିକ ଓ ସାମାଜିକ ଦାୟିତ୍ୱ ।

ଆମ ରାଜ୍ୟ ଜଙ୍ଗଲ ଓ ବନ୍ୟପ୍ରାଣୀ ପାଇଁ ସାରା ଦେଶରେ ଖ୍ୟାତି ଅର୍ଜନ କରିଥିଲା । ଏବେ ମଧ୍ୟ ନାନା ଜାତିର ପକ୍ଷୀ ପ୍ରତିବର୍ଷ ଆମର ଚିଲିକା ହ୍ରଦକୁ ଆସିଥାନ୍ତି । ସେହିଭଳି, ଭିତର କନିକାର ଗହୀରମଥା ବେଳା ଭୂମିରେ ପ୍ରତିବର୍ଷ ଲକ୍ଷ ଲକ୍ଷ କଇଁଛ ଅଣ୍ଡା ଦେବାକୁ ଆସନ୍ତି । ଆମକୁ ପ୍ରକୃତିଦତ୍ତ ବନ୍ୟପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ବିଶେଷ ଧ୍ୟାନ ଦେବା ସାଙ୍ଗକୁ ଏହି ସମ୍ପଦକୁ ବଢ଼େଇବା ପାଇଁ ଚେଷ୍ଟା କରିବାକୁ ହେବ । ଏ ଦିଗରେ ରାଜ୍ୟ ସରକାର ବଳିଷ୍ଠ ପଦକ୍ଷେପ ନେଇଛନ୍ତି । ଜଙ୍ଗଲରେ ବନ୍ୟପ୍ରାଣୀମାନେ ନିର୍ଭୟରେ ବୁଲାବୁଲି କରିବା ପାଇଁ ରାଜ୍ୟରେ ଦୁଇଟି ଜାତୀୟ ଉଦ୍ୟାନ, ଷୋଳଟି ଅଭୟାରଣ୍ୟ, ଗୋଟିଏ ପ୍ରାଣୀ ଉଦ୍ୟାନ ଓ ଅନେକ ମୃଗବିହାର ସୃଷ୍ଟି କରାଯାଇଛି । ଏ ବର୍ଷ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଦେଶର ପ୍ରଥମ 'ଧଳାବାଘ ସଫାରୀ' ନନ୍ଦନକାନନଠାରେ ଉନ୍ମୋଚନ କରାଯାଉଛି । ମୋର ଆଶା ଓ ବିଶ୍ୱାସ ଏହା ଦେଶ ବିଦେଶର ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ଏବଂ ବନ୍ୟଜନ୍ତୁ ସଂରକ୍ଷଣରେ ସହାୟକ ହେବ ।

ଏ ଅବସରରେ ମୋର ରାଜ୍ୟବାସୀଙ୍କୁ ନିବେଦନ, ସେମାନେ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ସହଯୋଗ କରି ଆମ ରାଜ୍ୟକୁ ଏ ବାବଦରେ ଏକ ଆଦର୍ଶ ରାଜ୍ୟରେ ପରିଣତ କରିବାରେ ସାହାଯ୍ୟ କରନ୍ତୁ ।

ଜୟହିନ୍ଦ୍ ।

*ସମ୍ପାଦକୀୟ ....*

# ନାରୀ ଜାଗରଣ ଆବଶ୍ୟକ

ପୁରାଣରେ ବର୍ଣ୍ଣିତ ଅଛି, ଦେବ–ଦାନବ ଯୁଦ୍ଧରେ ତେତିଶ କୋଟି ଦେବତା ପରାସ୍ତ ହୋଇଯିବା ପରେ ଦେବତାଗଣ ଶେଷରେ ସର୍ବଶକ୍ତିମୟୀ ଦୁର୍ଗାଙ୍କ ଶରଣ ଭିକ୍ଷା କରିଥିଲେ । ଦେବତାମାନଙ୍କ ଅନୁରୋଧକ୍ରମେ ମା' ଦୁର୍ଗା ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଦୁଷ୍ଟ ଅସୁରମାନଙ୍କୁ ସଂହାର କରି ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ସତ୍ୟ ଯୁଗରେ ଅବଳା କଦାପି ଦୁର୍ବଳା ନଥିଲା, ବରଂ ସର୍ବଶକ୍ତିମୟୀ ଭାବେ ସ୍ୱୀକୃତ ଥିଲା ।

ତ୍ରେତୟା ଯୁଗରେ ସୀତା ହରଣ ପରେ ହନୁମାନ ଯେତେବେଳେ ସୀତାଙ୍କୁ ଅଶୋକ ବନରେ ଠାବ କରିଛି, ସେତେବେଳେ ହନୁମାନ ନିଜ କାନ୍ଧ ଉପରେ ସୀତାଙ୍କୁ ବସାଇ ଶ୍ରୀରାମଙ୍କ ନିକଟକୁ ନେଇଯିବା ପାଇଁ ପ୍ରସ୍ତାବ ଦେଇଛି । କିନ୍ତୁ ସୀତାଦେବୀ ସେଥିରେ ସମ୍ମତ ନହୋଇ ରାବଣ ସମେତ ସମସ୍ତ ଦୁଷ୍ଟ ଅସୁରମାନଙ୍କୁ ଯୁଦ୍ଧରେ ବିନାଶ କରିବା ପାଇଁ ବାର୍ତ୍ତା ପଠାଇଛନ୍ତି । ଏଥିରୁ ମଧ୍ୟ ପ୍ରମାଣିତ ହୁଏ ଯେ, ସେ ଯୁଗର ଅବଳା ମଧ୍ୟ ଦୁର୍ବଳା ନଥିଲା । ଦୁର୍ବଳା କିମ୍ବା ଭୀରୁ ହୋଇଥିଲେ ସୀତା ଦେବୀ ମଧ୍ୟ ହନୁମାନର କାନ୍ଧ ଉପରେ ବସି ଲୁଚି ପଳାଇ ଆସିପାରିଥାନ୍ତେ ।

ଦ୍ୱାପର ଯୁଗରେ କୁରୁ ସଭାରେ ଯେତେବେଳେ ଦ୍ରୌପଦୀଙ୍କ ବସ୍ତ୍ର ହରଣ ହୋଇଛି, ସେତେବେଳେ ଦ୍ରୌପଦୀଙ୍କ ପାଞ୍ଚପତି ଏହା ଦେଖି ମଧ୍ୟ ନିରବରେ ସହ୍ୟ କରିନେଲେ ଏବଂ ଦୁର୍ଯ୍ୟୋଧନଙ୍କ ଏହି ଅମାନୁଷିକ ନିଷ୍ପତ୍ତିକୁ ଉପସ୍ଥିତ ଅନ୍ୟ ସମସ୍ତ ରାଜାମାନେ ମଧ୍ୟ ସମର୍ଥନ କରିଥିଲେ । ଏହା ସତ୍ତ୍ୱେ ଦ୍ରୌପଦୀଙ୍କ ମନୋବଳ ଭାଙ୍ଗିପଡ଼ି ନଥିଲା । ଦୁଃଶାସନର ରକ୍ତରେ କେଶ ଧୋଇବା ପରେ ବେଣୀ ବନ୍ଧନ ହେବ ଏବଂ ସେ ପର୍ଯ୍ୟନ୍ତ କେଶ ମୁକୁଳା ରଖିବା ପାଇଁ ଦ୍ରୌପଦୀ ପ୍ରତିଜ୍ଞା କରିଥିଲେ । ପରିଶେଷରେ ତାଙ୍କ ଇଚ୍ଛା ପୂରଣ ହୋଇଥିଲା । ଏଥିରୁ ପ୍ରମାଣିତ ହେଉଛି ଦ୍ୱାପର ଯୁଗରେ ମଧ୍ୟ ନାରୀ କଦାପି ଦୁର୍ବଳା ନଥିଲା ।

ମୋଟାମୋଟି ଭାବରେ କହିବାକୁ ଗଲେ ପୁରୁଷମାନଙ୍କ ଦ୍ୱାରା ଯାହା ସମ୍ଭବ ହୋଇପାରୁ ନଥିଲା କିମ୍ବା ପୁରୁଷମାନେ ଯାହା କରିବା ପାଇଁ ସାହସ କରିପାରୁ ନଥିଲେ ତାହା ନାରୀ ଦ୍ୱାରା ସମ୍ଭବ ହୋଇପାରୁଥିଲା ଏବଂ ପୁରୁଷ ଅପେକ୍ଷା ନାରୀର ସାହସ ଥିଲା ଅଧିକ । ନାରୀର ପ୍ରାଧାନ୍ୟ ସବୁ ଯୁଗରେ ସବୁ କ୍ଷେତ୍ରରେ ରହି ଆସିଛି । ସର୍ବ ଶକ୍ତିମୟୀ ଦୁର୍ଗାଙ୍କ ଭଳି ସରସ୍ୱତୀ ହେଉଛନ୍ତି ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ଏବଂ ମହାଲକ୍ଷ୍ମୀ ହେଉଛନ୍ତି ଧନର ଅଧିଷ୍ଠାତ୍ରୀ ଦେବୀ ।

ସବୁ ଯୁଗରେ ସବୁ କ୍ଷେତ୍ରରେ ନାରୀର ପ୍ରାଧାନ୍ୟ ଥିବା ସତ୍ତ୍ୱେ ଏ ଦେଶକୁ ମୋଗଲ, ପଠାଣ ଓ ଇଂରେଜମାନେ ଅଧିକାର କରିବା ଫଳରେ ସେମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ପରିସ୍ଥିତିର ଚାପରେ ନାରୀ ସମାଜ ପରଦା ଆଢୁଆଳରେ ରହିବା ପାଇଁ ବାଧ୍ୟ ହୋଇଥିଲା ଏବଂ ପରିଣାମରେ ନାରୀ ସମାଜ ସବୁ କ୍ଷେତ୍ରରେ ପଛରେ ରହିଗଲା ।

ନାରୀ ଓ ପୁରୁଷଙ୍କୁ ନେଇ ସମାଜ ଗଠିତ । ନାରୀ ପୁରୁଷର ଅର୍ଦ୍ଧାଙ୍ଗିନୀ । ନାରୀ ସବୁ କ୍ଷେତ୍ରରେ ପୁରୁଷର ସହଯୋଗୀ । ନାରୀ ଓ ପୁରୁଷ ଉଭୟେ ସମାନ ତାଳ ଦେଇ ଚାଲିବା ଆବଶ୍ୟକ । ଦୁହିଁଙ୍କ ମଧ୍ୟରୁ ଜଣେ ପଛରେ ରହିଯିବା ଅର୍ଥ ଅନ୍ୟ ଜଣକ ମଧ୍ୟ ଆଗେଇ ପାରିବ ନାହିଁ । ଫଳତଃ ସମାଜ କଦାପି ଆଗେଇ ପାରିବ ନାହିଁ । ତେଣୁ ଏହି ଅବସ୍ଥାର ପରିବର୍ତ୍ତନ ଆବଶ୍ୟକ । ନାରୀ ସମାଜର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ପୂର୍ଣ୍ଣ ଓ ଅସମ୍ଭବ । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ "ଯେଉଁ ଦେଶ ନାରୀ ସମାଜକୁ ସମ୍ମାନ ଦିଏନାହିଁ, ସେ କେବେ ମହାନ୍ ହୋଇପାରେ ନାହିଁ ।" ସ୍ୱାମୀ ବିବେକାନନ୍ଦ ଏହି ଉକ୍ତିକୁ ଯଥାର୍ଥରେ କାର୍ଯ୍ୟକାରୀ କରିବା ପାଇଁ ଶ୍ରୀ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ

ଭାବେ ଦାୟିତ୍ୱ ନେବା ପରେ ସବୁ କ୍ଷେତ୍ରରେ ମହିଳାମାନଙ୍କ ବିକାଶ କରାଇବା ଲକ୍ଷ୍ୟ ନେଇ "ମହିଳା ବିକାଶ ନିଗମ" ସୃଷ୍ଟି କରିଛନ୍ତି। ଅସହାୟ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦଶ ଗୋଟି "କର୍ମଜୀବୀ ମହିଳା ନିବାସ" ପ୍ରତିଷ୍ଠା କରାଯାଇଛି ଏବଂ ଆଉ ୧୪ ଗୋଟି "କର୍ମଜୀବୀ ମହିଳା ନିବାସ" ନିର୍ମାଣ କାର୍ଯ୍ୟ ଚାଲିଛି। ବିଧବାମାନଙ୍କ ଭତ୍ତା ପରିମାଣକୁ ବିଜୁବାବୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବିଧବା ଭତ୍ତା ପାଇବା ପାଇଁ ରହିଥିବା ବୟସ ସୀମା କଟକଣାକୁ ଉଠାଇ ଦେଇଛନ୍ତି। ନିଯୁକ୍ତି କ୍ଷେତ୍ରରେ ମଧ୍ୟ ମହିଳାମାନଙ୍କୁ ପ୍ରାଧାନ୍ୟ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ସମାଜରେ ବର୍ତ୍ତମାନ ଉତ୍କଟ ଆକାର ଧାରଣ କରିଥିବା ଯୌତୁକ ନିର୍ଯ୍ୟାତନା ସମସ୍ୟା ନିରାକରଣ ପାଇଁ କଡ଼ାକଡ଼ି ଆଇନ ପ୍ରଣୟନ କରାଯାଇଛି ଓ ଏଗୁଡ଼ିକର ବିଚାର ପାଇଁ ସ୍ୱତନ୍ତ୍ର ସେଲ୍ ପ୍ରତିଷ୍ଠା କରାଯାଇଛି। ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ନିଜଉଦ୍ୟମେ ଗତ ତା ୨୯।୦୮।୧୯୯୨ ରିଖରେ ବ୍ରହ୍ମପୁରରେ ଏକ ମହିଳା ବ୍ୟାଙ୍କ୍ ପ୍ରତିଷ୍ଠା କରାଯାଇଛି, ଯାହାକି ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ବ୍ୟାଙ୍କ୍। ଏଭଳି ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବିଭିନ୍ନ ପଦକ୍ଷେପ ନେଇଛନ୍ତି।

ସରକାରୀ ସ୍ତରରେ ଯେତେ ସୁବିଧା ବ୍ୟବସ୍ଥା କଲେ ମଧ୍ୟ ନାରୀ ଜାଗରଣ ନିତାନ୍ତ ଆବଶ୍ୟକ। ସମାଜରେ ମହିଳାମାନଙ୍କ ପ୍ରାଧାନ୍ୟ ଓ ମହିଳାମାନଙ୍କ ସମ୍ମାନ ଫେରାଇ ଆଣିବାକୁ ହେଲେ ସମାଜର ମଧ୍ୟ ଗୁରୁ ଦାୟିତ୍ୱ ରହିଛି। ସମାଜ ମଧ୍ୟ ସରକାରଙ୍କୁ ସବୁ ପ୍ରକାର ସହଯୋଗ କରିବା ଆବଶ୍ୟକ ଏବଂ ନାରୀ ସମାଜ ମଧ୍ୟ ନିଷ୍ଠାର ସହିତ ଦୃଢ଼ ପ୍ରତିଜ୍ଞ ହେବା ଆବଶ୍ୟକ।

ନାରୀ ସମାଜ ସ୍ମରଣ କରିବାକୁ ହେବ ଯେ ସେମାନେ ଏହି ମାଟିର ସନ୍ତାନ ଯେଉଁଠି ସୀତା, ସାବିତ୍ରୀ ଜନ୍ମ ଗ୍ରହଣ କରିଥିଲେ। ଏହି ମାଟିର ରାଣୀ ଲକ୍ଷ୍ମୀବାଈ ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ମୁଣ୍ଡ ନୁଆଁଇ ନଥିଲେ। ଲୀଳାବତୀଙ୍କ ଗଣିତ ସୂତ୍ର ଗଣିତଜ୍ଞମାନଙ୍କୁ ନୂତନ ଆଲୋକ ଦେଇଛି। ସାବିତ୍ରୀଙ୍କ ଚତୁରତା ବଳରେ ସେ ସତ୍ୟବାନଙ୍କୁ ପୁନର୍ଜୀବିତ କରିପାରିଥିଲେ।

ନାରୀ ସମାଜର ବିକାଶ ପାଇଁ ଆମର ଲୋକପ୍ରିୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ନାରୀ ସମାଜ ଯେବେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସେ ସବୁ ସାହାଯ୍ୟର ସଦୁପଯୋଗ କରି ନିଷ୍ଠାପର ଉଦ୍ୟମ କଲେ ନାରୀ ସମାଜ ନିଶ୍ଚିତ ଭାବେ ସୀତା ଓ ସାବିତ୍ରୀଙ୍କ ଭଳି ଗୌରବର ଅଧିକାରିଣୀ ହୋଇପାରିବେ, ସେଥିରେ ସନ୍ଦେହ ନାହିଁ।

ପବିତ୍ର ଦୁର୍ଗାପୂଜା ଅବସରରେ, ଓଡ଼ିଶାର ଆମର ଭାଇ ଭଉଣୀ ସଭିଏଁ ସଂକଳ୍ପ ନିଅନ୍ତୁ ଏବଂ ଏହି ଜାତୀୟ କାର୍ଯ୍ୟକୁ ସଫଳତା ଦେବା ପାଇଁ ସର୍ବଶକ୍ତିମୟୀ ମା' ଦୁର୍ଗା ଆମ ସମସ୍ତଙ୍କୁ ଶକ୍ତି ଦେଇ ସହାୟ ହୁଅନ୍ତୁ, ଏହା ହିଁ କାମନା।

ପ୍ରଶାନ୍ତ ନନ୍ଦ

# ସମାଜ କଲ୍ୟାଣ : ଏକ ନୂତନ ଦିଗନ୍ତ

• ଡକ୍ଟର ଦାମୋଦର ରାଉତ

ସମାଜ କଲ୍ୟାଣ ଯେ କୌଣସି ସରକାରଙ୍କ ପ୍ରଥମ ଏବଂ ପ୍ରଧାନ ଦାୟିତ୍ୱ ଜାତିର ପିତା ମହାତ୍ମା ଗାନ୍ଧୀ ଏ ସତ୍ୟକୁ ଭଲଭାବେ ଉପଲବ୍ଧି କରିଥିଲେ। ସମାଜର ସବୁ ଶ୍ରେଣୀର ଲୋକ, ବିଶେଷ କରି ଦୁର୍ବଳ ଶ୍ରେଣୀ, ମହିଳା, ଅବହେଳିତ ଜନ ଓ ଶିଶୁମାନଙ୍କ ଉନ୍ନତି ନହେଲେ କୌଣସି ଦେଶ ମେରୁଦଣ୍ଡ ସିଧାକରି ଯେ ଠିଆ ହୋଇପାରିବ ନାହିଁ — ଏ କଥା ସେ ବାରମ୍ବାର ତାଙ୍କ ଲେଖା ଓ ଅଭିଭାଷଣ ମାଧ୍ୟମରେ ପ୍ରକାଶ ଦେଇଥିଲେ। ପ୍ରଖ୍ୟାତ ସମାଜ ବିଜ୍ଞାନୀ ଶ୍ରୀ ବେଁ'ଙ୍କ ମତାନୁସାରେ ଦେଶର ଜନସାଧାରଣଙ୍କୁ ଆବଶ୍ୟକତା ପୂରଣ ଦିଗରେ ସମ୍ପୃକ୍ତ ସରକାର କେତେଦୂର ସଫଳ ହୋଇଛନ୍ତି ତାହା ଉପରେ ତାଙ୍କ କର୍ତ୍ତୃତ୍ୱର ସୀମା ମଧ୍ୟ ନିର୍ଦ୍ଧାରିତ ହୁଏ।

ସ୍ୱାଧୀନତା ପରବର୍ତ୍ତୀ ଭାରତରେ ତେଣୁ ସମାଜ ମଙ୍ଗଳକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦିଆହୋଇ ଆସିଛି। ସମାଜବାଦୀ ଢାଞ୍ଚାରେ ଏକ ନୂତନ ସମାଜ ଗଠନ ପାଇଁ ସମ୍ବିଧାନ ପ୍ରଣେତାମାନେ ସ୍ଥିର କରିବା ପରେ ସାଧାରଣ ଲୋକଙ୍କ କଲ୍ୟାଣ ଓ ସମାଜ ମଙ୍ଗଳ ଦାୟିତ୍ୱ ସରକାରଙ୍କ ଉପରେ ହିଁ ନ୍ୟସ୍ତ ହୋଇଛି। ଆମର ନୀତିଗତ ଲକ୍ଷ୍ୟ ହେଉଛି ଦାରିଦ୍ର୍ୟର ପ୍ରକୋପ ହ୍ରାସ କରିବା ଏବଂ ଆୟ ବିକାଶର ସୁବିଧା ସୁଯୋଗ ପ୍ରଦାନ ମାଧ୍ୟମରେ ଜୀବନ ଧାରଣର ମାନରେ ଆଖି ବୁଜିବା ଉନ୍ନତି ସାଧନ କରିବା।

ବିଗତ ବେଶ ଦଶକ ଧରି ସରକାର ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଅବିଚଳିତ ଭାବେ ଚେଷ୍ଟାକରି ଆସିଛନ୍ତି। ଓଡ଼ିଶା ସରକାର ମଧ୍ୟ ଏ ଲକ୍ଷ୍ୟ ହାସଲ ପାଇଁ ଆଗଭର ହୋଇଛନ୍ତି। ୧୯୯୦ ମସିହା ମାର୍ଚ୍ଚ ମାସରେ ବର୍ତ୍ତମାନ ସରକାର ଶାସନକୁ ଆସିଲା ପରେ ଏହି ଜାତୀୟ ନୀତି କାର୍ଯ୍ୟକାରୀ କରିବା ଦିଗରେ ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି। ବିଶେଷ କରି ଶିଶୁ, ମହିଳା, ବିକଳାଙ୍ଗ ଓ ବୃଦ୍ଧ, ଦୁର୍ବଳ, ବଞ୍ଚିତ ତଥା ଅବହେଳିତ ଲୋକଙ୍କ କଲ୍ୟାଣ ସାଧନ ପାଇଁ ବର୍ତ୍ତମାନ ସରକାର ଅନେକଗୁଡ଼ିଏ ନୂତନ ଯୋଜନା କାର୍ଯ୍ୟକାରୀ କରିଛନ୍ତି ଓ ପୂର୍ବରୁ ଥିବା ଯୋଜନାଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିଛନ୍ତି।

ଯେଉଁ ସବୁ ବିଶେଷ କ୍ଷେତ୍ରରେ ନୂତନ ଉଦ୍ୟମ ଗ୍ରହଣ କରାଯାଇଛି, ସେଗୁଡ଼ିକ ମଧ୍ୟରୁ କେତେକ ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ମଣୁଛି :

(୧) ଅସହାୟ ବୃଦ୍ଧ, ବିଧବା, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକଙ୍କୁ ପେନସନ୍ ପ୍ରଦାନ, (୨) ଛଅ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ସମେତ ଗର୍ଭବତୀ ଓ ଶିଶୁକୁ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ପାଇଁ ମାଗଣା ଭୋଜନ ବ୍ୟବସ୍ଥା, (୩) ଅନାଥ ଶିଶୁମାନଙ୍କ ଭରଣପୋଷଣ ପାଇଁ ବର୍ଦ୍ଧିତ ହାରରେ ଆର୍ଥିକ ସହାୟତା, (୪) ମହିଳା ଉଦ୍ୟୋଗୀମାନଙ୍କୁ ସାହାଯ୍ୟ ଯୋଗାଇ ଦେବା ନିମନ୍ତେ 'ମହିଳା ବିକାଶ ନିଗମ' ପ୍ରତିଷ୍ଠା, (୫) ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟକ୍ରମ ପାଇଁ ବିଶ୍ୱ ବ୍ୟାଙ୍କର ସହାୟତା ସଂଗ୍ରହ, (୬) ବିକଳାଙ୍ଗ ଲୋକଙ୍କ ପାଇଁ ଅଧିକରୁ ଅଧିକ ସୁବିଧା ସୁଯୋଗ ଓ ସାହାଯ୍ୟ ପ୍ରଦାନ, (୭) ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣର ଏକ ନୂତନ ଯୁଗ ପ୍ରବର୍ତ୍ତନ, (୮) ଜବାହର ରୋଜଗାର ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଦରିଦ୍ର ଲୋକଙ୍କ ପାଇଁ ସ୍ୱଳ୍ପ ବ୍ୟୟରେ ଅଧିକ ବାସଗୃହ ବ୍ୟବସ୍ଥା, (୯) ସମନ୍ୱିତ ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଆର୍ଥିକ ତଥା ଅର୍ଥନୈତିକ ସାହାଯ୍ୟ ପ୍ରଦାନ, (୧୦) ରାଜ୍ୟର ସମସ୍ତ ୩୧୪ଟି ବ୍ଲକ୍‌ରେ ଇଞ୍ଜିନିୟରମାନଙ୍କ ପାଇଁ ବୃତ୍ତି ପରିକଳ୍ପନା ମାଧ୍ୟମରେ ବେକାର ଯୁବ ଇଞ୍ଜିନିୟରମାନଙ୍କ ନିମନ୍ତେ ନିଯୁକ୍ତି ବ୍ୟବସ୍ଥା।

## ସମନ୍ୱିତ ଶିଶୁ ବିକାଶ ସେବା :

ଆଜିର ଶିଶୁ କାଲିର ନାଗରିକ। ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ କରିବା, ତେଣୁ ଯେ କୌଣସି ସମାଜ ମଙ୍ଗଳ ରାଷ୍ଟ୍ରର ଅନ୍ୟତମ ପ୍ରଧାନ ଦାୟିତ୍ୱ। ଆମ ସମ୍ବିଧାନରେ ମଧ୍ୟ ଏ ବିଷୟର ଉଲ୍ଲେଖ ରହିଛି। ଏହି ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ୧୯୭୪ ମସିହାରେ କେନ୍ଦ୍ର ସରକାର ଜାତୀୟ ଶିଶୁ ନୀତି ପ୍ରଣୟନ କଲେ। ଏ ନୀତିରେ ଶିଶୁମାନଙ୍କ ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ପରିଚର୍ଯ୍ୟା ରାଷ୍ଟ୍ରର ଦାୟିତ୍ୱ ବୋଲି ସ୍ପଷ୍ଟଭାବେ କୁହାଯାଇଛି।

ଏ ନୀତି ରୂପାୟନ ପାଇଁ ସମନ୍ୱିତ ଶିଶୁ ବିକାଶ ପରିକଳ୍ପନା କରାଯାଇଛି। ଏହା ଏକ ବହୁମୁଖୀ କାର୍ଯ୍ୟକ୍ରମ। ଗ୍ରାମାଞ୍ଚଳ, ଆଦିବାସୀ ଅଞ୍ଚଳ ଓ ସହରର ବସ୍ତି ଅଞ୍ଚଳର ଶିଶୁ (୦—୬ ବର୍ଷ) ଓ ସେମାନଙ୍କ ମା'ମାନଙ୍କ ପାଇଁ (୧୫ରୁ ୪୫ ବର୍ଷ) ଏକ ସମନ୍ୱିତ ଓ ସମ୍ମିଳିତ ସେବାର ସୁବିଧା ଯୋଗାଇ ଦେବା ଏହାର ଲକ୍ଷ୍ୟ। ପରିପୂରକ ପୁଷ୍ଟି ସାଧନ, ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରତିଷେଧ, ଚିକିତ୍ସା, ବିଦ୍ୟାଳୟ ପୂର୍ବବର୍ତ୍ତୀ ଶିକ୍ଷା ଏବଂ ମହିଳାମାନଙ୍କ ପାଇଁ ପୁଷ୍ଟି ଓ ସ୍ୱାସ୍ଥ୍ୟ ଶିକ୍ଷା ଏହି ସେବା କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ।

ଓଡ଼ିଶାରେ ପ୍ରଥମ କରି ୧୯୭୫ ମସିହାରେ ସୁନ୍ଦରଗଡ଼ ଜିଲ୍ଲାର ସବଡେଗା ବ୍ଲକ୍‌ରେ ସମନ୍ୱିତ ଶିଶୁ ବିକାଶ ପରିକଳ୍ପନା ପ୍ରବର୍ତ୍ତନ କରାଯାଇଥିଲା। ଏହା ସଫଳ ହେବା ପରେ ଏବେ ଓଡ଼ିଶାର ୧୩୦ଟି ବ୍ଲକ୍ ଏବଂ ୪ଟି ସହରାଞ୍ଚଳ ବସ୍ତି ଅଞ୍ଚଳରେ ଏ ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି। ଏହି କାର୍ଯ୍ୟକ୍ରମରେ ୧୩୪ ଜଣ ଶିଶୁ ବିକାଶ ଅଧିକାରୀ, ୬୭୦ ଜଣ ତତ୍ତ୍ୱାବଧାରକ ଓ ୧୧,୯୯୯ ଜଣ

ଅଙ୍ଗନୱାଡ଼ି କର୍ମୀ ଓ ସେଇ ସଂଖ୍ୟାର ସହାୟିକା ନିଯୋଜିତ ହୋଇଛନ୍ତି । ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରରେ ଜଣେ ଲେଖାଏଁ ଅଙ୍ଗନୱାଡ଼ି କର୍ମୀ ଓ ଜଣେ ସହାୟିକାଙ୍କୁ ନିଯୁକ୍ତି ଦିଆଯାଇଛି । ଏହାଛଡ଼ା ଶିଶୁ ବିକାଶ ସେବା ସହ ସମ୍ପୃକ୍ତ କର୍ମକର୍ତ୍ତା ଓ କର୍ମଚାରୀମାନଙ୍କ ଉପଯୁକ୍ତ ତାଲିମର ବ୍ୟବସ୍ଥା ମଧ୍ୟ କରାଯାଇଛି ।

## ମହିଳା କଲ୍ୟାଣ :

ଆମ ପୁରୁଷ ଶାସିତ ସମାଜରେ ନାରୀକୁ ଏ ପର୍ଯ୍ୟନ୍ତ ତାର ଯଥାଯୋଗ୍ୟ ଆସନ ଦିଆଯାଇ ନାହିଁ । ଏବେ ବି ନାରୀମାନଙ୍କୁ ପୁରୁଷ ତୁଳନାରେ ଛୋଟକରି ଦେଖାଯାଇଥାଏ । କିନ୍ତୁ ସୁଖର କଥା, ଭାରତୀୟ ନାରୀ କ୍ରମଶଃ ନିଜର ସ୍ଥିତି ପ୍ରତି ସଚେତନ ହେଲାଣି । କିନ୍ତୁ ଏ ଦିଗରେ ଆହୁରି ଅନେକ କିଛି କରିବାର ଅବକାଶ ରହିଛି ଏବଂ ସରକାର ସେଥିପ୍ରତି ସଚେତନ । ମହିଳା କଲ୍ୟାଣ ପାଇଁ ବର୍ତ୍ତମାନ ସରକାର ବେଶ୍ କେତେକ ସୁଚିନ୍ତା ଓ ଯୋଜନା ହାତକୁ ନେଇଛନ୍ତି । କର୍ମଜୀବୀ ମହିଳା ନିବାସ ଏଥିମଧ୍ୟରୁ ଅନ୍ୟତମ । କର୍ମଜୀବୀ ମହିଳାମାନଙ୍କୁ ସୁରକ୍ଷିତ ବାସଗୃହ ଯୋଗାଇଦେବା ପାଇଁ ସରକାର ଅନେକଗୁଡ଼ିଏ କର୍ମଜୀବୀ ମହିଳା ନିବାସ ନିର୍ମାଣ କରୁଛନ୍ତି । ଏହି ନିବାସମାନଙ୍କରେ ୫ ଶତାଂଶ ସ୍ଥାନ ବିଧବା ଓ ନିଃସହାୟା ମହିଳାମାନଙ୍କ ପାଇଁ ଏବଂ ୧୫ ଶତାଂଶ ଓ ୭.୫ ଶତାଂଶ ସ୍ଥାନ ଯଥାକ୍ରମେ ତଫସିଲଭୁକ୍ତ ଜାତି ଓ ଉପଜାତିର ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି ।

ଏ ପର୍ଯ୍ୟନ୍ତ ୧୦ଟି କର୍ମଜୀବୀ ମହିଳା ନିବାସ ତିଆରି ହୋଇସାରିଛି ଓ ୧୪ଟି ନିର୍ମାଣାଧୀନ ରହିଛି । ସମସ୍ତ ଯୋଜନା ସମ୍ପୂର୍ଣ୍ଣ ହେଲେ ରାଜ୍ୟରେ ମୋଟ ୨୪ଟି ନିଗମରେ ମୋଟ ୧,୬୪୯ ମହିଳା ଉପକୃତ ହେବେ ।

ରାଜ୍ୟରେ ଅସହାୟା ମହିଳାମାନଙ୍କୁ ଧନ୍ଦାମୂଳକ ତାଲିମ ଦେବା ପାଇଁ ୮ ଲକ୍ଷ ଟଙ୍କା ବ୍ୟୟରେ ଏକ ପରିକଳ୍ପନା ଆରମ୍ଭ କରାଯାଇଛି । ମହିଳା କଲ୍ୟାଣ ଦିଗରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ହେଲା ମହିଳା ବିକାଶ ନିଗମ ପ୍ରତିଷ୍ଠା ।

ସମ୍ପ୍ରତି ଏହି ନିଗମ ପକ୍ଷରୁ ଶିଶୁମାନଙ୍କ ପାଇଁ ପୌଷ୍ଟିକ ଆହାର ପ୍ରସ୍ତୁତି ପାଇଁ ଏକ ଉଦ୍ୟୋଗ ମଧ୍ୟ ସ୍ଥାପନ କରାଯାଇଛି ।

## ବିକଳାଙ୍ଗ ଲୋକଙ୍କ କଲ୍ୟାଣ :

ବିକଳାଙ୍ଗ ଲୋକମାନଙ୍କୁ ଏକ ସହାନୁଭୂତିମୂଳକ ଦୃଷ୍ଟିଭଙ୍ଗୀ ଏବଂ ଗଠନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅକ୍ଷମମାନଙ୍କୁ ସକ୍ଷମ କରାଇ ସମାଜରେ ଉତ୍ପାଦନକ୍ଷମ କରାଇବା ସରକାରଙ୍କ ଲକ୍ଷ୍ୟ । ଶାରୀରିକ ଅକ୍ଷମ, ମାନସିକ ବ୍ୟାଧିଗ୍ରସ୍ତ ଶିଶୁମାନଙ୍କ ପାଇଁ ରାଜ୍ୟରେ ବିଶେଷ ବିଦ୍ୟାଳୟ କାର୍ଯ୍ୟ କରୁଛି । ବଧିର ଓ ଅନ୍ଧ ଶିଶୁମାନଙ୍କ ପାଇଁ ଯଥାକ୍ରମେ ୧୬ଟି ଓ ୧୩ଟି ବିଦ୍ୟାଳୟ ଏବଂ ମାନସିକ ବାଧାଗ୍ରସ୍ତ ଶିଶୁମାନଙ୍କ ପାଇଁ ୬ଟି ବିଦ୍ୟାଳୟ କାର୍ଯ୍ୟ କରୁଛି । ପ୍ରଥମ ଶ୍ରେଣୀଠାରୁ ଷଷ୍ଠ ଶ୍ରେଣୀଯାଏଁ ଅକ୍ଷମ ଛାତ୍ରମାନଙ୍କୁ ସରକାର ମେଧା ବୃତ୍ତି ଯୋଗାଇଥାନ୍ତି ।

ଅକ୍ଷମ ଲୋକମାନଙ୍କ ତାଲିମ ଓ ଥଇଥାନ ପାଇଁ ବିଶେଷ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ବର୍ତ୍ତମାନ ଏହି ପରିକଳ୍ପନା ଜରିଆରେ ୫ଟି ତାଲିମ କେନ୍ଦ୍ରରେ ମୋଟ ୧୨୫ ଜଣ ଲୋକଙ୍କୁ ଆୟ ନିଯୁକ୍ତି ଯୋଗାଇ ଦେବା ପାଇଁ ୮ ହଜାର ଟଙ୍କା ଲେଖାଏଁ ସବ୍‌ସିଡି ଦିଆଯାଉଛି । ଅସ୍ଥିଗତ୍ୟଗତ ବିକଳାଙ୍ଗମାନଙ୍କୁ ତିନିଚକିଆ ଗାଡ଼ି ଏବଂ ବଧିରମାନଙ୍କୁ ଶ୍ରବଣ ଯନ୍ତ୍ର ଆଦି ଉପକରଣ ଯୋଗାଇ ଦେବା ଲାଗି ଏକ ପରିକଳ୍ପନା ହାତକୁ ନିଆଯାଇଛି । ଏହାଛଡ଼ା ଜିଲ୍ଲା ମୁଖ୍ୟ ସଦର ମହକୁମା ହାସ୍‌ପାତାଳରେ ଅସ୍ଥିରୋଗ ଚିକିତ୍ସା ୟୁନିଟ୍‌ରେ ଗୋଟିଏ ଲେଖାଏଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଣ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି । ଆରୋଗ୍ୟଲାଭ କରୁଥିବା କୁଷ୍ଠ ରୋଗୀମାନଙ୍କ ଥଇଥାନ ପାଇଁ ମଧ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

## ଶିଶୁ କଲ୍ୟାଣ ପାଇଁ ବିଶେଷ ବ୍ୟବସ୍ଥା :

ଅନାଥ ଶିଶୁ, ଏକଘରିଆ ହୋଇ ରହିଥିବା କୁଷ୍ଠ ରୋଗୀମାନଙ୍କ ସନ୍ତାନ ସନ୍ତତି ଓ ଯେଉଁ ଶିଶୁମାନଙ୍କ ପିତାମାତା ଅତ୍ୟନ୍ତ ଗରିବ ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ରାଜ୍ୟର ଅନାଥାଶ୍ରମଗୁଡ଼ିକୁ ସରକାର ସବୁମତେ ସାହାଯ୍ୟ କରୁଛନ୍ତି । ରାଜ୍ୟର ୮୩ଟି ଅନାଥାଶ୍ରମରେ ଏବେ ୫,୩୦୩ ଜଣ ଅନ୍ତେବାସୀ ରହିଛନ୍ତି । ଚଳିତ ବର୍ଷରେ ଆଉ ୧୦ଟି ନୂଆ ଅନାଥାଶ୍ରମ ନିର୍ମାଣ କରାଯିବାର ଯୋଜନା ରହିଛି । ଅକ୍ଟୋବର ୨୧,୧୦,୧୯୮୦ରୁ ଅନାଥାଶ୍ରମ ଏବଂ ଅନ୍ୟାନ୍ୟ ଦାତବ୍ୟ ଅନୁଷ୍ଠାନ ଆଇନ ୧୯୬୦କୁ ରାଜ୍ୟରେ କଡ଼ାକଡ଼ି ଭାବେ ଲାଗୁ କରାଯାଉଛି । ଏହା ଫଳରେ ଅବହେଳିତ ଶିଶୁମାନଙ୍କର ରକ୍ଷଣାବେକ୍ଷଣ ଓ ସୁରକ୍ଷା ନିଶ୍ଚିତ ହୋଇପାରିବ ।

ଅନାଥାଶ୍ରମ ବ୍ୟତୀତ ରାଜ୍ୟରେ ପଞ୍ଚାୟତିରାଜ ବିଭାଗ ଅଧୀନରେ ୨୬୩ଟି ବାଲ୍‌ବାଡ଼ି ଓ ୩୬ଟି ଶିଶୁ ପାଳନ ଗୃହ କାର୍ଯ୍ୟ କରୁଛି । ବାଳ ଅପରାଧୀମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ପୁଣି ସମାଜରେ ପ୍ରତିଷ୍ଠିତ କରିବା ପାଇଁ ଜନତା ସରକାର ଧ୍ୟାନ ଦେବା ସହିତ ୧୨ଟି ଜିଲ୍ଲାରେ ବାଳ ଅପରାଧୀମାନଙ୍କ ପାଇଁ ପର୍ଯ୍ୟବେକ୍ଷଣ ନିବାସ ସ୍ଥାପନ କରିଛନ୍ତି ।

**ସାମାଜିକ ସୁରକ୍ଷା :**

ସମାଜର ସବୁ ଶ୍ରେଣୀର ଲୋକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ସେ. ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଯେ କୌଣସି ସରକାରଙ୍କ ପବିତ୍ର କର୍ତ୍ତବ୍ୟ । ଏ କର୍ତ୍ତବ୍ୟ ନିର୍ବାହ କରିବା ପାଇଁ ବର୍ତ୍ତମାନ ରାଜ୍ୟ ସରକାର ୧୯୭୫ ମସିହାରୁ ଚାଲୁ କରାଯାଇଥିବା ବାର୍ଦ୍ଧକ୍ୟ ଭତ୍ତାକୁ ୬୦ ଟଙ୍କାରୁ ୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତ ଭତ୍ତା ଗତବର୍ଷ ଗାନ୍ଧୀ ଜୟନ୍ତୀରୁ ଦିଆଯାଉଛି । ଏ ଯୋଜନାରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଓ ଭୂମିହୀନ କୃଷି ଶ୍ରମିକମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ଚଳିତ ବର୍ଷରେ ୫,୦୦୦ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଉଛି ।

ଅକ୍ଷମ ଶ୍ରମିକମାନଙ୍କୁ ଭତ୍ତା ଦାନ ଯୋଜନାରେ ପ୍ରାୟ ୨୦ ହଜାର ଲୋକଙ୍କୁ ଚଳିତ ବର୍ଷ ଭତ୍ତା ଦିଆଯିବ ।' ଏହାଛଡ଼ା ୧୯୮୫ରୁ ଆରମ୍ଭ ହୋଇଥିବା ବ୍ୟକ୍ତିଗତ ବୀମା ଯୋଜନା ଏବେ ସମସ୍ତ ଜିଲ୍ଲାକୁ ସମ୍ପ୍ରସାରିତ ହୋଇଛି । 'ଏହା ସହିତ ୧୯୮୮ରୁ ଗରିବ ଲୋକଙ୍କ କୁଡ଼ିଆ ଘର ବୀମା ଯୋଜନା ଏବଂ ୧୯୮୭ରୁ ଭୂମିହୀନ କୃଷି ଶ୍ରମିକମାନଙ୍କ ପାଇଁ ଗୋଷ୍ଠୀ ବୀମା କରାଯାଇଛି ।

---

**ମନ୍ତ୍ରୀ, ପଞ୍ଚାୟତିରାଜ ।**



ଭୁବନେଶ୍ୱରଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ରାଜ୍ୟ ପରିଷଦ ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ଶ୍ରୀ ଏସ୍. ବି. ଚଭନ ଅଧ୍ୟକ୍ଷତା କରୁଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ବିହାର ମୁଖ୍ୟମନ୍ତ୍ରୀ ଶ୍ରୀ ଲାଲୁପ୍ରସାଦ ଯାଦବ ଓ ସିକିମ୍‌ର ମୁଖ୍ୟମନ୍ତ୍ରୀ ଶ୍ରୀ ନରବାହାଦୁର ଭଣ୍ଡାରି ଉକ୍ତ ବୈଠକରେ ଯୋଗଦାନ କରିଛନ୍ତି ।

# ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ମହିଳାମାନଙ୍କ ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥା

● ଡକ୍ଟର ସୌମଦୀ ପାଣିଗ୍ରାହୀ

ଆଗାମୀ ଏକବିଂଶ ଶତାବ୍ଦୀକୁ ଦୃଷ୍ଟିରେ ରଖି ଆମ ଦେଶରେ ଯେତେଗୁଡ଼ିଏ ବିକାଶ ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି, ତନ୍ମଧ୍ୟରୁ 'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା' ଅନ୍ୟତମ । ଏହି କାର୍ଯ୍ୟକ୍ରମର ସଫଳତା ପାରିବାରିକ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦିଆଯିବା ଉପରେ ବିଶେଷ ଭାବରେ ନିର୍ଭର କରେ । କାରଣ, ଆମ ପରିବାର ମଧ୍ୟରେ 'ଗୃହିଣୀ' ହେଉଛନ୍ତି କେନ୍ଦ୍ରବିନ୍ଦୁ । ଗୃହିଣୀଙ୍କର ଚିନ୍ତା, ଚେତନା ଓ ସ୍ୱାସ୍ଥ୍ୟ ଉପରେ ସମଗ୍ର ପରିବାରର ସ୍ୱାସ୍ଥ୍ୟ ଓ ସମୃଦ୍ଧି ପର୍ଯ୍ୟବସିତ । ଏଣୁ, ମହିଳାମାନଙ୍କର ସ୍ୱାସ୍ଥ୍ୟର ସୁରକ୍ଷା ନିମନ୍ତେ ପରିବାର କଲ୍ୟାଣ ଯୋଜନା ଜରିଆରେ କେତେକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ।

ଦ୍ରୁତ ଜନସଂଖ୍ୟା ବୃଦ୍ଧିର ମୁକାବିଲା କରିବା ପାଇଁ ୧୯୫୬ ରୁ ୧୯୭୬ ପର୍ଯ୍ୟନ୍ତ କେବଳ ଜନ୍ମ ନିୟନ୍ତ୍ରଣ ପଦ୍ଧତି ଉପରେ ଗୁରୁତ୍ୱ ଦିଆଯାଉଥିଲା । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ମାତୃମଙ୍ଗଳ ଓ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଏହାର ଅନ୍ତର୍ଭୁକ୍ତ କରାଯାଇ ପରିବାର କଲ୍ୟାଣ ଯୋଜନାରେ ରୂପାୟିତ କରାଗଲା । ୧୯୮୫ ମସିହାରୁ ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯିବା ସଙ୍ଗେ ସଙ୍ଗେ ମା ଓ ଶିଶୁ ସ୍ୱାସ୍ଥ୍ୟର ସୁରକ୍ଷା ଦିଗରେ ସର୍ବାଧିକ ଗୁରୁତ୍ୱ ଆରୋପ କରାଗଲା । ଏସବୁ ସତ୍ତ୍ୱେ ଦେଖାଗଲା ଯେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ସମ୍ଭବପର ହେଉନାହିଁ । ତେଣୁ, ଏହାର ପୁନର୍ବିନ୍ୟାସ କରାଯାଇ ନାରୀ ଶିକ୍ଷା, ପୁଅମାନଙ୍କ ଭଳି ଝିଅମାନଙ୍କର ଯତ୍ନ ଆଦି ପରିବାର ନିୟନ୍ତ୍ରଣ ଯୋଜନା ବହିର୍ଭୂତ କେତେକ କାର୍ଯ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱ ଦିଆଗଲା । ଏହି ନୂତନ ଚିନ୍ତାଧାରାର ସୁଦୂର ପ୍ରସାରୀ ପ୍ରଭାବ ଯେ ଜନସାଧାରଣଙ୍କ ସ୍ୱାସ୍ଥ୍ୟୋନ୍ନତି ଓ ଜନସଂଖ୍ୟା ନିୟନ୍ତ୍ରଣ ଉପରେ ପଡ଼ିବ, ଏଥିରେ ସନ୍ଦେହ ନାହିଁ ।

ଆମ ଦେଶରେ ମୁଖ୍ୟତଃ ଗାଁଗହଳିରେ ଝିଅମାନଙ୍କ ପ୍ରତି ଅବହେଳା ଓ ଅଯତ୍ନ ଏବେ ମଧ୍ୟ ଲାଗି ରହିଛି । ଏହା ଫଳରେ ଝିଅମାନେ ଭବିଷ୍ୟତରେ ସ୍ୱାସ୍ଥ୍ୟବତୀ ମା' ହେବା ଓ ସୁସ୍ଥ ସନ୍ତାନ ପ୍ରସବ କରିବାରେ ସକ୍ଷମ ହୋଇ ପାରୁ ନାହାନ୍ତି । ଏକଥା ସର୍ବଜନ ବିଦିତ ଯେ ଗଛଟିଏ ହୋଇ ଭବିଷ୍ୟତରେ ସତେଜ ସୁନ୍ଦର ପୁଷ୍ଟ ଓ ପରିପୁଷ୍ଟ ଫଳ ଧାରଣ କରିବା ସମ୍ଭବ ନୁହେଁ । ଏଣୁ, ପୁଅମାନଙ୍କ ଭଳି ଝିଅମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ବାପା ମା'ଙ୍କ ମନରେ ସଚେତନତା ଓ ଆଗ୍ରହ ସୃଷ୍ଟି କରିବା ଦିଗରେ ଜନଶିକ୍ଷା କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯାଉଛି । ଏହା ଫଳରେ, ସାକ୍ଷରତା ଅଭିଯାନ ସହିତ ପରିବାର କଲ୍ୟାଣ ଯୋଜନା ସହ ସଂଶ୍ଳିଷ୍ଟ ହୋଇ ପଡ଼ିଛି ।

ସୁସ୍ଥ ପାରିବାରିକ ଜୀବନ ପାଇଁ ନାରୀ ଶିକ୍ଷାର ଆବଶ୍ୟକତା ଅପରି ହାର୍ଯ୍ୟ । କିନ୍ତୁ ପରିତାପର ବିଷୟ ଯେ ଆମ ଦେଶ ତଥା ରାଜ୍ୟରେ ପୁରୁଷମାନଙ୍କ ତୁଳନାରେ ନାରୀ ଶିକ୍ଷାର ହାର ଅତି ନଗଣ୍ୟ । ଏଣୁ, ଝିଅମାନଙ୍କୁ ଶିକ୍ଷିତା କରି ସ୍ୱାବଲମ୍ବୀ କରିବା ପାଇଁ ଜନଚେତନା ମୂଳକ ପ୍ରଚେଷ୍ଟା ଅବ୍ୟାହତ ରହିଛି ।

ସ୍ୱାସ୍ଥ୍ୟ ଉପରେ ବିବାହ ବୟସର ପ୍ରଭାବ ଅନସ୍ୱୀକାର୍ଯ୍ୟ । ଉପଯୁକ୍ତ ବୟସ ନହେଉଣୁ, ଝିଅଟିକୁ ବାହା ଦେଲେ, ସେ ଶୀଘ୍ର ମା' ହେବା ଓ ଗୁଡ଼ାଏ ପିଲାଙ୍କୁ ଜନ୍ମ ଦେବା ଅସମ୍ଭବ ନୁହେଁ । ଏଭଳି ମା' ମାନଙ୍କ ସ୍ୱାସ୍ଥ୍ୟ ନଷ୍ଟ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ପିଲାମାନଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହେ ନାହିଁ । ଏଣୁ, ଅତିକମ୍‌ରେ ୨୦ ବର୍ଷ ବୟସ ପୂର୍ବରୁ ଝିଅମାନଙ୍କୁ ବାହା ନଦେବା ପାଇଁ ବାପା ମା' ଓ ପରିବାରର ବୟସ୍କ ଲୋକଙ୍କୁ ବୁଝାଇବା ନିମନ୍ତେ ବ୍ୟାପକ ଜନଚେତନା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏ କ୍ଷେତ୍ରରେ ପ୍ରଚଳିତ ଆଇନ ଯଥା : ଝିଅକୁ ୧୮ ବର୍ଷ ଓ ପୁଅକୁ ୨୧ ବର୍ଷ ବୟସ ପୂରିବା ପୂର୍ବରୁ ବାହା ଦେବା ଏକ ଦଣ୍ଡନୀୟ ଅପରାଧ । ପୃଥିବୀର ବିଶିଷ୍ଟ ସ୍ତ୍ରୀରୋଗ ବିଶେଷଜ୍ଞମାନଙ୍କ ମତରେ ଗର୍ଭଧାରଣ ଓ ସନ୍ତାନ ପ୍ରସବ ପାଇଁ ୨୦ ରୁ ୩୦ ବର୍ଷ ବୟସ ହେଉଛି ଉପଯୁକ୍ତ । ତେବେ, ବିବାହ ବୟସ କ୍ଷେତ୍ରରେ ଆମ ରାଜ୍ୟର ସାଫଲ୍ୟ ବିଶେଷ ପ୍ରଣିଧାନ ଯୋଗ୍ୟ ।

ଶାରୀରିକ, ମାନସିକ ଓ ଆର୍ଥିକ ଦୃଷ୍ଟିକୋଣରୁ ବିଚାର କଲେ ସ୍ପଷ୍ଟ ବୁଝାପଡ଼େ ଯେ ନବବିବାହିତା ଜୀବନରେ ଶୀଘ୍ର ଗର୍ଭଧାରଣ କରିବା ଆଦୌ ଗ୍ରହଣୀୟ ନୁହେଁ । ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଉପଯୁକ୍ତ ବୁଝାମଣା ହେବା ପରେ ଏବଂ କେବେ ଓ କେତୋଟି ସନ୍ତାନ ତାଙ୍କ ପରିବାରକୁ ଆସିବା ଉଚିତ, ସେ ସମ୍ପର୍କରେ ନିଷ୍ପତ୍ତି ନେବା ପରେ ଯାଇ ଗର୍ଭଧାରଣା ଯୁକ୍ତିଯୁକ୍ତ । ପରିବାର ଭିତରେ ମୁଖ୍ୟତଃ ସ୍ୱାମୀ ସ୍ତ୍ରୀଙ୍କ ମନରେ ପ୍ରଥମ ସନ୍ତାନଟି ପାଇଁ ଆଗ୍ରହର ବ୍ୟାକୁଳତା ଆସିଲା ପରେ ଗର୍ଭଧାରଣା ସମୀଚିନ । ଏହାକୁ ଆଖିରେ ରଖି ନବ ଦମ୍ପତିମାନଙ୍କୁ ଏସମ୍ପର୍କରେ ପରାମର୍ଶ ଦେବା ପାଇଁ ବିଭିନ୍ନ ଗଣ ମାଧ୍ୟମ ତଥା ବ୍ୟକ୍ତିଗତ ସାକ୍ଷାତକାର ଜରିଆରେ ପ୍ରଚେଷ୍ଟା ଆରମ୍ଭ ହୋଇଛି ।

ପରିବାର କଲ୍ୟାଣ ହେଉଛି ଏକମାତ୍ର ଯୋଜନା ଯେଉଁଥିରେ କି ମା' ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଗର୍ଭ ସଞ୍ଚାର ହେବାଠାରୁ ହିଁ

ପ୍ରଥମ ଆରମ୍ଭ ହୋଇଥାଏ । ଗର୍ଭ ସଞ୍ଚାର ହୋଇଛି ବୋଲି ଜାଣିବା ପରେ ଗର୍ଭବତୀର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଦୁଇଟି ଧନୁଷ୍ଟଙ୍କାର ପ୍ରତିଷେଧକ ଟିକାଦାନ ଓ ରକ୍ତହୀନତାର ପ୍ରତିରୋଧ ପାଇଁ ଆଇରନ୍ ଫୋଲିକ୍ ଏସିଡ୍ ବଟିକାର ଯୋଗାଣ, ଉପଯୁକ୍ତ ପୁଷ୍ଟି ସମ୍ପର୍କୀୟ ସ୍ୱାସ୍ଥ୍ୟ ଶିକ୍ଷା ଦାନ ଆଦି ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦିଆଯାଇଥାଏ । ଏହି ସେବା ପ୍ରଦାନ ପାଇଁ ସମତଳ ଅଞ୍ଚଳରେ ପ୍ରତି ୫ ହଜାର ଓ ପାହାଡ଼ିଆ ତଥା ଦୁର୍ଗମ ଅଞ୍ଚଳରେ ପ୍ରତି ୩ ହଜାର ଲୋକ ସଂଖ୍ୟା ପାଇଁ ଗୋଟିଏ ଲେଖାଏଁ ଉପକେନ୍ଦ୍ର ପ୍ରତିଷ୍ଠା କରାଯାଇ ସେଠାରେ ଜଣେ ଲେଖାଏଁ ତାଲିମ ପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଆବଶ୍ୟକ କ୍ଷେତ୍ରରେ ପରାମର୍ଶ ଦେବା ପାଇଁ ପ୍ରତି ୬ ଜଣରେ ଜଣେ ଲେଖାଏଁ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କୁ ନିୟୋଜିତ କରାଯାଇଛି । ଏଥିପାଇଁ ପ୍ରତ୍ୟେକ ଉପକେନ୍ଦ୍ରକୁ ଆବଶ୍ୟକ ଯନ୍ତ୍ରପାତି ଓ ଔଷଧପତ୍ର ଯୋଗାଇ ଦିଆଯାଇଛି ।

ଆଗେ ଆମ ରାଜ୍ୟରେ ଘଟୁଥିବା ମା' ଓ ଶିଶୁ ମୃତ୍ୟୁର ବିଭିନ୍ନ କାରଣ ମଧ୍ୟରୁ ଅସ୍ୱାସ୍ଥ୍ୟକର ପରିବେଶରେ, ଅପରିଷ୍କାର ପଦ୍ଧତିରେ ଓ ତାଲିମ ନେଇ ନଥିବା ଧାଈମାନଙ୍କ ଦ୍ୱାରା କରାଯାଉଥିବା ପ୍ରସବ କାର୍ଯ୍ୟ ପ୍ରଧାନ ଥିଲା । ଏଥିପ୍ରତି ଦୃଷ୍ଟି ଦେଇ ଗ୍ରାମ୍ୟ ଧାଈମାନଙ୍କୁ ତାଲିମ ଦିଆଯାଇ ସେମାନଙ୍କୁ ଗୋଟିଏ ଲେଖାଏଁ 'ଡେଲିଭେରି କିଟ୍' ଯୋଗାଇ ଦିଆଗଲା । ଧାଈମାନଙ୍କୁ ତାଲିମ ସମୟରେ ୭୦ ଟଙ୍କା ଭତ୍ତା ଦେବା ଛଡ଼ା ପ୍ରତ୍ୟେକ ପ୍ରସବ କାର୍ଯ୍ୟ ପାଇଁ ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯିବାର ବ୍ୟବସ୍ଥା ମଧ୍ୟ ରହିଛି । ନିରାପଦ ପ୍ରସବ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ଓ ସମ୍ବଲପୁରକୁ ବଛାଯାଇଥିଲା । ପର୍ଯ୍ୟାୟକ୍ରମେ ଅନ୍ୟ ଜିଲ୍ଲାଗୁଡ଼ିକୁ ଏହାର ଅନ୍ତର୍ଭୁକ୍ତ କରିବା ପାଇଁ ବ୍ରିଟିଶ୍ ସହାୟତାରେ ଆଞ୍ଚଳିକ ଉନ୍ନୟନ ପ୍ରକଳ୍ପ ମାଧ୍ୟମରେ ସମ୍ପ୍ରସାରିତ କରାଯାଉଛି ।

ପ୍ରସବୋତ୍ତର କାର୍ଯ୍ୟକ୍ରମ ପରିବାର କଲ୍ୟାଣ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା । ଏହାକୁ ପ୍ରଥମେ ସହରାଞ୍ଚଳରେ ଆରମ୍ଭ କରାଯାଇ କ୍ରମେ କେତେକ ମନୋନୀତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସମ୍ପ୍ରସାରିତ କରାଗଲା । ଏହି କାର୍ଯ୍ୟକ୍ରମର ସଫଳତାକୁ ଆଖିରେ ରଖି ଉନ୍ନୀତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ବିଶେଷଜ୍ଞ ଡାକ୍ତରମାନଙ୍କୁ ଅବସ୍ଥାପିତ କରାଯାଇଛି ।

ମା' ଓ ଶିଶୁ ଉଭୟଙ୍କୁ ସୁସ୍ଥ ରଖିବା ପାଇଁ ସନ୍ତାନ ଜନ୍ମରେ ବ୍ୟବଧାନର ଆବଶ୍ୟକତା ରହିଛି । ପ୍ରଥମ ସନ୍ତାନ ଜନ୍ମ ହେବାର ଅନ୍ତତଃ ୩ ବର୍ଷ ପରେ ମା' ଦ୍ୱିତୀୟ ଥର ଗର୍ଭଧାରଣ କଲେ, ସ୍ୱାସ୍ଥ୍ୟଉପରେ ବିଶେଷ ଚାପ ପଡ଼େ ନାହିଁ । ଏଥି ପାଇଁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ଓ ସହରାଞ୍ଚଳର ଡାକ୍ତରଖାନାଗୁଡ଼ିକ ଜରିଆରେ ମାଆମାନଙ୍କୁ ଗର୍ଭନିରୋଧ ଖାଇବା ବଟିକା ମାଗଣାରେ ଯୋଗାଇ ଦିଆଯାଉଛି । ଯେଉଁ ମାଆମାନେ କପର-ଟି ଗ୍ରହଣ କରିବା ପାଇଁ ଆଗ୍ରହୀ, ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ ତା'ର ବ୍ୟବସ୍ଥା ମଧ୍ୟ କରାଯାଉଛି । ସନ୍ତାନ ଜନ୍ମରେ ବ୍ୟବଧାନ ରକ୍ଷା କରିବା ପାଇଁ ଆମ ରାଜ୍ୟରେ ଗତ ଆର୍ଥିକ ବର୍ଷରେ ୫,୬୫୦ ଜଣ ମା' ଖାଇବା ବଟିକା ଓ ୧,୬୬,୬୯୭ ଜଣ ମା' କପର-ଟି ବ୍ୟବହାର କରିଛନ୍ତି ।

ପୁଅ ହେଉ ବା ଝିଅ ହେଉ, ଦୁଇଟି ସନ୍ତାନ ଲାଭ ପରେ ପରିବାରଟିକୁ ସୀମିତ ରଖିବା ପାଇଁ ମା'ଆମାନଙ୍କ ନିମନ୍ତେ ସ୍ଥାୟୀ ଗର୍ଭନିରୋଧ ପଦ୍ଧତିର ବିହିତ ବ୍ୟବସ୍ଥା କରାଯାଉଛି । ମିନି ଲାପାରୋଟୋମୀ ସ୍ଥାୟୀ ପଦ୍ଧତି ଗ୍ରହଣ କରିବା ପାଇଁ ଆଗ୍ରହୀ ଆମ ରାଜ୍ୟର ମାଆମାନଙ୍କ ନିମନ୍ତେ ଏକ ଲୋକପ୍ରିୟ ପଦ୍ଧତି । ଏହି ପଦ୍ଧତି ସରଳ, ସହଜ ଓ ନିରାପଦ ହୋଇଥିବାରୁ ଏବଂ ଆମ ରାଜ୍ୟର ଡାକ୍ତରମାନେ ଏହାକୁ ଦକ୍ଷତାର ସହିତ ସମ୍ପାଦନ କରିପାରୁ ଥିବାରୁ ଅନ୍ୟରାଜ୍ୟରୁ ଚିକିତ୍ସକମାନେ ଆସି ଏହାର ବୈଷୟିକ କୁଶଳତା ସମ୍ପର୍କରେ ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ତାଲିମ ମଧ୍ୟ ଗ୍ରହଣ କରିଛନ୍ତି । ଏହାଛଡ଼ା, ଅତ୍ୟାଧୁନିକ ପଦ୍ଧତିରେ ସମ୍ପାଦିତ ଲାପାରୋସ୍କୋପି ଅପରେସନ୍ ପାଇଁ ବହୁ ସଂଖ୍ୟାରେ ମାଆମାନେ ଆଗ୍ରହ ପ୍ରକାଶ କରୁଛନ୍ତି । ଗତ ଆର୍ଥିକ ବର୍ଷରେ ଉକ୍ତ ଉଭୟ ପଦ୍ଧତି ଜରିଆରେ ସ୍ଥାୟୀ ଗର୍ଭନିରୋଧ ବ୍ୟବସ୍ଥା ଗ୍ରହଣ କରିଥିବା ମାଆ'ମାନଙ୍କ ସଂଖ୍ୟା ହେଉଛି ୧,୩୧,୫୭୬ । ଗୋଟିଏ ବା ଦୁଇଟି ସନ୍ତାନ ଲାଭ ପରେ ଯେଉଁ ଦମ୍ପତିମାନେ ସ୍ଥାୟୀ ଗର୍ଭନିରୋଧ ପଦ୍ଧତି ଗ୍ରହଣ କରୁଛନ୍ତି, ସେମାନଙ୍କୁ ସବୁଜ ପତ୍ରିକା ଯୋଗାଇ ଦିଆଯାଉଛି । ଏହା ଏକ ପ୍ରୋତ୍ସାହନ ମୂଳକ ବ୍ୟବସ୍ଥା ।

ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ମହିଳାମାନଙ୍କ ପାଇଁ ଜନସଂଖ୍ୟା ସମ୍ପର୍କୀୟ ଶିକ୍ଷା, ସମନ୍ୱିତ ଶିଶୁ ବିକାଶ ବ୍ଲକଗୁଡ଼ିକରେ ୧୯୮୬-୮୭ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହୋଇ ଆସୁଛି । ଶିଶୁ ସ୍ୱାସ୍ଥ୍ୟର ଯତ୍ନ, ଶିଶୁର ଆହାର, ପ୍ରତିଷେଧକ ଟିକାଦାନ, ଝାଡ଼ାରୋଗ ସମୟରେ ଜଳ ଶୁନ୍ୟତା ଓ ଶିଶୁର ଲାଳନ ପାଳନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମାଆ'ମାନଙ୍କୁ ଶିକ୍ଷା ଦେବା ବ୍ୟତୀତ, ମହଦ୍ରୂପ କ୍ଲବ୍ ଜରିଆରେ ଉତ୍ତମ ବିବେଚିତ ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧୦୫ଟି ଶିଶୁ ବିକାଶ ଯୋଜନା ଅନ୍ତର୍ଭୁକ୍ତ ବ୍ଲକ୍‌ରେ ଅନ୍ୟୁନ ଗୋଟିଏ ଲେଖାଏଁ ଉପକେନ୍ଦ୍ରରେ ଏଭଳି ମହଦ୍ରୂପ କ୍ଲବ୍ ଗଠନ କରାଯାଇଛି । ୧୯୯୦-୯୧ ଆର୍ଥିକ ବର୍ଷରୁ ପ୍ରଥମ କରି ସମ୍ବଲପୁର, ବଲାଙ୍ଗୀର ଓ ଢେଙ୍କାନାଳ ଜିଲ୍ଲାଗୁଡ଼ିକରେ 'ମହିଳା ସ୍ୱାସ୍ଥ୍ୟ ସଙ୍ଘ' ନାମକ ଏକ ନୂତନ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଏଭଳି ୫୬ଟି ସଙ୍ଘ ଗଠନ କରାଯାଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଗ୍ରାମାଞ୍ଚଳର ମହିଳାମାନଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ପର୍କରେ ଏକ ନୂତନ ଜାଗରଣ ସୃଷ୍ଟିକରି ଆଲୋଚନା ମାଧ୍ୟମରେ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ କରିବା ଓ ସମାଜରେ ନାରୀର ସ୍ଥିତିକୁ ସୁଦୃଢ଼ କରିବା । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ଉପକୂଳବର୍ତ୍ତୀ ୪ଟି ଜିଲ୍ଲାକୁ ସମ୍ପ୍ରସାରିତ କରାଯାଇଛି ।

ଏହି କାର୍ଯ୍ୟକ୍ରମ ବ୍ୟତୀତ, ସଂଯୋଗ ରକ୍ଷାକାରୀ ମହିଳା (ଲିଙ୍କ୍ ଉଇମେନ୍) ନାମକ ଏକ ନୂତନ କାର୍ଯ୍ୟକ୍ରମ ଚଳିତ ବର୍ଷ ଆମ

ରାଜ୍ୟରେ ମାତ୍ର ଗୋଟିଏ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି । ଏହା ମୁଖ୍ୟତଃ ଏକ ଶିକ୍ଷାମୂଳକ ଯୋଜନା । ଏହି ଯୋଜନା ଜରିଆରେ ମନୋନୀତ ମହିଳାମାନଙ୍କ ଦ୍ୱାରା ସନ୍ତାନ ଜନ୍ମକ୍ଷମ ମାଆମାନଙ୍କୁ ପରିବାର କଲ୍ୟାଣ, ଶିଶୁ ସ୍ୱାସ୍ଥ୍ୟ ଓ ପରିବେଶ ପରିଚ୍ଛନ୍ନତା ସମ୍ପର୍କରେ ଶିକ୍ଷା ଦେବାର ବ୍ୟବସ୍ଥା ରହିଛି ।

ପାରିବାରିକ ଜୀବନରେ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱଦେବା ଓ ଯୋଗାଇ ଦିଆଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟଗତ ସୁବିଧା ସୁଯୋଗର ପୂର୍ଣ୍ଣ ଉପଯୋଗ ପାଇଁ ଆବଶ୍ୟକ ଜନଚେତନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ସୂଚନା, ଶିକ୍ଷା ଓ ସଂସ୍କାର କାର୍ଯ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଜନ ସହଯୋଗ ମିଳିଲେ, ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କ୍ଷେତ୍ରରେ ଆମର ଧାର୍ଯ୍ୟ ଲକ୍ଷ୍ୟ ଆମେ ହାସଲ କରିପାରିବା ଓ ପରିବାରଗୁଡ଼ିକରେ ମୁଖ୍ୟତଃ ମା' ଓ ଶିଶୁମାନଙ୍କ କ୍ଷେତ୍ରରେ ଏହାର ସୁଫଳ ପ୍ରତିଫଳିତ ହୋଇ ପାରିବ ।

ପରିବାର କଲ୍ୟାଣ ନିର୍ଦ୍ଦେଶକ, ଓଡ଼ିଶା,
ଭୁବନେଶ୍ୱର ।



ଅର୍ଥ ବିଭାଗ ମନ୍ତ୍ରୀ ଶ୍ରୀ ବେଦପ୍ରକାଶ ଅଗ୍ରୱାଲ୍ କେନ୍ଦ୍ରାପଡା ମାର୍କେଟ କମ୍ପ୍ଲେକ୍ସର ଭୂମିପୂଜା ଉତ୍ସବରେ ଯୋଗଦେଇ ଅଭିଭାଷଣ ଦେଉଛନ୍ତି ।

# ଝିଅମାନଙ୍କ ପାଠପଢ଼ା

• ଡକ୍ଟର ଜଗନ୍ନାଥ ମହାନ୍ତି

ମହାତ୍ମା ଗାନ୍ଧିଜୀ କହିଥିଲେ– ପୁଅଟିଏ ପାଠ ପଢ଼ିଲେ, ଜଣେ ଶିକ୍ଷିତ ହୁଅନ୍ତି । ମାତ୍ର ଝିଅଟିଏ ପାଠ ପଢ଼ିଲେ, ସାରାପରିବାର ଶିକ୍ଷିତ ହୁଏ । ପିଲା ପାଳିବାଠାରୁ ଘର ଚଳାଇବା ଯାଏ, ଝିଅଟି ଯଦି ପାଠ ଜାଣିଥିବ, ସେଥିରେ ଥାଇବାକି ପାଠ ଲୋଡ଼ା । ତା ସଙ୍ଗେ ସଙ୍ଗେ ମାଆ ପାଠ ପଢ଼ିଲେ ନିଜ ପିଲାମାନଙ୍କୁ ପାଠପଢ଼ାରେ ସାହାଯ୍ୟ କରି ପାରନ୍ତି । ନିଜର ସ୍ୱାମୀ, ଶାଶୁ ଶ୍ୱଶୁର ଓ ଅନ୍ୟମାନଙ୍କୁ ସାହାଯ୍ୟ କରିପାରିବେ ନାନା ବାଟରେ, ନାନା ପ୍ରକାରରେ । ମାତ୍ର ପାଠ ପଢ଼ି ନ ଥିଲେ ସେମାନେ ନିଜ ଜୀବନକୁ ନାନା ଅଭାବ ଓ ଅଶାନ୍ତି ଭିତରେ କଟାଇ ଥାନ୍ତି ଏବଂ ନିଜ ପରିବାରର ଦୁଃଖକଷ୍ଟ ଦୂର କରିବାକୁ ଅକ୍ଷମ ହୋଇଥାନ୍ତି ।

ପୁଣି କୁହାଯାଏ–ଦୁହିତା ଦୁଇକୁଳକୁ ହିତ, ନଚେତ ଦୁଇ କୁଳକୁ ଅହିତ । କନ୍ୟା ବିଭା ହେଲା ପରେ ପର ଘରକୁ ଯାଇ ତାକୁ ନିଜର କରନ୍ତି । ନିଜର ପିଲା, ନଣନ୍ଦ, ଦିଅରଙ୍କ ପାଠପଢ଼ା କଥା ବୁଝନ୍ତି । ନିଜର ସାନ ଭାଇଭଉଣୀଙ୍କ ପାଠ ପଢ଼ାରେ ବହୁ ସାହାଯ୍ୟ କରିଥାନ୍ତି । ଅଥଚ ଝିଅ ଜନମ ବୋଲି ପୁଅକୁ ବା ପରଘରକୁ ଯିବାକୁ ବୋଲି ଆମେ କହି ସେମାନଙ୍କ ପାଠପଢ଼ାରେ ହେଳା କରୁଁ । ସେମାନଙ୍କ ପାଠପଢ଼ାର ଯତ୍ନ ଆମେ ଠିକ୍ ନେଉନାହିଁ ।

ଗାଁ ଗହଳିରେ ଏବେ ବି ଅଭାବ ଅସୁବିଧାର କଳା ଅନ୍ଧାର ଘୋଟି ରହିଛି । ଝିଅପିଲାମାନେ ମାଆମାନଙ୍କୁ ଘରକାମରେ ସାହାଯ୍ୟ କରନ୍ତି । ଏମିତିକି ସେମାନଙ୍କ ରୋଜଗାରରେ ମଧ୍ୟ ଭାଗ ନେଉଥାନ୍ତି । ଘରେ ସେମାନେ ସାନଭାଇ ଭଉଣୀମାନଙ୍କ ଯତ୍ନ ନେଇଥାନ୍ତି । ଏମିତିକି ଦେଖାଶୁଣା କରିଥାନ୍ତି । ସେହି ସମୟରେ ବାପମାଆ ନିଜର ବ୍ୟବସାୟ କରନ୍ତି ବା କାହାର ମୂଲ ମଜୁରି ଲାଗନ୍ତି । କେତେବେଳେ ବିଲବାଡ଼ିକୁ ସେମାନଙ୍କ ପାଇଁ ଖାଦ୍ୟ ନେଇଯାନ୍ତି, ସେଠାରେ କାର୍ଯ୍ୟ ମଧ୍ୟ କରନ୍ତି । କେତେକ ଝିଅପିଲା ଅନ୍ୟଘରେ କାମଦାମ କରିମଧ୍ୟ ନିଜେ ରୋଜଗାର କରି ଘର ଚଳାଇବାରେ ସାହାଯ୍ୟ କରନ୍ତି ।

କେତେକ ଅଞ୍ଚଳରେ ନଦୀନାଳ, ବଣ ପାହାଡ଼ ଆଦି ପ୍ରାକୃତିକ ପ୍ରତିବନ୍ଧକ ଅତିକ୍ରମ କରି ବିଦ୍ୟାଳୟକୁ ଯିବାକୁ ପଡ଼ିଥାଏ । ଝିଅପିଲାମାନଙ୍କୁ ଏମିତି ଅସୁବିଧା ଭିତରେ ପାଠ ପଢ଼ାଇବାକୁ ବାପା ମାଆ ରାଜି ହୁଅନ୍ତି ନାହିଁ । କେତେକ ଘରେ ଝିଅପିଲାମାନେ ପୁଅପିଲାଙ୍କ ସାଥିରେ ମିଳାମିଶା କରିବାରେ ବାରଣ ଥାଏ । ଫଳରେ ସେମାନେ ଏକାଠି ବିଦ୍ୟାଳୟରେ ପଢ଼ି ପାରନ୍ତି ନାହିଁ ।

ଏହାଛଡ଼ା କେତେକ ଲୋକଙ୍କ ଆର୍ଥିକ ଅବସ୍ଥା ଏତେ ଖରାପ ହୋଇଥାଏ ଯେ ବହି, ପୋଷାକ ଆଦି କିଣିଦେବା ଅସମ୍ଭବ ହୋଇପଡ଼େ । ଫଳରେ ସେମାନେ ବିଦ୍ୟାଳୟରେ ନାମ ଲେଖାଇ ପାରନ୍ତି ନାହିଁ । ନାମ ଲେଖାଇଲେ ମଧ୍ୟ ନିୟମିତ ଭାବରେ ବିଦ୍ୟାଳୟକୁ ଯାଇପାରନ୍ତି ନାହିଁ । ପାଠ ପଢ଼ାରେ ମନ ଦେଇ ପାରନ୍ତି ନାହିଁ । ଶେଷରେ ସେମାନେ ଅଧାରୁ ପାଠପଢ଼ା ବନ୍ଦ କରନ୍ତି ବା ପାଠପଢ଼ାରେ ଉନ୍ନତି କରି ପାରନ୍ତି ନାହିଁ । ଆର୍ଥିକ, ସାମାଜିକ, ପ୍ରାକୃତିକ ଓ ମନସ୍ତାତ୍ତ୍ୱିକ କାରଣରୁ ଝିଅ ପିଲାଙ୍କ ପାଠପଢ଼ାରେ ଆଶାନୁରୂପ ଅଗ୍ରଗତି ଘଟୁନାହିଁ । ସ୍ୱାଧୀନତା ପାଇବାର ୫୪ ବର୍ଷ ପରେ ମଧ୍ୟ ଝିଅପିଲାଙ୍କ ପାଠପଢ଼ା ଖୁବ୍ ଅସନ୍ତୋଷଜନକ ଅବସ୍ଥାରେ ରହିଛି ।

୧୯୫୧ରେ ଆମଦେଶର ନାରୀ ସାକ୍ଷରତାର ହାର ଶତକଡ଼ା ୭.୯ ଥିଲାବେଳେ ୧୯୮୧ର ଜନଗଣନାରେ ଏହି ହାର ଥିଲା ୨୪.୮୨ । ଅଥଚ ସେହିବର୍ଷ ପୁରୁଷମାନଙ୍କ ସାକ୍ଷରତାର ହାର ଥିଲା ୪୬.୮୯ । ପ୍ରାଥମିକ ବିଦ୍ୟାଳୟରେ ପ୍ରତି ୧୦୦ ବାଳକରେ ବାଳିକାଙ୍କ ସଂଖ୍ୟା ମାତ୍ର ୬୨ । ନିମ୍ନମାଧ୍ୟମିକ ବିଦ୍ୟାଳୟରେ ଏହି ହାର ୫୩, ମାଧ୍ୟମିକ ବିଦ୍ୟାଳୟରେ ୩୬ ଓ ମହାବିଦ୍ୟାଳୟରେ ୩୧ ମାତ୍ର । ୧୯୮୫–୮୬ ଶିକ୍ଷାବର୍ଷରେ ୬ ରୁ ୧୧ବର୍ଷ ବୟସର ପିଲାମାନଙ୍କ ମଧ୍ୟରୁ ପ୍ରତି ଶହେ ପୁଅ ନାମ ଲେଖାଇଥିଲେ, ମାତ୍ର ଝିଅପିଲାଙ୍କ ଶତକଡ଼ା ହାର ଥିଲା ୭୭ । ଅର୍ଥାତ୍ ସେହି ବୟସର ୪ଟି ଝିଅଙ୍କ ମଧ୍ୟରୁ ଗୋଟିଏ ପିଲା ବିଦ୍ୟାଳୟରେ ପ୍ରବେଶ କରି ପାରି ନ ଥିଲା । ମୋଟଉପରେ ନାମ ଲେଖାଇଥିବା ସବୁ ପିଲାଙ୍କ ମଧ୍ୟରୁ ଝିଅଙ୍କ ସଂଖ୍ୟା ମାତ୍ର ଶତକଡ଼ା ୩୬.୩ ।

ଝିଅପିଲାଙ୍କ ପାଠପଢ଼ାର ଅବସ୍ଥା ଏପରି ଶୋଚନୀୟ ହୋଇଥିବାରୁ ବିଭିନ୍ନ ଆୟୋଗ ଓ ସମିତି ଏହାର କାରଣଗୁଡ଼ିକୁ ଅନୁଧ୍ୟାନ କରି ସମାଧାନର ପନ୍ଥା ନିର୍ଦ୍ଦେଶ କରି ଆସିଛନ୍ତି । ଶିକ୍ଷାରେ ଭାରତ, ବିଶେଷତଃ ତାର ବିଭିନ୍ନ ଅଞ୍ଚଳ ଓ ଜାତି ମଧ୍ୟରେ ଯେମିତି ପାର୍ଥକ୍ୟ ରହିଛି, ସ୍ତ୍ରୀ ପୁରୁଷ ତଥା ଝିଅ ପୁଅଙ୍କ ଶିକ୍ଷାଗତ ଉନ୍ନତିରେ ସେମିତି ପାର୍ଥକ୍ୟ ପରିଲକ୍ଷିତ ହୋଇଛି । ସେଥିପାଇଁ ଝିଅମାନଙ୍କୁ ମାଗଣା ପୋଷାକ ଦେବା, ଦରମା ଛାଡ଼ କରିବା, ମହିଳାମାନଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି କରିବା ଆଦି ବିଭିନ୍ନ ପଦକ୍ଷେପ ସରକାରୀ ସ୍ତରରେ ନିଆଯାଇଛି ।

ଯୁଗେ ଯୁଗେ ନାରୀପୁରୁଷର ସହଧର୍ମିଣୀ ଓ ସହକର୍ମିଣୀ ହୋଇଆସିଛି ସମାଜର ବିଭିନ୍ନ ସ୍ତରରେ । ପ୍ରାଚୀନ ତଥା ବୈଦିକ ଯୁଗରେ ଏହି ସହଯୋଗିତା ଓ ସାମ୍ୟ ଅଧିକ ଭାବରେ ପରିସ୍ଫୁଟ ହୋଇଥିଲା । ମଧ୍ୟଯୁଗରେ ବିଦେଶୀମାନଙ୍କର ପ୍ରାଧାନ୍ୟ ଓ ପ୍ରଶାସନ ଏହି ସୁସ୍ଥ ପରମ୍ପରା ଓ ଐତିହ୍ୟରେ ବିଭ୍ରାନ୍ତି ଓ ବୈକଲ୍ୟ ସୃଷ୍ଟି କଲା । ଇଂରେଜ ଶାସନ କାଳରେ ଏହି ଅବସ୍ଥାର ଉନ୍ନତି

କ୍ଷେତ୍ରରେ କେତେକ ପଦକ୍ଷେପ ନିଆଯାଇଥିଲେ ହେଁ ତାହା ଆଦୌ ସନ୍ତୋଷଜନକ ହୋଇ ପାରି ନଥିଲା ।

ସ୍ୱାଧୀନତା ପ୍ରାପ୍ତି ପରେ ଆମ ଦେଶର ସମ୍ବିଧାନ ଓ ଆଇନମାନ ସ୍ତ୍ରୀ ପୁରୁଷ ଉଭୟଙ୍କୁ ସମାନ ଅଧିକାର ଓ ସମାନ ସୁଯୋଗ ପ୍ରଦାନ କରିଥିଲେ ସୁଦ୍ଧା ବାସ୍ତବ ପରିସ୍ଥିତିରେ ନାରୀଜାତି ବହୁ ପାର୍ଥକ୍ୟ ଓ ଭେଦଭାବର ଶୀକାର ହୋଇଛି । ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ରାଜନୀତି, ପ୍ରଶାସନ, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ତ କ୍ଷେତ୍ରରେ ସ୍ତ୍ରୀମାନେ ଉଲ୍ଲେଖଯୋଗ୍ୟ ଯୋଗଦାନ ଓ ସଫଳତା ପ୍ରଦର୍ଶନ କରିଲେ ହେଁ ସେମାନଙ୍କର ଶକ୍ତି ସାମର୍ଥ୍ୟର ସମ୍ପୂର୍ଣ୍ଣ ସଦୁପଯୋଗ ସମ୍ଭବ ହୋଇପାରିନାହିଁ । ଏଥିପାଇଁ ଶିକ୍ଷାକୁ ପରମ ଆୟୁଧ ଭାବରେ ବିନିଯୋଗ କରିବା ଆବଶ୍ୟକ ଏବଂ ଶିକ୍ଷାକ୍ଷେତ୍ରରେ ଥିବା ସେମାନଙ୍କର ଅନଗ୍ରସରତାକୁ ସର୍ବାଦୌ ଦୂର କରିବା ଉଚିତ । ନାରୀମାନେ ଶିକ୍ଷାରେ ଆଶାନୁରୂପ ଅଗ୍ରଗତି କଲେ ସମସ୍ତ କ୍ଷେତ୍ରରେ ପୁରୁଷ ସହିତ ସେମାନେ ସମକକ୍ଷ ହୋଇପାରିବେ । ଏହା ସମାଜର ସର୍ବାଙ୍ଗୀନ ବିକାଶରେ ସହାୟକ ହେବ ଏବଂ ଦୁଇଟି ଚକ ପରି ଉଭୟ ସ୍ତ୍ରୀପୁରୁଷ ଉନ୍ନତିର ରଥକୁ ଦ୍ରୁତଗତିରେ ଆଗେଇ ଦେବେ ।

୨୯୩୬, ଗୌରୀନଗର,
ପୁରୀ ଲିଙ୍କ ରୋଡ଼,
ଭୁବନେଶ୍ୱର-୭୫୧୦୦୨ ।



ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ କୁଆଁପାଳ ଜବାହରଲାଲ ନେହେରୁ ମହାବିଦ୍ୟାଳୟରେ ଏକ ସଭାରେ ଉଦ୍‌ବୋଧନ ଦେଉଛନ୍ତି ।

# ମା' ଭଗବତୀ

• ଗଣେଶ ପ୍ରସାଦ ପରିଡ଼ା

କାନ୍ଦିଉଥାନ୍ତି ସେ । ବାରମ୍ବାର କହୁଥାନ୍ତି "ହେ ମା ତୋତେ ଖୋଜି ଖୋଜି ମୁଁ କ'ଣ ମରିଯିବି ? ଟିକିଏ ହେଲେ ଦେଖା ଦେବୁ ନାହିଁ ? ଏ ବିଶ୍ୱ ତୋରି ଗଢ଼ିବା ଖେଳ । ଗ୍ରହ, ନକ୍ଷତ୍ର, ବସ୍ତୁମାନଙ୍କ ଭିତରେ ତୋର ବିଚରଣ । ତୁ ଏ ରାଜ୍ୟର ଅଧୀଶ୍ୱରୀ । ଯୋଗୀମାନେ ଯେଉଁ ଶୂନ୍ୟକୁ ଧ୍ୟାନ କରି ଅସାଧ ସାଧନ କରୁଛନ୍ତି, ତୁ ମା ଭଗବତୀ ସେହି ଶୂନ୍ୟର ମଧ୍ୟ ପ୍ରତିପାଳିଣୀ । ତୋ ଠାରୁ ବଡ଼ ଏ ବିଶ୍ୱରେ କେହି ନାହାନ୍ତି । ମୁଁ ଦୀନ ହୀନ ହତଭାଗା ତୋତେ ଡାକି ଡାକି ଥକି ଗଲିଣି । ଅଥଚ ଟିକିଏ ହେଲେ ତୁ ଶୁଣୁ ନାହୁଁ ? ତୁ କ'ଣ ମୃତ୍ୟୁର ଦେବୀ ? ଯାହେଉ ନା କାହିଁ କି ମୁଁ ପ୍ରତିଜ୍ଞା କରିଛି ତୋ ଦର୍ଶନ ନ ପାଇବା ପର୍ଯ୍ୟନ୍ତ ଜଳସ୍ପର୍ଶ ସୁଦ୍ଧା କରିବି ନାହିଁ । କି ଏଠାରୁ ମଧ୍ୟ ଉଠିବି ନାହିଁ । ତୋ ନାମ ଧରି ଯଦି ମରିଯାଏ ତେବେ ଏଇଠି ମରିଯିବି । ମୋ ଶବକୁ ବିଲୁଆ, ଶାଗୁଣା ଖାଇଦେବେ । ଲୋକେ ବୁଝିବେ କୁ-ସନ୍ତାନ ଯେପରି ରହିଛନ୍ତି ସେହିପରି କୁମାତା ବି ଏଇ ବିଶ୍ୱରେ ଅଛନ୍ତି ।

–ନ ନା, ତୁମେ ଏଠି କାହିଁକି ବସି କାନ୍ଦୁଛ । ପୁଣି କହୁଛ ଲୋକେ ବୁଝିବେ କୁମାତା ଏଇ ବିଶ୍ୱରେ ଅଛନ୍ତି । ଏ ସବୁର ଅର୍ଥ କ'ଣ ? ଏଇ ଜନମାନବ ଶୂନ୍ୟ ମଶାଣିରେ ଛୋଟ ପିଲାଙ୍କ ପରି ତୁମେ କାନ୍ଦୁଛ କାହିଁକି ? ତୁମ ମାଆ କ'ଣ ତୁମକୁ ଛାଡ଼ିଦେଇ କେଉଁଆଡ଼େ ପଳାଇଛି ନା ମରି ଯାଇଛି ? ମଶାଣିରେ ବସିଚ କାହିଁକି । ତୁମ ପଇତା ମାଉ ନାହିଁ ।

ମୁହଁ ଟେକିଲେ ତ ଗୋଟିଏ ଛୋଟିଆ ଝିଅ । ପିନ୍ଧିଛି ଛୋଟ ଫ୍ରକ୍ ଖଣ୍ଡେ । ଝିଅଟି ବେଶ୍ ଡଉଲ ଡାଉଲ ଚିକ୍କଣ ମୁହଁରୁ ତା'ର ହସ ଝରି ପଡୁଛି । ସତେ ଯେପରି ହସକୁରି ଝିଅଟାଏ । ତାଙ୍କର ଇଚ୍ଛା ହେଲା ତାକୁ କୋଳେଇ ନେବା ପାଇଁ । ଟିକିଏ ଗେହ୍ଲା କରିବା ପାଇଁ । ହେଲେ ଏ ନିଛାଟିଆ ସ୍ଥାନକୁ ସେ ଆସିଲା କିପରି ?

ଝିଅଟିକୁ କିଛି ପଚାରିବା ପୂର୍ବରୁ ସେ କହିଲା–"ତେଣେ ମୋ ବୋଉ ଖୋଜୁଥିବ । ମୁଁ ଯାଉଛି । " ସଙ୍ଗେସଙ୍ଗେ ସେ କହିଲେ "ନା–ଝିଅ । ତୋତେ ବୋଉ ଖୋଜୁ ନାହିଁ । ତୋତେ ଦେଖିଲେ ମୁଁ ଭୋକ ଶୋଷ ଭୁଲି ଯାଉଛି । ତୁ କାହା ଝିଅ ଲୋ ମା ?

–"ତୁମେ ପରା ମୋତେ ଝିଅ ଝିଅ ବୋଲି କହୁଚ । ପୁଣି କାହା ଝିଅ ବୋଲି ପଚାରୁଛ କିପରି ? ମୁଁ ତୁମରି ଝିଅ ହେଲି ।" ନିଜ କଥାରେ ନିଜେ ହାରିଗଲେ ସେ । ଭାବିଲେ ଝିଅଟା ତ ବୁଦ୍ଧିଆ । କଥାରେ ତ ତାକୁ ପାରି ହେବ ନାହିଁ । ପିଲାଟିବେଳରୁ ତ ବୁଦ୍ଧିଆ । ବଡ ହେଲେ କ'ଣ ନ ହେବ ?

ଝିଅଟିକୁ କିଛି କହିବା ପୂର୍ବରୁ ସେ ପଚାରିଲା–"ତୁମେ ଏ ମଶାଣିଟାରେ ବସିଚ କାହିଁକି ? ତୁମ ମୁହଁ ଦେଖିଲେ ମନେ ହେଉଛି ତୁମେ ଖାଇ ନାହଁ । ତୁମେ କି କାନ୍ଦୁଥିଲ । ହେଇଟି ତୁମ ଗାଲରେ ଶୁଖିଲା ଲୁହଧାର ଦେଖା ଯାଉଚି ।

–ହଁ ଲୋ ମା, ମୁଁ ପରା ତୋ'ରି ପାଇଁ କାନ୍ଦୁଥିଲି । ତୁ ଏତେବେଳ ଯାଏ ଥିଲୁ କେଉଁଠି ?

–ତୁମେ ମିଛ କହୁଚ । ମୁଁ କ'ଣ ମରି ଏ ମଶାଣିରେ ମିଶି ଯାଇ ଥିଲି ଯେ ତୁମେ ମୋତେ ଏଠି ଆସି ଡାକୁଥିଲ । ପୁଣି ଭୋକ ଉପାସରେ ରହି ମୋତେ ଡାକିବା କ'ଣ ଦରକାର ଥିଲା ?

–ଦରକାର ନାହିଁ ? ତୁ ସିନା ଜାଣିନୁ । ହେଲେ ଲୋକେ କ'ଣ ଆଉ ଏ ଅଞ୍ଚଳରେ ରହିବେ । ବୌଦ୍ଧମାନେ ଏପରି ମାତି ଯାଇଛନ୍ତି, ଘୁରିଆଡେ ବୁଲି ତାଙ୍କର ଲୋକମାନେ ଏପରି ପ୍ରଭାବିତ କରୁଛନ୍ତି ଯେ ସମସ୍ତେ ତାଙ୍କ ପଛରେ ଗୋଡାଉଛନ୍ତି । ବେଦକୁ କେହି ମାନୁ ନାହାଁନ୍ତି । ଏବେ କେହି ଯାଗଯଜ୍ଞ କରୁ ନାହାଁନ୍ତି । ସବୁ ଆସ୍ତିକ ବିଶ୍ୱାସ ତୁଟିଗଲା ଏଇ ବୌଦ୍ଧମାନଙ୍କ ପାଇଁ ।

–ନ ନା ! ବୌଦ୍ଧମାନଙ୍କ ଉପରେ ଦୋଷ ଦେଇ କିଛି ଲାଭ ନାହିଁ । ସେଦିନ ଜଣେ ଭିକ୍ଷୁ କହୁଥିଲେ ପୁରୋହିତମାନେ ବେଦ ନ ମାନି ଯାହା ଇଚ୍ଛା ତାହା କଲେ । ସେଥିପାଇଁ କୁଆଡେ ବୁଦ୍ଧ ନୂଆ ଧର୍ମ ପ୍ରବର୍ତ୍ତିତ କଲେ । ବୁଦ୍ଧ ତାଙ୍କ ତପସ୍ୟା ବଳରେ ଏପରି ଜ୍ଞାନ ପାଇଲେ ଯେ ତାଙ୍କ ଯୁକ୍ତିକୁ କେହି କାଟି ପାରିଲେ ନାହିଁ । ସେ ଯଜ୍ଞବିଧିର ସଂସ୍କାର କଲେ ପଶୁବଳି ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ।

ସେ କ'ଣ ସେଇ ଝିଅଟିକୁ କହିବେ ଚିନ୍ତା କରୁଥିଲେ ଏତିକି ବେଳେ । ସେ ଝିଅଟି କହିଲା–ଏ ମଶାଣିଟାରେ କାହିଁକି ବସିଚ, ଘରକୁ ଯାଉନ !

–"ହଁ ମା – ମୁଁ ଘରକୁ ଯିବି ଯେ ତୁ ମୋ ସାଙ୍ଗରେ ଯିବୁ ତ ?"

–"ହଁ ମୁଁ ଯିବି । ହେଲେ ସବୁବେଳେ ତୁମ ଘରେ ରହିବି ନାହିଁ । ମୋ ଇଚ୍ଛାରେ କୁଆଡେ ସିଆଡେ ବୁଲିବି । ତୁମେ ଯେତେବେଳେ ଡାକିବ ମୁଁ ସେତେବେଳେ ଆସିବି । ଏ କଥାରେ ରାଜି ହେଲେ ମୁଁ ତୁମର ଝିଅ ହେବି ।"

ମୁଣ୍ଡ ହଲାଇଲେ କେଳେଇ ନନା । କହିଲେ ମୁଁ ତୋ କଥାରେ ରାଜି । ମୋର ତ ଆଉ କେହି ନାହାନ୍ତି । ତୁ ମୋର ଝିଅ ଆଉ ମାଆ ।

ସେହି ଝିଅଟି ଆଗେ ଆଗେ ବୁଲିଥାଏ । ନାଚି ନାଚି କ'ଣ ଏସବୁ ତେଣୁ ଗୀତ ବୋଲି ବୋଲି ତା' ପଛେ ପଛେ ବୁଲୁଥାଏ । କେଳେଇ ନନା ଅରକ ପାଇଁ ବି ତାକୁ ନ ଥାନ୍ତି । ସେ କାହିଁକି ମଶାଣିକୁ ଯାଉଥିଲେ ? ଚୋଇ ଉପାସରେ ପଡ଼ି କାହାକୁ ଡାକୁଥିଲେ ? ଛୋଟ ଝିଅଟିର ସେଇ ଦନ୍ତୁଆ ମୁହଁରେ ଯେମିତି ଅମୃତଧାରା ଝରି ରହିଥିଲା ।

ସେପଟରେ ଦେଖା ଯାଉଥାଏ ବାଣାସୁରର ସେଇ ଅମୁହାଁ ଦେଉଳ । ସୋଲେରି ପାହାଡ଼ ସେପାଖରୁ ବାଣାସୁର ନିତି ଆସେ । ଦେବ ପୂଜାକରେ । ତା'ବଳରେ ବୌଦ୍ଧମାନେ ବଳିଆନ୍ । ସେମାନେ ବି ସେଇ ଅମୁହାଁ ଦେଉଳକୁ ପୂଜା କରୁଛନ୍ତି । ସେଥିରେ କେଉଁ ଦେବତା ଅଛି କେଜାଣି । ତା'ବର ପାଇ ବୌଦ୍ଧମାନେ ଯାହା ଗୁହୁଁଛନ୍ତି ତାହା କରୁଛନ୍ତି । କାହାକୁ ରୋଗ ହେଲେ ବୌଦ୍ଧମାନେ କହୁଛନ୍ତି ସେଇ ଅମୁହାଁ ଦେଉଳକୁ ପୂଜା କରିବାକୁ । ଯିଏ ପୂଜା କରୁଚି ତା'ର ମନ କାମନା ପୂର୍ଣ୍ଣ ହେଉଚି । ରୋଗ କୁଆଡ଼େ ଛାଡ଼ି ପଳାଉଛି । ଅପୁତ୍ରିକର ପୁତ୍ର ହେଉଚି । ହଜିଲା ଗାଈ ଆପେ ଆପେ ଫେରି ଆସୁଚି ଗୁହାଳକୁ । ଯେଉଁ ଭୂଇଁରେ କୁଶ କଅଁଳୁ ନ ଥିଲା ସେ ଭୂଇଁରେ ସୁନା ଫଳୁଚି ।

କେଳେଇ ନନା କେତୋଟି ଗ୍ରାମର ପୁରୋହିତ । ଆଗେ ସେ ଯାହା କହୁଥିଲେ ଲୋକମାନେ ତାହା କରୁଥିଲେ । ଏବେ କେହି ତାଙ୍କୁ ପଗ୍ଭରୁ ନାହାନ୍ତି । ବୌଦ୍ଧ ବଜ୍ରଯାନୀମାନଙ୍କ ହଟଚମଟରେ ଲୋକମାନେ ସେଇମାନଙ୍କ ପରାମର୍ଶରେ ଚାଲୁଛନ୍ତି । ଆରାଧନା କରୁଛନ୍ତି ସେଇମାନଙ୍କ ଦେବତାଙ୍କୁ । ଯେତେବେଳେ ସେମାନେ ବଜ୍ରଯାନୀଙ୍କଠାରୁ ସୁଫଳ ପାଉଛନ୍ତି ସେତେବେଳେ ସେ ପୁରୋହିତ କେଳେଇ ନନାଙ୍କୁ ପଗ୍ଭରିବେ ବା କାହିଁକି ? ସେଥିପାଇଁ କେଳେଇନନା ମହାଶକ୍ତିଙ୍କ ଉପାସନା କରନ୍ତି । ସେ ଧାରଣା କରନ୍ତି ମହାଶକ୍ତି ଯଦି ପ୍ରସନ୍ନ ହେବେ ତେବେ ସବୁ କିଛି ହୋଇ ପାରିବ । ସେଇ ମହାଶକ୍ତି ହେଉଛନ୍ତି ଜଗତର ଜନନୀ, ମଙ୍ଗଳମୟୀ ଏ ବିଶ୍ୱର ସେ ସୃଷ୍ଟି କାରିଣୀ । ପୁଣି କାଳିକା ରୂପରେ ସବୁକୁ ସଂହାର କରିବେ । ସେଇ ମା କାଳୀ ଯଦି ପ୍ରସନ୍ନ ହୁଅନ୍ତି ତେବେ ସଂହାରଲୀଳା ହେବ । ମହାକାଳୀ ଶ୍ମଶାନ ବାସିନୀ । ଶିବଙ୍କ ଶକ୍ତି ହେତୁ ଲୋକେ ତାଙ୍କୁ କହନ୍ତି ଶିବା । ମହାକାଳୀଙ୍କ ଭଳି ଶିବ ସଂହାରକର୍ତ୍ତା ଓ ମଙ୍ଗଳମୟ । ସେଥିପାଇଁ ସେ ଶ୍ମଶାନରେ ତାଙ୍କୁ ଡାକୁଥିଲେ ।

ଛୋଟ ଝିଅଟି କି କିମିଆଁ ଜାଣେ କେଜାଣି ତାକୁ ଦେଖିଲା ମାତ୍ରକେ ତାଙ୍କ ମନ ତା ଆଡ଼କୁ ଢଳି ଆସିଲା । ନିରାହାରରେ ରହି କାଳୀଙ୍କ ଉପାସନା କରିବା କଥା ପୁରାପୁରି ଭୁଲି ଯାଇ, ସେ ଭୁଲିଗଲେ, ଫେରି ଆସିଲେ ନିଜ ଘରକୁ ।

ଝିଅଟି ଆସିଲା ଦିନୁ ତାଙ୍କୁ କିଛି କରିବାକୁ ପଡ଼େ ନାହିଁ । କେଳେଇ ନନା ଯାହା ଗୁହାନ୍ତି ଝିଅ ତାହା ଆଣି ଦେଇ ଦିଏ । କେଉଁଠୁ ଆଣିଲୁ ପଗ୍ଭରିଲେ ସେ କହେ ତୁମ ଝିଅ ବୋଲି ଲୋକେ ଶରଧା କରନ୍ତି । ଯାହାକୁ ଯାହା ମାଗିଲେ ସେ ନାହିଁ କରେ ନାହିଁ । ବେଳେ ବେଳେ ଆକଟ କରି କହେ ତୁମର ଏତେ କଥା ଜାଣିବାରେ କ'ଣ ଅଛି ? ତୁମର ଯାହା ଦରକାର ମୋତେ କହିବ; ମୁଁ ଯେଉଁଠୁ ଆଣି ଦେଲେ ହେଲା ।

କେଳେଇ ନନା ଠାକୁରାଣୀଙ୍କ ପୂଜା କରନ୍ତି । ତାଙ୍କୁ ପ୍ରଥମ ନୈବେଦ୍ୟ ଦିଅନ୍ତି ସେହି ପ୍ରସାଦକୁ ନିଜେ ଖାନ୍ତି ଆଉ ଝିଅ ପାଇଁ କିଛି ଥୋଇ ଦିଅନ୍ତି । ପୂଜାରେ ବସିଲା ମାତ୍ରେ ଝିଅଟି କେଉଁଆଡ଼େ ପଳାଇଯାଏ । ତା ମନ ହେଲେ କେତେବେଳେ ଆସେ । "ତୋ ପାଇଁ ପ୍ରସାଦ ଥୁଆ ହୋଇଛି ଖାଇ ଦେ" କହିଲେ ସେ କହେ କେତେବେଳୁ ଖାଇ ଦେଇଛି । କେଳେଇ ନନା ଯାଇ ଦେଖନ୍ତି ସେ ରଖିଥିବା ପ୍ରସାଦ ନାହିଁ । ପ୍ରଥମେ ପ୍ରଥମେ ଭାବୁଥିଲେ, ଚଗଲି ଝିଅଟା କେତେବେଳେ ଆସି ଖାଇ ଦେଇଛି । ମାତ୍ର କେତେଦିନ ପରେ ତାଙ୍କୁ କେମିତି ଲାଗିଲା ଝିଅଟା ତ ସେତିକି ବେଳୁ କୁଆଡ଼େ ବୁଲିଯାଇଥିଲା ଏବେ ଫେରିଲା । ପ୍ରସାଦ ଖାଇଲା କେତେବେଳେ ? ନ ଖାଇଥିଲେ ପ୍ରସାଦ ଯାଉଛି କୁଆଡ଼େ ?

ବେଳେ ବେଳେ ବିଭିନ୍ନ ପ୍ରକାର ନୈବେଦ୍ୟ ଦ୍ରବ୍ୟ ଆଣିବାକୁ ନନା କହନ୍ତି । ଝିଅ ତାହା ଆଣି ଦିଏ । ପଗ୍ଭରିଲେ ସେହି ଗୋଟିଏ କଥା କହେ ଲୋକେ ଦେଲେ । ବେଶୀ କିଛି ପଗ୍ଭରିଲେ କୁହେ—ତୋର ଯାହା ଦରକାର ତାହା ତ ଆଣି ଦେଲି, କୋଉଠୁ ଆଣିଲି କିଏ ଦେଲା ଏତେକଥା ପଗ୍ଭରୁଛୁ କାହିଁକି ?

ନୀରବ ହୋଇଯାନ୍ତି କେଳେଇ ନନା । ଝିଅଟା ତାଙ୍କର ଜନ୍ମିଲା ଝିଅ ନୁହେଁ । ଜନ୍ମିଲା ଝିଅ ହୋଇଥିଲେ ବୋଧ ହୁଏ ତାଙ୍କ ପାଇଁ ଏତେ କଥା କରନ୍ତା ନାହିଁ । ତଥାପି ମନରେ ତାଙ୍କର ସନ୍ଦେହ ଆସେ ସତରେ ଏ କିଏ ? ବଡ଼ପାଟିରେ ତାକୁ ଡାକିଲେ ସେ ଶୁଣେ ନାହିଁ । ମନେ ମନେ ତାକୁ ଚିନ୍ତାକଲେ ହାଜର ହୋଇଯାଏ । ଆପେ ଆପେ ଆସି ପଗ୍ଭରେ–'ନନା, ମୋତେ ଖୋଜୁଥିଲ ?

ତାହା ହେଲେ ଏ କଣ ମଣିଷ ପିଲା ନୁହେଁ ? ହିଁଅଲାଟେ କେଉଁ ଦେବୀ ତାଙ୍କ ପାଖରେ ରହିଛନ୍ତି ?–ନା ତ; ଦେବୀ ହୋଇଥିଲେ ସେ ଯେତିକି ବଡ଼ ଝିଅ ହୋଇ ଆସିଥିଲା ସେତିକି ବଡ଼ ହୋଇ ରହିଥାନ୍ତା । ମାତ୍ର ଝିଅଟି ଦିନକୁ ଦିନ ବଢ଼ି ହେଉଛି । ତାହା ହେଲେ ସେ କ'ଣ ଡାକିନୀ । ବୌଦ୍ଧମାନେ ଡାକିନୀଙ୍କର ଉପାସନା କରନ୍ତି । ସେମାନେ ଯେତିକି ଭଲ ସେତିକି ଖରାପ । କନ୍ଧମାନେ କହନ୍ତି ଜଡ଼ାଟିଏ ପୁଡ଼ାଖଣ୍ଡେ ପକାଇ ଡାକିନୀ ରକ୍ତ ଶୋଷି ନିଏ । ନିଃଶବ୍ଦ ରାତିରେ ସେ ଲଙ୍ଗଳା ହୋଇ ବୁଲେ । ଏକୁଟିଆ କାହାକୁ ପାଇଲେ ତା କଲିଜା ଖାଇଯାଏ । କାହିଁ ସେଭଳି ତ ତା ନାଁରେ କିଛି ଶୁଣା ଯାଉ ନାହିଁ । ଏପରିକି ବାହାରେ କିଏ ତାକୁ କେଉଁଦିନ ଦେଖିଥିଲା ଏ କଥା ଥରୁଟିଏ ବି କାହାରିଠାରୁ ସେ ଶୁଣି ନାହାନ୍ତି । ତାହାହେଲେ ସେ କିଏ ?

ଥରେ ପଚାରିଲେ, ଆଲୋ ମା, ତୁ କୁଆଡ଼େ ଚାଲି ଯାଉଛୁ ? କେଳିରେ ଶୁଣି ନାହିଁ, ଭାବିଲେ ଆସୁଛୁ, ତୋ କଥା କ'ଣ ମୁଁ ବୁଝି ପାରୁ ନାହିଁ । ଉତ୍ତରରେ ଝିଅଟି କହିଲା, ନାନା, ଏତେ କଥା ଚିନ୍ତା କରୁଛ କାହିଁକି ? ଥରେ ତୁମ କଥା ଚିନ୍ତା କଲଣି କି ? କହିଲ, ମୋ ଝିଅ, କେଉଁଠୁ ଆସିଛ, କ'ଣ ପାଇଁ ଆସିଛ, କେତେ ଦିନ ରହିବ ?

ତା ପ୍ରଶ୍ନର ଉତ୍ତର ଦେଇ ପାରନ୍ତି ନାହିଁ କେଳେଇ ନନା । ଖାଲି ବିସ୍ମିତ ହୁଅନ୍ତି ଖାଲି ବଡ ବଡ ଆଖି କରି ଅନେଇ ରହନ୍ତି । ଭାବନ୍ତି ଛୋଟିଆ ଝିଅଟା ପୁଣି ଦେଖିବାକୁ ଅତି ସାଧାରଣ । ସେ ଏତେ ବଡ କଥା ପଚାରି ପାରୁଛି କିପରି ?

କେଳେଇ ନନାଙ୍କର ଲେଖା ଜୋଖାରେ ଭାଇନା ହେବେ ଦୀନବନ୍ଧୁ ମହାପାତ୍ର । ଦିନେ ଶୁଣିଲେ, ଦନେଇ ଭାଇନା ଖୁବ୍ ଅସୁସ୍ଥ । ତାଙ୍କୁ ଦେଖିବା ପାଇଁ ସେ ଗଲେ । ତାଙ୍କ ଘରେ ପହଞ୍ଚିବା ପରେ ହଠାତ୍ କାହିଁକି ତାଙ୍କର ଝିଅ କଥା ମନେ ପଡ଼ିଗଲା । ସଙ୍ଗେ ସଙ୍ଗେ ଦେଖିଲେ ତାଙ୍କର ସେହି ଝିଅ ତାଙ୍କ ଆଗରେ ଛିଡ଼ା ହୋଇ କହୁଛି–'ନନା, ଟିକିଏ ଛୁଇଁ ଦେଇ କହନ୍ତୁ ଭଲ ହୋଇ ଯିବା ପାଇଁ । କହିଲେ କ'ଣ ରୋଗ ତାଙ୍କୁ ଏତେ କଷ୍ଟ ଦିଅନ୍ତା ?

ବାସ୍–ଏତିକି କହିଦେଇ ଝିଅଟି କେଉଁଆଡେ ପଳାଇଗଲା । ସେ ଭାବିଲେ ସତରେ କଣ ସେ ଦୀନବନ୍ଧୁ ଭାଇନାଙ୍କୁ ଛୁଇଁ ରୋଗ ଛାଡ଼ି ଯିବାକୁ କହିଲେ ରୋଗ ପଳାଇ ଯିବ ? ପରୀକ୍ଷା କରିବା ପାଇଁ ସେ ତାଙ୍କ ଦେହରେ ହାତ ମାରି ମନେ ମନେ ରୋଗ ଛାଡି ଚାଲି ଯିବାକୁ କହିଲେ । ସଙ୍ଗେ ସଙ୍ଗେ ଦୀନବନ୍ଧୁ ସୁସ୍ଥ ଅନୁଭବ କଲେ । ସେହି କଥା ଏଭଳି ପ୍ରଚାର ହୋଇଗଲା ଯେ, ବହୁ ଲୋକ ନିଜର ଅସୁସ୍ଥତା ଦୂର କରିବା ପାଇଁ ତାଙ୍କ ପାଖକୁ ଧାଇଁଲେ । ଝିଅକୁ ଚିନ୍ତାକରି କେଳେଇ ନନା ରୋଗକୁ ଚାଲିଯିବା ପାଇଁ କହନ୍ତି । ସତକୁ ସତ ତାଙ୍କ କଥାରେ ରୋଗୀମାନେ ଆରୋଗ୍ୟ ଲାଭ କରନ୍ତି ।

ଧୀରେ ଧୀରେ କେଳେଇ ନନାଙ୍କ କଥା ଲୋକମାନେ ଜାଣିଲେ । ବିଭିନ୍ନ ଅସୁବିଧାରୁ ରକ୍ଷା ପାଇବା ପାଇଁ ବହୁଲୋକ ଆସି ପହଞ୍ଚିଲେ କେଳେଇ ନନାଙ୍କ ପାଖରେ । କେଳେଇ ନନା ତାଙ୍କ ଝିଅକୁ ସ୍ମରଣ କରି ଯାହା କହି ଦିଅନ୍ତି ତାହା ହୋଇଯାଏ । ଫଳରେ ଦିନକୁ ଦିନ ଅଧିକରୁ ଅଧିକ ଲୋକ ଧାଇଁଲେ ତାଙ୍କ ପାଖକୁ । ଯିଏ ଆସିଲା ତାର ମନକାମନା ପୂର୍ଣ୍ଣ ହେଲା । ଏହା ଦ୍ୱାରା ବୈଦ୍ୟମାନଙ୍କ ପ୍ରଭାବ କମି କମି ଆସିଲା ।

ସେ ମୁଲକର ରାଜାଙ୍କ କାନରେ କେଳେଇ ନନାଙ୍କ କଥା ପଡ଼ିଲା । ରାଜା ଶୁଣି ବିଶ୍ୱାସ କଲେ ନାହିଁ । ସେ ଜାଣନ୍ତି ଯୋଗୀମାନେ ସିଦ୍ଧ ସାଧକ । ମଲା ମଣିଷକୁ ମଧ୍ୟ ପୁନର୍ଜୀବନ ଦେବା ତାଙ୍କ ପକ୍ଷରେ ଅସମ୍ଭବ ନୁହେଁ । ତଥାପି କେତେବେଳେ ସମୟ ମିଳିଲେ କେଳେଇ ନନାଙ୍କ ପାଖକୁ ଯାଇ ସତ ମିଛ ବୁଝି ଆସିଲେ ହେବ ।

ରାତି ପାହୁ ନ ପାହୁଣୁ କେଳେଇ ନନାଙ୍କୁ ଘର ପାଖରେ ବହୁ ଗ୍ରାମରୁ ଲୋକ ଆସି ପହଞ୍ଚି ଯାନ୍ତି । କେଳେଇ ନନା ପ୍ରାତଃ କର୍ମ ସାରନ୍ତି ତର ତର ହୋଇ ତା ପରେ ଇଷ୍ଟଙ୍କୁ ପୂଜା କରିବାକୁ ବସି ଯାନ୍ତି । ତର ତରରେ ପୂଜା ସାରି ବସି ପଡ଼ନ୍ତି ତାଙ୍କ ଘର ଆଗରେ । ତା ପରେ ଆସନ୍ତି ଜଣ ଜଣ ହୋଇ ଲୋକ । ଆଗେ ସେମାନେ କେଳେଇ ନନାଙ୍କୁ କହୁଥିଲେ କାହିଁ କି ଆସିଛନ୍ତି । ଏବେ ଏତେ ଲୋକ ହେଉଛନ୍ତି ଯେ କାହାରି କଥା ଶୁଣିବାକୁ ତାଙ୍କୁ ବେଳ ନାହିଁ । କେବଳ ଝିଅକୁ ମନେ ମନେ ସ୍ମରଣ କରି ଲୋକଙ୍କୁ ଛୁଇଁ ଦିଅନ୍ତି । ସେତିକିରେ ଲୋକମାନଙ୍କର କାମନା ପୂରଣ ହୋଇଯାଏ । ପୁଣି ତା ଆରଦିନ ଆସନ୍ତି ନୂଆ ଲୋକ ।

ସେଦିନ ଲୋକମାନଙ୍କୁ ବିଦାୟ ଦେଇ କେଳେଇ ନନା ଖାଇବାକୁ ଯାଉଥିଲେ ହଠାତ୍ ରାଜା ପହଞ୍ଚିଗଲେ ତାଙ୍କ ଘର ଆଗରେ । ତାଙ୍କୁ ଦେଖୁ ଦେଖୁ ପାଛୋଟି ନେଲେ କେଳେଇ ନନା । ରାଜାଙ୍କୁ କୁଶଳ ପ୍ରଶ୍ନ ପଚାରି ତାଙ୍କୁ ନିମନ୍ତ୍ରଣ କଲେ ମଧ୍ୟାହ୍ନ ଭୋଜନ କରିବାକୁ । ରାଜା ପଚାରିଲେ ଆପଣଙ୍କ ଘରେ ତ ଆଉ କେହି ନାହାନ୍ତି ରନ୍ଧାବଢ଼ା କଲା କିଏ ? ଉତ୍ତରରେ କେଳେଇ ନନା କହିଲେ–"ସେ ବିଷୟ ଚିନ୍ତା କରିବାକୁ ମୋର ସମୟ ନାହିଁ ଛାମୁ । ଝିଅ ସେ ସବୁ କଥା ବୁଝେ ।"

"ଝିଅ" ? ବିସ୍ମିତ ହୋଇ ରାଜା ପ୍ରଶ୍ନ କଲେ । କେଳେଇ ନନା ବୁଝିଲେ ରାଜାଙ୍କ କଥା । ରାଜା ଜାଣିଛନ୍ତି ତାଙ୍କର କେହି ନାହାନ୍ତି । ସେ ବିବାହ କରି ନାହାନ୍ତି । ତେଣୁ ଝିଅ ଆସିଲା କେଉଁଠୁ ? ସେ ପୁଣି ତାଙ୍କର ସବୁ ବ୍ୟବସ୍ଥା କରୁଛି ।

ମଣିମା ! କିଏ କେଉଁଠୁ ଆସେ ପୁଣି କୁଆଡେ ଯାଏ ତାହା କ'ଣ ଏ ମଣିଷ କହି ପାରିବ ? ଝିଅ ମୋର ଜ୍ଞାନମୟୀ । ଇଚ୍ଛା ହେଲେ ଆପଣ ତାଙ୍କୁ ପଚାରି ପାରନ୍ତି ।

ରାଜା ହସି କହିଲେ–ହେଉ ମୁଁ ସେ କଥା ଝିଅକୁ ପଚାରିବି । ଚାଲ ତୁମ ପାଇଁ ଓ ମୋ ପାଇଁ ଝିଅ କି ବ୍ୟବସ୍ଥା କରିଛି ଦେଖିବା ।

ଠାଆ ସରିଥାଏ । ରାଜାଙ୍କୁ ନେଇ କେଳେଇ ନନା ବାହାରିଲେ । ରାଜା ବିସ୍ମିତ ହୋଇଗଲେ ସେଠାରେ ବଢ଼ା ହୋଇଥିବା ସାମଗ୍ରୀ ଦେଖି । ସୁନା ପରି ଟିକ୍ ଟିକ୍ କରୁଛି ଏକ ବିରାଟ ଥାଳି । ତା'ଚାରି ପାଖରେ ବହୁ ବ୍ୟଞ୍ଜନ ବଢ଼ା ହୋଇଥାଏ । ସେ ସବୁର ଗନ୍ଧରେ ମହକି ଉଠୁଥାଏ ଘର । ଡେରି ନ କରି ଉଭୟେ ଖାଇବାକୁ ବସିଗଲେ । ପ୍ରତ୍ୟେକରୁ ଟିକିଏ ଟିକିଏ ଖାଇଖୁଲିଲେ ସେ । ପ୍ରତ୍ୟେକଟିର ସ୍ୱାଦୁ ତାଙ୍କୁ ବିମୋହିତ କରି ଦେଲା । ସତେ କେଳେଇ ନନାଙ୍କ ଝିଅ ଏତେ ସୁନ୍ଦର ରାନ୍ଧି ପାରେ ? ଲକ୍ଷ୍ମୀଙ୍କ ରାନ୍ଧଣା କ'ଣ ଏହାଠାରୁ ଭଲ ହୋଇଥିବ ! ଯିଏ ଏତେ ସୁନ୍ଦର ରାନ୍ଧିପାରେ ସେ କିଏ ?

କେଳେଇ ନନା ଓ ସେ ଖାଇ ବସିଲେ । ଆଉ କେହି ସେଠାରେ ନ ଥାନ୍ତି । ରାଜା ଝିଅଟିକୁ ଦେଖିବା ପାଇଁ ଘରର ଚାରି

ଆଡ଼କୁ ଅନାଇଲେ । ବାହାରିକୁ ସେଠାରେ ସେ ଦେଖିଲେ ନାହିଁ । ଝିଅଟିକୁ ଦେଖିବା ପାଇଁ ସେ ମାଗିଲେ ଆଉ ଟିକିଏ କ୍ଷୀର । ସଙ୍ଗେ ସଙ୍ଗେ କେଳେଇ ନନା କହିଲେ, "ଝିଅ କ୍ଷୀରି ଟିକିଏ ଆଣ ।"

କଥା ତାଙ୍କ ପାଟିରୁ ସରୁ ନ ସରୁଣୁ ଝିଅଟିଏ କ୍ଷୀରି ଧରି ଆସିଲା । ତା ଦେହରେ ଜଡ଼ି ରହିଛି ଅଷ୍ଟ ଅଳଙ୍କାର । ତାର ପ୍ରତି ପଦକ୍ଷେପରେ ବାଜି ଉଠୁଛି ଗୋଡ଼ର ନୂପୁର ରୁଣ ଝୁଣ ହୋଇ । ଚମ୍ପାଗୋରା ଦେହରେ କଳା ରଙ୍ଗର ଶାଢ଼ୀ ।

ଝିଅଟି ହଠାତ୍ ଅନାଇଲା ରାଜାଙ୍କ ଆଡ଼କୁ । ହଠାତ୍ ଚହଲି ଉଠିଲା ତା ହାତରେ ଥିବା କ୍ଷୀରି । ସେହି ଗରମ କ୍ଷୀରିରୁ କିଛି ପଡ଼ିଗଲା ଝିଅ ଗୋଡ଼ରେ ।

କେଳେଇ ନନା ବଡ଼ ପାଟିରେ କହିଲେ–"ଝିଅ, କ୍ଷୀରି ଢାଳି ହୋଇ ଯାଉଛି ।" ସଙ୍ଗେ ସଙ୍ଗେ ଦୁହେଁ ଦେଖିଲେ ଆଉ ସେଠାରେ ଝିଅଟି ନାହିଁ । ରାଜାଙ୍କ ପାତ୍ର କ୍ଷୀରିରେ ଭରି ଯାଇଛି । ଏକଥା ଦେଖି ଦୁହେଁ ମୁଗ୍ଧ ଚକିତ ।

ରାଜା ପଚାରିଲେ, "ଝିଅ ଗଲା କୁଆଡ଼େ । କେଳେଇ ନନା କହିଲେ, ମହିମା ମୁଁ ତା ବିଷୟରେ କିଛି ଜାଣେ ନାହିଁ । ଜାଣିବାକୁ ଇଚ୍ଛା କଲେ ମଧ ଜାଣି ପାରେ ନାହିଁ । ବୋଧହୁଏ ସେ ରକ୍ତ ମାଂସର ମଣିଷ ନୁହେଁ । କେଉଁ ଜନ୍ମର ସୁକର୍ମରୁ ଏ ଜନ୍ମରେ ସେ ଆସି ମୋ ପାଖରେ ପହଞ୍ଚିଛି । ମୁଁ ମହାକାଳୀଙ୍କ ଉପାସନା କରୁ ଥିଲି । ସେହି ସମୟରେ ମୁଁ ଦେଖିବାକୁ ପାଇଲି ଏ ଝିଅଟିକୁ । ହେଲେ ଏ ମୋର ସେହି ଆରାଧ୍ୟା ମହାକାଳୀ ନୁହନ୍ତି ।

"ନନା", କିଛି କହିବା ପୂର୍ବରୁ ରାଜା କହିଲେ, "କିନ୍ତୁ ଏ ଯେ ଗୌରୀ !" –"ହଁ ମହିମା ଏ ହେଉଛି ଗୌରୀ । କିନ୍ତୁ ମୁଁ ଜଗଜ୍ଜନନୀଙ୍କ ଆରାଧନା କରୁଥିଲି । ଏ ଜନନୀ ନୁହେଁ କନ୍ୟା । ତେଣୁ ମୁଁ କିଛି ବୁଝି ପାରେ ନାହିଁ । ଏତିକି ବୁଝିଛି ବୌଦ୍ଧମାନଙ୍କ ଆଡ଼କୁ ଧାଇଁ ଯାଉଥିବା ଲୋକ ଏବେ ମୋ ଆଡ଼କୁ ଫେରୁଛନ୍ତି । ସବୁ ତାରି ପାଇଁ ହେଉଛି, ଏହିକଥା କେବଳ ମୁଁ ଜାଣିଛି ।"

ରାଜା କେଳେଇ ନନାଙ୍କଠାରୁ ବିଦାୟ ନେଇ ଚାଲିଗଲେ । ଯିବା ପରେ କେଳେଇ ନନା ଟିକିଏ ବିଶ୍ରାମ କଲେ । ବିଶ୍ରାମ କାଳରେ ଶୁଣିଲେ, ନନା ମୋତେ ରାଜାଙ୍କ ଆଗକୁ ଡାକିବା ଉଚିତ୍ ହୋଇନାହିଁ । ଯାହାର ସେଭଳି କିଛି ସାଧନା ନାହିଁ ସେ ମୋର ଦର୍ଶନ କରିବ କାହିଁକି ? ମୁଁ ସେହି ଦକ୍ଷ ପ୍ରଜାପତିଙ୍କ କନ୍ୟା ବିଶ୍ୱର ମଙ୍ଗଳ ପାଇଁ ମୁଁ ବିଭିନ୍ନ ରୂପରେ ଭିନ୍ନ ଭିନ୍ନ ସ୍ଥାନରେ ଦେଖାଦିଏ । ମୁଁ କନ୍ୟା ରୂପରେ ଦେଖା ଦେଇଥିଲି । ତାହା ଆଜିଠାରୁ ଶେଷ ହେଲା । ନିକଟରେ ଏଠି ଗୋଟିଏ ମନ୍ଦିର ଗଢ଼ି ଉଠିବ । ସେହି ମନ୍ଦିରରେ ମୁଁ ଭଗବତୀ ନାମରେ ଆରାଧିତା ହେବି । କିନ୍ତୁ ମୋର ଦଣ୍ଡ ରହିବ ମୋ ପିତାଙ୍କ ଘରେ ।"

ଧଡ଼ପଡ଼ ହୋଇ ଉଠି ବସିଲେ କେଳେଇ ନନା । ସେ ଚିନ୍ତା କଲେ ତାଙ୍କର ସେହି କନ୍ୟାକୁ । ଯେତେ ଚିନ୍ତା କଲେ ମଧ୍ୟ ସେହି ଝିଅଟିର ଆଉ ଦେଖା ମିଳିଲା ନାହିଁ । କେବଳ ଶୁଣାଗଲା ତାର ପଦଧ୍ୱନି, ତାର ନନା ଡାକ, ଆଉ ଖିଲ୍ ଖିଲ୍ ହସ ।

ସେଦିନ ରାତିରେ ରାଜା ତାଙ୍କ ଉଆସରେ ଶୋଇଲେ । ରାତି ପ୍ରାୟ ଶେଷ ପ୍ରହର ହେବ ହଠାତ୍ ଦେଖିଲେ, କେଳେଇ ନନାଙ୍କର ସେହି ଝିଅଟି କହୁଛି, "ରାଜା ! କେଳେଇ ନନା ଯେଉଁଠି ବସି ଲୋକଙ୍କ କଥା ଶୁଣୁଥିଲେ, ତାଙ୍କର ମନକାମନା ପୂର୍ଣ୍ଣ ପାଇଁ ମୋତେ ଚିନ୍ତା କରୁଥିଲେ, ସେହିଠାରେ ଗୋଟିଏ ମନ୍ଦିର ତୋଳିବୁ । ମୁଁ ସେହି ମନ୍ଦିରରେ ଭଗବତୀ ନାମରେ ଆରାଧିତା ହେବି । ଯିଏ ମୋତେ ଆରାଧନା କରିବ ତାର ମଙ୍ଗଳ ହେବ । ତୋର ପୁଣ୍ୟ ବଳ ଥିବାରୁ ମୋର ଦର୍ଶନ ପାଇଲୁ । କେଳେଇ ନନା ମୋତେ କନ୍ୟାଭାବେ ପାଇବା ପାଇଁ ଇଚ୍ଛା କରିଥିଲେ । ତାଙ୍କର ସେ ଇଚ୍ଛା ପୂର୍ଣ୍ଣ କରିଛି ।

ରାଜାଙ୍କର ନିଦ ଭାଙ୍ଗିଗଲା । ସେତେବେଳକୁ ରାତି ପାହି ଆସୁଥାଏ । ସେ ଦେଖିଲେ ସେହି ଜାଜୁଲ୍ୟ ଜାଜୁଲ୍ୟ ଅନ୍ଧାରରେ କଳାଶାଢ଼ୀରେ ଦେହ ଆବୃତ୍ତ କରି ଗୋଟିଏ ଝିଅ ଚାଲି ଯାଉଛି । ତା ପାଦରୁ ନୂପୁର ଶବ୍ଦ ଶୁଭୁଛି । ରାଜା ସେହିଠାରେ ତାଙ୍କୁ ପ୍ରଣାମ ଜଣାଇଲେ । ସେତେବେଳେ ଦେବତା ମନ୍ଦିରରୁ ମଙ୍ଗଳ ଆଳତିରେ ଘଣ୍ଟାଧ୍ୱନି ଶୁଣା ଯାଉଥାଏ । ରାଜାଙ୍କ କଣ୍ଠରୁ ସ୍ତୋତ୍ର ନିର୍ଗତ ହେଲା–

ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ॥

---

କ୍ୱାଟର ନଂ-୬୭
ଡେଲଟା କଲୋନୀ,
ଭୁବନେଶ୍ୱର-୧୨ ।

---

(ଲୋକ କଥାରୁ ଏହି ଗଳ୍ପଟି ଲିଖିତ । ବାଣପୁରକୁ ବାଣାସୁରର ରାଜ୍ୟ ବୋଲି ଲୋକେ କୁହନ୍ତି । ପୂର୍ବେ ସେଠାରେ ବୌଦ୍ଧ ବିହାର, ସ୍ତୂପ ଥିଲା । ଏବେ ତା'ର ସାମାନ୍ୟ ନିଦର୍ଶନ ମିଳୁଛି । ବାଣପୁର ଭଗବତୀଙ୍କ ମନ୍ଦିରର ଅନତି ଦୂରରେ ଦକ୍ଷ ପ୍ରଜାପତିଙ୍କ ମନ୍ଦିର । ଲୋକେ କୁହନ୍ତି ସେହି ମନ୍ଦିରରେ ଭଗବତୀଙ୍କ ଦଣ୍ଡ ରହିଛି ଓ ଭଗବତୀଙ୍କ ମନ୍ଦିରରେ ଦକ୍ଷ ପ୍ରଜାପତିଙ୍କ ଦଣ୍ଡ ଅଛି । ତାହା ଖଣ୍ଡେଶ୍ୱରୀଙ୍କ ପ୍ରତିମା । ସମସ୍ତ ଓଡ଼ିଶାରେ ସେ ଖଣ୍ଡେଶ୍ୱରୀ ରୂପେ ପୂଜା ପାଉଥିଲେ ।)

# ସକଳ ଘଟେ ନାରାୟଣ

• ଶ୍ରୀମତୀ କୁନ୍ତଳାକୁମାରୀ ଆଚାର୍ଯ୍ୟ

ନିର୍ଦ୍ଧାରିତ ସମୟରେ ଟ୍ରେନ୍ ଛାଡ଼ିଲା । ପ୍ଲାଟଫର୍ମରୁ ଗାଡ଼ି ଧୀରେ ଧୀରେ ଉତ୍ତର ମୁହାଁ ଗଡ଼ିଯାଉଛି । ସଲିଳା ନିଜର ଛୋଟ ରୁମାଲଟିରେ ଗାଲ ଉପରୁ ଗଡ଼ି ଆସୁଥିବା ଲୁହକୁ ପୋଛି ପକାଇ କମ୍ପାର୍ଟମେଣ୍ଟର ବାହାରକୁ ଝରକା ବାଟେ ହାତ ଗଳାଇ ହାତ ହଲାଉଥିଲା । ଉଦ୍‌ଗତ ଅଶ୍ରୁକୁ ସମ୍ବରଣ କରିବାକୁ ଆପ୍ରାଣ ଚେଷ୍ଟା ।

ସେ ଦୂରକୁ ଯାଉଛି — ପାଠ ପଢ଼ି ମଣିଷ ହେବା ପାଇଁ — ବାପା ବୋଉଙ୍କ ଅନିଚ୍ଛା ସତ୍ତ୍ୱେ ତା'ର ଜିଦ୍‌ରୁ ତାକୁ ଦିଲ୍ଲୀ ପଠାଇଛନ୍ତି — ବହୁ ଆଶା ଅଭିଳାଷ ନେଇ ସେ ସ୍ନେହ ଆଦର ସାଉଁଟା ମାଟିରୁ ପାଦ କାଢ଼ିଛି — ଯାଉଛି — ଯେଉଁଠାରେ ମଣିଷ କେବଳ ନିଜର ପଦ-ପଦବୀ-ଧନ-ଦୌଲତରେ ନିଜର ଆଭିଜାତ୍ୟକୁ ବୁଝିଥାଏ ।

ଗାଡ଼ିର ସେଇ କମ୍ପାର୍ଟମେଣ୍ଟରେ ଏକ ବୃଦ୍ଧ ପରିବାର ଦିଲ୍ଲୀ ଯାଉଥାଆନ୍ତି — ସଲିଳାର ମାଆ ପ୍ରଥମେ ବୁଝାବୁଝି କରି ଜାଣିପାରିଥିଲେ, ସେମାନେ ବି ଦିଲ୍ଲୀ ଯାଉଛନ୍ତି । ତାଙ୍କ ପିଣ୍ଡରେ ପ୍ରାଣ ଆସିଲା — ମନରେ ଭରସା ଜନ୍ମିଲା — ଆପଣମାନେ ମୋ ଝିଅର ବାପ ମାଆ ପରି । ଏ ଝିଅ କେବେ ଏତେ ବାଟ ଏକୁଟିଆ ଯାଇନାହିଁ । ଜଣେ କେହି ସାଙ୍ଗରେ ଥିବା ଦରକାର କିନ୍ତୁ ପୁଅ ଦୁଇଟି ଅତି ସାନ — ଏକୁଟିଆ ଫେରିପାରିବେ ନାହିଁ — ସେଠି ବି କେହି ନିଜର ନାହାନ୍ତି — ପିଲା କି ସଲିଳାକୁ ମୋର ନେଇ ଦିଲ୍ଲୀରେ ପହଞ୍ଚାଇ ଦେଇପାରିବ । ଆପଣମାନଙ୍କୁ ମୋ ଝିଅ ଲାଗିଲା ।

ପ୍ରୌଢ଼ା ଉତ୍ତର ଅତି ଧୀର ଶାନ୍ତ ଗଳାରେ କହିଲେ — ମାଆ, ଚିନ୍ତା ହେବେନାହିଁ, ଆମେ ଆପଣଙ୍କ ଝିଅକୁ ନିଶ୍ଚୟ ଦେଖିବୁ — ଦିଲ୍ଲୀରେ କ'ଣ କେହି ଆସିବେ ଝିଅକୁ ଷ୍ଟେସନ୍‌ରୁ ନେବାକୁ ! ହୁଏତ ତା'ର ଜଣେ ଦୂର ସମ୍ପର୍କୀୟ ମାମୁଁ ପୁଅ ଭାଇ ଆସିପାରନ୍ତି — ତଥାପି ସେ ତ ଯିବା ଯାଗାର ଠିକଣା ଜାଣିଛି । ସଲିଳାର ମାଆ ନିଶ୍ଚିନ୍ତ ହେଲେ । ସଲିଳା ବାପା ବୋଉଙ୍କଠାରୁ ଆସନ୍ନ ବିଚ୍ଛେଦରେ କେବଳ ନୀରବରେ ଆଖିରେ ଲୁହ ଧରି ସମସ୍ତଙ୍କ କଥାବାର୍ତ୍ତା ଶୁଣୁଥିଲା । ଯଦିଓ ସେ କେବେ ଏକୁଟିଆ ଯାଇନାହିଁ ତଥାପି ଏଇ ୨୧/୨୨ ବର୍ଷ ବୟସରେ ସ୍ୱାଧୀନ୍ ଦିଲ୍ଲୀ ଯାଇପାରିବ ନାହିଁ ଯେ ଏତେ ଚିନ୍ତା ! ଗାଡ଼ିର ଦ୍ୱିତୀୟ ଘଣ୍ଟା ବାଜିଗଲା — ଘୋଷିକା ଘୋଷଣା ବନ୍ଦ କଲେ — ଗାଡ଼ି ଆଗେଇ ଚାଲିଲା । ସଲିଳା ଆଉ ଯେତେ ଚାହିଁଲେ ବି ପ୍ଲାଟଫର୍ମର ସିମେଣ୍ଟ ଚଟାଣ ବା ମଣିଷଗୁଡ଼ାକ କେହି ଦିଶିଲେ ନାହିଁ । ସଲିଳା ଖଣ୍ଡିଏ ବହିରେ ମନୋନିବେଶ କଲା ।

ଦୁର୍ଘଟଣା ଘଟିବାକୁ ଥିଲେ ଆପେ ଆପେ ଘଟିଯାଏ — ତାକୁ କେହି ନୋଟିସ୍ ଦେଇ ଡାକନ୍ତି ନାହିଁ । ଟ୍ରେନ୍ ଅବିରାମ ଚାଲିଛି — କୌଣସି ଷ୍ଟେସନ୍‌ରେ ରହିବା ବେଳେ ରହୁଛି ଓ ଚାଲୁଛି — ଏହାହିଁ ତା'ର ଧର୍ମ । ରାତ୍ରିର ତୃତୀୟ ପ୍ରହର — ସଲିଳା ହଠାତ୍ ବେଶ୍ ଅସୁସ୍ଥତା ଅନୁଭବ କଲା । ଦେହ ହାତ ଯେପରି ତା'ର କ'ଣ ହୋଇଯାଉଛି — ରାତି ପାହିବାକୁ ଆହୁରି ଦୁଇଘଣ୍ଟା ବାକୀ ଅଛି । ପୁଣି ୨୨/୨୪ ଘଣ୍ଟା ପରେ ଦିଲ୍ଲୀରେ ପହଞ୍ଚିବ । ଅଭିଷେକ ଭାଇ ଆସିଥିବେ କି ନାହିଁ — କ'ଣ ଏବେ ସେ କରିବ ! ସାଙ୍ଗରେ ଯାଉଥିବା ଦମ୍ପତିଙ୍କ ସହ ଜାଣି ଜାଣି ସେ ବେଶୀ ପରିଚୟ କରିନାହିଁ । କାରଣ ତା'ର ଧାରଣା ଅଲଗା ପ୍ରକାରର । ହୁଏତ ତାକୁ ନେଇ କିଏ କେଉଁଠାରେ କିପରି ମନ୍ତବ୍ୟ କରିବେ — ତେଣୁ ସେ ସବୁବେଳେ ଅପରିଚିତଙ୍କଠାରୁ ଦୂରେଇ ରହିବାକୁ ଚେଷ୍ଟାକରେ ।

କିନ୍ତୁ ପ୍ରୌଢ଼ା ଠିକ୍ ଜାଣିପାରିଲେ — ଝିଅଟିର ଦେହ ବୋଧହୁଏ ଅସୁସ୍ଥ ହୋଇପଡ଼ିଛି — ତେଣୁ ଧୀରେ ଉଠି ତା' କପାଳରେ ହାତ ବୁଲାଇ ଦେଇ ପଚାରିଲେ — ମାଆ କ'ଣ ତୁମର ହେଉଛି ? ଏପରି ବ୍ୟସ୍ତ ହେଉଛ କାହିଁକି ?

ନାଁ ମାଆ, ମୋର ସେପରି କିଛି ହେଉନାହିଁ — ତଥାପି ଜ୍ୱର ଆସିଲା ପରି ଲାଗୁଛି । ସାନ୍ତ୍ୱନାଭରା ସ୍ୱରରେ ପ୍ରୌଢ଼ା କହିଲେ — ଆଗରେ ମୋଗଲସରାଇ ଷ୍ଟେସନ୍ ପଡ଼ିବ, ଦେଖିବା ଯଦି କିଛି ଔଷଧ ମିଳିଗଲା !

ନାଁ ମାଆ ! ମୋର ସେପରି କିଛି ହୋଇନାହିଁ, ଦିଲ୍ଲୀରେ ପହଞ୍ଚିଗଲେ ଦେଖାଯିବ । ପ୍ରୌଢ଼ା ମନେମନେ ହସିଥିଲେ — ଏ ଝିଅ ଜୀବନର କ'ଣ ବା ଜାଣିଛି ? ଦିଲ୍ଲୀରେ ପହଞ୍ଚିବାକୁ ଆହୁରି ବାରଘଣ୍ଟା ସମୟ । ହୁଏତ କିଛି ନହୋଇ ପହଞ୍ଚିଯାଇ ହେବ ବା ପହଞ୍ଚିଲା ପୂର୍ବରୁ ବି କିଛି ଅଘଟଣ ଘଟିବା ଅସମ୍ଭବ ନୁହେଁ ।

ତା'ପରେ ପ୍ରୌଢ଼ା ଆଉ ଶୋଇପାରି ନାହାନ୍ତି — କାହା ଝିଅ — କ'ଣ ନାଁ — କେଉଁଠାକୁ ଯିବ । ଏଇ ଚିନ୍ତାରେ ସେ ଅଧୀର ହୋଇପଡୁଛନ୍ତି । ଖାଲି ପଚାରିଥିଲେ, ମାଆ ତୁମ ନାମ କ'ଣ ? ଖୁବ୍ ଧୀର କଣ୍ଠରେ ଉତ୍ତର ମିଳିଥିଲା — ସଲିଳା ମହାପାତ୍ର । ବାପା ମନମୋହନ ମହାପାତ୍ର, ଜିଲ୍ଲା ଜଜ୍ । ବେଶ୍ ସେତିକି — ସଲିଳା ଦେହରେ ତାପର ମାତ୍ରା ବଢ଼ି ବଢ଼ି ଯାଉଛି — ସକାଳ ହୋଇ ଯାଇଥିଲେ ବି ସଲିଳା ଆଖି ଖୋଲି ଚାହିଁବା ଦୂରର କଥା — କଥା ବି କହୁନାହିଁ । ବାହାରୁ ଟିକିଏ ବରଫ ଆଣି ମୁଣ୍ଡରେ ଦେବାର ଚେଷ୍ଟା କଲେ କିନ୍ତୁ କିଛି କାମ ହେଉନାହିଁ । ସେ ସିନା ଆଖି ଖୋଲିଲେ ବା କଥା କହିଲେ କିଛି କରାଯାଇ ପାରିବ । ଏଲାହାବାଦ୍ ଷ୍ଟେସନ୍‌ରେ ରେଲ୍‌ୱେ ଡାକ୍ତର ଆସି କ'ଣ ଗୋଟିଏ ଇଞ୍ଜେକ୍‌ସନ୍ ଦେଇଗଲେ — ଗାଡ଼ି ପୁଣି ଆଗକୁ ଚାଲିଲା । ପ୍ରୌଢ଼ା କେବଳ ନିର୍ଲିପ୍ତ ଆଖିରେ ଏଇ ନିଷ୍ପାପ ବାଳିକାଟିକୁ ଚାହିଁ

ବସିଛନ୍ତି । ଦିଲ୍ଲୀ ଷ୍ଟେସନରେ ଗାଡ଼ି ଲାଗିଲା ବେଳକୁ ଯଦି କିଛି ଅବସ୍ଥାର ପରିବର୍ତ୍ତନ ନହୋଇଥିବ — ତେବେ କ'ଣ କରାଯିବ ? କିଛି ବୁଦ୍ଧି ଦିଶୁନାହିଁ । କେଉଁ ଅଧିକାରରେ ଏ ଦାୟିତ୍ୱ ସେ ବହନ କରିବେ ? ଆସନ୍ନ ବିପଦରୁ ପ୍ରତ୍ୟୁତ୍ପନ୍ନମତି ମନ ନେଇ ପ୍ରୌଢ଼ ନିଜକୁ ପ୍ରସ୍ତୁତ କରି ନେଇଛନ୍ତି । ଟୁଣ୍ଡଲା ଷ୍ଟେସନରୁ ଖବର ଦିଆଗଲା ଏକ ରେଲୱେ ଆମ୍ବୁଲାନ୍ସ ଦିଲ୍ଲୀରେ ଓହ୍ଲାଇଲା ବେଳେ ଆସିବା ପାଇଁ । ପୁଅ ସୁକୁମାର ଉପସ୍ଥିତ କିନ୍ତୁ ସେ ତ ସ୍ତବ୍ଧ, ବିବ୍ରତ — ଏ କ'ଣ — କିଏ ସେ ଏଇ ଦୁହିତା ! ରାମ ମନୋହର ଲୋହିଆ ହସ୍‌ପିଟାଲ୍‌କୁ ସମସ୍ତେ ଗଲେ । ସୁକୁମାର ମାଆ ଓ ବାପାଙ୍କୁ ଟାକ୍ସିରେ ପଠାଇଦେଇ ଝିଅକୁ ଜଗି ରହିବାର ବ୍ୟବସ୍ଥା କରି ସେଇପରି ଉନ୍ନିଦ୍ର ଅବସ୍ଥାରେ ସେହି ରାତି କଟାଇ ଦେଇଥିଲା । ଧୀରେ ଧୀରେ ସଲିଳା ତିନିଦିନ ପରେ ଯେତେବେଳେ ସଂଜ୍ଞା ଫେରି ପାଇଥିଲା — ପାଖରେ ସେଇ ପ୍ରୌଢ଼ା — ତାଙ୍କର ସୁକୁମାର ପୁଅ ସୁକୁମାର ବସି ରହିଥିବା ଦେଖି ନିଜର ଅସହାୟ — ଅନାଥ ଅବସ୍ଥାକୁ ବେଶ୍ ହୃଦୟଙ୍ଗମ କରିପାରିଲା । ଅତି ଧୀର କ୍ଷୀଣ କଣ୍ଠରେ କହିଲା — ମାଆ ! ପାଣି । ପ୍ରୌଢ଼ା ଧୀରେ ଧୀରେ ପାଣି ପିଆଇ ଦେଇଥିଲେ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଦୁଇଦିନ ପରେ ସଲିଳାକୁ ନିଜ ଘରକୁ ନେଇ ଯାଇଥିଲେ । ସଲିଳା ଆଶ୍ଚର୍ଯ୍ୟ । ଏଇପରି ଶାରୀରିକ ମାନସିକ ଅବସ୍ଥା ଭିତରେ ସେ ବା ଯିବ କୁଆଡ଼େ ? କାହା ପାଖକୁ ତଥାପି ଗୋଟିଏ ଦୁଇଟି ଠିକଣା ଧୀରେ ଧୀରେ ସୁକୁମାରକୁ ଜଣାଇଥିଲା ଓ ବାପା ମାଆଙ୍କ ଠିକଣା ଦେଇଥିଲା ଯେଉଁଥିରେ କି ସେମାନେ ଜାଣିପାରିବେ ସଲିଳା ବଞ୍ଚିଛି ଓ ତା'ର ବଞ୍ଚିବା ପାଇଁ ଏଇ ଅପରିଚିତ ପରିବାର କି ପ୍ରକାର ତ୍ୟାଗ ଓ ସହନଶୀଳତା ଦେଖାଇଛନ୍ତି ! କିନ୍ତୁ ମଣିଷର ବିଶ୍ବର ଏକ ପ୍ରକାର — ଭଗବାନ କରନ୍ତି ଅନ୍ୟ ପ୍ରକାର ।

ସୁକୁମାର ଦିଲ୍ଲୀ କର୍ପୋରେସନ୍‌ର ଏକ କର୍ମଚାରୀ; ତେଣୁ ତା'ର ଛୋଟ ସଂସାରଟିଏ । ଆବଶ୍ୟକତାଠାରୁ ତାକୁ ଅଧିକ ଜଣାପଡୁଥାଏ । ବନ୍ଧୁ କହିବୋଲି ବାପ ମାଆଙ୍କୁ ସେ ଦିଲ୍ଲୀ ଆଣିପାରିଛି । କିନ୍ତୁ ସଲିଳା ଜଣାପଡୁଛି ବେଶ୍ ଆଭିଜାତ୍ୟ ପରିବାରର ଏବଂ ଯଦିଓ କେହି କାହାରି ଜାତି ଗୋତ୍ର ଜାଣିବାକୁ ଇଚ୍ଛା କରିନାହାନ୍ତି, ତଥାପି ସେମାନେ ଯେ ଉଚ୍ଚ ବର୍ଣ୍ଣର ଏ କଥା ବୁଝିବାକୁ ସୁକୁମାର ପରିବାରକୁ ବିଶେଷ ଅସୁବିଧା ହୋଇନାହିଁ । କିନ୍ତୁ ମଣିଷ କ'ଣ ମଣିଷ ପାଇଁ ଏତେ କରିପାରେ ? ଏହା ସଲିଳା ପାଖରେ ଏକ ଆଶ୍ଚର୍ଯ୍ୟର ବିଷୟ । ସଲିଳା ତା'ର ଅଧ୍ୟୟନ ପାଇଁ, କିଛିଏ ସୁସ୍ଥ ହେବା ପରେ ହଷ୍ଟେଲ୍‌କୁ ଯାଇଛି । କିନ୍ତୁ ସବୁଦିନ ତା'ର ମାଆଙ୍କ ମୁହଁ ସହିତ ସୁକୁମାରଙ୍କର ମାଆ ଯେ କି ଜନନୀର ସମସ୍ତ ନିର୍ଯ୍ୟାସ ଦେଇ ତା' ମୁହଁରେ ହସ ଫୁଟାଇବା ପାଇଁ, ତା' ଜୀବନ ରକ୍ଷା ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ — ତାକୁ ପାସୋରି ପାରିନାହିଁ । ସେଇ ଗୃହସ୍ଥଳୀର ଅପ୍ରଶସ୍ତ ପରିସର — ମଧ୍ୟବିତ୍ତ ପରିବାରର ଚଳଣି — ସର୍ବୋପରି ସୁକୁମାରର ସ୍ପର୍ଶକାତର ସ୍ନେହାଣି ଭିତର ଦେଇ ମଣିଷ ଜୀବନର ସମସ୍ତ ସୁବୃତ୍ତିମାନ ନିଗିଡ଼ା ଉପାଣିତ ଅନୁଭୂତିଗୁଡ଼ିକୁ । ସମୟ ପାଇଲା ମାତ୍ରେ ତା'ର ଏଇ ନୂତନ ଆବିଷ୍କୃତ ମନର ନିଗିଡ଼ା ସ୍ନେହ ସରାଗର ସ୍ପର୍ଶକୁ ସେ ବୁଣିଦେଇ ଯାଏ ।

ହଠାତ୍ ଦିନେ ସୁକୁମାର ଏକ ଅନୁରଣିତ ସନ୍ଧ୍ୟାର ଶୀତ କାକର ଭିଜା ଅଳ୍ପ ଛାଇ, ଅଳ୍ପ ଆଲୁଅର ଅତର୍କିତ ମୁହୂର୍ତ୍ତରେ କହିଥିଲା — ସଲିଳା ! ତମେ ବୋଧହୁଏ ଖୁବ୍ ଆଭିଜାତ୍ୟ ଘରର କନ୍ୟା ଓ ତୁମ ପିତା ଖୁବ୍ ଉଚ୍ଚ ପଦାଧିକାରୀ, କିନ୍ତୁ ଦେଖୁଛତ ଆମେ ସବୁ କ'ଣ !! ତୁମ ସହିତ ଏଇ ସ୍ନେହ ସରାଗର ବନ୍ଧନ — ମତେ ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇଲା ପରି ଅବିଶ୍ୱାସ — ଅସମ୍ଭବ ସତ୍ୟ ବୋଲି ମନେ ହେଉଛି । ଖୁବ୍ ଗଭୀର କଣ୍ଠରେ ସୁକୁମାର କହି ଗଲିଛି — ବେଳ ଥାଉ ଥାଉ ଆମେ ପରସ୍ପରକୁ ଭୁଲିଯିବା ସଲିଳା !! ଯେପରି ଟ୍ରେନ୍‌ରେ ଚଢ଼ିବା ପୂର୍ବରୁ ଆମେ କେହି କାହାକୁ ଜାଣିନଥିଲେ ।

ସୁକୁମାର ! ସ୍ନେହାଶିକ୍ତ କଣ୍ଠ ସଲିଳାର — ଥରି ଉଠୁଛି — ଇଥରୁ ରି କମ୍ପନ ସୃଷ୍ଟି ହୋଇଛି — କିଏ କାହାକୁ ଭୁଲିବ ? କିଏ କାହା ସହିତ ସମ୍ପର୍କ ଛିଣ୍ଡାଇବ ? ମୁଁ ଏ ପର୍ଯ୍ୟନ୍ତ ଜାଣିଛି ସୁକୁମାର — ତମେମାନେ ଜଣେ ଜଣେ ଜୀବନ୍ତ ଦେବତା — ଆଉ ମାଆ — ତାଙ୍କର ତ ତୁଳନା ନାହିଁ — ତେଣୁ ଜାତି, ଗୋତ୍ର, ଆଭିଜାତ୍ୟ — ଉଚ୍ଚ ପଦ ପଦବୀ — ଧନ, ମାନ ମର୍ଯ୍ୟାଦା ସବୁ ଗୋଟେ ପଟେ — ଆଉ ଆମ ସ୍ନେହ, ଶ୍ରଦ୍ଧା, ଅନୁରାଗ ଧର୍ମ ତରାଜୁର ଅନ୍ୟ ପଟେ । ତଉଲିଲ ଦେଖି କେଉଁଟି ଓଜନିଆ ବେଶୀ !!

— କିନ୍ତୁ ସଲିଳା ! ଏହା ତ କଥାର କଥା ମାତ୍ର । ତୁମେ ଏପରି କୁହ ନାହିଁ — ପଛରେ ବହୁତ ଅନୁତାପ କରିବାକୁ ପଡ଼ିବ । ତମେ ଏ ସଂସାରର — ଏ ଚଳନ୍ତି ସମାଜର ନିର୍ଯ୍ୟାତନା ସହି ପାରିବ ନାହିଁ ସଲିଳା — ତମର ନବନୀତ କୋମଳ ମନ ଉପରେ ଯେତେ ସବୁ ଅସହ୍ୟ ଅକରୁଣ ଅତ୍ୟାଚାର — ଯାଁ ମେଲି ଦଉଡ଼ି ଆସିବେ — ତୁମେ ସହ୍ୟ କରିପାରିବ ନାହିଁ । ତୁମେ ତ ଭୁଶୁଡ଼ି ସଢ଼ିଯିବ । ଆଉ ମୁଁ ସର୍ବଶେଷରେ ପାଗଳ ହୋଇ ବୁଲିବି ସିନା !

ତୁନିହୁଅ ସୁକୁମାର — ମତେ ତମେ ବୁଝି ନାହିଁ — ବୁଝିବାକୁ ମଧ୍ୟ କେବେ ଚେଷ୍ଟା କରି ନାହିଁ । ମୋ ଭଲ ପାଇବାରେ — କୌଣସି ଛଳନା ନାହିଁ । ସର୍ବୋପରି ସମର୍ପିତ ଜୀବନରେ ଯନ୍ତ୍ରଣା ନଥାଏ ସୁକୁମାର !

ଜାଣେ ସଲିଳା ! କିନ୍ତୁ ମୁଁ ଅର୍ଦ୍ଧଶିକ୍ଷିତ ଖଟିଖିଆ ଯୁବକ ଟିଏ — ଆଉ ମୋ ସଂସାର ମଧ୍ୟବିତ୍ତ ସଂସାରଟିଏ — କେତେ ଅଭାବ — ଅନଟନ ଲାଗି ରହିଛି । ରୁଚିରେ — ଚଳଣିରେ ଆମର ତୁମପରି ରୁଚିମନ୍ତ ପରିବେଶ କାହିଁ — ତୁମେ ସଲିଳା ବୋଧହୁଏ ଏସବୁ ଜାଣି ନାହିଁ ।

— କଥା ଅଧା ରହିଗଲା — ହଠାତ୍ ବାହାରେ ଟାଣ୍ଡି ରହିବାର ଶବ୍ଦରେ ଦୁହେଁ ଚମକି ପଡ଼ିଲେ । ତା'ର ବାପା ଭୋଉ ହଠାତ୍ ଆସି ହଷ୍ଟେଲ୍ କୋଠରୀ ଭିତରେ !

ନେବାଟିତେ ! ଆଗରୁ ଚିଠିପତ୍ର ନାହିଁ । ଆସିବାର ପ୍ରୋଗ୍ରାମ୍ ଣା ନାହିଁ ! ସଲିଳା ଇଚ୍ଛା କରିଥିଲେ ଷ୍ଟେସନକୁ ସେମାନଙ୍କୁ ଆଣିବା ପାଇଁ ଯାଇ ପାରିଥାନ୍ତା– ତେବେ ସେମାନେ ହଠାତ୍ ଏଠି କାହିଁକି ? ଭାବିବା ପୂର୍ବରୁ ସୁକୁମାର ସେମାନଙ୍କୁ ଯଥୋଚିତ ନମସ୍କାର ଜଣାଇ ଗୋଟିଏ ଚୌକି ବଢ଼ାଇ ଦେଇ ବସିବାକୁ ଅନୁରୋଧ ଜଣାଇ ଶଙ୍କିତ ହୋଇ ଦୂରେଇ ଠିଆ ହୋଇଗଲା ।

ମି: ମହାପାତ୍ର ଟିକିଏ ଶୁଙ୍ଘି ବୁଝିନେଲେ ବୋଧହୁଏ ଏଇ ସେଇ ସୁକୁମାର ! ଯାହା ବିଷୟରେ ବିସ୍ତାରିତ ଭାବରେ ସଲିଳା ଲେଖିଥାଏ – ଏମ ପରିବାର ସହିତ ସେ ଲଟେଇ ହୋଇ ଯାଇଛି – ଏଇ ସୁଦୂର ଦିଲ୍ଲୀ ସହରରେ ! ମନରେ ଅସରନ୍ତି ଭାବନା –

ତଥାପି ଭଦ୍ରତା ଖାତିରରେ କହିଲେ, ବାବୁ – ଆମେ ଟିକିଏ ଝିଅକୁ ନେଇ ଆମ ରହିବା ଯାଗାକୁ ଯିବୁ । ପୂର୍ବରୁ ଖବର ଦେଇ ପାରିନୁ ନାହିଁ – ହଠାତ୍ ଆସିବାକୁ ହେଲା ଏବଂ ଖୁବ୍ ଅଳ୍ପ ସମୟ ଆମେ ଦିଲ୍ଲୀରେ ରହିବୁ ।

– ସୁକୁମାର ଅନୁଭବ କଲା – ଏ କଥା ପରେ ତା'ର ଉପସ୍ଥିତି ଯେ ସେମାନେ ଚାହୁଁ ନାହାନ୍ତି – ଏହା ସ୍ପଷ୍ଟ, ତେଣୁ କହିଲା – ମୁଁ ତେବେ ଆସୁଛି – କିଛି ଆବଶ୍ୟକତା ଥିଲେ ମତେ ଖବର ଦେବେ ।

– ଖୁବ୍ ତାଚ୍ଛଲ୍ୟର ଏକ "ହୁଁ" ବାହାରି ଆସିଲା – ମହାପାତ୍ରଙ୍କ କଣ୍ଠରୁ !

– ତା'ପରେ ଘନ ଅନ୍ଧାର ରାତିର ସବୁଯାକ କାଳିମା ବୋଲି ହୋଇଗଲା – ସଲିଳାର ଉଦିତ ସୂର୍ଯ୍ୟର କିରଣରେ ଝଲମଲ୍ ଉଜ୍ଜ୍ୱଳ ଭାଗ୍ୟ ଆକାଶରେ । ସମସ୍ତଙ୍କ ସହ ସଲିଳା ଆସିଲା ବାପାଙ୍କ ବନ୍ଧୁ ଅଭିଷେକ ଭାଇଙ୍କ ଘରକୁ । ଏଇ ଅଭିଷେକ ଭାଇ ଷ୍ଟେସନ୍‌ରେ ସେଦିନ ସଲିଳାର ସଂଜ୍ଞାହୀନ ଅବସ୍ଥାକୁ ଜାଣି ମଧ୍ୟ ଅଦେଖା ହୋଇ, ନଜାଣିଲା ପରି ଚାଲି ଯାଇଥିବା ଖବର ପରେ ସେ ସୁକୁମାର ଓ ତା'ର ଧର୍ମ ମାଆ ମୁହଁରୁ ଶୁଣିଛି । କିନ୍ତୁ ଅଭିଷେକ ଭାଇ ବାପାଙ୍କୁ ଏଣୁ ତେଣୁ ଚିଠି ଲେଖି ଦିଲ୍ଲୀ ଡ଼ାକି ଆଣିଛନ୍ତି । ଠିକ୍ କଥା ବାପା ମାଆ ଯେତେବେଳେ ଝିଅ ଜନ୍ମ କରିଛନ୍ତି–ସେ'ତ ଭଲମନ୍ଦ ନିଶ୍ଚୟ ବୁଝିବେ – ତେଣୁ ଅଭିଷେକ ବା କାହାରି କିଛି ଦୋଷ ନାହିଁ ଏଥିରେ ! ସଲିଳା ଦୀର୍ଘ ନଅମାସ ପରେ ବାପା ମାଆଙ୍କୁ ଦେଖି ଯେତିକି ଆନନ୍ଦିତ – ଆହ୍ଲାଦିତ ହେଉଥିଲା – କାହିଁ ସେମାନେତ ସେପରି ହେଉ ନାହାନ୍ତି । ଗମ୍ଭୀର ଥମ୍ ଥମ୍ ମୁହଁ – ବୋଉର ଭାରୀ ଭାରୀ ଓଜନିଆ କଥା ! ଗଲା ଛୁଟିଟିରେ ଘରକୁ ନଯିବାର କାରଣ ପଚାରି ବସିଲେ, ଛୁଟି ଅଳ୍ପଦିନ ଓ ପ୍ରଥମ ଥରର ଅସିଲା ବେଳର ଅବସ୍ଥା ବର୍ଣ୍ଣନା କରି ସଲିଳା ଏକୁଟିଆ ଆଉ ଏତେ ରାସ୍ତା ଯିବା ପାଇଁ ଇଚ୍ଛା କରି ନଥିବା କଥା ବୁଝାଇଥିଲା । କିନ୍ତୁ ବୋଉଙ୍କର ସନ୍ଦେହୀ ମନ ! ସେ କହିଲେ – ସେ ପିଲାଟା କିଏ ?

ଚମକି ପଡ଼ିଲା ସଲିଳା ! ବୋଉତ ମନଭିତରେ ଏପରି ହୀନ ମନ୍ୟତା ଅନୁଭବ କରିବା କେବେ ସେ ଦେଖିନାହିଁ ।

– ବୋଉ, ତମେମାନେ ମୋତେ ଛାଡ଼ିବା ଦିନ ଯେଉଁ ବୁଢ଼ା ବୁଢ଼ୀଙ୍କୁ ମତେ ରାସ୍ତାରେ ଟିକିଏ ଦେଖିବ ବୋଲି କହିଥିଲେ – ଆଉ ସେମାନେ ନଥିଲେତ ତମ ଝିଅର ଶବ ପୁଣି ସେଇ ନୀଳାଚଳରେ ପଚି ସଢ଼ି ପୁରୀ ଯାଇଥାନ୍ତା ଓ Unclaimed body ହୋଇ ବାଜ୍ୟାପ୍ତ ଘୋଷଣା ହୋଇଯାଆନ୍ତା ।

– ରଖ – ଖୁବ୍ ବଡ଼ ବଡ଼ କଥା କହି ଶିଖିଲାଣି – ହେଲା ଏବେ ବାଟରେ ଘାଟରେ ଦିହ ପା ଖରାପ ହେଲା – ଟିକିଏ ସେବା ଯତ୍ନକଲେ – ଏଥିପାଇଁ କ'ଣ ମୁଣ୍ଡ କିଣିବେ ?

– କିଏ କହିଲା ମୁଣ୍ଡ କିଣିବେ ବୋଲି – ବରଂ ତୁମମାନଙ୍କୁ ମୁଁ ସବୁ ଜଣାଇଥିଲି – ତମେ ଖଣ୍ଡିଏ କୃତଜ୍ଞତା ଜଣାଇ ଚିଠି ଲେଖି ପାରି ଥାଆନ୍ତ ! ସେମାନେ ଗରିବ – ମୂଲିଆ ହେଲେ ବି ତ ମଣିଷ ।

– ମି: ମହାପାତ୍ର ଖୁବ୍ ଗମ୍ଭୀର ହୋଇ ଯାଇଥିଲେ – କହିଲେ –ହେଉ ଶିକ୍ଷାଗୁରୁ ଆଉ ଶିଖାଇବା ଦରକାର ନାହିଁ । ଏବେ ବିଶ୍ରାମ ନିଅ ଯାଉ – ସଲିଳା ତୁ ପ୍ରସ୍ତୁତ ହୋଇ ଯା – ଆମ ସହିତ ଫେରିଯିବୁ – ପରୀକ୍ଷା ବେଳକୁ ଆସି ପରୀକ୍ଷା ଦେଇଦେବୁ ।

ଆକାଶରୁ ଖସିଲା ପରି ସଲିଳା ଚମକି ପଡ଼ିଲା – ଏ କ'ଣ – କାହିଁକି ଏପରି ନିର୍ଦ୍ଦେଶ – କେଡ଼େ ଅଲିଅଳ ଝିଅ ସେ ତା' ମାଆ ବାପାଙ୍କର–କି ଆଦରର ଭଉଣୀ ସେ ଜିତ୍ ଆଉ ଜୟଙ୍କର ! ଏଇ ବିଦେଶ ଭୂଇଁରେ ଏମାନେ ଅବେଳରେ ଆସି ଏପରି ରୁକ୍ଷ କର୍କଶ ଓ ଅଶିଷ୍ଟ ବ୍ୟବହାର କାହିଁକି କରୁଛନ୍ତି ? ‹ ଦୋଷ କେଉଁଠାରେ ? କିଏ ଏମାନଙ୍କ ମନରେ ବିଷ ମଞ୍ଜି ପୋତି ଦେଇଛି ! ହଠାତ୍ ସୁକୁମାରର ଲାବଣ୍ୟଭରା ସୁପୁରୁଷ ବଳିଷ୍ଠ ଚେହେରା ମନେ ପଡ଼ିଲା – ଆଉ ମନେ ପଡ଼ିଲା – ତା'ର ଶେଷ ଦେଖାର କଥା କେତେ ପଦ – ସଲିଳା, ଆମେ ଗୁପ୍ତା କମ୍ପାନୀ ପାଟିରେ ଦେଇ ଜନ୍ମ ହୋଇନାହୁଁ – ଜୀବନ ସାଗରେ ଯୁଝି – ଜୀବନକୁ ଜୟ କରିବାରେ ଆମର ଆନନ୍ଦ – ଆଉ ତମମାନଙ୍କ ପରି ଗୋଷ୍ଠୀମାନେ କେବଳ ଏଇ ଯୋଦ୍ଧା ସୈନିକମାନଙ୍କ ମେହନତ୍ ଉପରେ ଏଇ ମଣିଷ ସୃଷ୍ଟି ନୀଚ ଜାତି ଉଚ୍ଚ ଜାତିର ପରଦାଟାଣି ନିଜର ବୁନିଆଦି – ଆଭିଜାତ୍ୟ ସବୁକିଛି ଜାହିର୍ କରନ୍ତି ।

– ହଁ। – ତାକୁ ମଧ୍ୟ ଯୁଦ୍ଧ କରିବାକୁ ହେବ – ମଣିଷର ମଣିଷ ପଣିଆକୁ ଉଚିତ୍ ସମ୍ମାନ ଦେବାକୁ ହେବ – ସେ ଭାଙ୍ଗି ପଡ଼ିବ ନାହିଁ । ସ୍ୱାର୍ଥାନ୍ୱେଷୀ ଅଭିଷେକ ଭାଇକୁ ଠିକ୍ ଶିକ୍ଷା ଦେବାକୁ ହେବ । ପୁଜା ପୁଜା କଲବ୍‌ର ଲଜ୍ଜୁଳୀ ଝିଅଙ୍କ ମେଳରେ ବୋତଲ ବୋତଲ ନାଲି ନେଳି ପାନୀୟ ଆକଣ୍ଠ ପିଇ – ମଣିଷ ଭିତରର ଦେବତାକୁ ମଧ୍ୟ ଲାଞ୍ଛିତ କରିବାକୁ ଯେ ଛାଡ଼ି ନାହିଁ – ସେ ପୁଣି ସଲିଳାର ଗତିବିଧି – ମାନ ମହତ ବିଚାର କରିବ ? ଏ ଅଧିକାର ସେ ପାଇଲା କେଉଁଠୁ ? ତା'ର ଉଚ୍ଚ ଜାତି ପଦବୀ – ଟଙ୍କାର ଗଦାରୁ ନିଶ୍ଚୟ !! ମନରେ ଲକ୍ଷ ଲକ୍ଷ ପ୍ରଶ୍ନର ହାତେଳୀ – ଆଖିରେ ଗହଗହ ବିଦ୍ରୋହିର ଅଗ୍ନିଶିଖା !

ସଲି – ତୋ'ର ମତାମତ ନନେଇ ଆମେ କିଛି କରିନଥାନ୍ତୁ – କିନ୍ତୁ ତୁ ଯେ ଅବାଟରେ ଯାଉଛୁ – ଏହା ଆମେ ଆଖିରେ ଦେଖିଲୁ – ତେଣୁ ତତେ ଯଥାଶୀଘ୍ର ହାତକୁ ଦିହାତ କରିଦେବା ଆମର କର୍ତ୍ତବ୍ୟ । ମାଆଙ୍କର ଧୀର ଗମ୍ଭୀର ଆଦେଶ !

– ମୁଁ ତ ମୋଟେ ଅବାଟରେ ଯାଇନାହିଁ । ଯାହା କରିଛି – ଠିକ୍ ଭାବି ଚିନ୍ତି କରିଛି । ମୁଁ ବିବାହ କରିବି ନାହିଁ ବୋଲି ଭାବିଥିଲି । କିନ୍ତୁ ତମେ ଯଦି ମତେ ବିବାହ ଦେଲେ ନିଶ୍ଚିନ୍ତ ହେବ – ତେବେ ମୁଁ ଯେଉଁଠି ଚାହିଁବି ସେହିଠାରେ ହିଁ ହେବ ।

– ସଟ୍ ଅପ୍ ! ମି: ମହାପାତ୍ର ଗର୍ଜି ଉଠିଲେ ।

– ବାପା, ଅଯଥାରେ ଟେନ୍‌ସନ୍ ବଢ଼ାଇ ଲାଭ କ'ଣ ? ମତେ ତମେମାନେ ବୁଝି ନାହଁ । ଯଦି କିଛି ଭୁଲ୍ ଧାରଣାର ବଶବର୍ତ୍ତୀ ହୋଇ କିଛି ସିଦ୍ଧାନ୍ତ ନେବାକୁ ଚାହୁଁଥାଅ – ତେବେ ତମେମାନେ ବି ଦୁଃଖ ପାଇବ – ମୁଁ ବି ପାଇବି – ଆଉ ତୁମମାନଙ୍କ ମନରେ ଯିଏ ଏପରି ଧାରଣା ସୃଷ୍ଟି କରିଛି – ସେ କିଛି ଲାଭବାନ **ହେବନାହିଁ ।**

– ସଲି – ମୁହିଁ ସଫାଳି କଥା କହିବୁ – ତୁ କ'ଣ କେଉଁଠି ବିବାହ କରିବାକୁ ସ୍ଥିର କରିଛୁ ? ବୋଉଙ୍କର କରୁଣାର୍ଦ୍ର କଣ୍ଠ !! ଯେତେହେଲେ ମାଆ ତ ?

– ଯଦି ପଚାରୁଛ – ତେବେ ମୁଁତ ତୁମମାନଙ୍କ ମତ ନନେଇ ବିବାହ କରିନଥାନ୍ତି କିନ୍ତୁ ତମେମାନେ ମତେ ଅନ୍ୟଜଣଙ୍କ ଘରେ ଅପମାନିତ କରୁଛ – ତେଣୁ ମୁଁ ନିଶ୍ଚୟ ସେ ଅପମାନକୁ ସହ୍ୟ କରିବି ଓ ତୁମମାନଙ୍କର ମତାମତ ଚାହିଁବି – ତା'ପରେ ସିଦ୍ଧାନ୍ତ ନେବି ।

– ସଲି, ଆମ ମତ ପଚାରିବା ଆବଶ୍ୟକ ନାହିଁ – ଆମେ ତତେ ଅଭିଷେକ ସହିତ ବିବାହ ଦେବାକୁ ସ୍ଥିର କରି ପ୍ରସ୍ତୁତ ହୋଇ ଆସିଛୁ ।

– ନାଁ – ତା' ହୋଇପାରିବ ନାହିଁ । ଧୀର ଶାନ୍ତ ଉତ୍ତର ।

ତେବେ––––ତୁ କ'ଣ––––କଥା ଅଟକି ଯାଉଛି କରୁଣାମୟୀଙ୍କର – ଏପରି ଏକ ଅନଭାବିତ ଅବସ୍ଥାକୁ ସେ ଅନୁମାନ କରୁଥିଲେ।ଅଭିଷେକର ବାରମ୍ବାର ଚିଠି ପାଇ । କିନ୍ତୁ ସଲି ତାଙ୍କର ଏପରି ତାଙ୍କ ମୁହଁରେ ଚୁନକାଳି ବୋଳିଦେଇ ନପାରେ । ତା'ର ଅନ୍ତତଃ ଏତିକି ଶିକ୍ଷାଥିଲା । ପୁରୀର ଉଚ୍ଚ ବ୍ରାହ୍ମଣ ପରିବାରର ଝିଅ ହିସାବରେ ତା'ର ଗର୍ବ କରିବାର କଥା – କିନ୍ତୁ ଏ କ'ଣ କହୁଛି ସଲି –

– ନାଁ ମାଆ – ମତେ ଭୁଲ ବୁଝନାହିଁ । ମୁଁ ସୁକୁମାରକୁ ଚାହେଁ !

– ହେ ଭଗବାନ୍ ! ସେମାନେ ଯେ ଜାତିରେ 'ହଣ୍ଡି' ସୁକୁମାର ମଲିକ । ତୁତ ଜାଣୁ ସଲି – ସେମାନେ ହରିଜନ–ପତିତ–ସମାଜର ଆବର୍ଜନା ତୁ କ'ଣ କହୁଛୁ ସଲି – କହି ମାଆ ମୁଣ୍ଡ କୋଡ଼ି ଲାଗିଲେ ।

– ଉଦ୍‌ଗତ ଅଶ୍ରୁକୁ ସମ୍ବରଣ କରି ସଲିଲା ମହାପାତ୍ର କହିଚାଲି – ନାଁ ସେପରି କୁହନାହିଁ – ନିଜକୁ ଛୋଟ କରନାହିଁ – ତୁମେମାନେ ମୋର ଆରାଧ୍ୟ ଦେବତା – ସେମାନେ ପତିତ–ଆବର୍ଜନା–ଅସ୍ପୃଶ୍ୟ – ଯେଉଁମାନେ ମଦଖାଇ କୁହନ୍ତେ ମାତାଲ ହୁଅନ୍ତି – ପରନାରୀକୁ ବିନା ବିଚାରରେ ଭୋଗ କରନ୍ତି । ତମେ ବାପା ସବୁଦିନେ ଭାଗବତ ପଢ଼ି କହିଥାଅ – "ସକଳ ଘଟେ ନାରାୟଣ" – "ଏଥୁ ଅନାଦି .କାରଣ" ତମେ ଶିଖାଇଛ – ମଣିଷକୁ ବିଶ୍ୱାସ କର, ସ୍ନେହ ମମତାର ପରଶରେ ତା'ର ବ୍ୟଥା ଦୂରକର । ତମେ ବୋଉ ଯେତେବେଳେ ଆମଘର ଖୁକରାଣୀ – ଡ୍ରଇଂରୁମ୍‌କୁ ଆସୁଥିବା ହାଡ଼ି ପାଣଙ୍କ ବାସନ ଉଠାଇବାକୁ ମନା କଲାବେଳେ କହିଥାଅ – କିଲୋ – ସେମାନେ କ'ଣ ମଣିଷ ନୁହନ୍ତି ! ତାଙ୍କ ଦେହରୁ ଯେଉଁ ନାଲିଆ ତାତିଲା ନୁଖିଆ ରକ୍ତ ବାହାରୁଛି – ତୋ' ଦେହରୁ, ମୋ ଦେହରୁ ତ ସେଇ ରକ୍ତ ! ତେବେ ସେମାନେ ଅଛୁଆଁ କାହିଁକି ? ବାପା, ତୁମ ମନରେ ପ୍ରଶ୍ନ ଉଠୁଥିବ – ତୁମେ ଜଜ୍ ସାହେବ – ପାଞ୍ଚଜଣଙ୍କରେ ଜଣେ ଗଣିତ ହେଉଛ – ଅଭିଷେକର ବାପା ଦିଲ୍ଲୀନଗରୀର ଆଇ: ଏ: ଏସ୍ ଜଏଣ୍ଟ ସେକ୍ରେଟେରୀ – ବନ୍ଧୁ ପରି ବନ୍ଧୁ ଜଣେ ହେବେ – ତୁମ ଆଭିଜାତ – ଗାଡ଼ି ମଟର – ଆଟ ବାଟ ସବୁ ଦୁହିଁଙ୍କର ସମାନ ହେବ – ସବୁ ତଉଲା ହେବ । ତମେ ଝିଅ ଦେଲେ – ସେ ପୁଅ ଦେଲେ – ବାଜାରେ ଲୋକେ କହିବେ–ଜଜ୍‌ସାହେବଙ୍କ ବାହା ! ଏସ୍ତା ତ ! କିନ୍ତୁ ଯିଏ ଅଭିଷେକକୁ ନେଇ ଚଳିବ ବାପା ସେତ ତୁମରି ଝିଅ । ସେ ଯଦି ଜୀବନସାରା କାନ୍ଦିବ ତେବେ କ'ଣ ତମେମାନେ ଆନନ୍ଦ, ଶାନ୍ତି ଆଉ ସାମାଜିକ ମର୍ଯ୍ୟାଦା ପାଇବ ? ହୁଏତ ସୁକୁମାର ବାପାଙ୍କର କିଛିନାହିଁ – ସୁକୁମାର ବି କ'ଣ ତୁମମାନଙ୍କ ଲାୟକ୍‌ର ମଣିଷଟିଏ ! କିନ୍ତୁ ସେମାନଙ୍କ ଭିତରେ ଏଇ ମିଛ, ଭ୍ରଷ୍ଟାଚାର ନୈତିକହୀନତାର ଉପଚ୍ଛମାଣିକା ତ ନାହିଁ । ସେମାନେ ମଣିଷକୁ ତୁମରି କଥା ଅନୁସାରେ ସ୍ନେହ କରନ୍ତି – ଆଦର କରନ୍ତି – ଭଲ ପାଇ ପାରନ୍ତି – ଜୀବନ ସହିତ ଯୁଦ୍ଧ କରିପାରନ୍ତି । ତେଣୁ ତାଙ୍କମାନଙ୍କ ଘଟରେ ଯେଉଁ ନାରାୟଣ ସେ ଅଧିକ ପୂତ – ପବିତ୍ର ବାପା ! ତମେ ଅରାଜି ହୁଅନାହିଁ । ବୋଉ ତୁ କାନ୍ଦିବୁ ନାହିଁ – ଦେଖିବୁ ତୋ ସଲି କି ଆଦର୍ଶରେ ଅନୁପ୍ରାଣିତ ହୋଇପାରିଛି ଓ ତୁମ ମୁହଁରେ କାଳି ବୋଳିନାହିଁ । – ହେଲେ ବି ଆମକୁ ଆମ ସମାଜ ସାମାଜିକତା ଗ୍ରହଣ କରିବ ନାହିଁ । ଆମଘରେ କେହି ଆଉ ବନ୍ଧୁ ବାନ୍ଧିବେ ନାହିଁ, ଲିଚ୍ ଓ ଜନ୍ମକୁ କେହି ପଚାରିବେ ନାହିଁ – କରୁଣାମୟୀ ନିଜ କୋଠରେ ଅଧୀର ହୋଇଯାଉଛନ୍ତି । ହାଉଳିଖାଇ କାନ୍ଦି କାନ୍ଦି କହିଚାଲିଛନ୍ତି ହାୟ ମୋ ଭାଗ୍ୟ ! ହେ ଭଗବାନ ! ମତେ ରକ୍ଷାକର ।

– ଠିକ୍ ପଚାରିବେ ବୋଉ – ସେମାନେ ସମାଜରେ ପୁଣି ପ୍ରତିଷ୍ଠିତ ହେବେ । ସେମାନେ କି ଏଇଥିରୁ ଶିକ୍ଷା ପାରିବେ ।

ମାନେ ଏହାପରି ମଣିଷ – ଏ ସମାଜର ଛଳନା କେବଳ – ନିଜର ସୁବିଧା ଦୃଷ୍ଟିରୁ କରିଥିଲା । "ସକଳ ଅନୋରାୟଣ ହିଁ ସତ୍ୟ ଆଉ ଧ୍ରୁବ" !! ସେମାନେ ବୁଝିବେ ଜଙ୍ଗ ନାନୀ କିଛି ଖରାପ କାମ କରିନାହିଁ ।

– ମି: ମହାପାତ୍ର – ଜଜ୍‌ସାହେବର ଖୋଳ ଭିତରୁ ଧୀରେ ଧୀରେ ନିଜକୁ ଜୋର ଜବରଦସ୍ତି କାଢ଼ି ଆଣୁଛନ୍ତି । ସେ ଜଣେ ସାଧାରଣ ଆଦର୍ଶବାଦୀ ବାପା ହିସାବରେ ଗର୍ବିତ ହେବେ । ଝିଅର ସିଦ୍ଧାନ୍ତକୁ ଗ୍ରହଣ କଲେ ଓ ସମାଜରେ ଶାଳୀନ ଭାବରେ ପ୍ରତ୍ୟକ୍ଷ କରିପାରିଲେ । ଆଉ କରୁଣାମୟୀ ତ ମାଆ ! ଝିଅ ସୁଖରେ ସେ ତ ସୁଖୀ ହେବାକଥା । କିନ୍ତୁ––––ସଲିଳା – ସେ ଯେ ସତ୍ୟକୁ ନିର୍ଭୀକ ଭାବରେ ପ୍ରକାଶ କରିପାରିଛି – ସୁକୁମାରର ଅକ୍ଳାନ୍ତନିଷ୍ଠା ପ୍ରେମକୁ ସମ୍ମାନ ଦେଇପାରିଛି ସେଥିପାଇଁ ସେ ବି ମାଆ ଭାବରେ ଗର୍ବିତ ହେବା କଥା । ମନେ ମନେ କେବଳ ଆଉଜେଇ ଯାଉଛନ୍ତି – ସେ କିଛି ଭୁଲ୍ କରିନାହିଁ । କୌଣସି ଏକ ଆଇ: ଏ: ଏସ୍‌ର ମଦ୍ୟପ ଚେହେରା – ବନ୍ଧୁ ଯୁବତୀକୁ ବାହୁରେ ଛନ୍ଦି ରାତିର ଅନ୍ଧକାର ଭିତରେ ଡାନସ୍ କରିବା ସର୍ବୋପରି ମେହନତ୍ ନକରି ଅନ୍ୟର ମେହନତ୍ ଅନ୍ୟର ଝାଳବୁହା ପରିଶ୍ରମରୁ ମିଳିଥିବା ଗଦାଗଦା ଟଙ୍କା ମାସଶେଷରେ ଗଣିନେବାର ବିଭତ୍ସ ଦୃଶ୍ୟର ଛାୟା ଚିତ୍ର ନାଚିଯାଉଛି । କରୁଣାମୟୀ ଜଜ୍‌ସାହେବଙ୍କ ସ୍ତ୍ରୀ ହେଲେବି–ତାଙ୍କ ଉପରେ ଜଜ୍‌ସାହେବଙ୍କ ଧାର୍ମିକ ଧ୍ୟାନ ଧାରଣାର ଛାପ ଲେସି ହୋଇଯାଇଛି ।

ଆଖିର ଲୁହ ପୋଛି – ସଲିଳୁ ଛାତିରେ ଜାକିଧରି କେବଳ କହିଲେ ତୁ ସୁଖୀ ହୁଅ ସଲି !!–––।




ଧର୍ମାନନ୍ଦ ମହିଳା ସମିତି ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାରତ ଜ୍ଞାନ ବିଜ୍ଞାନ ସଭାପତି ଡାକ୍ତର ମଦନ ମୋହନ ପ୍ରଧାନ, ଉଦ୍‌ଘାଟକ ଜିଲ୍ଲାପାଳ ଶ୍ରୀ ଜଗଦାନନ୍ଦ ପଣ୍ଡା, ଉତ୍କଳ ପ୍ରସଙ୍ଗ ମୁଖ୍ୟ ସମ୍ପାଦକ ଶ୍ରୀ ସତୀଶ ପାତ୍ର, ଜିଲ୍ଲା ଜନଶିକ୍ଷା ଅଧିକାରୀ ଶ୍ରୀ ପ୍ରଭୁ ପ୍ରସାଦ ପାଣିଗ୍ରାହୀ ଓ ସମ୍ମାନିତ ସାମ୍ବାଦିକ ଶ୍ରୀ ହୃଷିକେଶ ମହାନ୍ତି ।

# ନାରୀ

ଶ୍ରୀମତୀ ସୁବାମିନୀ ନନ୍ଦ

## ଉତ୍ସର୍ଗ :

ହେ ସ୍ରଷ୍ଟା ! ତୁମେ ସୃଷ୍ଟି କରିଛ ଆକାଶ, ଆଉ ପୃଥିବୀକୁ । ଆକାଶରେ ସୃଷ୍ଟି କରିଛ କୋଟି କୋଟି ତାରା, ଗ୍ରହ ନକ୍ଷତ୍ରମାନଙ୍କୁ ଆଉ ପୃଥିବୀରେ ସୃଷ୍ଟି କରିଛ ବୃକ୍ଷଲତା, ବଣ ପାହାଡ଼, ନଦୀ ସମୁଦ୍ର, ସଜୀବ, ନିର୍ଜୀବ, ମଣିଷଙ୍କୁ । ଏଇ ମଣିଷ ଭିତରେ ସୃଷ୍ଟି କରିଛ ନାରୀ ଓ ପୁରୁଷମାନଙ୍କୁ । ଅଥଚ ହେ ସୃଷ୍ଟିକର୍ତ୍ତା ! ନାରୀମାନଙ୍କ ପ୍ରତି ସବୁ ଯୁଗରେ, ସବୁ କାଳରେ ଏଭଳି ଅବିଚାର କାହିଁକି ? ସେମାନଙ୍କୁ ସୃଷ୍ଟି କରି ତାଙ୍କ ଜୀବନର ଯନ୍ତ୍ରଣା, ଅସହାୟତା, ନିରାପତ୍ତା ଏ ସବୁ କଥା କେବେ, ଭାବିଛ କି ? ତଥାପି ତୁମ ଉଦ୍ଦେଶ୍ୟରେ....... ।

## ସାମାନ୍ୟ କଥନ :

ନାରୀ ସୃଷ୍ଟିକାରିଣୀ । ତା' ସହନଶୀଳତା ଶକ୍ତି ଆଉ ତ୍ୟାଗର ତୁଳନା ନାହିଁ । ତଥାପି ଆଜି ପ୍ରତ୍ୟେକ ମୁହୂର୍ତ୍ତରେ ଅପମାନିତା, ଲାଞ୍ଛିତା ହେଉଛି । ଆଉ ନିରାପତ୍ତା ହରାଉଛି । ଯୌତୁକର ମହାପର୍ବରେ ସେ ଯୁପକାଠରେ ବଳି ପଡୁଛି । ସେ ଶତାବ୍ଦୀର ଅଭିମନ୍ୟୁ ତା'ର ଚରିତ୍ର ଲୁଣ୍ଠନ ହେଉଛି ଅହରହ । ସେ ଅଶାନ୍ତିର ଅଗ୍ନି ବଳୟ ଚାରିପାଖେ ଘୁରି ବୁଲୁଛି । ଯେଉଁମାନେ ରକ୍ଷକ, ସେଇମାନେ ହିଁ ଭକ୍ଷକ ସାଜୁଛନ୍ତି । ନାରୀ ନିରାପତ୍ତା ପାଇଁ ଯେଉଁମାନେ ବଡ଼ ବଡ଼ କଥା କହି ଭାଷଣ ଦିଅନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ରାତିର ନିଭୃତରେ ନାରୀକୁ ଲୁଣ୍ଠନ କରିବାକୁ କୁଣ୍ଠାବୋଧ କରୁନାହାନ୍ତି । ଦିନକୁ ଦିନ ମାନବ ସଭ୍ୟତା ଯେତିକି ଉର୍ବର ହେଉଛି, ମଣିଷ ସମାଜ ସେତିକି ବର୍ବର ପାଲଟି ଯାଉଛନ୍ତି ।

ଆଜି ମୁଁ କେତୋଟି କାହାଣୀର ଅବତାରଣା କରିବାକୁ ଯାଉଛି । ସେ କାହାଣୀ କଳ୍ପନାର କିମ୍ବା ସ୍ୱପ୍ନର କାହାଣୀ ନୁହେଁ । ଅହରହ, ସର୍ବଦା ଯେଉଁ ଘଟଣା ଘଟିଯାଉଛି, କେବଳ ସେଇ ଘଟଣାର ଉପସ୍ଥାପନା କରୁଛି ।

## ବିଶେଷ କଥନ :

ମୋ କାହାଣୀର ପ୍ରଥମ ଚରିତ୍ର, ତୃଷ୍ଣା । ତୃଷ୍ଣା ଏକ ମଧ୍ୟବିତ୍ତ ପରିବାରର ବଡ଼ ଝିଅ । ଅନେକ ଅଭାବ ଭିତରେ ବଞ୍ଚିରହି ଜୀବନ ଖୋଜୁଥିଲା । ମଧ୍ୟମ ବର୍ଗର ପରିବାରର କର୍ତ୍ତାମାନେ ଝିଅମାନଙ୍କୁ ବୋଝ ମନେକରନ୍ତି । ଓହ୍ଲାଇ ଦେଲେ ନିଶ୍ଚିନ୍ତ । ବାରମ୍ବାର ଝିଅ ଦେଖା ପର୍ବର ପ୍ରହସନ ଭିତରେ ବିଚରା ତୃଷ୍ଣା ଅଣନିଃଶ୍ୱାସୀ ହୋଇ ଶେଷରେ ଯୌତୁକର ବଡ଼କରା ଧରି ମାଗୁଥିବା ବରକର୍ତ୍ତା ହାତରେ ପଡ଼ି ଜୀବନର ସବୁ ସ୍ୱପ୍ନ ପୋଡ଼ି ଜଳିପୋଡ଼ି ଛାରଖାର ହୋଇଗଲା । ପ୍ରତ୍ୟେକ ଦିନ ନିର୍ଯ୍ୟାତନାର ଶୀକାର ହେଲା । ସେ ଜାଣି ପାରିଲା ମଧ୍ୟବିତ୍ତ ପରିବାରର କର୍ତ୍ତା ବୋଲାଉଥିବା ତା' ବାପା ଯୌତୁକର ସର୍ବଗ୍ରାସୀ କ୍ଷୁଧାକୁ ପୂରଣ କରି ପାରିବେନି । ତା' ଆଗରେ ଦୁଇଟି ପଥ । ଗୋଟିଏ ନିଜ ଗୋଡ଼ରେ ଠିଆ ହେବା, ଅନ୍ୟଟି ଆତ୍ମହତ୍ୟା । ନିଜ ଗୋଡ଼ରେ ଠିଆ ହେବା ମାନେ ଚାକିରି । ଚାକିରି କଲେ ମଧ୍ୟ ନିରାପତ୍ତାର ନିଶ୍ଚିତତା ନାହିଁ । ସ୍ୱାମୀ ପରିତ୍ୟକ୍ତାକୁ ସମ୍ମାନ ଦିଅନ୍ତି କିଏ ? ତେଣୁ ବାଧ୍ୟ ହୋଇ କଲା ଆତ୍ମହତ୍ୟା । ଅଥଚ, ତୃଷ୍ଣା ଥିଲା ରୂପରେ, ଗୁଣରେ, ବିଦ୍ୟାରେ, ବୁଦ୍ଧିରେ ଅନନ୍ୟା ।

ଦ୍ୱିତୀୟ ଚରିତ୍ର, ଶିଳାଲିପି । ଫୁଲ ପରି କୋମଳ, ନଇଁ ଥିବା ଚଳଚଞ୍ଚଳ । ଯୌତୁକ ଅଭାବରେ ବିବାହ ବଜାରରେ ସେ ବାହୁଡ଼ି ଆସିଲା । ଶେଷରେ ଚାକିରି କଲା । କିନ୍ତୁ ସେଠିରେ ନିରାପତ୍ତା କାହିଁ ? ଶିକ୍ଷିତ ସଭ୍ୟ ମଣିଷରୂପୀ ଜନ୍ତୁ ତାକୁ ସ୍ୱାଭାବିକ ଭାବରେ ବଞ୍ଚିବାକୁ ଦେଲେନି । ପ୍ରତିବାଦ କରିବାରୁ ତା'ର ଜୀବନର ଶ୍ରେଷ୍ଠ ସମ୍ପଦ ନାରୀତ୍ୱକୁ ଲୁଟି ନେଲେ । ଆଇନର ଆଶ୍ରୟ ନେଲା । ସାକ୍ଷ୍ୟ ବା ପ୍ରମାଣ ନଥିଲା । ସାକ୍ଷ୍ୟ ବା ଦେବ କିଏ ? ଯେଉଁମାନେ ଆଗେଇ ଆସିଲେ ସେମାନେ ରକ୍ଷକ ହୋଇ ଭକ୍ଷକ ସାଜିଲେ ।

ଚିତା ଆଉ ଏକ ଦୁଃଖୀ ଝିଅ । ସବୁ କୁମାରୀ ଝିଅଙ୍କ ଭଳି ସେ ସ୍ୱପ୍ନ ଦେଖୁଥିଲା । ବଧୂ ସାଜିବାର ସ୍ୱପ୍ନ ! ସ୍ୱାମୀ ସନ୍ତାନ ନେଇ ଘର ସଂସାର କରିବା ସ୍ୱପ୍ନ ! ହେଲେ, ବରବଧୂ ନହୋଇ ସେ ହୋଇଗଲା ବାରବଧୂ । ଗୋଡ଼ରେ ପାଉଞ୍ଜି ବଦଳରେ ବାନ୍ଧିଲା ଘୁଙ୍ଗୁର । ପତିବ୍ରତା ଅନସୂୟା ନହୋଇ ସେ ହୋଇଗଲା ନର୍ତ୍ତକୀ ଲକ୍ଷହୀରା । ସେ ହେଲା ଅପବିତ୍ରା । ସମସ୍ତଙ୍କର ଘୃଣା ଆଉ ହେୟର ପାତ୍ରୀ । କିନ୍ତୁ ଏଥିପାଇଁ ତ ଦାୟୀ ଆମ ସମାଜ ।

ଆଉ ବର୍ଣ୍ଣାଳୀ ! ସେ ଖ୍ୟାତନାମା ଅଭିନେତ୍ରୀ । ସମସ୍ତଙ୍କୁ ଆନନ୍ଦ ଦେବା ପାଇଁ ସେ ଅଭିନୟ କରେ । ମୁହଁରେ ରଙ୍ଗ ବୋଳି ଅଭିନୟର ସଂଳାପ ମୁଖସ୍ଥ କରି ସେ ଚରିତ୍ରକୁ ବାସ୍ତବ କରାଏ । କେତେବେଳେ ପତ୍ନୀ ତ, କେତେବେଳେ ପ୍ରେମିକା । କେତେବେଳେ ରାଜକନ୍ୟା ତ, କେତେବେଳେ ଭିକାରୁଣୀ । ଅଭିନୟ ମାଧ୍ୟମରେ ଦର୍ଶକମାନଙ୍କର ମନକୁ ରଞ୍ଜନ କରାଏ । ଏଥିପାଇଁ ହୁଏ ପୁରସ୍କୃତା । କଳାକୁ ବଞ୍ଚାଇ ରଖିବା ପାଇଁ ତାକୁ ଉତ୍ସାହିତ କରାହୁଏ । କିନ୍ତୁ ବାସ୍ତବରେ ତା' କଳାର ମୂଲ୍ୟ ବୁଝନ୍ତି କିଏ ? ଯେଉଁମାନେ ଅଭିନୟକୁ ପ୍ରଶଂସା କରନ୍ତି, ସେମାନେ ବାସ୍ତବ କ୍ଷେତ୍ରରେ ଅଭିନେତ୍ରୀକୁ ଗୃହବଧୂର ସମ୍ମାନ ଦିଅନ୍ତି କି ? ସେଥି ସେମାନଙ୍କ ଦୃଷ୍ଟିରେ ଅଭିନେତ୍ରୀମାନେ ଚରିତ୍ରହୀନା ।

...ନୀ, ପ୍ରେମିକା ସାଜି ଅଭିନୟ କରୁଥିବା ନାରୀଟି ବାସ୍ତବରେ ...ହି ହୋଇପାରେନି । ତେବେ ସେ ଅଭିନୟ କରି କଳାକୁ ବଞ୍ଚାଇ ...ପାରେ କି'ଣ ?

## ଉପସଂହାର :


...ଯେହେତୁ ଚରିତ୍ର ଅବତାରଣା କଲି, ସେମାନେ କୁନ୍ତୀ, ...ଦ୍ରୌପଦୀ, ସୀତା, ଚଣ୍ଡାଳୀମାନଙ୍କ ଭିତରେ ସୀମିତ ନୁହେଁ । ...ମାନଙ୍କରେ ଆଖି ବୁଲାଇ ଆଣିଲେ ଅଗଣିତ ।

ତେବେ, ପ୍ରଭୁ, ହେ ସୃଷ୍ଟିକର୍ତ୍ତା ! ପ୍ରଶ୍ନଟି କାହିଁକି ସବୁ ଯୁଗରେ, ସବୁ ପୃଥିବୀରେ ନାରୀମାନେ ସମାଜରେ ନିର୍ଯ୍ୟାତିତା, ଅପମାନିତା, ଲାଞ୍ଛିତା ହେଉଥିବେ ?

ହେ ଯୁଗ ପୁରୁଷ ! ତୁମେ ଆସ । ନରକାସୁରର ଲୁବ୍ଧ ନଗରୀରୁ ବନ୍ଦିନୀ ରାଜକନ୍ୟାମାନଙ୍କୁ ଉଦ୍ଧାର କଲାପରି ଏଇ ନାରୀ ସମାଜକୁ ତୁମେ ଉଦ୍ଧାର କର । ତୁମେ ଦେବ ଚେତନାର ନୂତନ ସଞ୍ଜିବନୀ ମନ୍ତ୍ର । ତୁମରି ଆହ୍ୱାନରେ ଅନାଗତ ଭବିଷ୍ୟତ ଆସିବ । ସାଗରର ଅଗାଧ ଜଳକୁ ଅଗସ୍ତି ମୁନି ପାନ କଲା ଭଳି, ତୁମେ ନାରୀ ସମାଜର ସମସ୍ତ କାରୁଣ୍ୟକୁ ଶୋଷି ନିଅ । ପୃଥିବୀ ବକ୍ଷ ବିଦୀର୍ଣ୍ଣ କରି ତୁମେ ଆଣିବ ସ୍ରୋତସ୍ୱିନୀ ଗଙ୍ଗାକୁ । ସେଇ ପବିତ୍ର ଗଙ୍ଗା ଜଳରେ ସବୁ ଯନ୍ତ୍ରଣା, ନିର୍ଯ୍ୟାତନା, ଲାଞ୍ଛନା ଧୋଇ ହୋଇଯାଉ । ଏକ ସୁନ୍ଦର ଭବିଷ୍ୟତର ପ୍ରତୀକ୍ଷାରେ...... ।

---

ମାର୍ଫତ୍ : ଶ୍ରୀ ମନୋରଞ୍ଜନ ଦଳ,
ଦିଗପହଣ୍ଡି, ଗଞ୍ଜାମ ।



ବାରିପଦାଠାରେ ବାହୁଡ଼ା ଯାତ୍ରା ।

# ରାଜ୍ୟ ସରକାରଙ୍କର ମହିଳା ବିକାଶ କାର୍ଯ୍ୟକ୍ରମ

• ଶ୍ରୀମତୀ କନକବାଳା ଦାସ

ଭାରତ ବୃହତ୍ ସାଧାରଣତନ୍ତ୍ର ରାଷ୍ଟ୍ରମାନଙ୍କ ମଧ୍ୟରେ ଅନ୍ୟତମ । ଏହାକୁ ବଞ୍ଚାଇ ରଖିବାକୁ ହେଲେ ନାରୀମାନଙ୍କ ପ୍ରତି ଥିବା ଐତିହାସିକ ଧାରଣା ଓ ଗତାନୁଗତିକ ମନୋବୃତ୍ତି ପରିହାର କରିବାକୁ ପଡ଼ିବ । ଭାରତବର୍ଷରେ ସ୍ୱାଧୀନତାର ସୂର୍ଯ୍ୟୋଦୟ ହେବା ପରେ ସମାଜରେ ନାରୀମାନଙ୍କ ସ୍ଥାନ ସମ୍ପର୍କରେ ଅନେକ ପରିବର୍ତ୍ତନ ସଂଘଟିତ ହୋଇଛି । ସମାଜରେ ପ୍ରକୃତ ସ୍ୱାଧୀନତା ଲାଭ ନିମନ୍ତେ ନାରୀମାନଙ୍କ ସଂଗ୍ରାମ ଅବ୍ୟାହତ ରହିବା ଉଚିତ୍ । ପାଶ୍ଚାତ୍ୟ ଦେଶମାନଙ୍କରେ ନାରୀମାନଙ୍କ ସ୍ଥିତିର ବିକାଶ କଳ୍ପେ ସଂଗ୍ରାମ ଓ ଆନ୍ଦୋଳନମାନ ମୁଣ୍ଡ ଟେକି ଥିଲା । ଫଳରେ, ସେମାନେ ପୁରୁଷମାନଙ୍କ ସହିତ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା କରିବାର ସୁଯୋଗ ଓ ସ୍ୱାଧୀନତା ହାସଲ କରି ସେମାନଙ୍କ ପ୍ରତି ଥିବା ପୁରୁଷମାନଙ୍କ ମନୋବୃତ୍ତିର ଯଥାର୍ଥ ପରିବର୍ତ୍ତନ କରିପାରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ନାରୀ ଜାତିର ନିଦ୍ରାଭଙ୍ଗ ହୋଇଥିଲା ଏବଂ ସହସ୍ରାଧିକ ନାରୀ ସ୍ୱାଧୀନତା ସଂଗ୍ରାମ ଓ ସାମାଜିକ ସେବା କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଥିଲେ । ମାତ୍ର ପ୍ରକୃତ ପକ୍ଷେ ନାରୀ ଜାଗରଣ ସୃଷ୍ଟି ହୋଇଥିଲା ଊନବିଂଶ ଶତାବ୍ଦୀର ଶେଷ ଭାଗକୁ । କେତେକ ସମାଜ ସଂସ୍କାରକ ଓ ସଂସ୍କାରକାରୀ ଅନୁଷ୍ଠାନମାନଙ୍କ ଆପ୍ରାଣ ଚେଷ୍ଟା ଦ୍ୱାରା ବାପୁଜୀ ନାରୀମାନଙ୍କ ମଧ୍ୟରେ ବହୁମୁଖୀ ପରିବର୍ତ୍ତନ ଆଣିଥିଲେ ଏବଂ ତାଙ୍କରି ନିର୍ଦ୍ଦେଶରେ ଭାରତର ମୁକ୍ତି ସଂଗ୍ରାମରେ ବହୁ ସଂଖ୍ୟକ ନାରୀ ଅବତୀର୍ଣ୍ଣ ହୋଇଥିଲେ । ୧୯୧୮ ମସିହାର ପ୍ରଥମ ଭାଗରେ ବମ୍ବେଠାରେ ଏକ ଭାଷଣରେ ବାପୁଜୀ କହିଲେ, "ନାରୀ ପୁରୁଷର ସହଯୋଗୀ ଏବଂ ନାରୀ ଓ ପୁରୁଷ ସମବୁଦ୍ଧିର ଅଧିକାରୀ । ନାରୀର ପୁରୁଷ ସହିତ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରିବା ସ୍ୱାଧୀନତା ଓ ଯୋଗ୍ୟତା ରହିଛି ।" କାରଣ ଭାରତୀୟ ନାରୀମାନେ ଅଧିକ ଭଗବତ୍ ବିଶ୍ୱାସୀ ଏବଂ ସେମାନଙ୍କ ପାଖରେ ସ୍ନେହ, ପ୍ରେମ, ସହନଶକ୍ତି, ଉଦାରତା ଭାବ ଓ ଧୈର୍ଯ୍ୟ ଭରି ରହିଛି । ଫଳରେ ଅହିଂସା ସ୍ୱାଧୀନତା ସଂଗ୍ରାମରେ ସେମାନେ ସଫଳ ଭାବେ କାର୍ଯ୍ୟ କରିପାରିବେ । ଆମର ପାରମ୍ପରିକ ଦୃଷ୍ଟିକୋଣ ଅନୁଯାୟୀ ଭାରତୀୟ ନାରୀ ହେଉଛି ସତୀତ୍ୱର ଆଦର୍ଶ, ବିଶ୍ୱାସର ଉତ୍ସ ଓ ସ୍ୱାମୀ ଅନୁଗାମିନୀ । ପୁରାଣ ଶାସ୍ତ୍ରରୁ ଜଣାଯାଏ ପୁରାତନ ଭାରତରେ ନାରୀମାନେ ବହୁ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୋଇଥିଲେ । ବୈଦିକ ଯୁଗରେ ନାରୀମାନେ ପୁରୁଷମାନଙ୍କ ସହିତ ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକ କାର୍ଯ୍ୟରେ ସମାନ ସୁବିଧା ସୁଯୋଗ ଲାଭ କରିଥିଲେ । ମାତ୍ର ୨୫୦୦ ବର୍ଷ ତଳେ ସମାଜରେ ପୁରୁଷ ସ୍ତ୍ରୀ ମଧ୍ୟରେ ସମସ୍ଥାନ ନେଇ ବହୁ ସାମାଜିକ ବାଧା ଓ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ଯାହା ଫଳରେ ଜଣକର ନ୍ୟାଯ୍ୟ ଅଧିକାର ଉପରେ ବାରମ୍ବାର କୁଠାରଘାତ ହେଲା । ଏଣୁ ବହୁ ସାମାଜିକ ସଂଗଠନ ଭୁଷୁଡ଼ି ପଡ଼ିଲା । ନାରୀମାନେ ନିଜର ସ୍ୱାଧୀନତା ହରାଇ ପୁରୁଷମାନଙ୍କ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ହୋଇପଡ଼ିଲେ । ସେ ସମୟରେ ପର୍ଦ୍ଦା ପ୍ରଥା ପ୍ରଚଳିତ ଥିଲା । ନାରୀମାନଙ୍କୁ ସେମାନଙ୍କର ସମ୍ପତ୍ତି ମାଲିକାନାରୁ ବାଦ୍ ଦିଆଯାଉଥିଲା । ତେଣୁ ସେମାନେ ସମାଜରେ ଉପଯୁକ୍ତ ସ୍ଥାନ ପାଇବାରେ ବଞ୍ଚିତ ହେଉଥିଲେ । ପଞ୍ଚଦଶ ଶତାବ୍ଦୀର ଶେଷ ଆଡ଼କୁ ହିନ୍ଦୁମାନଙ୍କର ସାମାଜିକ ଜୀବନରେ ପରିବର୍ତ୍ତନ ଦେଖା ଗଲା ଏବଂ ସେହି ସମୟରେ ହିଁ ସେମାନଙ୍କ ସ୍ଥିତିର ଉନ୍ନତି ଘଟିଲା । ୧୯୧୭ ମସିହାରେ ମହିଳା ଭୋଟ ଦେବାର ଅଧିକାର ପାଇବା ପାଇଁ ଆନି ବେସାନ୍ତ, ସରୋଜିନୀ ନାଇଡୁ ଏବଂ ହୀରାବାଈ ପଣ୍ଡଙ୍କ ନେତୃତ୍ୱରେ ଏକ ବିପ୍ଳବ ଆରମ୍ଭ ହୋଇଥିଲା । ସ୍ୱାଧୀନ ଭାରତର ସମ୍ବିଧାନ ସାବାଳକ ଭୋଟ ପ୍ରଥା ଦ୍ୱାରା ନାରୀମାନଙ୍କୁ ପୁରୁଷମାନଙ୍କ ସହିତ ସମାନ ଅଧିକାର ପ୍ରଦାନ କଲା । ୧୯୫୫ ମସିହାରେ ହିନ୍ଦୁ ବିବାହ ଆଇନ୍ ପାର୍ଲାମେଣ୍ଟରେ ଉପସ୍ଥାପନ କରାଗଲା । ବହୁ ବାଦାନୁବାଦ ମଧ୍ୟରେ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ହିନ୍ଦୁ ବିବାହ ଆଇନ୍, ସ୍ୱତନ୍ତ୍ର ବିବାହ ଆଇନ୍, ହିନ୍ଦୁ ଭରଣ ପୋଷଣ ଆଇନ୍ ଇତ୍ୟାଦି ଅନୁମୋଦିତ ହେଲା । ହିନ୍ଦୁ ବିବାହ ଆଇନ୍ ଅନୁଯାୟୀ ବହୁ ବିବାହ ପ୍ରଥା ନିଷିଦ୍ଧ କରି ଏକ ବିବାହ ପ୍ରଥା ପ୍ରଚଳନ କରାଗଲା ଏବଂ ସ୍ତ୍ରୀ ପୁରୁଷ ଉଭୟଙ୍କୁ ସମାନ ଅଧିକାର ପ୍ରଦାନ କରାଗଲା । ସ୍ୱତନ୍ତ୍ର ବିବାହ ଆଇନ୍ ଅନୁଯାୟୀ ବିଭିନ୍ନ ଜାତି ଓ ଧର୍ମ ମଧ୍ୟରେ ନାରୀ ପୁରୁଷର ବିବାହକୁ ଅନୁମୋଦନ କରାଗଲା । ହିନ୍ଦୁ ଉତ୍ତରାଧିକାରୀ ଆଇନ୍ ଅନୁଯାୟୀ ସ୍ତ୍ରୀମାନଙ୍କୁ ପୁରୁଷମାନଙ୍କ ସହିତ ସମାନ ଅଧିକାର ପ୍ରଦାନ କରାଗଲା । ଆଜିକାଲି ହିନ୍ଦୁ ବିବାହ ଆଇନ୍ ଅନୁସାରେ ଝିଅ ବିଧବା ଏବଂ ମା'ମାନେ ପୁଅ ସନ୍ତାନମାନଙ୍କ ପରି ସମାନ ଭାବେ ସମ୍ପତ୍ତିରୁ ଅଂଶ ପାଇବାକୁ ହକ୍‌ଦାର ହେବା ସଙ୍ଗେ ସଙ୍ଗେ ଇଚ୍ଛା ଅନୁଯାୟୀ ସମ୍ପତ୍ତିକୁ ବିକ୍ରି ବନ୍ଧକ ଦେବାର ଅଧିକାର ପାଇଛନ୍ତି । ପରେ ୧୯୬୧ ମସିହାରେ ଯୌତୁକ ନିରୋଧ ଆଇନ୍ ଅନୁଯାୟୀ ସମାଜରେ ପ୍ରଚଳିତ ପ୍ରଥା ବ୍ୟାଧି ସ୍ୱରୂପ ଯୌତୁକ ପ୍ରଥାକୁ ନିଷିଦ୍ଧ କରାଗଲା । ଏହି ଆଇନ ଭାରତୀୟ ନାରୀ ଜାତିକୁ ନାରୀତ୍ୱର ମର୍ଯ୍ୟାଦା ଆଣିଦେଲା ଏବଂ ବର୍ଷ ବର୍ଷ ଧରି ଭୋଗ କରୁଥିବା ବିଭେଦ ଭାବକୁ ଦୂର କରି ସେମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ଫେରାଇ ଦେଲା ।

ସମାଜରେ ପରିବର୍ତ୍ତନ ମଧ୍ୟରେ ଭାରତୀୟ ନାରୀ ଜାତି ବହୁ ସଙ୍କଟ ଓ ବାଧାବିଘ୍ନ ଅତିକ୍ରମ କରି ନୂତନ ଯୁଗର ଦ୍ୱାର ଦେଶରେ ପହଞ୍ଚିଛନ୍ତି । ନିଜର ମାନବିକ ଅଧିକାର ଓ ପଦ ମର୍ଯ୍ୟାଦାକୁ ବଜାୟ ରଖିବା ପାଇଁ ସେମାନେ ଉଦ୍ୟମ ଅବ୍ୟାହତ ରଖିଛନ୍ତି । ଭାରତର ଉନ୍ନତି କଳ୍ପେ ପୁରୁଷମାନଙ୍କ ସହିତ ମିଶି ଜାତୀୟ

ସ୍ରୋତରେ ନିଜକୁ ସାମିଲ କରିବା ପାଇଁ ସେମାନେ ଆଗ୍ରହୀ । ଆମ ଓଡ଼ିଶାର ନାରୀମାନେ କ୍ରମେ କ୍ରମେ ସମାଜ, ଘର ଓ ପରିବାରରେ ସେମାନଙ୍କ ପଦମର୍ଯ୍ୟାଦା ସାବ୍ୟସ୍ତ କରିବାରେ ଦୃଢ଼ ଭାବେ ସଙ୍କଳ୍ପ ବଦ୍ଧ । ନାରୀମାନେ ଯେପରି ସ୍ୱାଧୀନ ଭାବେ ସେମାନଙ୍କ ମତବ୍ୟକ୍ତ କରିପାରିବେ ଓ ଦେଶର ସର୍ବବିଧ ଉନ୍ନତିରେ ନିଜକୁ ନିୟୋଜିତ କରିପାରିବେ ସେଥିପାଇଁ ଆମ ରାଜ୍ୟ ସରକାର ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଉପରୋକ୍ତ ଲକ୍ଷ୍ୟ ସାଧନ ନିମନ୍ତେ ଓଡ଼ିଶା ସରକାର କେତେକ ସୁଚିନ୍ତିତ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏସବୁ ସମାଜରେ ସେମାନଙ୍କର ପଦ ମର୍ଯ୍ୟାଦା ବୃଦ୍ଧି କରିବାରେ ସହାୟକ ହେବ ।

**ମହିଳା ବିକାଶ ନିଗମ :**

ରାଜ୍ୟ ସରକାର ମହିଳାମାନଙ୍କର ବିକାଶ ନିମନ୍ତେ ମହିଳା ବିକାଶ ନିଗମ ନାମକ ଏକ ଅନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି । ଏହି ମହିଳା ବିକାଶ ନିଗମର କାର୍ଯ୍ୟକ୍ରମ ହେଲା ମହିଳା ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରିବା, ସେମାନଙ୍କ ପାଇଁ ଯୋଜନା ପ୍ରସ୍ତୁତ କରିବା, ସେମାନଙ୍କୁ ବୈଷୟିକ ପରାମର୍ଶର ସୁବିଧା ସୁଯୋଗ ଯୋଗାଇ ଦେବା, ବ୍ୟାଙ୍କ୍ ଏବଂ ଆର୍ଥିକ ସଂସ୍ଥାମାନଙ୍କ ଜରିଆରେ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରିବା, ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଦ୍ରବ୍ୟଗୁଡ଼ିକର ବିକ୍ରି ଲାଗି ଉପଯୁକ୍ତ ବଜାର ସୁବିଧା ଯୋଗାଇ ଦେବା । ଏତଦ୍ ବ୍ୟତୀତ, ମହିଳା ପଲିଟେକନିକ୍ ଜରିଆରେ ମହିଳା ହିତାଧିକାରୀମାନଙ୍କ ପାଇଁ ତାଲିମ୍‌ର ବ୍ୟବସ୍ଥା କରିବା ଏହାର ପରିସର ଅନ୍ତର୍ଭୁକ୍ତ । ମୋଟ ଉପରେ, ଏହି ମହିଳା ବିକାଶ ନିଗମ ରାଜ୍ୟର ମହିଳାମାନଙ୍କ ପାଇଁ ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟ ଯୋଗାଇ ଦେଇ ସେମାନଙ୍କ ପାଇଁ ଅର୍ଥର ପନ୍ଥା ସୃଷ୍ଟି କରିଛି । ଏହି ନିଗମର ଅନୁମୋଦିତ ଅଂଶ ମୂଳଧନର ପରିମାଣ ହେଉଛି ୨ କୋଟି ଟଙ୍କା । ଏହି ପରିକଳ୍ପନାର ମୂଳଲକ୍ଷ୍ୟ ହେଲା ମହିଳା ସମିତି ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ତଥା "ଗ୍ରାମାଞ୍ଚଳରେ ମହିଳା ଓ ଶିଶୁ ଉନ୍ନୟନ" ପରିକଳ୍ପନାର ଅନ୍ତର୍ଭୁକ୍ତ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକ ବିକ୍ରିର ସୁବିଧା କରିବା । ଏ ବିକ୍ରୟ କେନ୍ଦ୍ରଗୁଡ଼ିକ ସୁରୁଖୁରୁରେ କାର୍ଯ୍ୟ କରିବା ନିମନ୍ତେ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ପ୍ରଥମ ଅବସ୍ଥାରେ ୨୫,୦୦୦ ଟଙ୍କାର ମୂଳ ଧନ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ମହିଳା ବିକ୍ରେତାମାନଙ୍କୁ ଏବଂ ବିକ୍ରି କାର୍ଯ୍ୟରେ ସାହାଯ୍ୟ କରୁଥିବା ଲୋକମାନଙ୍କୁ ପାରିତୋଷିକ ଦେବା ତଥା କଣ୍ଟିଜେନ୍‌ସି ପାଣ୍ଠି ବାବଦରେ ପୌନଃପୌନିକ ଖର୍ଚ୍ଚ ହିସାବରେ ୧୦,୩୦୦ ଟଙ୍କା ଦେବାର ବ୍ୟବସ୍ଥା ହୋଇଛି । ଏହା ବ୍ୟତୀତ ରାଜ୍ୟ ଯୋଜନା ପାଣ୍ଠିରୁ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଉପକରଣ ତଥା ଆବଶ୍ୟକୀୟ ଆସବାବପତ୍ର ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

**ମହିଳାମାନଙ୍କ ନିମନ୍ତେ ନିଯୁକ୍ତି ବ୍ୟବସ୍ଥା :**

ସମାଜରେ ଥିବା ଦୁର୍ବଳ ଶ୍ରେଣୀର ମହିଳାମାନଙ୍କୁ ତାଲିମ୍ ଦେବା ନିମନ୍ତେ ଓ ନିଯୁକ୍ତିର ବ୍ୟବସ୍ଥା ଯୋଗାଇଦେବା ଲାଗି ରାଜ୍ୟ ସରକାର ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ବେସରକାରୀ ଉଦ୍ୟୋଗ ସ୍ୱୟଂଚାଳିତ ସଂସ୍ଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଭିନ୍ନ ଭିନ୍ନ ନିଗମ ଇତ୍ୟାଦି ଜରିଆରେ ସମ୍ପାଦିତ ହୋଇଥାଏ । ଏହି କାର୍ଯ୍ୟକ୍ରମ ପାଇଁ ଆନ୍ତର୍ଜାତିକ ଉନ୍ନୟନ ଲାଗି ପ୍ରତିଷ୍ଠିତ ହୋଇଥିବା ନରୱେ ସଂସ୍ଥାରୁ ବହୁ ସାହାଯ୍ୟ ମିଳିଥାଏ । ବିଭିନ୍ନ ନୂତନ ପ୍ରୋଜେକ୍ଟମାନଙ୍କରେ ତାଲିମ୍ ଦେବା ଲାଗି ଆବଶ୍ୟକୀୟ ଉପକରଣ ଯୋଗାଣ ନିମନ୍ତେ ଏବଂ କାର୍ଯ୍ୟ କରୁଥିବା ପ୍ରୋଜେକ୍ଟମାନଙ୍କର ସମ୍ପ୍ରସାରଣ ପାଇଁ ଏହି କାର୍ଯ୍ୟକ୍ରମ ଜରିଆରେ ମିଳୁଥିବା ସାହାଯ୍ୟ ବ୍ୟବହୃତ ହୋଇଥାଏ । ବ୍ୟବସାୟିକ ଧନ୍ଦା ସମ୍ପର୍କିତ ତାଲିମ୍ ଦେବା ସହିତ ମହିଳାମାନଙ୍କୁ ଉପଯୁକ୍ତ କଞ୍ଚାମାଲ ଯୋଗାଣ, ପ୍ରସ୍ତୁତ ଦ୍ରବ୍ୟଗୁଡ଼ିକର ଗୁଣାତ୍ମକ ମାନ ନିୟନ୍ତ୍ରଣ ଏବଂ ଏ ସବୁର ଉପଯୁକ୍ତ ତଦାରଖ ତଥା ବଜାର ସୁବିଧା ଯୋଗାଇ ଦିଆଯିବା ଲାଗି ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରିଛନ୍ତି । ଏହି ତାଲିମ୍ ସାଧାରଣତଃ ବର୍ଷକ ପାଇଁ ନିର୍ଦ୍ଦିଷ୍ଟ ରହିଛି ଏବଂ ଏଥିପାଇଁ ମୁଣ୍ଡପିଛା ଖର୍ଚ୍ଚ ୮,୦୦୦ ଟଙ୍କାରୁ ଅଧିକ ହେବା ଉଚିତ ନୁହେଁ । ଏତଦ୍ ବ୍ୟତୀତ ଖଦୀ ଏବଂ ଗ୍ରାମାଞ୍ଚଳ ଶିଳ୍ପ ମାଛ ଚାଷ, ପଶୁପାଳନ, କୃଷି, ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ରେଶମ ଚାଷ ଇତ୍ୟାଦି ବିଭିନ୍ନ ଉଦ୍ୟୋଗରେ ମହିଳାମାନେ ପର୍ଯ୍ୟାପ୍ତ ଭାବେ ଯେପରି ନିଯୁକ୍ତି ପାଇବେ ସେଥିଲାଗି ଗୋଟିଏ ନୂତନ କେନ୍ଦ୍ରୀୟ ପରିକଳ୍ପନାର ପ୍ରବର୍ତ୍ତନ କରାଯାଇଛି । ଆମ ରାଜ୍ୟ ସରକାର ଏହି ପରିକଳ୍ପନା ଜରିଆରେ ସମାଜରେ ଥିବା ଦରିଦ୍ରତମ ଅସହାୟ ମହିଳାମାନଙ୍କ ଅଗ୍ରାଧିକାର ଭିତ୍ତିରେ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଇବା ଲାଗି ତତ୍ପରତା ପ୍ରକାଶ କରିଛନ୍ତି । ଏଥିରେ ଅନ୍ତର୍ଭୁକ୍ତ ହୋଇଥିବାର ଲୋକମାନେ ହେଲେ ଦିନ ମଜୁରିଆ ମହିଳା ଶ୍ରମିକ ପରିବାରରେ ରୋଜଗାର କରୁନଥିବା ବ୍ୟକ୍ତି, ଗୃହିଣୀ, ଅନ୍ୟ ସ୍ଥାନରୁ ଉଠି ଆସି ବାସକରୁଥିବା ଦରିଦ୍ର ଲୋକ, ଶ୍ରମିକ, ଆଦିବାସୀ, ସମ୍ବଳହୀନ ଅସହାୟ ବ୍ୟକ୍ତି । ଆମର ଏହି ପରିକଳ୍ପନା ଲାଗି ମିଳୁଥିବା ସାହାଯ୍ୟରୁ ମୋଟ ପ୍ରକଳ୍ପ ଖର୍ଚ୍ଚ ଶତକଡ଼ା ୯୦ ଭାଗ କେନ୍ଦ୍ର ସରକାରଙ୍କଠାରୁ ମିଳିଥାଏ ଏବଂ ବାକି ଶତକଡ଼ା ୧୦ ଭାଗ ସମ୍ପୃକ୍ତ ସଂସ୍ଥାମାନେ ଦେବାର ବ୍ୟବସ୍ଥା ହୋଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ଗାଁ ଗହଳର ମହିଳାମାନଙ୍କୁ କର୍ମ ଯୋଗାଇ ଦିଆଯାଇଥାଏ । ରାଜ୍ୟରେ ଅସହାୟ ମହିଳାମାନଙ୍କୁ ଧନ୍ଦାମୂଳକ ତାଲିମ ଦେବା ଲାଗି ୧୯୯୦–୯୧ରେ ୮ ଲକ୍ଷ ଟଙ୍କା ବ୍ୟୟ ବରାଦ ସମ୍ବଳିତ ଏକ ପରିକଳ୍ପନା ଆରମ୍ଭ କରାଯାଇଛି । ଏଥି ଲାଗି ସ୍ୱତନ୍ତ୍ର ତାଲିମ୍ ବିଷୟଗୁଡ଼ିକ ହେଲା ସିଲେଇ ଶିକ୍ଷା, ବୁଣାବୁଣି, ଖୋଦେଇ, ଛୁଞ୍ଚିକାମ, କସେଇ ତିଆରି ଏବଂ ନଡ଼ିଆକତାରେ ପ୍ରସ୍ତୁତ ସାମଗ୍ରୀ ଇତ୍ୟାଦି । ଥରକେ ୨୫ ଜଣ ମହିଳାଙ୍କୁ ୧୦ ମାସ ପର୍ଯ୍ୟନ୍ତ ତାଲିମ୍ ଦିଆଯାଇଥାଏ । ମୁଣ୍ଡପିଛା ପ୍ରତ୍ୟେକ ମହିଳାଙ୍କ ବୃତ୍ତିର ହାର ହେଉଛି ଅଣଆବାସିକ ହୋଇଥିଲେ ମାସକୁ ୧୦୦ ଟଙ୍କା ଏବଂ ଆବାସିକ ହୋଇଥିଲେ ମାସକୁ ୨୫୦ ଟଙ୍କା ଯୋଗାଇ ଦିଆଯାଏ । ତାଲିମ୍ ଶେଷ ହେବା ପରେ ତାଲିମ୍ ପ୍ରାପ୍ତ ମହିଳାମାନଙ୍କୁ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ଜରିଆରେ ହିତାଧିକାରୀମାନଙ୍କୁ ଥଇଥାନ କରାଯାଏ ।

## କର୍ମଜୀବୀ ମହିଳା ନିବାସ :

ମହିଳାମାନଙ୍କ ନିରାପତ୍ତା ଲାଗି ସତର୍କ ଦୃଷ୍ଟି ରଖି ରାଜ୍ୟ ସରକାର କର୍ମଜୀବୀ ମହିଳାମାନଙ୍କ ନିମନ୍ତେ ଅନେକଗୁଡ଼ିଏ କର୍ମଜୀବୀ ମହିଳା ନିବାସ ନିର୍ମାଣ କରିବାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଯେଉଁ କର୍ମଜୀବୀ ମହିଳାମାନେ ମାସକୁ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି ସେମାନଙ୍କୁ ଉକ୍ତ ମହିଳା ନିବାସରେ ତିନି ବର୍ଷ ପର୍ଯ୍ୟନ୍ତ ରହିବାର ସୁବିଧା ଯୋଗାଇ ଦିଆଯାଇଛି ଏବଂ ଆବଶ୍ୟକ ସ୍ଥଳେ ନିରାଶ୍ରୟାମାନଙ୍କ ପାଇଁ ୫ ବର୍ଷ ପର୍ଯ୍ୟନ୍ତ ରହିବାର ବ୍ୟବସ୍ଥା ମଧ୍ୟ ରହିଛି । ଆଦିବାସୀ ତଥା ହରିଜନ ମହିଳାମାନଙ୍କ ପାଇଁ ଉକ୍ତ ନିବାସରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି । ଶତକଡ଼ା ୭.୫ ଭାଗ ଆଦିବାସୀ ଶତକଡ଼ା ୧୫ ଭାଗ ହରିଜନମାନଙ୍କ ଲାଗି ସ୍ଥାନ ସଂରକ୍ଷିତ । ଏତଦ୍ ବ୍ୟତୀତ, ଶତକଡ଼ା ୫ ଭାଗ ସ୍ଥାନ ବିଧବା ଓ ନିଃସହାୟ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି । ବର୍ତ୍ତମାନ ସୁଦ୍ଧା ଦଶଗୋଟି କର୍ମଜୀବୀ ମହିଳା ନିବାସର ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଛି ଓ ୧୪ ଗୋଟି ନିବାସ ନିର୍ମାଣାଧୀନ । ସରକାରଙ୍କ ଯୋଜନା ଅନୁଯାୟୀ ସମସ୍ତ ନିବାସ ସମ୍ପୂର୍ଣ୍ଣ ହେଲେ ରାଜ୍ୟରେ ସର୍ବମୋଟ ୨୩ଟି ନିବାସ ଗଢ଼ି ଉଠିବ ଏବଂ ଏହା ଦ୍ୱାରା ୧୩୩୭ ଜଣ ମହିଳା ଉପକୃତ ହେବେ ।

## ଯୌତୁକ ନିରୋଧ ଆଇନ୍ :

ବିବାହ ଏକ ପବିତ୍ର ବନ୍ଧନ । ପୁରୁଷ ଓ ନାରୀ ଅଗ୍ନିକୁ ସାକ୍ଷୀ ରଖି, ଧର୍ମକୁ ସାକ୍ଷୀ ରଖି ପରସ୍ପରକୁ ଚିରଦିନ ପାଇଁ ବୈବାହିକ ବନ୍ଧନରେ ବାନ୍ଧି ରଖନ୍ତି । ବୈଦିକ ଯୁଗରୁ ଏହି ପୁଣ୍ୟ ବିବାହ ପ୍ରଥା ସମାଜରେ ପ୍ରଚଳିତ ହୋଇଆସୁଛି । ଋକ୍ ବେଦର ସୁପବିତ୍ର ମନ୍ତ୍ରାବଳୀରେ ବିବାହ କିଭଳି ସମାପନ ହୁଏ ତାହାର ବିଧି ବିଧାନ ବର୍ଣ୍ଣିତ ଅଛି । ଏହି ଅନବଦ୍ୟ ମନ୍ତ୍ରର ତାତ୍ପର୍ଯ୍ୟ ହେଲା ପବିତ୍ର ଚିତ୍ତରେ ପରସ୍ପରକୁ ଗ୍ରହଣ କରିବା । ଏ ଶପଥର ମୂଳମନ୍ତ୍ର ହେଲା–ମଙ୍ଗଳ ନିମନ୍ତେ ପତି ପତ୍ନୀର ପାଣି ଗ୍ରହଣ କରେ । ତେଣୁ ମଙ୍ଗଳ ହିଁ ବିବାହର ଉଦ୍ଦେଶ୍ୟ । ଆମ ଶାସ୍ତ୍ରରେ ଅଛି ପୂର୍ବ ଉପାର୍ଜିତା ବିଦ୍ୟା, ପୂର୍ବ ଉପାର୍ଜିତା କନ୍ୟା, ଅଗ୍ରେ ବିଦ୍ୟ ସମଦୁର୍ଲଭ । ଏବଂ ବହୁ ଶ୍ରମ ସାପେକ୍ଷ ମହନୀୟ ବିଷୟ ସଙ୍ଗେ କନ୍ୟାକୁ ମଧ୍ୟ ସମ ଆସନ ଦିଆଯାଇଛି । ଏଥିରୁ କନ୍ୟା କିଭଳି ଭାବରେ ସମାଜରେ ସମ୍ମାନିତା ତଥା ମହତ୍ତ୍ୱର ଅଧିକାରୀଣୀ, ତାହା ସହଜରେ ଅନୁମେୟ । କନ୍ୟା ଦାନକୁ ମଧ୍ୟ ଏକାନ୍ତ ପୁଣ୍ୟକର୍ମ ଭାବରେ ବିଶ୍ୱାସ କରାଯାଏ । କନ୍ୟାରତ୍ନ ସେ ଶ୍ରୀ, ସେ କ୍ଷମା, ସେ ସେବା, ସେ ପ୍ରୀତି ଏହି ଭଳି ବହୁ ଗୁଣାବଳୀର ମୂର୍ତ୍ତିମନ୍ତ ପ୍ରତୀକ । ରତ୍ନ ଅର୍ଥ ସମସ୍ତ ଶ୍ରେଷ୍ଠ ଗୁଣର ଅଧିକାରିଣୀ । ତେଣୁ କନ୍ୟାଦାନ କରି ପିତା ନିଜକୁ ଧନ୍ୟ ମନେ କରେ ; ପତି ମଧ୍ୟ ପତ୍ନୀ ଗ୍ରହଣ କରି ହୁଏ ଶ୍ରୀମଣ୍ଡିତ, ପରିପୂର୍ଣ୍ଣ ତଥା ସୌଭାଗ୍ୟବାନ୍ । ମାତ୍ର ଦାନ ଦେଲେ ଦକ୍ଷିଣା ଦେବାକୁ ହିଁ ହୁଏ ଏବଂ ଏହା ବିଧି ସଙ୍ଗତ । ଏହା ସ୍ନେହ ଶ୍ରଦ୍ଧା ମଣ୍ଡିତ ବାତ୍ସଲ୍ୟ ମମତା ପୂର୍ଣ୍ଣ ଯତ୍‌କିଞ୍ଚିତ ଦକ୍ଷିଣା । ପିତା ମାତା ପୁତ୍ରପ୍ରତିମ ଜାମାତା ହସ୍ତରେ ଆଦରଣୀୟା କନ୍ୟାଟିକୁ ଅର୍ପଣ କରି ଦେଲାବେଳେ ସ୍ୱତଃ ପ୍ରବୃତ୍ତ ଭାବେ ସାମାନ୍ୟ ସ୍ନେହଭରା ଉପହାର ଦେଇଥାନ୍ତି, ଯାହାକି ସେମାନଙ୍କର ପରବର୍ତ୍ତୀ ଜୀବନଯାପନରେ ସହାୟକ ହୋଇଥାଏ । ଏହି ଉପହାରରେ କୌଣସି 'ପଣ' ବା 'ଦାବୀ' ନଥିଲା । ଏଥିରେ ବାଧ୍ୟ ବାଧକତା ନଥିଲା । ପତ୍ର ପୁଷ୍ପ ଫଳ ଯାହା କିଛି ମିଳୁ ତାକୁ ଗ୍ରହଣ କରି ବନ୍ଧୁ ବୋହୂ ଧରି ଆନନ୍ଦରେ ଘରକୁ ଫେରି ଯାଉଥିଲା । ଆଜି ସେହି ଉପହାର ଦାବୀରେ ପରିଣତ ହୋଇଛି । ଏଥିପାଇଁ ସମାଜରେ ବହୁ ସୁନ୍ଦରୀ, ଶିକ୍ଷିତା, ସୁଗୁଣ ସମ୍ପନ୍ନା, ଉପାର୍ଜନକ୍ଷମା ଝିଅଙ୍କୁ ଯୌତୁକ ଜନିତ ବାଧ୍ୟ ଦ୍ୱାରା ସଂତ୍ରସ୍ତ ହୋଇ ପ୍ରାଣବଳୀ ଦେବାକୁ ପଡୁଛି । ଏଥି ନିମନ୍ତେ ୧୯୬୧ ମସିହାରେ ପାର୍ଲାମେଣ୍ଟରେ ଯୌତୁକ ନିରୋଧ ଆଇନ୍ ପ୍ରଣୟନ କରାଯାଇଥିଲା । ଆମର ସମାଜ କଲ୍ୟାଣ ବିଭାଗ ଯୌତୁକ ନିରୋଧ ଆଇନ୍ (୧୯୬୧ ମସିହା)ର ଏକ ଓଡ଼ିଆ ଅନୁବାଦ ସମ୍ପ୍ରତି ପ୍ରକାଶ କରି ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ମଧ୍ୟରେ ବଣ୍ଟନ କରିଛନ୍ତି । ଗଣଚେତନା, ଯୌତୁକ ବିରୋଧୀ ଅଭିଯାନ, ସାଧାରଣ ସଭା, ରେଡ଼ିଓ ତଥା ଟେଲିଭିଜନ୍ ମାଧ୍ୟମରେ ଆଲୋଚନା, ବିଭିନ୍ନ ସ୍ଥାନୀୟ ସମ୍ବାଦପତ୍ର ପତ୍ରିକା ମାଧ୍ୟମରେ ବିଜ୍ଞାପନ ପ୍ରକାଶନ ଜରିଆରେ ବ୍ୟାପକ ଗଣଚେତନା ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଲା ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ଜରିଆରେ ଯୌତୁକ ବିହୀନ ବିବାହର ବାର୍ତ୍ତା ପ୍ରସ୍ତୁତ କରିବା । ଗତ ମାର୍ଚ୍ଚ ମାସରେ 'ଯୌତୁକ ଏକ ସାମାଜିକ ବ୍ୟାଧି' ଶୀର୍ଷକ ଏକ ସ୍ୱତନ୍ତ୍ର ରାଜ୍ୟ ସ୍ତରୀୟ ସମ୍ମିଳନୀ ଆହୂତ ହୋଇଥିଲା । ବିନା ଯୌତୁକରେ ବିବାହ କରିବା ପାଇଁ ଉତ୍ସାହ ଦେବା ନିମନ୍ତେ ସରକାର ଏ ସବୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହା ବ୍ୟତୀତ ଯୌତୁକ ନେଉଥିବା ଏବଂ ଦେଉଥିବା ବ୍ୟକ୍ତିମାନଙ୍କୁ ଧରାଇ ଦେଲେ ସରକାରଙ୍କ ତରଫରୁ ସମ୍ବାଦ ଦେଇଥିବା ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବ୍ୟବସ୍ଥା ରହିଛି ।

## ମହିଳାମାନଙ୍କ ନିମନ୍ତେ ସ୍ୱଳ୍ପକାଳୀନ ରହଣି ଆବାସ :

ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ଜରିଆରେ ଆମ ରାଜ୍ୟରେ ମହିଳାମାନଙ୍କ ନିମନ୍ତେ ସ୍ୱଳ୍ପକାଳୀନ ରହଣି ନିମନ୍ତେ ଭିନ୍ନ ଭିନ୍ନ ସ୍ଥାନମାନଙ୍କ ର ଆବାସମାନ ସ୍ଥାପନ କରାଯାଇଛି । ଯେଉଁ ଝିଅ ବା ସ୍ତ୍ରୀଲୋକମାନେ ବିଭିନ୍ନ ନୈତିକ ବିପଦର ସମ୍ମୁଖୀନ ହୋଇଥାନ୍ତି କିମ୍ବା ପରିବାରର ଅଶାନ୍ତିକର ପରିସ୍ଥିତିରେ ଶୀକାର ହୋଇଥାନ୍ତି ଏହି ଆବାସଗୁଡ଼ିକ ସେହିମାନଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ । ଏହି ସ୍ୱଳ୍ପକାଳୀନ ବାସଗୃହଗୁଡ଼ିକ ଖୋଲୁ ରଖିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଶତକଡ଼ା ୧୦୦ ଭାଗ ସାହାଯ୍ୟ ମିଳିଥାଏ ।

## ବିଧବା ଭତ୍ତା ବୃଦ୍ଧି :

ଏହି ସରକାରଙ୍କ ଅମଳରେ ପୂର୍ବ ପ୍ରଚଳିତ ଭତ୍ତାର ପରିମାଣ ବୃଦ୍ଧି ପାଇଛି । ସରକାରଙ୍କ ଏହି ଯୋଜନା ଅନୁଯାୟୀ ୬୦ ବର୍ଷ ବା ଏହାଠାରୁ ବୟୋସାଧିକ ବିଧବା ଅସହାୟା ବୃଦ୍ଧା

ମହିଳାମାନଙ୍କ ଭତ୍ତାର ପରିମାଣ ୪୦ ରୁ ୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଥିବା ବିଧବାମାନଙ୍କ ପାଇଁ ବୟସସୀମା ଉଠାଇ ଦିଆଯାଇଛି ।

(ଆଇ. ଆର. ଡି. ପି.) ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ପ୍ରାରମ୍ଭ କାଳରୁ ରାଜ୍ୟର ସମସ୍ତ ବ୍ଳକରେ ଲାଗୁ କରାଯାଇଛି । ଏହି ଯୋଜନାର ମୂଳଲକ୍ଷ୍ୟ ୪୦୦ ଟଙ୍କାରୁ କମ୍ ରୋଜଗାର କ୍ଷମ ଗ୍ରାମ୍ୟ ପରିବାର ମାନଙ୍କ ପାଇଁ ବିଧିବଦ୍ଧ ଭାବେ ସରକାରୀ ସବ୍‌ସିଡ଼ି ଓ ଆନୁଷ୍ଠାନିକ ଋଣ ପ୍ରଦାନ ଏବଂ ଅର୍ଥନୈତିକ କାର୍ଯ୍ୟକ୍ରମ ଜରିଆରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସାଧାରଣଙ୍କୁ ସାହାଯ୍ୟ । ଏହି ଯୋଜନା କ୍ରମରେ କୃଷି କ୍ଷୁଦ୍ର ଜଳସେଚନ, ମୃତ୍ତିକା ସଂରକ୍ଷଣ, ପଶୁପାଳନ କ୍ଷେତ୍ର, କୁଟୀର ଶିଳ୍ପ ତଥା ବୈଷୟିକ ସେବା, ଓ ବ୍ୟବସାୟ ଇତ୍ୟାଦି କ୍ଷେତ୍ରରେ ପ୍ରାରମ୍ଭିକ, ପ୍ରାଥମିକ ଏବଂ ପ୍ରବେଶ ତିନି ଗୋଟି ପର୍ଯ୍ୟାୟରେ ଅର୍ଥନୈତିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମ ଲାଗୁ କରାଯିବା ଅବସରରେ ଆଦିବାସୀ ଓ ତଫସିଲଭୁକ୍ତ ଜାତିର ଲୋକମାନଙ୍କୁ ଶତକଡ଼ା ୫୦ ଭାଗ ହାରରେ ପରିବାର ପିଛା ୫,୦୦୦ ଟଙ୍କା ଯାଏଁ ସବ୍‌ସିଡ଼ି ଦିଆଯିବାର ବ୍ୟବସ୍ଥା ରହିଛି । ଚଳିତ ଆର୍ଥିକ ବର୍ଷ ମଧ୍ୟରେ ୧୯୯୦ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟରେ ସମନ୍ୱିତ ଗ୍ରାମ୍ୟଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ୬୫,୮୧୫ ଗୋଟି ନୂତନ ଯୋଗୋଷ୍ଠା ପରିବାର ସାଙ୍ଗକୁ ୧,୪୫୨ ଗୋଟି ପୁରାତନ ପରିବାର ସହିତ ମୋଟ ୬୭,୨୬୭ ପରିବାର ସାହାଯ୍ୟ ପାଇଛନ୍ତି । ଏଥି ମଧ୍ୟରେ ୧୭,୦୮୭ (ଶତକଡ଼ା ୨୫ ଭାଗ) ମହିଳା ଅନ୍ତର୍ଭୁକ୍ତ । ୧୫,୩୦୪ (ଶତକଡ଼ା ୨୩ ଭାଗ) ତଫସିଲଭୁକ୍ତ ଜାତି ଓ ୨୨,୬୨୬ (ଶତକଡ଼ା ୩୪ ଭାଗ) ଆଦିବାସୀ ସମ୍ପ୍ରଦାୟର ପରିବାର ଅଛନ୍ତି । ଏହି ପରିବାରଗୁଡ଼ିକୁ ସାହାଯ୍ୟ ଦେବା ବାବଦରେ ସରକାରଙ୍କର ୧୦୭୩-୬୬ ଲକ୍ଷ ଟଙ୍କା ସବ୍‌ସିଡ଼ି ଆକାରରେ ଏବଂ ୧୨୫୪-୭୩ ଲକ୍ଷ ଟଙ୍କା ଋଣ ଆକାରରେ ବିନିଯୋଗ କରାଯାଇଛି ।

## ଗ୍ରାମାଞ୍ଚଳରେ ମହିଳା ଓ ଶିଶୁକଲ୍ୟାଣ ଯୋଜନା (ଡ୍ୱାକ୍ରା) :

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମର ଏକ ଶାଖାଯୋଜନା ଭାବେ ଡ୍ୱାକ୍ରା କାର୍ଯ୍ୟକ୍ରମ ମହିଳାମାନଙ୍କର ବିଶେଷ ଉନ୍ନତି ପାଇଁ ଧ୍ୟାନ ଦେଇଥାଏ । ଏହି ଯୋଜନା ମାଧ୍ୟମରେ ମହିଳା ଗୋଷ୍ଠୀଙ୍କ ଅର୍ଥନୈତିକ କାର୍ଯ୍ୟକ୍ରମ ଜରିଆରେ ଆୟବୃଦ୍ଧି ତଥା ସେମାନଙ୍କ ପରିବାର ବର୍ଗଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇବା ଉଦ୍ୟମକୁ ଉତ୍ସାହିତ କରାଯାଇଥାଏ । ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ମହିଳାମାନଙ୍କ ସକ୍ରିୟ ସହଯୋଗ ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଏ । ସେମାନଙ୍କୁ ୧୫ ରୁ ୨୦ ଜଣିଆ ଦଳରେ ସଂଗଠିତ କରି ଅର୍ଥନୈତିକ କାର୍ଯ୍ୟକ୍ରମମାନ ଗ୍ରହଣ କରିବା ପାଇଁ ଗୋଷ୍ଠୀଗତ ଭାବେ ସାହାଯ୍ୟ ଦିଆଯାଇଥାଏ । ଏହି ଯୋଜନା ଢେଙ୍କାନାଳ, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ଼, କଳାହାଣ୍ଡି ଜିଲ୍ଲାରେ କାର୍ଯ୍ୟକାରୀ ହୋଇ ସାରିଛି ଏବଂ ଚଳିତ ବର୍ଷ କୋରାପୁଟ ଜିଲ୍ଲାରେ ଏହାର କାର୍ଯ୍ୟ ଆରମ୍ଭ କରାଯାଇଛି । ଢେଙ୍କାନାଳ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ଡ୍ୱାକ୍ରା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇ ପ୍ରତି ବ୍ଲକରେ ୩୦ ଗୋଟି ଲେଖାଏଁ ଗୋଷ୍ଠୀ ଗଠିତ ହୋଇଛି । ଚଳିତ ବର୍ଷ ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏ ହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯିବାର ଯୋଜନା ଗ୍ରହଣ କରାଯାଇଛି । ପ୍ରତି 'ଡ୍ୱାକ୍ରା' ବ୍ଲକରେ ୨ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟରେ ଏକ ଗୋଷ୍ଠୀ ମଙ୍ଗଳ ବହୁମୁଖୀ ଗୃହ ନିର୍ମାଣ ପାଇଁ ବ୍ୟବସ୍ଥା ରହିଛି । ବର୍ତ୍ତମାନ ସୁଦ୍ଧା ୬୦ଟି ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ମଞ୍ଜୁର କରାଯାଇଛି । ସେଥିରୁ ୧୬ଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଓ ଅନ୍ୟଗୁଡ଼ିକ ନିର୍ମାଣାଧୀନ । ପ୍ରତ୍ୟେକ ବ୍ଲକ୍‌ରେ ଜଣେ ମହିଳା ତତ୍ତ୍ୱାବଧାରିକା ଓ ଜଣେ ଗ୍ରାମ୍ୟ ଭିତ୍ତିକ ମହିଳା କର୍ମଚାରୀ ଏହି ଯୋଜନାର ସଫଳ ରୂପାୟନ ପାଇଁ ନିଯୁକ୍ତି ପାଇଥାନ୍ତି । ମହିଳା ଉନ୍ନୟନ ଅଫିସର ଏବଂ ଗ୍ରାମ୍ୟଭିତ୍ତିକ ମହିଳା କର୍ମଚାରୀଙ୍କ ଦରମା "ୟୁନିସେଫ୍" ବହନ କରୁଥିବା ବେଳେ ମହିଳା ତତ୍ତ୍ୱାବଧାରିକାମାନଙ୍କ ଦରମା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଏଜେନ୍ସି (ଆଇ. ଆର. ଡି. ପି.) ବହନ କରିଥାଏ ।

ରାଜ୍ୟ ସରକାର ମହିଳାମାନଙ୍କର ଉନ୍ନତି କଳ୍ପେ ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରି ପୁରପଲ୍ଲୀରେ ପ୍ରଶଂସିତ ହୋଇ ପାରିଛନ୍ତି । ଆମର ନାରୀ ସମାଜ ତାର ଅଧିକାର ଓ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖି ଆଗାମୀ ଦିନର ଗୁରୁଦାୟିତ୍ୱ ତୁଲାଇବାକୁ ସକ୍ଷମ ହେଉ, ଏହାହିଁ ଆମ ସମସ୍ତଙ୍କର ଆଶା ଓ ଆକାଂକ୍ଷା ।

---

ଅଧ୍ୟକ୍ଷା, ଉଷାଦେବୀ ମହିଳା ମହାବିଦ୍ୟାଳୟ,
ଗ୍ରା.ପୋ.–ଅଣ୍ଡରା, ଜି. କଟକ ।

# ବିକଳାଙ୍ଗଙ୍କ ଶିକ୍ଷା ବ୍ୟବସ୍ଥା ଓ ଆମର ଦାୟିତ୍ୱ

• ଶ୍ରୀ ବିହାରୀ ଚରଣ ରଥ

ଜନଗଣନାର ଭିତ୍ତି ଉପରେ ନିର୍ଭର କରିଆସୁଛି ଜନମଙ୍ଗଳ କାର୍ଯ୍ୟର ସଫଳ ରୂପାୟନ । ଆମଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧି ତଥା ବାଧିତ ତଥା ବିକଳାଙ୍ଗମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଜନସୁମାରିର ତାତ୍ପର୍ଯ୍ୟ ଅବଶ୍ୟ ପ୍ରଣିଧାନ ଯୋଗ୍ୟ । ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ବିଶ୍ୱ ଅର୍ଥନୀତି ଏବଂ ମାନବ ଜାତିର ସାମୂହିକ ପ୍ରଗତି ଏହି ଜନଗଣନା କାର୍ଯ୍ୟ ଉପରେ ନିର୍ଭର କରେ । ସେହି ଦୃଷ୍ଟିରୁ ଆଲୋଚନା କଲେ ଜଣାଯାଏ ଯେ ଆମଦେଶର ଜନଗଣନାରେ ବିକଳାଙ୍ଗମାନଙ୍କ ଚିହ୍ନଟ ତଥା ସେମାନଙ୍କ ଶିକ୍ଷାଦୀକ୍ଷାର ଉନ୍ନତି ସଙ୍ଗେ ସଙ୍ଗେ, ଉପଯୁକ୍ତ ଥଇଥାନ ଦିଗରେ ଯଥୋପଯୋଗୀ ଉଦ୍ୟମ କରିବା ଯେ କୌଣସି ଦେଶର ଜନପ୍ରିୟ ସରକାରଙ୍କ ଦାୟିତ୍ୱ । ଆମଦେଶରେ ଜନଗଣନା ଏବଂ ବାଧିତ ବା ବିକଳାଙ୍ଗମାନଙ୍କ ଜନଗଣନା ବିଶେଷ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଓଡ଼ିଶାରେ ୧୯୮୧ ଜନଗଣନା ରିପୋର୍ଟ ଅନୁସାରେ, ୬୧ ହଜାର ୨୯୮ ଜଣ ବିକଳାଙ୍ଗ ଅଛନ୍ତି । ଦୃଷ୍ଟିହୀନ, ମୂକବଧିର, ଶାରୀରିକ ବିକଳାଙ୍ଗ (କେମ୍ପା, କୁଜା ଓ ଛୋଟା), ମାନସିକ ବିକଳାଙ୍ଗ (ପାଗଳ ଓ ଅର୍ଦ୍ଧପାଗଳ), ଇତ୍ୟାଦି ମୋଟାମୋଟି ଭାବରେ ଏହି ବାଧିତ ବା ବିକଳାଙ୍ଗ ବର୍ଗର ଅନ୍ତର୍ଭୁକ୍ତ । ଏହି ବିକଳାଙ୍ଗମାନଙ୍କ ଉପଯୁକ୍ତ ଶିକ୍ଷା, ଦୀକ୍ଷା ଏବଂ ଥଇଥାନ ଦିଗରେ ଓଡ଼ିଶା ସରକାର ୧୯୮୧ ମସିହାକୁ ଆନ୍ତର୍ଜାତିକ ବିକଳାଙ୍ଗ ବର୍ଷ ରୂପେ ପାଳନ କରିଛନ୍ତି । ପରବର୍ତ୍ତୀ ବୃତ୍ତାନ୍ତ ସମୀକ୍ଷାରୁ ଜଣା ଯାଏ ଯେ ସମଗ୍ର ଓଡ଼ିଶାରେ ୧,୫୮,୮୦୫ ଜଣ ବିକଳାଙ୍ଗ ଅଛନ୍ତି । ରାଜ୍ୟ ପରିସଂଖ୍ୟାନ ବ୍ୟୁରୋ ଦ୍ୱାରା ଏକ ସମୀକ୍ଷା ନିମ୍ନରେ ପ୍ରଦତ୍ତ ହେଲା :

ଦୃଷ୍ଟିହୀନ-୩୩,୯୭୫
ବଧିର-୯,୦୩୭
ଆଂଶିକ ବଧିର-୩,୧୦୧
ଆଂଶିକ ମୂକବଧିର-୧୬,୩୩୧
ପାଗଳ (ମସ୍ତିଷ୍କ ବିକୃତ)-୬,୫୦୭
ଅର୍ଦ୍ଧ ପାଗଳ-୩,୬୯୧
ଛୋଟା-୪୫,୬୭୧
କୁଜା ଓ କେମ୍ପା-୨୨,୦୨୭
କୁଷ୍ଠରୋଗରୁ ମୁକ୍ତ ଓ ଅଙ୍ଗହୀନ-୧୫,୬୬୦
ମୋଟ-୧,୫୮,୮୦୫

ରାଜ୍ୟ ପରିସଂଖ୍ୟାନ ବ୍ୟୁରୋ ଦ୍ୱାରା ପ୍ରକାଶିତ ଏହି ସର୍ଭେରେ ଉପରୋକ୍ତ ତଥ୍ୟ ପ୍ରକାଶ ପାଇଛି । ଏତଦ୍ ବ୍ୟତୀତ ଆଉ ଅନେକ ବିକଳାଙ୍ଗ ଅଛନ୍ତି ସେମାନଙ୍କ ଚିହ୍ନଟ ଓ ଶିକ୍ଷାଦୀକ୍ଷା ଓ ଥଇଥାନ ଦିଗରେ ସମୁଚିତ ପଦକ୍ଷେପ ନିଆଗଲେ ବାଧିତମାନଙ୍କ ଅଶେଷ ଉନ୍ନତି ସାଧିତ ହୋଇ ପାରନ୍ତା । ଆଉ ବିକଳାଙ୍ଗ ହେଲେ (କ) ଆଂଶିକ ଦୃଷ୍ଟିହୀନ ଛାତ୍ରଛାତ୍ରୀ (ଖ) ବଧିରତାବିହୀନ ଅଥଚ ଉଚ୍ଚାରଣଗତ ତ୍ରୁଟିଥିବା ଛାତ୍ର (ଗ) ଶିକ୍ଷାଗତ ସବ୍ ନର୍ମାଲ ଛାତ୍ରଛାତ୍ରୀ (ଘ) ମାଲଆଡ଼ଜଷ୍ଟେଡ୍ ଛାତ୍ରଛାତ୍ରୀ (ଙ) ଶାରୀରିକ ଅକ୍ଷମଛାତ୍ର (ଛୋଟା କୁଜା କେମ୍ପା ବ୍ୟତୀତ) ଉଦାହରଣ ସ୍ୱରୂପ ଡାଇବେଟିକସ୍ ରୋଗଗ୍ରସ୍ତ ଲୋକମାନେ । (ଚ) କ୍ଷୀଣ ସ୍ୱାସ୍ଥ୍ୟର ଛାତ୍ରଛାତ୍ରୀ ।

ସମସ୍ତ ପ୍ରକାର ବାଧିତ ଶିକ୍ଷାପ୍ରଣାଳୀ ମୋଟ ଉପରେ ନିର୍ଭର କରେ, ତିନୋଟି ମୁଖ୍ୟ ଆଭିମୁଖ୍ୟ ଉପରେ, ଯଥା:-କଠିନ ପରିଶ୍ରମ, ଧୈର୍ଯ୍ୟ ଓ ସସ୍ନେହ ମଧୁର ବ୍ୟବହାର । ଏଠାରେ ପ୍ରଧାନ ଆଲୋଚନାର ବିଷୟ ହେଉଛି ମୋଟ ଉପରେ କେତେ ପ୍ରକାର ବିକଳାଙ୍ଗ ଅଛନ୍ତି ଏବଂ ସେମାନଙ୍କ ନିମନ୍ତେ କିପରି ଭାବରେ ଆମର ଶିକ୍ଷା ପ୍ରଣାଳୀ ନିର୍ଦ୍ଧାରଣ କରିବାକୁ ହେବ । ବାଧିତ ବା ବିକଳାଙ୍ଗମାନଙ୍କୁ ମୋଟ ଉପରେ ୧୦ଟି ଶ୍ରେଣୀରେ ବିଭକ୍ତ କରାଯାଇ ପାରେ । ୧୯୮୧ ମସିହା ଜନଗଣନା ଅନୁସାରେ ଭାରତରେ ନିମ୍ନୋକ୍ତ ଆକାରରେ ବାଧିତ ସଂଖ୍ୟା ନିରୂପିତ ହୋଇଥିଲି ।

ସମ୍ପୂର୍ଣ୍ଣ ଦୃଷ୍ଟିହୀନ-୪.୭୮ ଲକ୍ଷ
ସମ୍ପୂର୍ଣ୍ଣ ବଧିର-୨.୭୬ ଲକ୍ଷ
ଶାରୀରିକ ବିକଳାଙ୍ଗ-୩.୩୬ ଲକ୍ଷ

ଆମ ଓଡ଼ିଶାରେ ବାଧିତ ସଂଖ୍ୟା:-
ସମ୍ପୂର୍ଣ୍ଣ ଦୃଷ୍ଟିହୀନ-୨୭,୬୨୫ ସମ୍ପୂର୍ଣ୍ଣ ବଧିର-୧୩,୭୬୨
ଅକ୍ଷମ--୧୯,୯୧୧ ମୋଟ-୬୧,୨୯୮

ବର୍ତ୍ତମାନ ପୃଥିବୀରେ ୪୫ କୋଟି ଲୋକ, ଅକ୍ଷମ । ସେମାନଙ୍କ ମଧ୍ୟରୁ ୧୪ କୋଟି ୬୦ ଲକ୍ଷ ହେଉଛନ୍ତି ୧୫ ବର୍ଷର ବାଳକ ବାଳିକା । ଏବେ ପୃଥିବୀର ଅକ୍ଷମମାନଙ୍କ ସଂଖ୍ୟା ୫୦ କୋଟିକୁ ବୃଦ୍ଧି ପାଇବାରେ ଲାଗି ଗଲାଣି । ଏଥିରେ ପିଲାମାନଙ୍କ ସଂଖ୍ୟା ୨୦ କୋଟି ହେବ । ମୋଟ ଉପରେ, ପୃଥିବୀର ଜନସଂଖ୍ୟାର ଶତକଡ଼ା ୧୨ ବର୍ତ୍ତମାନ ଶାରୀରିକ ଓ ମାନସିକ ବିକାରଗ୍ରସ୍ତ ଲୋକ ।

## (୧) ଦୃଷ୍ଟିହୀନ ଛାତ୍ର:

ଯଦିଓ ଏମାନେ ଦର୍ଶନେନ୍ଦ୍ରିୟରୁ ବଞ୍ଚିତ ତଥାପି କର୍ଣ୍ଣେନ୍ଦ୍ରିୟ ବା ଶ୍ରବଣେନ୍ଦ୍ରିୟ ସାହାଯ୍ୟରେ ଏମାନେ ଶିକ୍ଷାଲାଭ କରିଥାନ୍ତି ।

ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଧରଣର ବିଦ୍ୟାଳୟମାନ ଆବଶ୍ୟକ। ଏ କ୍ଷେତ୍ରରେ ଦୃଷ୍ଟିହୀନମାନେ ସାଧାରଣ ଲୋକମାନଙ୍କ ସଙ୍ଗେ ସମାନ, ଏଥିରେ ଟିକେ ହେଲେ ସନ୍ଦେହ ନାହିଁ। କେବଳ ପ୍ରଭେଦ ଲିଖନ ଓ ପଠନ ପ୍ରଣାଳୀ ମଧ୍ୟରେ। ପ୍ରଣ୍ୟାସା ... ଲୁଇ ବ୍ରେଲ (୧୮୦୯) ଏହି ବ୍ରେଲି ପ୍ରଣାଳୀର ଉଦ୍ଭାବନ କରିଥିଲେ ... ସମାହାରରେ ଏହି ବ୍ରେଲି ପଦ୍ଧତି ଦୃଷ୍ଟିହୀନମାନଙ୍କ ଶିକ୍ଷା ... ଏକ ଅଭିନବ ଆନ୍ଦୋଳନ ସୃଷ୍ଟି କରିପାରିଛି। ... ଶିକ୍ଷାବିଭାଗ ପକ୍ଷରୁ ଭୁବନେଶ୍ୱର ଓ ବୁର୍ଲାଠାରେ ଦୃଷ୍ଟିହୀନ ବିଦ୍ୟାଳୟ ରହିଛି। ଏତଦ୍ ବ୍ୟତୀତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଉଦ୍ୟମରେ ବିଭିନ୍ନ ସ୍ଥାନରେ ମୂକ, ବଧିର ଓ ଦୃଷ୍ଟିହୀନ ବିଦ୍ୟାଳୟମାନ ପ୍ରତିଷ୍ଠା ହୋଇଛି ଏବଂ ଏଗୁଡ଼ିକୁ ମଧ୍ୟ ସରକାରୀ ଅନୁଦାନ ମିଳିଥାଏ।

### (୨) ଆଂଶିକ ଦୃଷ୍ଟିଶକ୍ତି ସମ୍ପନ୍ନ ଛାତ୍ର:

ଏହି ଛାତ୍ରଛାତ୍ରୀମାନେ ସାମାନ୍ୟ ଦେଖି ପାରନ୍ତି। ଏମାନଙ୍କ ଅଧ୍ୟୟନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ନିତ୍ୟାନ୍ତ ଆବଶ୍ୟକ। ଏଠାରେ ... ଦୃଷ୍ଟିହୀନ ବିଦ୍ୟାଳୟ ମାନଙ୍କରେ ଏମାନଙ୍କୁ ସାମିଲ କରି ଅଧ୍ୟୟନ କରାଯାଉଛି। ସ୍ୱତନ୍ତ୍ର ବିଦ୍ୟାଳୟ ଏମାନଙ୍କ ପାଇଁ ପ୍ରତିଷ୍ଠା କରାଯାଇ ନାହିଁ।

### (୩) ବଧିର ଛାତ୍ରଛାତ୍ରୀ:

ମନୁଷ୍ୟ ଶରୀରର ସବୁଠାରୁ ଜଟିଳତମ ଯନ୍ତ୍ର ହେଲା କର୍ଣ୍ଣ ବା ଶ୍ରବଣେନ୍ଦ୍ରିୟ। ଶ୍ରବଣେନ୍ଦ୍ରିୟର ଦୋଷତ୍ରୁଟି ଜନିତ ପରିଣତି ସ୍ୱରୂପ ଛାତ୍ରଛାତ୍ରୀମାନେ ଶ୍ରବଣ ଶକ୍ତି ରହିତ ହୋଇ ସାଧାରଣ ପିଲାଙ୍କ ଭଳି କଥା କହିବା, ପାଠପଢ଼ିବା ତଥା ଭାଷାଶିକ୍ଷା ଦିଗରେ ଅଭିବୃଦ୍ଧି ସାଧନ କରିବା ପଥରେ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥାନ୍ତି। ବଧିର ପିଲାର ବାଧକତା ଅନ୍ୟାନ୍ୟ ବାଧକ ପରେ ବାହାରୁ ଜଣାଯାଏ ନାହିଁ। ବଧିର ପିଲା ସମସ୍ତ କ୍ଷେତ୍ରରେ ହୋଇଥାଏ ମୂକ। ଭୁବନେଶ୍ୱର ଓ ବୁର୍ଲାଠାରେ ଦୁଇଟି ବଧିର ବିଦ୍ୟାଳୟ କାର୍ଯ୍ୟ କରୁଛି। ସାଧାରଣ ପାଠ୍ୟକ୍ରମ ସହ ବିଭିନ୍ନ ବୃତ୍ତିମୂଳକ ଶିକ୍ଷା ଏମାନଙ୍କୁ ଶିକ୍ଷା ଦିଆଯାଇଥାଏ। ସିଲେଇ, ... ବ୍ୟତୀତ ଫଟୋଗ୍ରାଫି ପ୍ରେସ ପ୍ରିଣ୍ଟିଙ୍ଗ୍, ଇତ୍ୟାଦି ଆଧୁନିକ ... ଧରଣର ଧନ୍ଦାମାନ ଶିକ୍ଷା କେନ୍ଦ୍ରରେ ପ୍ରଚଳନ କରାଇଲେ ଏମାନଙ୍କର ବହୁ ଉପକାର ସାଧିତ ହୋଇପାରିବ। ଚିତ୍ର ବିଦ୍ୟାରେ ଏହି ଧରଣର ପିଲାମାନେ ଅସୀମ ଆଗ୍ରହ ପ୍ରକାଶ କରିଥାନ୍ତି। ଦୃଷ୍ଟିହୀନମାନେ ସଙ୍ଗୀତର ମାଦକତାରେ ଆତ୍ମହରା ହେଲାପରି ବଧିର ପିଲାମାନେ ବହୁବିଧ ଚିତ୍ରର ଆକର୍ଷଣୀୟ ମନୋଜ୍ଞ ବର୍ଣ୍ଣବିନ୍ୟାସରେ ମନ୍ତ୍ରମୁଗ୍ଧ ହୋଇ ଏକାଗ୍ରଚିତ୍ତରେ କର୍ମ ନିପୁଣତାର ଚରମ ପରାକାଷ୍ଠା ଦେଖାଉଥାନ୍ତି। ସେଥିପାଇଁ କୁହାଯାଇଛି ଗୋଟିଏ ଚିତ୍ର ହଜାରେଟି ଶବ୍ଦ ସଙ୍ଗେ ସମାନ।

### (୪) ଆଂଶିକ ଶ୍ରବଣ ଶକ୍ତି ଥିବା ଛାତ୍ରଛାତ୍ରୀ:

ଏମାନଙ୍କୁ ଆଂଶିକ ଭାବରେ ଶୁଣାଯାଏ। ଏମାନଙ୍କୁ ... ମାନଙ୍କରେ ଚାଲିଥିବା ଯାଉଥିବା ବଧିର ପିଲାମାନଙ୍କ ପାଠ୍ୟ ସଂସର୍ଗରୁ ବଞ୍ଚିତ କଲେ ଅର୍ଥାତ୍ ପୃଥକ ଭାବେ ରଖି ଶ୍ରୁତି ସହାୟକ ଯନ୍ତ୍ର ସାହାଯ୍ୟରେ ସ୍ୱତନ୍ତ୍ର ବ୍ୟବସ୍ଥାନୁଯାୟୀ ଶିକ୍ଷାପ୍ରଦାନ କଲେ ବହୁ ପରିମାଣରେ ସୁଫଳ ମିଳିଥାଏ।

### (୫) ଶାରୀରିକ ଅକ୍ଷମ ପିଲା:

ଦୃଷ୍ଟିହୀନ ଓ ମୂକବଧିର ପିଲାମାନଙ୍କ ବ୍ୟତୀତ ବିଭିନ୍ନ ରୋଗ ହେତୁ କିମ୍ବା ଆକସ୍ମିକ ଦୁର୍ଘଟଣା ହେତୁ ଶରୀରର ବିଭିନ୍ନ ଅଙ୍ଗ ବିକଳାଙ୍ଗ ହୋଇ ଯାଇଥାଏ। ଏମାନଙ୍କୁ ସାଧାରଣ ବିଦ୍ୟାଳୟରେ ଅଧ୍ୟୟନ ସୁବିଧା ଦେବା ନିମନ୍ତେ କେତେକ ସ୍ୱତନ୍ତ୍ର ଧରଣର ବ୍ୟବସ୍ଥା ଅବଲମ୍ବନ କରିବାକୁ ପଡ଼ିଥାଏ। ଉଦାହରଣ ସ୍ୱରୂପ, ପଙ୍ଗୁ କିମ୍ବା ଛୋଟାଙ୍କୁ ତିନି ଚକିଆ ଗାଡ଼ିର ବ୍ୟବସ୍ଥା ପ୍ରଦାନ କରିବା, ଅଙ୍ଗ ବିଚ୍ୟୁତି ସ୍ଥଳେ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ସଂଲଗ୍ନ କରାଇବା ଇତ୍ୟାଦି।

### (୬) ଉଚ୍ଚାରଣଗତ ତ୍ରୁଟି:

ଏହିଧରଣର ପିଲାମାନେ ବଧିର ନୁହଁନ୍ତି କିନ୍ତୁ ଉଚ୍ଚାରଣ ତାଙ୍କର ଭରି ରହିଥାଏ ଅସଂଖ୍ୟ ତ୍ରୁଟି ବିଚ୍ୟୁତି। ବିଶେଷତଃ ଏମାନଙ୍କର ତ୍ରୁଟି ପରିଲକ୍ଷିତ ହୋଇଥାଏ, ମୁଖଗହ୍ୱରରେ, ଗଳାକଣ୍ଠରେ, ନାସାଗହ୍ୱରରେ। ଅସ୍ତ୍ରୋପଚାର ଦ୍ୱାରା ଉପରୋକ୍ତ ତ୍ରୁଟି କେତେକାଂଶରେ ଦୂରୀଭୂତ ହୋଇପାରିଥାଏ।

### (୭) କ୍ଷୀଣ ଶରୀରର ଛାତ୍ରଛାତ୍ରୀ:

ପୁଷ୍ଟିସାର ଜାତୀୟ ଖାଦ୍ୟର ଅଭାବ ହେତୁ ଏମାନେ ନାନାଦି ରୋଗରେ ଆକ୍ରାନ୍ତ ହେବା ସ୍ୱାଭାବିକ। ଏହି ଧରଣର ଛାତ୍ରଛାତ୍ରୀମାନଙ୍କୁ ସୁସ୍ଥ ବାତାବରଣ ମଧ୍ୟରେ ସୁଷମ ଖାଦ୍ୟ ପ୍ରଦାନ ପୂର୍ବକ ଆବଶ୍ୟକ ଧରଣର ବିଶ୍ରାମ ଓ ବ୍ୟାୟାମର ବ୍ୟବସ୍ଥା କରି ସମୁଚିତ ଶିକ୍ଷା ଦାନର ବ୍ୟବସ୍ଥା କରିବା ଏକ ମହନୀୟ କାର୍ଯ୍ୟ। ବିକାଶଶୀଳ ରାଷ୍ଟ୍ରମାନଙ୍କରେ ପୁଷ୍ଟିହୀନତା ଜନିତ ରୋଗ ଏକ ଉତ୍କଟ ସମସ୍ୟା ସୃଷ୍ଟି କରିଛି। ସ୍ୱାସ୍ଥ୍ୟୋପଯୋଗୀ ମୁକ୍ତ ବାୟୁ ଚଳାଚଳ କରୁଥିବା ସ୍ଥାନରେ ଅର୍ଥାତ୍ ପରିବେଶ–ପ୍ରଦୂଷଣ–ମୁକ୍ତ ସୁରମ୍ୟ ପ୍ରାକୃତିକ ପରିବେଶରେ ଏମାନଙ୍କ ଶିକ୍ଷାର ବ୍ୟବସ୍ଥା ଏକ ଫଳପ୍ରଦ ବ୍ୟବସ୍ଥା। ସୁରମ୍ୟ ବକୁଳ ଛୁରୀଆନା କୁଞ୍ଜର ମୁକ୍ତାକାଶ ତଳେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ ବକୁଳ ବନବିଦ୍ୟାଳୟ ଭଳି ବିଦ୍ୟାଳୟ ପ୍ରତିଷ୍ଠା କରି ଏମାନଙ୍କ ଶିକ୍ଷା ବ୍ୟବସ୍ଥା କରିବା ଅଧିକ ଶ୍ରେୟସ୍କର।

### (୮) ଏପିଲେପଟିକ ଛାତ୍ରଛାତ୍ରୀ:

ସଂଜ୍ଞାହୀନତା ଏହି ଧରଣର ଛାତ୍ରଛାତ୍ରୀମାନଙ୍କଠାରେ ବିଶେଷ ଭାବରେ ଦେଖା ଦେଇଥାଏ। କେତେକ ଛାତ୍ରଛାତ୍ରୀଙ୍କ ମସ୍ତିଷ୍କର କାର୍ଯ୍ୟକାରୀ ଶକ୍ତିରେ ବିଶୃଙ୍ଖଳା ଦେଖାଦେଲେ ରୋଗୀ ସଂଜ୍ଞାହୀନ ହୋଇପଡ଼େ। ଏହି ଧରଣର ଛାତ୍ରଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ଧରଣର ଶିକ୍ଷାୟତନରେ ସ୍ୱତନ୍ତ୍ର ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ଶିକ୍ଷାଦାନର ସୁବ୍ୟବସ୍ଥା କଲେ ସୁଫଳ ମିଳିଥାଏ।

## (୯) ଶିକ୍ଷାଗତ ସବନର୍ମାଲ ଛାତ୍ରଛାତ୍ରୀ:

ବିକଳାଙ୍ଗମାନଙ୍କୁ ଶାରୀରିକ କିମ୍ବା କାୟିକ ଦକ୍ଷ ପ୍ରଦାନ ପୂର୍ବକ ସେମାନଙ୍କ ସମସ୍ୟାର ସମାଧାନ କରିହୁଏ ବା, ଶ୍ରେଣୀରେ କେତେକ ପିଲା କୌଣସି ସମସ୍ୟାର ସମାଧାନ ସହସା କରନ୍ତି ଥାଉ କେତେକ ଅଛନ୍ତି ସେମାନଙ୍କ ବୁଦ୍ଧିବୃତ୍ତିର ସମୁଚିତ ବିକାଶର ଅଭାବ ଯୋଗୁ ଅନ୍ୟାନ୍ୟ ମେଧାବୀ ଛାତ୍ରଛାତ୍ରୀମାନଙ୍କ ତୁଳନାରେ ବହୁ ପଛରେ ପଡ଼ି ଯାଆନ୍ତି। ମନସ୍ତତ୍ତ୍ୱବିତ୍‌ମାନେ 'ଏମାନଙ୍କୁ "ଶିକ୍ଷାଗତ ସବନର୍ମାଲ" ନାମରେ ଅଭିହିତ କରିଛନ୍ତି। ତେଣୁ ଏମାନଙ୍କୁ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଅଲଗା ରଖି ସ୍ୱତନ୍ତ୍ର ପ୍ରଣାଳୀ ଅନୁସରଣ ପୂର୍ବକ ଶିକ୍ଷାଦାନର ବ୍ୟବସ୍ଥା କଲେ ଏମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭାବ ଜାଗରିତ ହୁଏ ଏବଂ ଏମାନେ ଦୁର୍ବଳ ମନୋଭାବ ପରିତ୍ୟାଗ କରି ଶିକ୍ଷାକ୍ଷେତ୍ରରେ ଆଶାନୁରୂପ ଉନ୍ନତି ହାସଲ କରିଥାନ୍ତି।

## (୧୦) ମାଲ-ଆଡ଼ଜଷ୍ଟେଡ୍ ଛାତ୍ରଛାତ୍ରୀ:

ବ୍ୟବହାର ତଥା ବ୍ୟକ୍ତିତ୍ୱର ବିଶୃଙ୍ଖଳା, ଅଭ୍ୟାସର ପରିବର୍ତ୍ତନ ଇତ୍ୟାଦି ଏହି ଧରଣର ପିଲାମାନଙ୍କଠାରେ ଦେଖାଯାଇଥାଏ। ତେଣୁ ସ୍ୱତନ୍ତ୍ର ଧରଣର ଶିକ୍ଷା ବ୍ୟବସ୍ଥା ଏମାନଙ୍କ ପାଇଁ ନିହାତି ଆବଶ୍ୟକ।

ସାଧାରଣ ବିଦ୍ୟାଳୟମାନଙ୍କରେ ଗୋଟିଏ ଗୋଟିଏ ଶ୍ରେଣୀରେ ଯେପରି ୫୦/୬୦ ପିଲାମାନଙ୍କୁ ନିଆ ଯାଇଥାଏ। ବାଧିତମାନଙ୍କ କ୍ଷେତ୍ରରେ ସେପରି ପ୍ରଥା ଗ୍ରହଣୀୟ ନୁହେଁ। କାରଣ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦିଆ ଯାଇଥାଏ। ସ୍ୱତନ୍ତ୍ର ବିଦ୍ୟାଳୟରେ ନିମ୍ନୋକ୍ତ ପଦ୍ଧତିରେ ଶ୍ରେଣୀରେ ନାମ ଲେଖାଇବା ଆବଶ୍ୟକ।

(କ) ବଧିର, ଆଂଶିକ ବଧିର
ଉଚ୍ଚାରଣଗତ ତ୍ରୁଟି ଜନିତ ଛାତ୍ରଛାତ୍ରୀ୧୦ଜଣ

(ଖ) ଦୃଷ୍ଟିହୀନ ଆଂଶିକ ଦୃଷ୍ଟିହୀନ,
ମାଲ୍ ଆଡ଼ଜେଷ୍ଟଡ୍ ଛାତ୍ରଛାତ୍ରୀ ୧୦ ଜଣ

(ଗ) ଶିକ୍ଷାଗତ ସବନର୍ମାଲ, ଏପିଲେପଟିକ
ଓ ଶାରୀରିକ ବିକଳାଙ୍ଗ ଛାତ୍ରଛାତ୍ରୀ ୨୦ ଜଣ

(ଘ) ଡେଲିକେଟ୍ ଛାତ୍ରଛାତ୍ରୀ ୩୦ ଜଣ


## ମନୁଷ୍ୟ ବିକଳାଙ୍ଗ ହୁଏ କାହିଁକି ?:

ଆଗକାଳରେ କାହିଁକି ଲୋକମାନେ ଏବେବି ଭାବୁଛନ୍ତି ବିକଳାଙ୍ଗ ହେବା ଏକ ବିଧିର ଅଭିଶାପ। ଇତିହାସ କହେ ସ୍ପାର୍ଟା ଏଥେନସ୍ ପ୍ରଭୃତିର ନଗର ରାଜ୍ୟର ବହୁ ବିକଳାଙ୍ଗଙ୍କ ଜନକ ଜନନୀ ଶିଶିଶିଶାଉରୁ ଏହିଧରଣର ଶିଶୁଙ୍କୁ ନଦୀ ବକ୍ଷରେ ନିକ୍ଷେପ କରୁଥିଲେ। ଯେଉଁମାନେ ବଞ୍ଚି ଯାଉଥିଲେ ସେମାନେ ସମାଜର ନାନା ନିର୍ଯ୍ୟାତନା ମଧ୍ୟରେ କାଳାତିପାତ କରୁଥିଲେ। ସେମାନଙ୍କ ଜୀବନ ପରିବାର ତଥା ସମାଜ ପାଇଁ ଏକ ବୋଝ ସଦୃଶ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ତ୍ତମାନ ସେ ଅଭ୍ୟାସ କ୍ରମେ ଦୂରୀଭୂତ ହେବାକୁ ବସିଲାଣି। କେତେକାଂଶରେ କୁଟିଳୋଣି ଚକ୍ଷୁ ଗଠନର ତ୍ରୁଟି ଦୃଷ୍ଟିହୀନତାର ପ୍ରଧାନ କାରଣ। ବାହ୍ୟକର୍ଣ୍ଣ, ମଧ୍ୟକର୍ଣ୍ଣ ଓ ଅନ୍ତଃକର୍ଣ୍ଣ ମଧ୍ୟରେ କୌଣସି ଦୋଷ ପରିଲକ୍ଷିତ ହେଲେ ଶିଶୁ ହୋଇଯାଏ ଶବ୍ଦ ଜଗତରୁ ସମ୍ପୂର୍ଣ୍ଣ ବଞ୍ଚିତ। ଶ୍ରବଣ ଶକ୍ତିର ... ଅନୁଯାୟୀ ସେ ହୋଇଥାଏ ବଧିର କିମ୍ବା ଆଂଶିକ ବଧିର। କେତେକ ବାଲ୍ୟ ଅବସ୍ଥାରୁ, କେତେକ ଯୁବକ ଅବସ୍ଥାରେ କେତେକ ପ୍ରୌଢ଼ ବା ବୁଢ଼ା ଅବସ୍ଥାରେ ବିକଳାଙ୍ଗ ହୋଇଥାନ୍ତି। ବସନ୍ତ, ମିଳିମିଳା, ହାଡ଼ଫୁଟି, ପୁଷ୍ଟିହୀନତା, ଡାଇବେଟିକ୍ସ, ଟ୍ରାକୋମା, ଦୁର୍ଘଟଣା, କ୍ୟାଟରାକ୍ଟ, ଗ୍ଲୁକୋମା ସୂର୍ଯ୍ୟପରାଗ ଅବଲୋକନ ଇତ୍ୟାଦି ଦୃଷ୍ଟିହୀନତାର କାରଣ। ସେହିପରି ଭାବରେ ବଧିରତା ଅନ୍ୟାନ୍ୟ ବାଧକତା ଯେ କେତେ ଭିନ୍ନ ଭିନ୍ନ ରୋଗ ସମ୍ଭୂତ ... ବିଶେଷଜ୍ଞମାନେ ଅବଗତ କରାଇ ପାରିବେ। ସେଥିପାଇଁ ଡାକ୍ତରୀ ବିଦ୍ୟା ଏବଂ ଅସ୍ତ୍ରୋପଚାରର ବିଫଳ ହୁଏ ବିଶେଷଜ୍ଞମାନେ ଦୃଷ୍ଟି ପକାଉଥାନ୍ତି ବଧିର ଶିକ୍ଷାବିତ୍‌ମାନଙ୍କ ଉପରେ, ଦୃଷ୍ଟିହୀନ ଶିକ୍ଷାବିତ୍‌ମାନଙ୍କ ଉପରେ। ଏହି ଶିକ୍ଷକମାନେ ... ବୃତ୍ତିମୂଳକ ଶିକ୍ଷକ। ଡାକ୍ତର, ଓକିଲ, ଇଞ୍ଜିନିୟରମାନଙ୍କ ପରି ବୈଷୟିକ ଜ୍ଞାନରେ ଏମାନେ ମଧ୍ୟ ବିଶେଷଜ୍ଞ। ଉପଯୁକ୍ତ ଶିକ୍ଷାଦାନ ଅଭାବରେ ବିକଳାଙ୍ଗ ପିଲା--ମାନସିକ ଭାରସାମ୍ୟ ହରାଇ ହିଂସ୍ର ପାଲଟିଯାଏ। ଏଥିପାଇଁ ବାଧକମାନଙ୍କ ସର୍ବାଙ୍ଗୀଣ ଉନ୍ନତି ନିମନ୍ତେ ସର୍ବଶ୍ରେଣୀର ଲୋକଙ୍କର ଏମାନଙ୍କ ପ୍ରତି ସମ୍ବେଦନଶୀଳତା ଓ ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ଗଢ଼ିବା ସର୍ବାଗ୍ରେ ବାଞ୍ଛନୀୟ। ସେଥିପାଇଁ କୁହାଯାଇଛି The teaching of the handicapped children especially Deaf is of the most worthwhile job in the world. There is no shortcut in becoming the teacher of the Deaf. It is professional job like being a doctor, an engneer or a barrister and full professional training is essentially required.


ବାଧିତ ଶିକ୍ଷା କ୍ଷେତ୍ରରେ ଯେଉଁମାନେ ପ୍ରାଣପାତ ଉଦ୍ୟମ କରି ଲହୁ ଲୁହ ଦେଇ ତଥା ଅକ୍ଳାନ୍ତ ପରିଶ୍ରମ କରି ସମାଜରେ ସେମାନଙ୍କୁ ଶିକ୍ଷିତ କରାଇ ପରୋପକାରୀ, ସୁସ୍ଥ ଓ କାର୍ଯ୍ୟକ୍ଷମ ନାଗରିକ ରୂପେ ଗଢ଼ି ତୋଳିବା ଦିଗରେ ଅସୀମ ଧୈର୍ଯ୍ୟ ଓ ପରାକାଷ୍ଠା ଦେଖାଇ ଆସୁଛନ୍ତି, ସେମାନଙ୍କୁ ଉପଯୁକ୍ତ ସାମାଜିକ ତଥା ... ପଦମର୍ଯ୍ୟଦା ଦେବାଦିଗରେ ଯେ କୌଣସି ଜନପ୍ରିୟ ସରକାର ଓ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଯେ ଗୁରୁ ଦାୟିତ୍ୱ ରହିଛି ତାହା ଅବଶ୍ୟ ପ୍ରଣିଧାନଯୋଗ୍ୟ। କେବଳ କର୍ତ୍ତୃପକ୍ଷଙ୍କ ଉପରେ ନିର୍ଭର କଲେ ଚଳିବ ନାହିଁ। ଆମ ରାଜ୍ୟର ଅଗଣିତ ଅଭିଭାବକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମାଜସେବୀ ଜନସାଧାରଣ ଓ ... ମିଳିତ ସହଯୋଗରେ ବାଧିତ ସମସ୍ୟା ସମାଧାନରେ ଉପଯୁକ୍ତ ଦିଗ୍‌ଦର୍ଶନ ମିଳିପାରିବ। ଏଠାରେ ସ୍ମରଣୀୟ ଯେ Frustration among handicapped



ରାଜଭବନଠାରେ ରକ୍ଷାବନ୍ଧନ ଦିବସରେ ଜଣେ ବାଳିକା ଶାଳଚ୍‌ ମାନ୍ୟବର ରାଜ୍ୟପାଳଙ୍କ ହାତରେ ରାକ୍ଷୀ ବନ୍ଧନ କରୁଛନ୍ତି । (୨୪/୮)



ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବଡ଼ବିଲ୍‌ଠାରେ କଳିଙ୍ଗ ଲୁହା କାରଖାନାର ୪ର୍ଥ ଚୁଲା ଉଦ୍‌ଘାଟନ କରୁଛନ୍ତି । (୨୮/୯)



ବାରବାଟୀ ଷ୍ଟାଡ଼ିୟମଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କଳିଙ୍ଗକପ୍ ଶେଷ ଖେଳରେ ଖେଳାଳୀମାନଙ୍କ ସହିତ ପରିଚିତ ହେଉଛନ୍ତି । (୭/୯)



ବନମହୋତ୍ସବ ପାଳନ ଅବସରରେ ସମବାୟ ବିଭାଗ ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ଅନୁଗୁଳ ଓ ନାଲ୍କୋ ନଗରଠାରେ ଏକ ବୃକ୍ଷଗଛ ରୋପଣ କରି ପାଣି ଦେଉଛନ୍ତି ।



ରାଜ୍ୟ ଲଳିତ କଳା ଏକାଡେମୀ ଦ୍ୱାରା ଆୟୋଜିତ ଏକ ପ୍ରଦର୍ଶନୀକୁ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର ବୁଲି ଦେଖୁଛନ୍ତି ।



ଓଡ଼ିଶା ସିମେଣ୍ଟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ମୋହନଲାଲ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପାଞ୍ଚଲକ୍ଷ ଟଙ୍କାର ଏକ ଚେକ୍ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ପ୍ରଦାନ କରୁଛନ୍ତି। (୨୮/୯)



ରବୀନ୍ଦ୍ର ମଣ୍ଡପଠାରେ 'ସୃଜନୀ'ର ୪ର୍ଥ ବାର୍ଷିକୀ ଉତ୍ସବ ଉପଲକ୍ଷେ ପଶୁପାଳନ ଓ ମତ୍ସ୍ୟ ବିଭାଗ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଏକ ପତ୍ରିକା ଉନ୍ମୋଚନ କରୁଛନ୍ତି। (୨୪/୮)



ଅତିବଡ଼ି ଜଗନ୍ନାଥ ଦାସଙ୍କ ପାଞ୍ଚଶତ ଜନ୍ମ ବାର୍ଷିକ ଉତ୍ସବ ଉପଲକ୍ଷେ ଶ୍ରୀକ୍ଷେତ୍ର ଲେଖକ ସାମୁଖ୍ୟ ଦ୍ୱାରା ଆୟୋଜିତ ଏକ ଉତ୍ସବରେ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଅତିବଡ଼ି ଜଗନ୍ନାଥ ଦାସଙ୍କ ଉପରେ ଲିଖିତ ଏକ ପୁସ୍ତକ ଉନ୍ମୋଚନ କରୁଛନ୍ତି (୨୪/୯)।



ସୂଚନା ଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କଳାକାରମାନଙ୍କୁ ପେନସନ୍ ବଣ୍ଟନ କରୁଛନ୍ତି । (୩୦/୮)



ବାଷଗା ଗ୍ରାମବାସୀମାନଙ୍କ ସହିତ ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ରନାଥ ନାୟକ, ଖାଦ୍ୟ ଓ ପାନୀୟଜଳ ସମ୍ପର୍କରେ ଆଲୋଚନା କରୁଛନ୍ତି ।



ବ୍ରହ୍ମପୁରଠାରେ ଇଦ୍-ମିଲାଦୁନ୍-ନବୀ ପାଳନ ଅବସରରେ ବୟନ ଶିଳ୍ପ ମନ୍ତ୍ରୀ ଶ୍ରୀ ମୁସ୍ତାଫିଜ୍ ଅହମଦ୍, ମତ୍ସ୍ୟ, ପଶୁପାଳନ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ଓଡ଼ିଶା ଚମଡ଼ା ନିଗମ ଅଧ୍ୟକ୍ଷ ଶ୍ରୀ ହୁସେନ ରବି ଗାନ୍ଧୀ ।

children that sometimes Finds expression in outbrust of temper and other disturbances should be checked not by violent method but by co-operation. Love, patience hardwork as well as psychological treatment with special attention to the basic needs of the handicapped children. ପରିବାର ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ଯେପରି ସାଧାରଣ ପିଲାପକ୍ଷେ ଆବଶ୍ୟକ । ସେହିପରି ବାଧିତ ପିଲା ଆଶାକରେ ପାରିବାରିକ ସ୍ନେହ ସୌହାର୍ଦ୍ଦ୍ୟ ଓ ସାମାଜିକ ନିରାପତ୍ତା । ଏଥିରୁ ଭଣା ହେଲେ ତା ଜୀବନ ଦୁର୍ବଳ ହୋଇପଡେ ।

---

ଶିକ୍ଷକ, ଦୃଷ୍ଟିହୀନ ମୂକବଧିର ବିଦ୍ୟାଳୟ,
ବୁର୍ଲା, ସମ୍ବଲପୁର ।




ଝିଞ୍ଜିପୁର ଖାଡ଼ିସମଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ 'ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ' ର ପ୍ରଦୀପ ଜାଳି ଶୁଭ ଉଦ୍‌ଘାଟନ କରୁଛନ୍ତି । ଶିକ୍ଷାମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝି, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ, ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର କମଳା ଦାସ ଏହି ଉତ୍ସବରେ ଯୋଗଦାନ କରିଛନ୍ତି । (ଛ/ଓ)

# ଓଡ଼ିଶାର ସେବିକା ଓ ସମାଜ

• ଅଧାପିକା ଶୁଭ୍ରାଂଶୁବାଳା ମହାନ୍ତି

ପୁରାତନ କାଳରେ ନାରୀମାନେ ଗୃହର ଚାରିକାନ୍ଥ ଭିତରେ ଆବଦ୍ଧ ରହିବା ଗୋଟିଏ ପ୍ରଥା ଥିଲା । ସେମାନଙ୍କ କାମ କେବଳ ଗୃହକର୍ମ କରିବା ଓ ପରିବାରର ସୁଖଶାନ୍ତି ରକ୍ଷା କରିବା ଭିତରେ ସୀମିତ ଥିଲା । କିନ୍ତୁ ନାରୀ ଯେ ସମାଜରେ କିଛି ଉତ୍ପାଦନ କ୍ଷମ ଶ୍ରମ କରିପାରେ ବା ସମାଜ ପ୍ରତି ତା'ର କିଛି ଅବଦାନ ରହିଛି, ଏ ଧାରଣା ଲୋକମାନଙ୍କର ନଥିଲା । ସୁଖର ବିଷୟ ଯେ ବର୍ତ୍ତମାନ ଶିକ୍ଷର ଅଗ୍ରଗତି ସହିତ ସାମାଜିକ ପରିବର୍ତ୍ତନ ଘଟିଛି । ଏ ଶତାବ୍ଦୀରେ ଆର୍ଥିକ ଜୀବନରେ ନାରୀର ଭୂମିକା ବିଷୟରେ ଥିବା ବଦ୍ଧଧାରଣାର ଏକ ବୈପ୍ଳବିକ ପରିବର୍ତ୍ତନ ଆସିଛି । ସେମାନେ ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ ଓ କ୍ରୀଡା ଆଦି ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କର କର୍ମ ନିପୁଣତା ପ୍ରତିପାଦନ କରିଛନ୍ତି । ବିଶ୍ୱବିଦ୍ୟାଳୟର ଫଳାଫଳକୁ ସମୀକ୍ଷା କଲେ ଦେଖାଯିବ ଯେ ଛାତ୍ରୀମାନେ ଛାତ୍ର ମାନଙ୍କ ତୁଳନାରେ ଅଧିକ କୃତିତ୍ୱ ଅର୍ଜନ କରିଥାଆନ୍ତି । ସୁତରାଂ ଫଳାଫଳ ଅନୁଯାୟୀ ଅତି ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀମାନଙ୍କର ସଂଖ୍ୟା ବର୍ତ୍ତମାନ ମଧ୍ୟ ଯଥେଷ୍ଟ ଅଧିକ । ତେଣୁ ନାରୀ ଆଜି ଆଉ ଚାରିକାନ୍ଥରେ ଆବଦ୍ଧ ନରହି ତାହାର ନିପୁଣତା ପ୍ରତି କ୍ଷେତ୍ରରେ ପ୍ରଦର୍ଶନ କରିବାରେ ଲାଗିଛି । ଏହା ବାସ୍ତବିକ ପ୍ରମାଣ କରେ ଯେ ନାରୀ କୌଣସି କ୍ଷେତ୍ରରେ ପୁରୁଷଠାରୁ କମ୍ ନୁହେଁ ।

## ସେବିକା ଭୂମିକାରେ ନାରୀ

ସେବାକାରିଣୀ ହିଁ ସେବିକା । ସେବାକାରୀ ଅପେକ୍ଷା ସେବାକାରିଣୀର ଭୂମିକା ନିଶ୍ଚିତ ଭାବରେ ଭିନ୍ନ । କାରଣ ପ୍ରକୃତି ହିଁ ନାରୀ ବା ମହିଳାକୁ ସ୍ନେହ, ଦୟା ଓ କ୍ଷମାର ଅବତାର ରୂପେ ଜନ୍ମ ଦେଇଛି । ତେଣୁ ସେବିକା ଯେତେବେଳେ ଏକ ରୋଗୀକୁ ଦେଖେ, ତା ମନରେ ଓ ଆଖିରେ ରୋଗୀଟି ଗୋଟିଏ ଅସହାୟ ଶିଶୁଭଳି । ରୋଗୀଟିକୁ ମନପ୍ରାଣ ଦେଇ କିପରି ମୃତ୍ୟୁମୁଖରୁ ବଞ୍ଚାଇପାରିବ, ତାହାହିଁ ତା'ର ଲକ୍ଷ୍ୟ ଥାଏ ଓ ବଞ୍ଚାଇପାରିଲେ ସେ ପରମତୃପ୍ତି ଲାଭକରେ । ସେ ପରିଶ୍ରମ ନିଷ୍ଠା ପଛରେ ଥାଏ ସ୍ୱର୍ଗୀୟ ଆନନ୍ଦ । ଅତୀତକୁ ଉନ୍ମୋଚନ କଲେ ଦେଖିବା ସେହି ନାରୀ ଫ୍ଲୋରେନସ ନାଇଟିଙ୍ଗେଲ୍ କିପରି ଯୁଦ୍ଧ କ୍ଷେତ୍ରରେ ନିଜର ଜୀବନକୁ ବିପନ୍ନକରି ରୋଗୀର ସେବା କରିଥିଲେ । ନୋବେଲ୍ ପୁରସ୍କାର ବିଜେତା ମଦର୍ ଟେରେସାଙ୍କର ରୋଗୀମାନଙ୍କ ପ୍ରତି ସେବାଯୋଗୁଁ ଆଜି ସେ ବିଶ୍ୱ ବକ୍ଷରେ ପ୍ରତିଷ୍ଠିତା ଓ ସମ୍ମାନିତା ।

ସେବିକାକୁ ଇଂରାଜୀରେ ନର୍ସ କୁହାଯାଏ । ମାତ୍ର ରୋଗୀ ଓ ଜନସାଧାରଣଙ୍କ ପାଖରେ ସେ 'ସିଷ୍ଟର' ବା ଭଉଣୀ ଭାବରେ ପରିଚିତ । NURSE ଶବ୍ଦରେ ଥିବା ପ୍ରତ୍ୟେକ ଅକ୍ଷରର ଉପଯୁକ୍ତ ଅର୍ଥ ରହିଛି । N– Nobility of the profession ବା ବୃତ୍ତିର ମହନୀୟତା, U– Unity among all nurses ବା ସେବିକା ମାନଙ୍କ ମଧ୍ୟରେ ଏକତା, R– Regularity of work ବା କାର୍ଯ୍ୟରେ ନିୟମିତତା, S– Sympathy for the patients ବା ରୋଗୀପ୍ରତି ସହାନୁଭୂତିଶୀଳତା, E– Excellent etiquettes ବା ଉତ୍ତମ ବ୍ୟବହାର ।

## ସମାଜ ଆଖିରେ ସେବିକା

ସେବାବୃତ୍ତି ଏକ ମହାନ୍ ଚିନ୍ତା । ସେବିକାର ସେବାବୃତ୍ତିର ମହାନୀୟତା ଓ ଅମୂଲ୍ୟ ଦାନ ବିଷୟରେ ଆଜିର ସମାଜ ଅଜ୍ଞ । ସମାଜ ଦୃଷ୍ଟିରେ ଆର୍ଥିକ ଅନାଟନରେ ପ୍ରପୀଡ଼ିତ ହୋଇ ଏକ ନାରୀ ସେବିକା ହୁଏ । ଏହା ବାସ୍ତବ ସତ୍ୟ ଯେ ପ୍ରତ୍ୟେକ ମଣିଷ ଜୀବନ ଧାରଣ ପାଇଁ ଶ୍ରମକରେ । ତେବେ ଏଥିରେ ହୀନତା କିଛି ନାହିଁ । ଯଦିଓ ସମାଜ ସେମାନଙ୍କର ବୃତ୍ତିକୁ ହେୟମନେ କରେ ତଥାପି ସେବିକା ନିରବଚ୍ଛିନ୍ନ ଭାବରେ ସେବାଦ୍ୱାରା ରୋଗୀମନରୁ ଦୁଃଖ ଓ କଷ୍ଟ ଲାଘବ କରିବାରେ ସହାୟକ ହୋଇଥାଏ । କିନ୍ତୁ ବେଳେବେଳେ ସମାଜର ଏହି କଟୁ ମନ୍ତବ୍ୟ ବା କୁତ୍ସାରଟନା ତଥା ହେୟମନୋଭାବ ତା'ର ଉତ୍ସାହ ଓ ଉଦ୍ଦୀପନାକୁ ହତୋତ୍ସାହ କରିଦିଏ । ଏହି ମାନସିକ ଯନ୍ତ୍ରଣାକୁ ଲାଘବ କରିବାପାଇଁ ଓ ତା'ର ଉତ୍କୃଷ୍ଟ ଶ୍ରମକୁ ଭରଣା କରିବା ପାଇଁ ସେ କେବେ ଆକର୍ଷଣୀୟ ବେତନ ପାଏନାହିଁ । ସେବିକାଟିଏ ଠିକ୍ ଅନ୍ୟ ଶ୍ରମଜୀବୀ ପରି ସାମାଜିକ ସ୍ଥିତି, ପରିଚୟ: ପରସ୍ପର ବୁଝାମଣା, ବିଶ୍ୱାସ ଓ ବୃତ୍ତିଗତ ସନ୍ତୋଷ ଦରକାର କରେ । ସେ ମଧ୍ୟ ଅନ୍ୟମାନଙ୍କ ପରି ତା'ବୃତ୍ତିର ନିପୁଣତା ଓ ଉତ୍କର୍ଷତା ପ୍ରତିପାଦନ କରିବାକୁ ଚାହେଁ । କିନ୍ତୁ ସୁଯୋଗ ଅଭାବରୁ ସେ ସବୁରୁ ବଞ୍ଚିତ ହୁଏ ।

## ସେବିକାର ଭୂମିକା

ସମାଜରେ ସେବିକାର ଭୂମିକା ସମ୍ପର୍କରେ ଆଲୋଚନା କଲେ ଦେଖିବା ପ୍ରଥମତଃ ସେବିକା ଆମର ସୁସ୍ଥସମାଜ ଗଠନ କରିବାରେ ଏକ ଉତ୍ତମ ନାବିକଟିଏ । ସମସ୍ୟାବହୁଳ ସମାଜରେ କିପରି ସୁସ୍ଥ ପରିବାରଟିଏ ଗଠନ କରିହେବ, ତାହାର ମାର୍ଗ ଦର୍ଶନ କରିଥାଏ । ଦ୍ୱିତୀୟତଃ ହାସପାତାଳରେ ଏହାର ଭୂମିକା ଡାକ୍ତରଙ୍କ ପରି ଅପରିହାର୍ଯ୍ୟ । ଡାକ୍ତରଙ୍କର ପରାମର୍ଶ ତଥା ସେବିକାର ସେବାବିନା ରୋଗୀ ଆରୋଗ୍ୟଲାଭ କରିପାରେନା । ଉପଯୁକ୍ତ ସମୟରେ ଔଷଧ ସେବନ ତଥା ଆନୁଷଙ୍ଗିକ ସେବା ଇତ୍ୟାଦି , ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସେବିକା ଉପରେ ନ୍ୟସ୍ତ ଥାଏ । ତୃତୀୟତଃ ପରିବାରର ଦ୍ୱାର ଦେଶରେ ସୁସ୍ୱାସ୍ଥ୍ୟର ଏକଟିଏ

ଭାବରେ ପଦାର୍ପଣ କରିବା ପୂର୍ବରୁ ପ୍ରତ୍ୟେକ ପରାମର୍ଶ ଦେବା ହେଲା ଉତ୍ତମ ସେବିକାର କର୍ତ୍ତବ୍ୟ । ମାତୃ ମୃତ୍ୟୁହାରକୁ ହ୍ରାସ କରିବା, ଜୀବନଧାରଣର ମାନକୁ ଉନ୍ନତ କରିବା, ପରିବାର ନିୟୋଜନ ବିଷୟରେ ଲୋକଙ୍କୁ ଅବଗତ କରାଇବା ଓ ଉତ୍ତମ ସ୍ୱାସ୍ଥ୍ୟ ବିଷୟରେ ଜ୍ଞାନଦେବାଭଳି ଗୁରୁତ୍ୱପୂର୍ଣ୍ଣ ସାମାଜିକ କାର୍ଯ୍ୟଗୁଡ଼ିକ ସମ୍ପାଦନ କରିବାପାଇଁ ସେବିକାର ଭୂମିକା ଅପରିହାର୍ଯ୍ୟ ।


ଆମେ ଦେଖୁ ଆମ ହାସପାତାଳ ଗୁଡ଼ିକରେ ସେବିକାମାନେ ଅନେକ ଘଣ୍ଟା ପର୍ଯ୍ୟନ୍ତ ନିଷ୍ଠାର ସହ କାର୍ଯ୍ୟ କରିଥାନ୍ତି । ଅଧିକ ପରିଶ୍ରମ ପାଇଁ ଅଧିକା ପାରିଶ୍ରମିକ ପାଉନଥିଲେ ମଧ୍ୟ ରୋଗୀର ଆରୋଗ୍ୟ ଲାଭ ଦେଖିଲେ ସେବିକାର ପାଦ ସେଇଠି ସ୍ୱତଃ ଅଟକିଯାଏ କାରଣ ସେବାହିଁ ସେବିକାର ଧର୍ମ ଓ କର୍ମ । ସେଥିରେ ହିଁ ସେବିକାର ତୃପ୍ତି ।

## ଓଡ଼ିଶାରେ ସେବିକା

ବର୍ତ୍ତମାନ ଭାରତବର୍ଷରେ ୧୪୨ଟି ଭେଷଜ ମହାବିଦ୍ୟାଳୟ ଅଛି । ତନ୍ମଧ୍ୟରୁ ୧୦୯ଟି ସରକାରୀ ଓ ଅବଶିଷ୍ଟ ୩୩ଟି ବେସରକାରୀ ଭେଷଜ ମହାବିଦ୍ୟାଳୟ । ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ ଓଡ଼ିଶାର ଏକ ପୁରାତନ ସରକାରୀ ଭେଷଜ ମହାବିଦ୍ୟାଳୟ । ସେହି ଭେଷଜ ମହାବିଦ୍ୟାଳୟ ଗଠିତ ହେବାପୂର୍ବରୁ ସେବିକାବୃତ୍ତିକୁ ନିନ୍ଦିତବୃତ୍ତି ରୂପେ ପରିଗଣନା କରାଯାଉନଥିଲା । ଓଡ଼ିଶାରେ ସେବିକାସଂସ୍ଥା ସ୍ୱୟଂଚାଳିତ ଓ ଘରୋଇ ଉଦ୍ୟୋଗ ଗୁଡ଼ିକରେ ପରିଚାଳିତ ହେଉଥିଲା । ତତ୍କାଳୀନ ଓଡ଼ିଶା ସରକାର ଏହାର ଆର୍ଥିକ ଦାୟିତ୍ୱ ଗ୍ରହଣ କରିନଥିଲେ । ସେହି ଘରୋଇ ସଂସ୍ଥାଗୁଡ଼ିକ ସରକାରଙ୍କୁ ଆବଶ୍ୟକ ମୁତାବକ ସେବିକା ଯୋଗାଉଥିଲେ ଓ ଏହାର ଆର୍ଥିକଭାରକୁ ଖ୍ରୀଷ୍ଟିଆନ ମିଶନାରୀମାନେ ବହନ କରୁଥିଲେ । କ୍ରମଶଃ ସେବିକାବୃତ୍ତିର ସୁବିଧା ବୃଦ୍ଧି ହେବାରୁ ଓଡ଼ିଶାର ନାରୀମାନେ ମଧ୍ୟ ଏହି ସଂସ୍ଥାରେ ଯୋଗଦେଲେ ଓ ସେବିକାବୃତ୍ତି ଠିକାବୃତ୍ତି ରୂପେ ପରିଗଣିତ ହେଲା । ସ୍ୱାଧୀନତାପରେ ପୁରାତନ ସେବିକା ସଂସ୍ଥାର ଆର୍ଥିକ ଭାର ବଢ଼ିଗଲା ଓ ପରିଚାଳନାଗତତ୍ରୁଟି ଦେଖାଦେଲା । ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମିତ୍ତ ୧୯୬୨ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିରେନ୍ ମିତ୍ର ସେବିକା ବୃତ୍ତିକୁ ସରକାରୀ ସାହାଯ୍ୟ ପ୍ରଦାନ କଲେ । ଏହାପରେ ସେବିକାମାନଙ୍କୁ ଶିକ୍ଷାପ୍ରଦାନ କରିବାପାଇଁ ଓଡ଼ିଶାରେ ଓଡ଼ିଶା ସେବିକା ପରିଷଦ ଓ ପରୀକ୍ଷା ସମ୍ପାଦନ କରିବା ପାଇଁ ସେବିକା ପରୀକ୍ଷା ପରିଷଦ ଗଠନ କରାଗଲା । ଏହିପରି ସରକାରୀ ଭାବେ ସେମାନଙ୍କର ସଂଖ୍ୟା ବୃଦ୍ଧିପାଇ ୧୯୮୮-୧୯୮୯ ମସିହା ସୁଦ୍ଧା ୧,୬୪୪ ରେ ପହଞ୍ଚି ପାରିଛି । ଏତଦ୍‌ବ୍ୟତୀତ ଅନେକ ବେସରକାରୀ ସେବିକା ମଧ୍ୟ ଘରୋଇ ଚିକିତ୍ସାଳୟଗୁଡ଼ିକରେ କାର୍ଯ୍ୟ କରୁଛନ୍ତି ।

ସମାଜ ପାଇଁ ସେବିକାର ଦାନ ଅତୁଳନୀୟ । ତେଣୁ ସମାଜ ତା'ର ସେହି ମୂଲ୍ୟବାନ ସେବାର ମୂଲ୍ୟକୁ ସମ୍ମାନ ଦେଇପାରିଲେ ସେମାନଙ୍କର ମାନସିକ ଯନ୍ତ୍ରଣାର କିଛି ଅଂଶ ଲାଘବ ହୋଇପାରିବ । ସେବିକାର ଏହି ଶ୍ରମଭାରକୁ ଲାଘବ କରିବାପାଇଁ ବା ଯଥୋଚିତ ସମ୍ମାନ ପ୍ରଦାନ କରିବାପାଇଁ ସର୍ବଭାରତୀୟ ସ୍ତରରେ ଭୋରେ କମିଟି (୧୯୪୬), ଶେଟି କମିଟି (୧୯୫୪), ମୁଦାଲିୟର କମିଟି (୧୯୬୧), ହାଇ ପାୱାର କମିଟି (୧୯୮୯) ଗଠନ କରାଯାଇଛି । ସେବିକାମାନଙ୍କ ସେବାବୃତ୍ତିର ସମୁଚିତ ମୂଲ୍ୟକୁ ବୁଝିବାକୁ ହେଲେ ଗଣ ମାଧ୍ୟମରେ ଆମେ ସାମାଜିକ ଚେତନା ସୃଷ୍ଟି କରିବା ଦରକାର ।

କେ: ବି: ଡି: ଏ: ଭି ମହାବିଦ୍ୟାଳୟ,
ନିରାକାରପୁର, ପୁରୀ-୭୫୨୦୧୯ ।




ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପୁରୁଣା ଭୁବନେଶ୍ୱରଠାରେ ନିର୍ମିତ ଏକ କଲ୍ୟାଣ ମଣ୍ଡପକୁ ଉଦ୍‌ଘାଟନ କରୁଛନ୍ତି । (୩୧/୮)

# ଅଗ୍ରଗତି ପଥରେ ଓଡ଼ିଶା ନିର୍ମାଣ ନିଗମ

● ଶ୍ରୀ ଦିବାକର ମିଶ୍ର
ଅନୁବାଦ : ଶ୍ରୀ ଗିରିଜା ଶଙ୍କର ଦାଶ

ବେସରକାରୀ କ୍ଷେତ୍ରରେ ଏକଚାଟିଆ ନିର୍ମାଣ କାର୍ଯ୍ୟକୁ ପ୍ରତିହତ କରି ନିର୍ମାଣ କ୍ଷେତ୍ରରେ ଦକ୍ଷତାର ସହିତ ସଫଳ ସୃଷ୍ଟି କରିବାର ସମାଜବାଦୀ ଲକ୍ଷ୍ୟ ନେଇ ଓଡ଼ିଶା ସରକାରଙ୍କ ଦ୍ୱାରା ୧୯୬୨ ମସିହାରେ ଓଡ଼ିଶା ନିର୍ମାଣ ନିଗମ ପ୍ରତିଷ୍ଠା କରାଯାଇଥିଲା । ଏଥିରେ ନିର୍ମାଣ କାର୍ଯ୍ୟର ଉତ୍କର୍ଷକୁ ବଳି ନଦେଇ ନିର୍ମାଣ କାର୍ଯ୍ୟ ବାବଦ ଅର୍ଥ ଓ ଲାଭ ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ।

ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟର ନକ୍ସା ପ୍ରସ୍ତୁତି ସମ୍ପର୍କରେ ଉପଦେଶ ପ୍ରଦାନ, ବେ-ସାମରିକ ନିର୍ମାଣ କାର୍ଯ୍ୟ, ଯାନ୍ତ୍ରିକ ନିର୍ମାଣ କାର୍ଯ୍ୟ ଓ କୋଠାବାଡ଼ି ଇତ୍ୟାଦି ନିର୍ମାଣ କାର୍ଯ୍ୟ ନିଗମ ହାତକୁ ନେଇଥାଏ । ମୁଖ୍ୟତଃ ଏହା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ନିର୍ମାଣ କାର୍ଯ୍ୟର ଦାୟିତ୍ୱ ବହନ କରିଥାଏ । ଅଧିକନ୍ତୁ ଦାମନଯୋଡ଼ିରେ ଥିବା ନାଲ୍କୋ (ଆଲୁମିନା), ପାରାଦ୍ୱୀପ ବନ୍ଦର, ଦକ୍ଷିଣ-ପୂର୍ବ ରେଳବାଇ ଓ ଏନ୍.ଟି. ପି. ସି. ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାମାନଙ୍କର ବିଭିନ୍ନ ନିର୍ମାଣ କାର୍ଯ୍ୟ ଏହି ନିଗମ ହାତକୁ ନେଇଛି ।

ଏହିଭଳି ବିଭିନ୍ନ ପ୍ରକାର ବେସାମରିକ ନିର୍ମାଣ କାର୍ଯ୍ୟ କାର୍ଯ୍ୟକାରୀ କରିବା ସଙ୍ଗେ ସଙ୍ଗେ ଏହି ନିଗମ ବିଶେଷ ଧରଣର ଢ଼ଳେଇ (ଫେବ୍ରିକେସନ୍) କାର୍ଯ୍ୟ ଲାଗି ଭୁବନେଶ୍ୱର, ଜୟପୁର ଓ ଜଗତପୁରଠାରେ ତିନିଗୋଟି ବଡ଼ଧରଣର କାରଖାନା ସ୍ଥାପନ କରିଛି ।

ଏହି ନିଗମର କ୍ଷମତାପ୍ରାପ୍ତ ମୂଳଧନ ୮ କୋଟି ଟଙ୍କା ଥିବା ସ୍ଥଳେ ନିଗମ ଏପର୍ଯ୍ୟନ୍ତ ସଂଗୃହିତ ୭·୧୬ କୋଟି ଟଙ୍କା ବ୍ୟୟ କରି କାର୍ଯ୍ୟ କରୁଛି ଏବଂ ୧,୮୩୭ ଜଣ ବିଭିନ୍ନ ଶ୍ରେଣୀର କର୍ମଚାରୀ ଯଥା ଡେପୁଟେସନରେ ଆସିଥିବା କର୍ମଚାରୀ, ନିୟମିତ କର୍ମଚାରୀ, ୱାର୍କଚାର୍ଜଡ୍ କର୍ମଚାରୀ ଓ ଏନ୍. ଏମ୍. ଆର୍. କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି । ଏହାବାଦ୍ କୁଶଳୀ, ଅର୍ଦ୍ଧ-କୁଶଳୀ ଓ ଅଣ-କୁଶଳୀ ଏବଂ ବହୁ ସଂଖ୍ୟକ ଶ୍ରମିକଙ୍କୁ ବିଭିନ୍ନ ଯୋଜନାରେ ଏହି ନିଗମ ନିଯୁକ୍ତ କରିଛି ।

ସମସ୍ତ, କାରିଗରୀ କୌଶଳ ଓ ସଫଳ ସମ୍ପର୍କିତ ବାଧାବିଘ୍ନ ଅତିକ୍ରମ କରି ଉକ୍ତ ନିଗମ କେତେକ ଜଟିଳ ଓ କଷ୍ଟକର ଯୋଜନା (ପ୍ରୋଜେକ୍ଟ) କାର୍ଯ୍ୟ ସମ୍ପାଦନ କରିଛି ଯାହାକି ନିଗମର ସଫଳତାର ମାଇଲଖୁଣ୍ଟ ସଦୃଶ । ସେଗୁଡ଼ିକ ହେଲା;

(୧) ବାଲିମେଳା ଯୋଜନା (ପ୍ରୋଜେକ୍ଟ)ର ସ୍ପିଲୱେ ଟାଇଙ୍କ (ଉଦ୍ବୃତ୍ତ ଜଳ ନିର୍ଗମନ ବନ୍ଧ) ଓ ପାୱାର ହାଉସ୍ ।

(୨) ରେଙ୍ଗାଲି ଯୋଜନା (ପ୍ରୋଜେକ୍ଟ) ବନ୍ଧ ଓ ଉଦ୍ବୃତ୍ତ ଜଳ ନିର୍ଗମନ ବନ୍ଧ ଜଳ ପ୍ରବାହୀ ଫାଟକ ଓ କ୍ଷୁଦ୍ରବନ୍ଧଗା ।

(୩) ମହାନଦୀ ବ୍ୟାରେଜ୍ ଓ ଏହାର ଫାଟକ ସମୂହ ଓ ବିରୂପା ବ୍ୟାରେଜ୍‌ର ଫାଟକ ସମୂହ ।

(୪) ଉପର-କୋଲାବ୍ ଯୋଜନାର ସୁଡ଼ଙ୍ଗ, ପାୱାର ହାଉସ୍, ଜଳ ପ୍ରବାହୀ ଫାଟକଗୁଡ଼ିକର କ୍ଷୁଦ୍ର ବନ୍ଧଗା ।

(୫) ହାତୀ ବ୍ୟାରେଜ୍ ଓ ଏହାର ଫାଟକ ସମୂହ ଓ ଉପର-ଇନ୍ଦ୍ରାବତୀ ଯୋଜନା ପାୱାର ହାଉସ୍‌ର ଖନନ କାର୍ଯ୍ୟ ।

(୬) ବାଲେଶ୍ୱରଠାରେ ଫ୍ଲାଇ ଓଭର ନିର୍ମାଣ

(୭) ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀରେ ପୋଲ ନିର୍ମାଣ ।

(୮) ତୁଲା ପାୱାର ହାଉସ୍ ସପ୍ତମ ୟୁନିଟ୍‌ର ସମ୍ପ୍ରସାରଣ ଓ ପାୱାର ଚ୍ୟାନେଲର ପୁନର୍ଗଠନ ।

ଉପର-କୋଲାବ୍ ଯୋଜନାର ସୁଡ଼ଙ୍ଗ ।

ନିଗମ ବର୍ତ୍ତମାନ ହାତକୁ ନେଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ଯୋଜନା (ପ୍ରୋଜେକ୍ଟ) ହେଲା:

(୧) କଣିହାଠାରେ ଏନ୍. ଟି. ପି. ସି.ର ୨×୫୦୦ ମେଗାୱାଟ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ଘୂର୍ଣ୍ଣାୟମାନ ଜଳ ପ୍ରଣାଳୀ ଓ ଆବଶ୍ୟକୀୟ ଲୌହ ଢ଼ଳେଇ ଦ୍ରବ୍ୟ ନିର୍ମାଣ ।

(୨) ବ୍ୟାରେଜ ଓ ଏହାର ଫାଟକ ସମୂହ ।

(୩) ହରିହର ଯୋର ଯୋଜନାର ସ୍ପିଲୱେ ଓ ମାଟି ବନ୍ଧର ବାକିଥିବା ଅଂଶ ନିର୍ମାଣ ।

(୪) ହରଭଙ୍ଗୀ ସୁଡ଼ଙ୍ଗ ନିର୍ମାଣ ।

(୫) ଇବ୍ ତାପଜ ବିଦ୍ୟୁତ୍ ଯୋଜନାର ଜଳଗ୍ରହଣ (ଇନ୍‌ଟେକ୍) । ଚ୍ୟାନେଲ୍ ନିର୍ମାଣ ।

ବିଗତ ୨୮ ବର୍ଷ (୧୯୬୨-୬୩ ରୁ ୧୯୮୯-୯୦) ମଧ୍ୟରେ ଏହି ନିଗମ ୨୬୬·୨୪ କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ ଗ୍ରହଣ କରିଛି ଏବଂ ୫୯·୫୦ ଲକ୍ଷ ଟଙ୍କା ଲାଭ ଆକାରରେ ପାଇଛି ।


ହେଇ ନେଇଥିବା ନିର୍ମାଣ କାର୍ଯ୍ୟଗୁଡ଼ିକର ଲକ୍ଷ୍ୟ ହାସଲ କରିବା ପାଇଁ ଓଡ଼ିଶା ନିର୍ମାଣ ନିଗମ କଠୋର ଅଧ୍ୟବସାୟ କରିବା ଏବଂ ସଙ୍ଗେ ସେଗୁଡ଼ିକ ଯେପରି ସ୍ୱଚ୍ଛ ବ୍ୟୟରେ ସମ୍ପାଦିତ ହୋଇପାରିବ, ସେଥିପାଇଁ ଆନ୍ତରିକ ଭାବେ କାର୍ଯ୍ୟ କରୁଛି ଓ ସେହି ନିର୍ମାଣ କାର୍ଯ୍ୟଗୁଡ଼ିକ ଯେପରି ଉନ୍ନତମାନର ହୋଇ ପାରିବ ସେଥିପାଇଁ ଯଥାସାଧ୍ୟ ଚେଷ୍ଟା କରୁଛି । ଏହି ନିଗମ ଆରମ୍ଭ ହେବା ଦିନଠାରୁ ଏ ପର୍ଯ୍ୟନ୍ତ ସରକାରଙ୍କ ସହିତ ଏହାର କୌଣସି ବିବାଦ ସୃଷ୍ଟି ହୋଇ ନାହିଁ । ଏହା ହିଁ ତାହାର ପ୍ରମାଣ ଏହା ସଙ୍ଗେ ଦେଶ ନିର୍ମାଣ କ୍ଷେତ୍ରରେ ଏହି ନିଗମ ଯେପରି ଅଧିକଭାବେ ପ୍ରତିଯୋଗିତା କରି ପାରିବ, ସେଥିପାଇଁ ଯଥେଷ୍ଟ ସଂଖ୍ୟକ ଯନ୍ତ୍ରପାତି ଓ ଉପକରଣ ଠୁଳ କରିଛି । ଏହି ଯନ୍ତ୍ରପାତି ଇତ୍ୟାଦିର ମୂଲ୍ୟ ହେଉଛି ୭.୬୧ କୋଟି ଟଙ୍କା ।

ଅନେକ ସଫଳତା ସତ୍ତ୍ୱେ ନିର୍ମାଣ ନିଗମ ନିଜର ସଫଳତା ପାଇଁ ଗର୍ବିତ ନୁହେଁ, ବରଂ ନିଜର ବିଫଳତାରୁ ଶିକ୍ଷାଲାଭ କରିବା ପାଇଁ ନିଗମ ସତତ ଚେଷ୍ଟିତ । ନିଗମ କେବେ ଅନ୍ୟାନ୍ୟ ରାଜ୍ୟରେ ତଥା ଦରିଆପାରି ଦେଶମାନଙ୍କରେ ନିର୍ମାଣ କାର୍ଯ୍ୟ ହାତକୁ ନେବାପାଇଁ ସୁଯୋଗ ପାଇ ପାରିବ ସେହି ସୁଦିନକୁ ଚାହିଁ ରହିଛି ।

---

(ଅଧ୍ୟକ୍ଷ, ଓଡ଼ିଶା ନିର୍ମାଣ ନିଗମଙ୍କ ମୁଖ ବାର୍ଷିକୀ ସନ୍ଦେଶରୁ)

ସୂଚନା ଓ ଲୋକ ସମ୍ପର୍କ ବିଭାଗ ।



ନୀଳଗିରିଠାରେ ଅନୁଷ୍ଠିତ ରଥଯାତ୍ରାରେ ଭକ୍ତମାନେ ରଥ ଟାଣୁଛନ୍ତି ।

# ନାରୀ ଶିକ୍ଷାର ପ୍ରସାର ହିଁ ନିର୍ଯ୍ୟାତନାର ପ୍ରତିକାର

• ମମତା ପାତ୍ର

ରାଜା ହରିଶ୍ଚନ୍ଦ୍ର ଦାନ କରି କରି ଶେଷରେ ନିଜର ଧର୍ମପତ୍ନୀ ଶୈବ୍ୟାରାଣୀ ଓ ପୁତ୍ର ରୋହିତଙ୍କୁ ବିକ୍ରି କରିବା ସଙ୍ଗେ ସଙ୍ଗେ ନିଜେ ଚଣ୍ଡାଳ ପାଖରେ ବିକ୍ରି ହୋଇ ଚଣ୍ଡାଳର ଦାସ ହେଲେ । ରାଜା ହରିଶ୍ଚନ୍ଦ୍ରଙ୍କ ପ୍ରତିଶ୍ରୁତି ପାଳନ ପାଇଁ ଶୈବ୍ୟାରାଣୀ ମଧ୍ୟ ରାଜସୁଖ ଏବଂ ସ୍ୱାମୀ ସୁଖ ତ୍ୟାଗ କରି ଦାସୀ ହେଲେ । ରାଜା ହରିଶ୍ଚନ୍ଦ୍ର ସର୍ବସ୍ୱ ତ୍ୟାଗ କରି ଦାସ ହେଲା ଭଳି ଶୈବ୍ୟାରାଣୀ ମଧ୍ୟ ସକଳ ତ୍ୟାଗ ସ୍ୱୀକାର କରି ଦାସୀ ହେଲେ । ରାଜାଙ୍କର ତ୍ୟାଗ ପାଇଁ ରାଜା ହେଲେ ଦାନ ବୀର । କିନ୍ତୁ ରାଣୀଙ୍କର ତ୍ୟାଗ ପାଇଁ ରାଣୀ ପାଇଲେ କ'ଣ ?

ଏ ପ୍ରଶ୍ନର ଉତ୍ତର ଦେବା ପାଇଁ ସେ ସମୟର ଜନସାଧାରଣ କଦାପି ସ୍ୱର୍ଗ ପୁରରୁ ଓହ୍ଲାଇ ଆସିବେ ନାହିଁ । କିନ୍ତୁ ଏକଥା ସ୍ୱୀକାର କରିବାକୁ ହେବ ଯେ ଏହାହିଁ ନାରୀର ବୈଶିଷ୍ଟ୍ୟ । ନିଜେ ସକଳ ପ୍ରକାର ଯନ୍ତ୍ରଣାକୁ ବରଣ କରି ସମାଜର କଲ୍ୟାଣ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରେ । ସମାଜକୁ ଅମୃତମୟ କରେ । କିନ୍ତୁ ପ୍ରତିଦାନରେ କିଛି ପାଏନି ।

ଅଜ୍ଞାନ ଶିଶୁର ମନକୁ ଚିହ୍ନି, ଭୋକିଲା ପେଟକୁ ଜାଣି ଯାହାର ଛାତିରୁ କ୍ଷୀରଧାରା ପ୍ରବାହିତ ହୁଏ, ସେ ହେଉଛି ନାରୀ । ପରିବାରର ସମସ୍ତଙ୍କୁ ତୃପ୍ତିପୂର୍ଣ୍ଣ ଭୋଜନ ପରଶି ଦେଇ ନିଜେ ଖାଇବା–ନ ଖାଇବା ପ୍ରତି ଗୁରୁତ୍ୱ ନ ଦେଇ ଯେ ଆତ୍ମତୃପ୍ତି ଲାଭ କରେ, ସେ ହେଉଛି ନାରୀ । ପରିବାରରେ ସମସ୍ତଙ୍କର ସେବାକରି, ସଭିଙ୍କର ଯତ୍ନ ନେଇ ସମସ୍ତଙ୍କୁ ଯେ ଆପଣାର କରିପାରେ, ସେ ହେଉଛି ନାରୀ ।

ପାଶ୍ଚାତ୍ୟ ସଭ୍ୟତା ଆଜି ସମାଜରେ ପ୍ରଭାବ ବିସ୍ତାର କରିବା ଫଳରେ ସାମାଜିକ ଚଳଣି ଓ ଚରିତ୍ରରେ ବହୁ ପରିବର୍ତ୍ତନ ଘଟିଛି । କିନ୍ତୁ ସୌଭାଗ୍ୟର କଥା, ନାରୀ ସମାଜ ଏଥିରେ ପ୍ରଭାବିତ ହୋଇନାହିଁ । ଅତୀତର ଗୌରବମୟ ସଂସ୍କୃତିକୁ ନିଜର ମୂଳଧନ ରୂପେ ବଞ୍ଚାଇ ରଖିଥିବା ନାରୀ ସମାଜ ଆଜି ନିଜେ ବଞ୍ଚିବା କଷ୍ଟକର ହୋଇ ପଡ଼ିଛି । ସମାଜର ସବୁ ଶ୍ରେଣୀରେ ସବୁ ସ୍ତରରେ ନାରୀ ଆଜି ନିର୍ଯ୍ୟାତନାର ଶିକାର ହେଉଛି । ନବ ବିବାହିତାର ଆତ୍ମହତ୍ୟା, ନବ ବିବାହିତାକୁ ନୃଶଂସ ହତ୍ୟା ଇତ୍ୟାଦି ନାରୀ ନିର୍ଯ୍ୟାତନା ସମ୍ବାଦ ପ୍ରତିଦିନ ଖବର କାଗଜମାନଙ୍କର ପୃଷ୍ଠା ମଣ୍ଡନ କରିବାରେ ଲାଗିଛି । ଅଧିକାଂଶ କ୍ଷେତ୍ରରେ ଏହି ନାରୀ ନିର୍ଯ୍ୟାତନାର ଶେଷ ପରିଣତି ହୋଇଛି "ମୃତ୍ୟୁ" । ତେବେ ନିର୍ଯ୍ୟାତନାର ମୂଳ କାରଣ ଗୁଡ଼ିକ ଅନୁଧ୍ୟାନ କରିବାକୁ ହେବ ।

ନାରୀର ସରଳତା ଏବଂ ଉଦାରତା ଏହି ନିର୍ଯ୍ୟାତନାର ଏକମାତ୍ର କାରଣ ନୁହେଁ । ଉପଯୁକ୍ତ ଶିକ୍ଷାର ଅଭାବରୁ ସର୍ବଗୁଣ ସମ୍ପନ୍ନା ନାରୀର ଜୀବନ ଆଜି ସଂକଟାପନ୍ନ ହେଉଛି । ଏ ସମସ୍ୟାର ନିରାକାରଣ ପାଇଁ ସରକାରୀ ସ୍ତରରେ ନାରୀ–ପୁରୁଷ ଉଭୟଙ୍କୁ ସମାନ ଅଧିକାର ମିଳିଛି । ନାରୀ ଶିକ୍ଷାର ପ୍ରସାର ପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ରାଜକୋଷରୁ ଖର୍ଚ୍ଚ ହେଉଛି । ଯୌତୁକ ନିରୋଧ ଆଇନ ପ୍ରଣୟନ କରା ଯାଇଛି । ଏଭଳି ବିଭିନ୍ନ ସରକାରୀ ପଦକ୍ଷେପ ନିଆ ଯାଇ ଥିଲେ ହେଁ ସମାଜର ଚରିତ୍ରରେ ପରିବର୍ତ୍ତନ ଦେଖା ଯାଉନାହିଁ । ସମାଜର ଚରିତ୍ରରେ ପରିବର୍ତ୍ତନ ଆଣିବାକୁ ହେଲେ ଆମ ସମାଜ ହିଁ ବିଶେଷ ଭୂମିକା ନେବାକୁ ହେବ ।

ରାଜା ମହାରାଜାମାନଙ୍କ ରାଜତ୍ୱ କାଳରେ ରାଜା-ମହାରାଜାଙ୍କ ଅକାଳ ବିୟୋଗ ଘଟିଲେ ରାଣୀ-ମହାରାଣୀମାନେ ସିଂହାସନ ଆରୋହଣ କରି ରାଜ୍ୟ ଶାସନ କରୁଥିଲେ । ଏଥି ପ୍ରତି ଦୂରଦୃଷ୍ଟି ରଖି ରାଜା– ମହାରାଜାମାନେ ରାଜ୍ୟ ଶାସନ କଲାବେଳେ ରାଣୀ– ମହାରାଣୀ ମଧ୍ୟ ରାଜ ଦରବାରରେ ଉପସ୍ଥିତ ରହି ରାଜକାର୍ଯ୍ୟ ପରିଚାଳନାରେ ସାହାଯ୍ୟ କରୁଥିଲେ । ଆଜିକାଲି କୃଷକ ପରିବାରରେ କୃଷକର ସ୍ତ୍ରୀ ମଧ୍ୟ କୃଷି କାର୍ଯ୍ୟରେ ସ୍ୱାମୀକୁ ସାହାଯ୍ୟ କରୁଛି । ତନ୍ତୀର ସ୍ତ୍ରୀ ମଧ୍ୟ ଲୁଗା ବୁଣିବାରେ ସ୍ୱାମୀକୁ ସମ ପରିମାଣରେ ସାହାଯ୍ୟ କରୁଛି । ଦିନ ମଜୁରିଆର ସ୍ତ୍ରୀ ମଧ୍ୟ ସ୍ୱାମୀ ସହିତ ମଜୁରି ପାଇଁ ଯାଉଛି । ଲୁଗାସଫା କରିବା କାର୍ଯ୍ୟରେ ଧୋବାର ସ୍ତ୍ରୀ ମଧ୍ୟ ଧୋବା ଅପେକ୍ଷା କିଛି କମ୍‌କାମ କରୁ ନାହିଁ । ଏ ସବୁକୁ ଅନୁକରଣ କରି ଶିକ୍ଷକତା କରୁଥିବା ଝିଅ ଶିକ୍ଷକ ସ୍ୱାମୀ କିମ୍ବା ଓକିଲାତି କରୁଥିବା ଝିଅ ଓକିଲ ସ୍ୱାମୀ ଗ୍ରହଣ କରିବା କିଛି ଅପ୍ରାସଙ୍ଗିକ ହେବ ନାହିଁ । ସମାଜର ସବୁ ଶ୍ରେଣୀର ପରିବାରରେ ସ୍ୱାମୀ– ସ୍ତ୍ରୀ ଉଭୟେ ଏକ ପ୍ରକାର କାର୍ଯ୍ୟରେ ନିୟୋଜିତ ହେଲେ ଉଭୟେ ପରସ୍ପରର ସହାୟକ ହେବା ସାଙ୍ଗକୁ ଉଭୟଙ୍କ ରୁଚି ଅଭିନ୍ନ ଥିବାରୁ ସେମାନଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇ ଦାମ୍ପତ୍ୟ ଜୀବନ ଅଧିକ ସୁଖମୟ ହୋଇ ପାରିବ । ସ୍ତ୍ରୀର ଯୋଗ୍ୟତା ଠାରୁ ସ୍ୱାମୀର ଯୋଗ୍ୟତା ଅଧିକ ବୋଲି ସ୍ୱାମୀ କଦାପି ଅହଂକାର ପୋଷଣ କରି ପାରିବ ନାହିଁ କିମ୍ବା ସ୍ତ୍ରୀର ଉଦାରତାର ସୁଯୋଗ ନେଇ ସ୍ୱାମୀ ନିଷ୍ଠୁର ହୋଇ ପାରିବ ନାହିଁ ।

ଏହି ମୌଳିକ ପନ୍ଥାକୁ ଅନୁସରଣ କରି ନାରୀ ସମାଜ ନିଜର ଭବିଷ୍ୟତ ନିଜେ ଗଢ଼ିବା ଉଚିତ । ତା' ହେଲେ ଏଭଳି କ୍ଷେତ୍ରରେ ଯୌତୁକ ଦାବୀ ପ୍ରଶ୍ନ ଉଠିବ ନାହିଁ କିମ୍ବା ନିର୍ଯ୍ୟାତନାର ଆଶଙ୍କା ମଧ୍ୟ ରହିବ ନାହିଁ । ତେବେ ସବୁ ମୂଳରେ ମୂଳ ଆବଶ୍ୟକତା ହେଉଛି "ଶିକ୍ଷା" । କେବଳ ଶିକ୍ଷା ନୁହେଁ, ପୁରୁଷ ସହିତ ସମକକ୍ଷ ଶିକ୍ଷା । ନାରୀ ସମାଜ ଏଥିପାଇଁ ଦୃଢ଼ ସଂକଳ୍ପ ନେବାକୁ ହେବ ।

ଦ୍ୱିତୀୟତଃ, ଅଭିଭାବକ ମାନେ ମଧ୍ୟ ଯଉତୁକ ଲୋଭରେ ନିଜର ପାଠୁଆ ପୁଅ ପାଇଁ ଅପାଠୋଇ ବୋହୂ ଆଣିବା କିମ୍ବା ଯଉତୁକ ପ୍ରଲୋଭନରେ ନିଜର ଅପାଠୋଇ ଝିଅକୁ ପାଠୁଆ ବର ସହିତ ଛନ୍ଦି ଦେବା ଚିନ୍ତାଧାରାକୁ ପରିବର୍ତ୍ତନ କରିବାକୁ ହେବ। ଏହା ନ ହେଲେ ସେମାନେ ହୁଏତ ପୁଅ ଝିଅଙ୍କ ବିବାହ ହସ-ଖୁସିରେ କରି ପାରିବେ କିନ୍ତୁ ପୁଅ-ବୋହୂ ବା ଝିଅ-ଜ୍ୱାଇଁଙ୍କ ଭିତରେ ସେ ହସ-ଖୁସି ବେଶି ଦିନ ତିଷ୍ଠି ରହିପାରିବ ନାହିଁ। ଶାରୀରିକ ନିର୍ଯ୍ୟାତନାରୁ ହୁଏତ ମୁକ୍ତି ମିଳିପାରେ କିନ୍ତୁ ମାନସିକ ଯନ୍ତ୍ରଣାରୁ ମୁକ୍ତି ମିଳିବ ନାହିଁ।

ଶେଷରେ ପୁରାଣ କଥାକୁ ପୁଣି ଥରେ ଅବତାରଣା କରିବା ସମୀଚୀନ ମନେ କରୁଛି। ଲଙ୍କାର ରାଜା ରାବଣ ସୀତାଙ୍କୁ ହରଣ କରି ନାରୀ ଜାତିକୁ ଅସମ୍ମାନ କରିବାରୁ ସ୍ୱର୍ଣ୍ଣଲଙ୍କା ଧ୍ୱଂସ ହୋଇଛି। ଦ୍ୱାପର ଯୁଗରେ ମଧ୍ୟ ଦ୍ରୌପଦୀଙ୍କୁ କୁରୁସଭାରେ ଅପମାନିତ କରି କୁରୁ ବଂଶ ଧ୍ୱଂସ ହୋଇଛି। ଅତଏବ ବର୍ତ୍ତମାନ ପରିସ୍ଥିତିରେ ସମାଜରେ ନାରୀର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଲେ ସମାଜ କେତେ ଦିନ ତିଷ୍ଠି ରହି ପାରିବ, ସେଥିପ୍ରତି ସମାଜର ଶୁଭ ଚିନ୍ତକ ମାନେ ଗୁରୁତ୍ୱର ସହ ଚିନ୍ତା କରିବା ଆବଶ୍ୟକ।

---


ମାର୍ଫତ୍ ରାମରାଜ୍ୟ ପ୍ରେସ,
ଭାପୁର କଲୁଆ ସାହି
ବ୍ରହ୍ମପୁର।



ବ୍ରହ୍ମପୁର ସହର କମାପଲ୍ଲୀ ଛକଠାରେ ରଥଯାତ୍ରା।

"ମାଟି ନୁହେଁ ମାଆ..."

ପ୍ରଚାର ବିଭାଗର ଗାଡ଼ି ଓ: ଆର: ଏନ୍-୬୮୭୮ ଆଗକୁ ମାଡ଼ି ଚାଲିଥାଏ। ବହୁ ଟାଙ୍ଗରା ପାହାଡ଼ ଓ ଧୁଙ୍ଗାଗଛରେ ପରିପୂର୍ଣ୍ଣ ଜଙ୍ଗଲ ଅତିକ୍ରମ କରି। ରାସ୍ତାରେ ଅନେକ ଛୋଟ ଛୋଟ ଗାଁ, ବସ୍ତି ମଧ୍ୟ ପଡୁଥାଏ। ସମୟ ପୂର୍ବାହ୍ନ ପ୍ରାୟ ୯ଟା ହେବ। ଜୁଲାଇ ମାସର ପ୍ରଖର ଖରା। ବର୍ଷା ଅଭାବରୁ ବିଲବାଡ଼ି ଶୁଖି ମାଟି, ଫାଟି ଗଲାଣି। ରାସ୍ତାରେ ଗାଁ ଗାଁ ଜଣେ ଦୁଇଜଣ ବାଟୋଇଙ୍କୁ ବାଦ୍ ଦେଲେ ସମ୍ପୂର୍ଣ୍ଣ ରାସ୍ତାଟି ଜନ ମାନବ ଶୂନ୍ୟ। ସବୁ ନଈ ନାଳ ପୋଖରୀ ଶୁଖିଲା। କାଉ ବଣି ପ୍ରଭୃତି ପକ୍ଷୀମାନେ ସତେ ଯେମିତି ପାଣି ଟୋପାଏ ପାଇଁ ପାଟି ମେଲାକରି ଗଛ ଡାଳରେ ବସିଛନ୍ତି। ଆମର ଯାତ୍ରା ଥିଲା ଓଡ଼ିଶାର ସୀମାନ୍ତବର୍ତ୍ତୀ ଗ୍ରାମ କଣ୍ଡାବାହାଲଠାରୁ ସୁନ୍ଦରଗଡ଼ ପର୍ଯ୍ୟନ୍ତ। ଆମେ ଯାଉଥାଉ ସେ ଅଞ୍ଚଳରେ ଚଳଚ୍ଚିତ୍ର ପ୍ରଦର୍ଶନ ତଥା ପ୍ରଚାର ପାଇଁ। ବର୍ଷାଭାବରୁ ଗ୍ରାମବାସୀଙ୍କ ମୁହଁରେ ହସ ନାହିଁ। ଅକ୍ଷୟ ତୃତୀୟା ଗଲା ହେଲେ ବିଲକୁ ମୁଠିଏ ଧାନ ଯାଇପାରିଲା ନାହିଁ। ଚାଷୀକୁଳ ହତାଶ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି ଆକାଶକୁ ଅନାଇ, ଯେପରି ଚାତକ ପକ୍ଷୀ ପାଣି ପାଇଁ ଆକାଶକୁ ଅନାଇଥାଏ। ଆମ ଗାଡ଼ି ସିଧା ସଳଖ ରାସ୍ତାରେ ସୁନ୍ଦରଗଡ଼ ଆସିବା କଥା। ମାତ୍ର ବାଲିଶଙ୍କରା ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ସାଙ୍ଗରେ ସାକ୍ଷାତ କରି ସୁନ୍ଦରଗଡ଼ ଯିବାକୁ ଥିଲୁ। ବାଲିଶଙ୍କରା ରାସ୍ତା ଧରିବା ପାଇଁ ଡ୍ରାଇଭର ନିର୍ଦ୍ଦେଶ ପାଇବାପରେ ଗାଡ଼ି ସେହି ରାସ୍ତାରେ ଚାଲିଲା। ପତ୍ରବିହୀନ ବୃକ୍ଷଭରା ଜଙ୍ଗଲ ରାସ୍ତାରେ ଆମଗାଡ଼ି ଡାହାଣକୁ ମୋଡ଼ ନେଲା। ପ୍ରାୟ ୯ କିଲୋମିଟର ଆସିବା ପରେ ଆମେ ବାଲିଶଙ୍କରା ବ୍ଲକ୍‌ରେ ପହଞ୍ଚିଲୁ। ସେ ଅଞ୍ଚଳର ଚାଷ ଜମି ଫାଟି ଆଁ କରିଥାଏ। ବାଲିଶଙ୍କରା ପହଞ୍ଚିବାର ପ୍ରାୟ ୧ କିଲୋମିଟର ପୂର୍ବରୁ ଆମର ଆଁ ପଟରେ ଥିବା ପ୍ରାୟ ୫/୬ ଗୋଟି ସବୁଜିମା ଶସ୍ୟକ୍ଷେତ୍ର ଆମର ଦୃଷ୍ଟି ଆକର୍ଷଣ କଲା। ସେତେବେଳକୁ ସମୟ ହେବ ପ୍ରାୟ ୧୧ଟା ୩୦ ମିନିଟ୍। ଟାଣ ଟାଣ ଖରା ସୂର୍ଯ୍ୟଦେବତା ମୁଣ୍ଡ ଉପରେ। ଗାଡ଼ିରୁ ଓହ୍ଲାଇବା ପାଇଁ ଭୟ ଲାଗୁଥାଏ। ତଥାପି ସବୁଜିମା ଶସ୍ୟକ୍ଷେତ୍ର ଦେଖି ଗାଡ଼ି ଅଟକାଇ ତଳକୁ ଓହ୍ଲାଇ ଆସିଲୁ। ଦେଖାଗଲା ବିଲ ମଝିରେ ଗୋଟିଏ ଛୋଟ ଖପର ଛାଉଣୀ ଘର। ସେହି ଘର ଭିତରେ ଜଣେ ପୁରୁଷ ଓ ଜଣେ ସ୍ତ୍ରୀ ଲୋକ ଥାଆନ୍ତି। ପ୍ରଧାନ ରାସ୍ତାରୁ ତାଙ୍କେ ବାଟ ହେବ। ତାଙ୍କ ନିକଟକୁ ଗଲୁ। ସ୍ତ୍ରୀ ପୁରୁଷ ଦୁହେଁ ଆମକୁ ଦେଖି ହସହସ ମୁହଁରେ ପାଛୋଟି ନେଲେ ସେହି ଛୋଟିଆ ଘରଭିତରକୁ। ଘର ଭିତରେ ଗୋଟିଏ ଛୋଟ ଦଉଡ଼ିଆ ଖଟ। ଗୋଟିଏ ବିଦ୍ୟୁତ୍ ଚାଳିତ ମୋଟର ଘର୍‌ଘର୍ ଶବ୍ଦ କରି ଚାଲିଛି। ପଚାରି ବୁଝିଲି ଗୃହକର୍ତ୍ତାଙ୍କ ନାମ ସୁଲେମାନ ଏକ୍କା। ମହିଳା ଜଣଙ୍କ ତାଙ୍କ ସ୍ତ୍ରୀ। ଘର ବାଲିଶଙ୍କର ଗାଁର ଗୋଟିଏ ଭାଟି ପଡ଼ା। ଅନତି ଦୂରରେ ଗୋଟିଏ ଓସାରିଆ କୂଅ। ସୁଲେମାନଙ୍କୁ ପଚାରିଲୁ ଏ କ୍ଷେତ ସବୁ କାହାର। ଏଗୁଡ଼ିକ ତ ଶସ୍ୟ ଶ୍ୟାମଳା ଦେଖାଯାଉଅଛି।ଆଜ୍ଞା ଏସବୁ ମୋର। ସେ କହିଲାବେଳେ ଆନନ୍ଦରେ ଗଦ୍‌ଗଦ୍ ହେଉଥାଏ। କୁହନ୍ତୁନି ଆଜ୍ଞା କୂଅ ନୁହେଁ ଜୀବନଧାରା। ମୋ ପାଞ୍ଚପ୍ରାଣୀ ବିଶିଷ୍ଟ ପରିବାରର ଜୀବନ ରକ୍ଷାକରିଛି। ଦୀର୍ଘ ନିଶ୍ୱାସ ମାରି ସୁଲେମାନ କହିଲେ। ଠିକ୍ ଗତବର୍ଷ ଏହିମାସରେ ମୁଁ ଦାଣ୍ଡକୁ ଛୁଆ ପିଲା ଧରି ବାହାରି ପଡ଼ିଥିଲି କୃଷିଶ୍ରମିକ ଭାବରେ କାର୍ଯ୍ୟ କରିବା ପାଇଁ। କୌଣସିଠାରେ ନିୟମିତ କାମ ମିଳୁନଥିଲା। କେବେ କେବେ ଦିନେ ଓଳିଏ କାମ ପାଇଲାବେଳେ ତିନି-ଚାରିଦିନଯାଏଁ ନିଭା ହୋଇ ବସିବାକୁ ପଡ଼େ। ଖାଇବା ପାଇଁ ମୁଠାଏ ମିଳେନି। ଜମି ଅଛି, ଦେହରେ ବଳ ଅଛି। ଖାଲି ଆଜ୍ଞା ! ଅଭାବ ଥିଲା ଅର୍ଥର। ଆମ ସରକାର କେହି, ଦୁଇ ହାତ ଯୋଡ଼ି ମୁଣ୍ଡରେ ଲଗାଇ ପ୍ରଣାମ କଲେ। ଜୀବନ ରଖିଲା ଆଜ୍ଞା। ଗତ ମକର ମାସରେ ବି: ଡ଼ି: ଓ: ବାବୁ ଆମଗାଁକୁ ଆସିଥିଲେ। ମୋତେ ଡକାଇ କହିଲେ, ସୁଲେମାନ କାହିଁକି ଦାଣ୍ଡରେ ବୁଲୁଛ। ତୁମର ତ ଜମି ଅଛି। ସରକାର ତୁମମାନଙ୍କ ପାଇଁ ବହୁ ସୁବିଧା କରିଛନ୍ତି। ସରକାର ତୁମମାନଙ୍କ ପାଇଁ ଶିହାତି ସୁଧରେ ଟଙ୍କା ଋଣ ଦେଉଅଛନ୍ତି। ତୁମ ଜମିରେ ଗୋଟିଏ ଜୀବନଧାରା ଖୋଳ। ସରକାରୀ ଋଣ ପାଇଁ ମୁଁ ବ୍ୟବସ୍ଥାକରିବି। ଋଣ ନେବା ପାଇଁ ମୁଁ ରାଜି ହେଉନଥିଲି। ମୋ ସ୍ତ୍ରୀ ଜିଦ୍ ଧରି ଋଣ ଆଣିବା ପାଇଁ ମୋତେ ପ୍ରବର୍ତ୍ତାଇଲା। ଏହି କଥା କହିଲା ବେଳକୁ ସୁଲେମାନ୍ ଆନନ୍ଦରେ ତାର ସ୍ତ୍ରୀର ଗୋଟିଏ ହାତ ଧରି ପକାଇଥାଏ। ସେ ଆଜ୍ଞା ସାକ୍ଷାତ ଲକ୍ଷ୍ମୀ। ମୋ ଘର ଆଜି ଉଜ୍ଜ୍ୱଳ ହୋଇ ପାରିଛି। ଆଉ ଦୁଇ ମାସ ମଧ୍ୟରେ ଧାନ ଅମଳ କରିବି। ମୋ ପିଲାମାନଙ୍କର ପେଟ ପୂରିବ। ସେମାନଙ୍କୁ ପିନ୍ଧିବାକୁ ଦେଇ ପାରିବି। ପାଠ ମଧ୍ୟ ପଢ଼େଇବି ଆଜ୍ଞା। ଆଉ ଗୋଟିଏ କଥା ଆମ ସୁନ୍ଦରଗଡ଼ ଜିଲ୍ଲାରେ ଯେଉଁ ସାକ୍ଷରତା ଯୋଜନା କାର୍ଯ୍ୟକାରୀ ହେଉଅଛି ସେଥିରେ ଆମ ପଡ଼ାରେ ରାତିରେ ନିରକ୍ଷର ଲୋକମାନଙ୍କୁ ଗାଁର ଶିକ୍ଷିତ ଯୁବକମାନେ ପାଠ ପଢ଼ାଉଛନ୍ତି। ସବୁଦିନେ ମୁଁ ଏବଂ ମୋ ସ୍ତ୍ରୀ ପାଠ ପଢ଼ିବାକୁ ଯାଉଛୁ।



ମୋର ଏହି ଅଢ଼େଇ ଏକର ଜମିରୁ ଏବର୍ଷ ପ୍ରାୟ ୫୦ କ୍ୱିଣ୍ଟାଲ ଧାନ ମିଳିବ। ପଚାରି ବୁଝିବାରୁ ଜଣାଗଲା ଯେ, ସୁଲେମାନ ଆଇ: ଆର: ଡି: ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବାଲିଶଙ୍କରା ଶାଖାରୁ ବି: ଡ଼ି: ଓ:

...ସଂସ୍ଥାଙ୍କ ସୁପାରିଶ କ୍ରମେ ଜୀବନଧାରା ଖୋଲିବା ପାଇଁ ...ହଜାର ଟଙ୍କା ଋଣ ପାଇଛନ୍ତି । ସେଥିରୁ ସେ ଶତକଡ଼ା ୫୦ ...ଛାଡ଼ି ପାଇବେ । ଅବଶିଷ୍ଟ ୫,୫୩୪ ଟଙ୍କା ଋଣ ...ପରିଶୋଧ କରିବେ । ଆମେ ସେତେବେଳକୁ ଧାନ ବିଲର ହିତ ...ଠିଆହୋଇଥାଉ । ସୁଲେମାନ ଛାତିରେ ହାତମାରି ...ଆଉ ମୋର ଆଉ ଚିନ୍ତା ନାହିଁ । ଏହି ଅଢ଼େଇ ଏକର ...ଧାନ ଅମଳ ପରେ ଗହମ ଓ ପନିପରିବା ଚାଷ କରିବି । ...କୃଷୀ ଭାଇମାନଙ୍କର ଟିକିଏ ନିଷ୍ଠା ଓ ପରିଶ୍ରମ ...ଦରକାର । ତା'ନହେଲେ ଆମକୁ ଦାନାକନା ମିଳିବ ନାହିଁ । ...ପାଙ୍ଗଡା ଝୁଲରେ ପଡୁଥିବୁ । ମାଟି ଆମ ମା । ନିରାଟ ...ଆଜ୍ଞା । ଏଇ ମାଟି ଆମ ମା' କହି ସୁଲେମାନ ବିଲରୁ ...ମାଟି ଆଣି ମୁଣ୍ଡରେ ମାରିଲେ । ଦୁଇ ହାତ ଯୋଡ଼ି କହିଲେ ...ସରକାର ଧନ୍ୟ । ଆମେ ବଞ୍ଚିଗଲୁ ।

...ମହାପାତ୍ର ଲଘୁ ...,
...ବ୍ୟୁରୋ ଓ ଯୋଜନା ପ୍ରକଳ୍ପ ଅଧିକାରୀ,
...।

## ଗରିବର ସହାୟ

...ଆଜି ନିକମା ! ଦିନଥିଲା ତା'ର ଦେହରେ ବଳ ...ରହିଥିଲା । ଆଜାନୁଲମ୍ବିତ ବାହୁ । ବଳିଷ୍ଠଚେହେରା, ...ନିଶଦ୍ୱୟକ ଖୁବ୍ ମାନୁଥିଲା ।

...ମଦନାର ବଳିଷ୍ଠ ଚେହେରା ତଥା କର୍ତ୍ତବ୍ୟ ପରାୟଣତା ନେଇ ...ସାହୁକାର ସବୁ ସମୟରେ ଡାକ ପକାଉଥିଲେ । କେଉଁଠି ...ପଥ କାହାରେ ତଉଲାହେବତ ! କେତେ ବେଳେ ଗୁଣୀ ...ମହୁଲ ଅଖା ଉଠାହୋଇ ଟ୍ରକ କିମ୍ବା ଟ୍ରାକ୍ଟରରେ ବୋଝେଇ ...। ପୁଣି କେବେ କେବେ ଗାଡିଅଧିଆ କାମ ପଡ଼ିଲେବି ...ମଦନାକୁ ଡାକ ।

...ମଦନାର ପରିବାର କହିଲେ ସ୍ତ୍ରୀ ଗୁରୁବାରୀ, ଆଠବର୍ଷର ପୁଅ ... ଓ ଛଅ ବର୍ଷର ଝିଅ କଣ୍ଟୁଣୀ । ଗୁରୁବାରୀ ଗାଁ ...ଙ୍କ ଘରେ ବାସନ ମଜାଠାରୁ ଗୋବର ଉଠା ପର୍ଯ୍ୟନ୍ତ ...କାମରେ । ସକାଳ ଓ ସନ୍ଧ୍ୟାକୁ ଦୁଇଓଳି ଦୁଇ ଖୁରୁରା ଭାତ ...ପରେ ତିଆରି ବଡ଼ଦନା) କିଛି ଟିକେ ଶାଗ ଭଜା ଓ ଲୁଣ ...ମୋଣ୍ଟାଏ ଆଣି ଦେଲେ ତା'ର ଦିନକର ପାଉଣା ହୋଇ ...। ପୁଅ, ବେଉଷଣ ହେଲେ ଗାଁ ମାଇପିଙ୍କ ସଙ୍ଗେ ମିଶି ଗୁଆ ...ସଂଗ୍ରହ କରେ । ଏଭଳି ବହୁକଷ୍ଟରେ ମଦନାର ପରିବାରଟି ...ବଡ଼ଦାଣ୍ଡରେ ଗଡ଼ିଯାଉଲେ ।

...ଦିନ ଉଳର ଘଟଣା । ମହୁଲ ବୋଝେଇ ଟ୍ରାକ୍ଟରଟି ...ଠାରୁ ଟିକାବାଲି ଫେରୁଥାଏ । ଟ୍ରାକ୍ଟରରେ ବୋଝେଇ ...ଅଖା ଉପରେ ଖୁବ୍ ଆନନ୍ଦରେ ବସି ଭୋଙ୍ଗ ଖଣ୍ଡ ଓ ଗୁଡ଼ାଖୁଲା ...ତିଆରି ପିକାଟିଏ ଟାଣୁଥାଏ । ହାଠାତ୍ କିପରି ସେ ...ଘାଟି ଉପରେ ଟ୍ରାକ୍ଟରଟି ଓଲଟି ପଡ଼ିଲା ।

ସେ ଜାଣେନା----- ।

ସେଦିନ ସଂଜ୍ଞାହୀନ ଅବସ୍ଥାରେ ସେ କିପରି "ପସରା" ଘାଟିରୁ ଫୁଲବାଣୀ ସଦର ମହକୁମା ଡାକ୍ତର ଖାନାକୁ ଆସିଲା, ସେକଥା ମଦନାକୁ ମୋଟେ ଜଣାନାହିଁ ।

ଦୁଇଦିନ ପରେ ଡାକ୍ତର ଖାନାରେ ତା'ର ସଂଜ୍ଞା ଫେରିପାଇଲା । ପାଖରେ ସ୍ତ୍ରୀ ଗୁରୁବାରୀ କାନ୍ଦୁଛି, ଝିଅ କଣ୍ଟୁଣୀ ବାପର ଦେହରେ ହାତବୁଲେଇ ଆଣୁଛି । ପୁଅ ସନିଆଁ ମୁଣ୍ଡ ପାଖରେ ଠିଆ ହୋଇ କହୁଛି "ବା"-----ଏ "ବା" ତୋତେ କେମିତି ଲାଗୁଛି !?

ଡାକ୍ତର ଖାନାରେ ଔଷଧପତ୍ର ଦେବାପରେ ମଦନା ଆଠ ଦିନକୁ ଟିକିଏ ସୁସ୍ଥ ଅନୁଭବକଲା । କିନ୍ତୁ ବିଧିର ବିଧାନ ଭିନ୍ନ ପ୍ରକାର । ପନ୍ଦର ଦିନ ପରେ ଡାକ୍ତର ବାବୁ ସକାଳୁ ଆସି କହିଗଲେ-"ମଦନା ତୋର ବାମ ହାତଟି କାହାର କରିଦେବାକୁ ହେବ ।"

ମଦନା ଓ ତା'ର ପରିବାରର ଲୋକେ ଏକଥା ବୁଝନ୍ତି ନାହିଁ । କିଛି ସମୟ ପରେ ଡାକ୍ତର ଖାନାର କେଇଜଣ କର୍ମଚାରୀ ଆସି ମଦନାକୁ ନେଇ ଗଲେ । ମଦନା ଭାବିଲା ବାବୁ ମାନେ ତା'ର କିଛି ଉପକାର କରିବେ । ମଦନାର ଫେରିବା ପଥକୁ ତା'ର ପରିବାର ଲୋକେ ଚାହିଁ ରହିଥାନ୍ତି । କିଛି ସମୟ ପରେ ମଦନା ଫେରିଲା ସଂଜ୍ଞାହୀନ ଅବସ୍ଥାରେ ହାତ ଓ ନାକରେ ଔଷଧ ନଳୀ ଲାଗିଛି ଓ ଦେହରେ ଧଳାଚଦର ପଡିଛି । ମଦନାକୁ ଦେଖି ବିକଳରେ "ବା" ସ୍ତ୍ରୀ, ପୁଅ, ଝିଅ ଡ଼ାକିଲେ । ମଦନା ଶୁଣିଲା ନାହିଁ । ଡାକ୍ତର ବାବୁ ଆସି କହିଗଲେ ମଦନା ଟିକିଏ ଶୋଇ ରହୁ । ପରେ ଉଠି ତୁମସହିତ କଥା ହେବ । ପାଣି ମାଗିଲେ ଅଧିକ ପାଣି ନଦେଇ ସାମାନ୍ୟ ଟିକିଏ ଦେବ ।

ସେଇଦିନଠାରୁ ମଦନା ତା'ର ବାମ ହାତ ହରେଇ ଆଜି ନିକମା । ଡାକ୍ତର ଖାନାରୁ ଗାଁକୁ ଫେରିଛି । ଗାଁରେ ସେଇ ସାହୁକାର ଅଛନ୍ତି । ସେଇ ଗ୍ରାମ ବାସୀଅଛନ୍ତି । ହେଲେ କେହି ଆଉ କାମ ପାଇଁ ମଦନାକୁ ଡାକୁନାହାନ୍ତି । ପ୍ରତି ଦିନ ମଦନା ଘର ଦୁଆରେ ବସି ତା'ର ସେଇ ଅତୀତ ଦିନର ସ୍ମୃତି ଗୁଡ଼ିକ ମନେ ପକାଉଛି । ସମୟ ସମୟରେ ଆଖିରୁ ଦୁଇଧାର ଲୁହ ମଧ ଅଜାଣତରେ ଗଡି ଯାଉଛି ।

ଗାଁ ଲୋକମାନେ କୁକୁଡା ଡାକ ସମୟରୁ ଉଠି ନିଜେ ନିଜର ପେଟ ପାଟଣା ପାଇଁ ସହର ଆଡକୁ ଚାଲିଯାଆନ୍ତି । ମଦନାକୁ କେହି ପଦେ ହେଲେ ପଚାରନ୍ତିନାହିଁ। ମଦନା ଘର ଦୁଆରେ ବସି କେବଳ ଜଳଜଳକି ଚାହିଁ ରହିଥାଏ ।

ଦିନଥିଲା, ମଦନା ଥିଲା ଗାଁ ସାହୁକାରଙ୍କ ନିଜ ଲୋକ । ହଜବି ଅଖା ଗିଲେଇ ମଦନା ନଗଲେମହୁଲ ବୋଝେଇ ହୁଏନା । ସେଇ ସାହୁକାର ଆଜି ମଦନାକୁ ଦେଖିଲେ ମୁହଁ ମୋଡି ହୁଏନା । ସେଇ ସାହୁକାର ଆଜି ମଦନାକୁ ଦେଖିଲେ ମୁହଁ ମୋଡି

ଗ୍ଭଲି ଯାଉଛି । ମଦନାର ଭାଗ୍ୟରେ ଆଜି ଏକ ବିରାଟ ପରିବର୍ତ୍ତନ । ଗାଁ ସାହୁକାର ଗୁରୁବାରୀକୁ ମଧ୍ୟ ମନା କରିଦେଇଛି ତା' ଘର କାମ କରିବାକୁ । ପୁଅ ସନିଆଁ ଗାଁଭାଇଙ୍କର କେଇଟା ଗୋରୁ ଗାଈ ସକାଳୁ ଗୁହାଳ ଫିଟେଇ ଜଙ୍ଗଲ ସାରା, ଖରା ବର୍ଷା ବୁଲାଇ ସନ୍ଧ୍ୟାକୁ ଗୁହାଳକୁ ଆଣେ । ଝିଅ "କନ୍ଧୁଣୀ" ମା' ସହିତ ମିଶି ସହର କୁ ଆସେ କିଛି କାମ ପାଇଁ ଯେଉଁ ଦିନ ମା' ଝିଅଙ୍କୁ କାମ ମିଳେ ସେଦିନ ବେଶ୍ ଦି ମୁଠା ଖାଇବାକୁ ହୋଇଯାଏ । କିନ୍ତୁ କାମ ନମିଳିଲେ ଉପବାସ ଛଡ଼ା ଅନ୍ୟ ଉପାୟ ନାହିଁ ।

ଦିନକୁ ଦିନ ମଦନା ପରିବାରର ଅବସ୍ଥା ଜଟିଳ ହେଲା କଷ୍ଟ ସହ୍ୟ କରି ନପାରି ଶେଷରେ ଅବସ୍ଥା ଏଭଳି ହେଲା, ମଦନା ଭୋର ସକାଳୁ ଉଠି ସହର ଆଡ଼କୁ ମାଡ଼ି ଗ୍ଭଲିଲା । ସହରର ବାବୁ ଭାଇଙ୍କୁ ତା ଜୀବନର କରୁଣ କାହାଣୀ ଶୁଣାଇ ପାଞ୍ଚ–ଦଶଟା ପଇସା ପାଇଁ ନେହୁରା ହୁଏ । କିଏ ପାଞ୍ଚପଇସା ଦିଏତ କିଏ ଗ୍ଭଲିଯାଏ ।

ଦୁନିଆଁରେ ସମସ୍ତେ ସମାନ ନଥାନ୍ତି । ମଦନା ବୁଲି ବୁଲି ଜଣେ ବାବୁଙ୍କ ଘରଦ୍ୱାରେ ଠିଆ ହୋଇ ଭିକ ମାଗିଲା । ବାବୁ ଜଣକ ଘର ଭିତରୁ ବାହାରି ଆସି କହିଲେ–ତୋର ହାତ କଣ ହେଲାକି ? ହୃଦୟ ଭିତର କୋହକୁ ସମ୍ଭାଳି ନପାରି, କାନ୍ଦ କାନ୍ଦ ହୋଇ ତା'ର ଜୀବନ କାହାଣୀ କହିଗଲା ମଦନା । ବାବୁ ଜଣକ କହିଁ  ମଦନା! ତୁ କାନ୍ଦିଲେ କିଛି ପୂରଣ ହୋଇଯିବ ନାହିଁ । ତୋତେ ମୁଁ ଗୋଟିଏ ଉପାୟ କହିଦେବି ? କରିପାରିବୁ କି ? ମଦନା ଆଗ୍ରହ ସହିତ "ହଁ" କଲା–

ବାବୁ ଜଣକ ମଦନାକୁ କହିଲେ । ମଦନା ତୁ ଗାଁକୁ ଯାଇ ତୋ ନାମରେ ଥିବା ଜମି ପଟ୍ଟାକୁ ଧରି ଆସିବୁ । ମୁଁ ତୋ ପାଇଁ ବେଙ୍କରୁ କିଛି ଟଙ୍କା ଋଣ ମଞ୍ଜୁର କରାଇ ଦେବି । ସେଇ ଟଙ୍କାରେ କିଛି ବେପାର କରି ଖୁସିରେ ଚଳିପାରିବୁ । ମଦନା କହିଲା ବାବୁ ମୋର ଜମି କହିଲେ ମୋ ନାମରେ ଥିବା ଘରଡ଼ିହର କାଗଜ ଖଣ୍ଡିକ କେବଳ ପଡିଛି । ଏବଂ ପ୍ରତିବର୍ଷ ବୁଝାଉଥିବା ପସ୍ତଣ ପଇସା ପାଉତି ଖଣ୍ଡିକ ମଧ୍ୟ ଅଛି ।

ବାବୁଙ୍କଠାରୁ ବିଦାୟ ହୋଇ ମଦନା ବଡ଼ ଆନନ୍ଦରେ ଗାଁରେ ସନ୍ଧ୍ୟା ସରିକି ପହଞ୍ଚିଗଲା । ମଦନାକୁ ଦେଖି ପୁଅ, ଝିଅ ଖୁସି ହୋଇଗଲେ । ଗୁରୁବାରୀକୁ ଡାକି କହିଲା ବାପ, ଅଜା ଅମଳର ସେଇ ବାଉଁଶ ନଳୀଟା ଆଣ । ତାଭିତରେ ଆମର ଭାଗ୍ୟ ରହିଛି । ଗୁରୁବାରୀ କଥାଟାକୁ କିଛି ନବୁଝିଲେ ମଧ୍ୟ ସେଇ ଅଳନ୍ଧୁ ଲଗା ବାଉଁଶ ନଳଟୀ ଆଣି ମଦନା ଆଗରେ ଥୋଇ ଦେଲା ।

ମଦନା ବାଉଁଶ ନଳୀଟିକୁ ମୁଣ୍ଡରେ ଲଗାଇ ବଡ଼ ସଦାଗ ସହିତ ନଳ ମୁହଁର ସିଆଳି ପଟ୍ଟ ବନ୍ଧା ହୋଇ ମାଟି ଲେସା ହୋଇଥିବା ମୁହିଁଟିକୁ ଖୋଲି ତାଭିତର ଅଳନ୍ଧୁ ଲଗା ମଇଳା କେଇଟା କାଗଜକୁ ବାହାର କଲା । ବଡ଼ି ଭୋରରୁ ବାହାରି ପୁଣି ସେଇ ସହରି ବାବୁଙ୍କ ଘରେ ପହଞ୍ଚି ଗଲା ।

ବାବୁ ଜଣକ କାଗଜ ପତ୍ର ଦେଖି କହିଲେ ତୁ ଏବେ ମୋ ସହିତ ଗ୍ଭଲ । ମଦନା ବାବୁଙ୍କ ସହିତ ଯାଇ "ବେଙ୍କ"ରେ ପହଞ୍ଚିଗଲା । ବେଙ୍କବାବୁ ମଦନାର କାଗଜ ପତ୍ର ଦେଖି ଗୋଟାଏ କାଗଜରେ ମଦନାକୁ ଦସ୍ତଖତ କରିବାକୁ କହିଲେ । ମଦନା କିଛି ବୁଝି ପାରୁ ନଥିଲେ ମଧ୍ୟ ନିଜ ଡାହାଣ ହାତରେ ଟିପ ମାରିଲା । ବେଙ୍କବାବୁ କହିଲେ ତୁ ପନ୍ଦର ଦିନପରେ ପୁଣି ଥରେ ଆସିବାକୁ ହେବ । ବାବୁଙ୍କୁ ଜୁହାର ହୋଇ ମଦନା ସେଦିନ ଗାଁକୁ ଫେରି ଆସିଲା ।

ପନ୍ଦର ଦିନ ନ ପୂରଣୁ ମଦନାର ଚିଠି ଆସିଲା ମଦନାତ କିଛି ପଢ଼ି ଜାଣେ ନାହିଁ । ଗାଁ ମାଷ୍ଟ୍ରବାବୁଙ୍କ ପାଖକୁ ଧାଇଁଲା ମାଷ୍ଟ୍ରେ କାଗଜଟି ପଢ଼ି କହିଲେ ତୋ ନାଆଁରେ ଏକ ଜର୍ସି "ଗାଈ" ବେଙ୍କରୁ ମିଳିବ ତେଣୁ ତୁ କାଲି "ବେଙ୍କ"କୁ ଯାଇ ବୁଝି ଆସ ।

ମଦନାର ଆନନ୍ଦ କହିଲେ ନସରେ । ରାତି ନପାହୁଣୁ ପୁଅ ସନେଇ, ସ୍ତ୍ରୀ ଗୁରୁବାରୀ ଓ ଝିଅ କନ୍ଧୁଣୀଙ୍କୁ ନେଇ ବେଙ୍କରେ ହାଜର । ମଦନାକୁ ଦେଖି ବେଙ୍କବାବୁ କହିଲେ ଗରିବ ଦୁଃଖୀ ଲୋକଙ୍କ ସୁବିଧା ପାଇଁ ଆମର ସରକାର ଋଣ ଦେବା ବ୍ୟବସ୍ଥା କରିଛନ୍ତି । ସେ ବ୍ୟବସ୍ଥା ଅନୁସାରେ ତୋପାଇଁ ଗୋଟିଏ ଜର୍ସି ଗାଈ ମଞ୍ଜୁର ହୋଇଛି । କିଣା ଦାମ୍ର ଅଧା ପଇସା ସରକାର ଦେବେ । ଆଉ ତୁ କେବଳ ଅଧା ପଇସା କିସ୍ତି ଆକାରରେ ଶୁଝିବୁ ।

ଧଳା ରଙ୍ଗର ଜର୍ସି ଗାଈଟିକୁ ଦେଖାଇ କହିଲେ –ମଦନା ତୁ ଏଗାଈକୁ ପେଟପୁରା ଖାଇବାକୁ ଦେବୁ, କ୍ଷୀରତକ ସହରରେ ବିକି କରି ତୋର କିଛି ଘର ଖର୍ଚ୍ଚ କରି ବାକିତକ ବେଙ୍କରେ ଜମା ଦେବୁ ।

ଗାଈକୁ ଦେଖି ଏତେ ଆନନ୍ଦ ହୋଇଯାଇଥିଲା ଯେ ଆଉକଥା ପଦେ କହିପାରୁ ନଥାଏ । କେବଳ ମଦନା ନିଜର ଦୁଃଖଟା ମୁଣ୍ଡ ହଲାଇ ଦେଲା । ସଞ୍ଜ ସରିକି ବାପ, ପୁଅ, ଝିଅ, ମା' ସମସ୍ତେ ଗାଈକୁ ଧରି ଗାଁରେ ପହଞ୍ଚିଲେ ।

ମଦନା ଏବେ କୋଡ଼ିଏରୁ ପଚିଶି ଲିଟର କ୍ଷୀର ପାଉଛି । ସେଇ କ୍ଷୀରକୁ ସହରରେ ବିକ୍ରି କରି ବେଶ ଦୁଇ ପଇସା ରୋଜଗାର କରୁଛି । ମଦନା ଆଉ ନିକମା ନାହିଁ । ଦାମହାତ ପାଇଁ ମଦନାର ଆଉ ଚିନ୍ତା ନାହିଁ ।

ମଝିରେ ମଝିରେ ଘରେ ବସି ଦୁଃଖ ସୁଖ ହେଲାବେଳେ ମଦନା କହେ, ବୁଝିଲୁ ଗୁରୁବାରି ଆମ ସରକାର ହେଉଛି ମା' ବାପ । ସରକାର ଲାଗି ସିନା ଆମେ ବଞ୍ଚିଗଲେ । ସରକାର ନଥିଲେ ଆମ କଥା କିଏ ବୁଝି ଥାନ୍ତା ?

ସମ୍ପାଦକ,
ଜିଲ୍ଲା ଯୁବ ଲେଖକ ସାମୁଖ୍ୟ, ଫୁଲବାଣୀ

# ସମ୍ବାଦ ପରିକ୍ରମା

### ବିକଳାଙ୍ଗଙ୍କ ଲାଗି କମ୍ପ୍ୟୁଟର ୟୁନିଟ୍ ଉଦ୍‌ଘାଟନ
### —ରାଜ୍ୟପାଳ ଶ୍ରୀ ଶର୍ମା

ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କ ସେମାନଙ୍କର ଅନ୍ତର୍ନିହିତ ଶକ୍ତି, ପ୍ରତିଭା ବୃଦ୍ଧି ସମ୍ପର୍କରେ ସଚେତନ କରି ଯଥାର୍ଥ ସାହାଯ୍ୟ ଓ ସୁଯୋଗ ଦିଆଗଲେ ସେମାନେ ଆତ୍ମନିର୍ଭରଶୀଳ ହୋଇ ଦେଶକୁ ଅଗ୍ରଣୀ କରିବାରେ ସହାୟକ ହୋଇ ପାରିବେ ବୋଲି ରାଜ୍ୟପାଳ ଏଠାରେ କହିଛନ୍ତି ।

ଓଡ଼ିଶାର ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ସ୍ଥାନୀୟ ଖାରବେଳ ନଗରଠାରେ ବିକଳାଙ୍ଗମାନଙ୍କର ଅଭ୍ୟୁତ୍ଥାନ ଓ କଲ୍ୟାଣ ନିମନ୍ତେ ଶାନ୍ତି ମେମୋରିଆଲ ରିହାବିଲିଟେସନ କେନ୍ଦ୍ର ତରଫରୁ ଖୋଲା ଯାଇଥିବା କମ୍ପ୍ୟୁଟର ଶିକ୍ଷାଦାନ ଯୋଜନାକୁ ଉଦ୍‌ଘାଟନ କରିଛନ୍ତି ।

ରାଜ୍ୟପାଳ ତାଙ୍କ ଉଦ୍‌ଘାଟନୀ ଭାଷଣରେ କହିଥିଲେ ଯେ ବିକଳାଙ୍ଗ ଶରୀର ଯୋଗୁଁ କୌଣସି ବ୍ୟକ୍ତି ଅକ୍ଷମ ହୁଏ ନାହିଁ । ଅନ୍ତର ସୌନ୍ଦର୍ଯ୍ୟ ହିଁ ବ୍ୟକ୍ତିର ପ୍ରକୃତ ଗରିମା । ଏହି ପରିପ୍ରେକ୍ଷୀରେ ସେ ମହାନ୍ ପଣ୍ଡିତ ଅଷ୍ଟବକ୍ର ଋଷିଙ୍କ ପ୍ରସଙ୍ଗ ଉଦ୍ଧାର କରି କହିଥିଲେ । ଶାନ୍ତି ମେମୋରିଆଲ ରିହାବିଲିଟେସନ୍ କେନ୍ଦ୍ର ଦ୍ୱାରା ନିଆଯାଇଥିବା ବିକଳାଙ୍ଗମାନଙ୍କ ଅଭ୍ୟୁତ୍ଥାନ କଲ୍ୟାଣ ଓ ସେମାନଙ୍କୁ ଉପଯୁକ୍ତ ଭାବେ ବିକଶିତ କରିବାର ଯେଉଁସବୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତାହା ଫଳରେ ଆଜିର ବିକଳାଙ୍ଗ ବ୍ୟକ୍ତି କାଲି ଅନ୍ୟମାନଙ୍କ ସମକକ୍ଷ ହୋଇ ଠିଆ ହୋଇପାରିବ ବୋଲି ବର୍ଣ୍ଣନା କରି ରାଜ୍ୟପାଳ ଏଭଳି ସଂସ୍ଥା ପ୍ରତି ଗଭୀର କୃତଜ୍ଞତା ଜଣାଇବା ସହିତ ପ୍ରଶଂସା ଓ ଧନ୍ୟବାଦ ଜଣାଇଥିଲେ ।

ଏହି ସମାରୋହରେ ଆରମ୍ଭରେ କେନ୍ଦ୍ରର ପ୍ରୋଜେକ୍ଟ ଚେୟାରମ୍ୟାନ ଶ୍ରୀ ଶାନ୍ତନୁ ମହାପାତ୍ର ତଥା ଶ୍ରୀ ସୁବାସ ପାଣି, ଅବ. ଦ. ହସ୍ତ. ସ୍ୱାଗତ ଭାଷଣ ଦେଇଥିଲେ ଓ କେନ୍ଦ୍ରର ଉପଦେଷ୍ଟା ଡ. ଆଶାହାନ୍ସ ବିବରଣୀ ପାଠ କରିଥିଲେ । ପ୍ରଜାତନ୍ତ୍ର ରାଜ୍ୟଶାଖା ସମ୍ପାଦିକା ଡ. ରାନ ମିଶ୍ର ବିଶେଷ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିକଳାଙ୍ଗ ଶରୀର ସତ୍ତ୍ୱେ ମନୋବଳ ନିଷ୍ଠା ଓ ସାଧନା ବଳରେ ନିଜର ମେଧା ଓ ସୁଯୋଗର ସଦୁପଯୋଗ କରି ବିଭିନ୍ନ କ୍ଷେତ୍ରରେ ଶୀର୍ଷସ୍ଥାନ ଲାଭ କରିଥିବା ବ୍ୟକ୍ତିମାନଙ୍କର ନଜିର ଦେଇଥିଲେ । ଏପରିକି ଗୋଟିଏ ଗୋଡ ନଥାଇ ସୁଧାଚନ୍ଦନ କାଠ ଗୋଡରେ ମଧ୍ୟ ନୃତ୍ୟ କ୍ଷେତ୍ରରେ ଚରମ ଉତ୍କର୍ଷ ପ୍ରତିପାଦିତ କରିପାରିଛନ୍ତି । ଓଁ କାରର ନିର୍ଦ୍ଦେଶକ ଶ୍ରୀ ସୁବାସ ପାଣି ମୁଖ୍ୟବକ୍ତା ଭାବେ ଏହି ଶିକ୍ଷା ସମ୍ପର୍କରେ କହିଥିଲେ ।

ଏହି କେନ୍ଦ୍ର ଗତ ବର୍ଷେ ହେଲାଣି କାର୍ଯ୍ୟ କରିଆସିଛି । ମେରୁଦଣ୍ଡରେ କ୍ଷତଜନିତ ପକ୍ଷାଘାତ ଓ ଅକ୍ଷମତା ଉପରେ ଆସନ୍ତା ଡିସେମ୍ବର ମାସରେ ଏହି କେନ୍ଦ୍ର ଏକ ବିଶ୍ୱବ୍ୟାପୀ ଆଲୋଚନାଚକ୍ର, କର୍ମଶାଳା ତଥା ଟ୍ରେନିଂ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯାଉଛି । ଏଥିରେ ପୃଥିବୀର ବିଭିନ୍ନ ସ୍ଥାନରୁ ଅଭିଜ୍ଞ ଓ ବିଶିଷ୍ଟ ଚିକିତ୍ସକମାନେ ଯୋଗ ଦେବେ ଏହାର ସଫଳତା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର, ଶିଳ୍ପ ସଂସ୍ଥା ତଥା ଜନସାଧାରଣଙ୍କ ଠାରୁ ଦାନ ଓ ଅନୁଦାନ ନିମନ୍ତେ କେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଉଛି ।

### ରାଜ୍ୟ ଯୋଜନା ବୋର୍ଡ ବୈଠକ
### ମୁଖ୍ୟମନ୍ତ୍ରୀ

ଓଡ଼ିଶାକୁ ଆଗାମୀ ଦଶବର୍ଷ ଭିତରେ ଦେଶର ଉନ୍ନତ ରାଜ୍ୟମାନଙ୍କ ସହ ସମକକ୍ଷ କରିବା ପାଇଁ ଯୋଜନା ପ୍ରଣୟନ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି ।

ସଚିବାଳୟଠାରେ ଅନୁଷ୍ଠିତ ରାଜ୍ୟ ଯୋଜନା ବୋର୍ଡ ବୈଠକରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ନିକଟରେ ଭୁବନେଶ୍ୱରଠାରେ ହୋଇଯାଇଥିବା ଜାତୀୟ ସୂଚନା ସର୍ବେକ୍ଷଣ ସଂସ୍ଥାର ଏକ ବୈଠକରେ ବିଭିନ୍ନ କ୍ଷେତ୍ରରେ ଆମ ରାଜ୍ୟ ବହୁ ପଛରେ ପଡ଼ିଥିବା ଜଣାପଡିଛି । କୃଷି କ୍ଷେତ୍ରରେ ରାସାୟନିକ ସାର ଉପଯୋଗ ଓ ବିଦ୍ୟୁତ୍ ବ୍ୟବହାରରେ ତୁଳନାତ୍ମକ ଅଧ୍ୟୟନରୁ

ଓଡ଼ିଶା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ପଛରେ ଥିବାର ଦୃଷ୍ଟାନ୍ତ ଦର୍ଶାଇଥିଲେ । ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟ ଯୋଜନା ବୋର୍ଡର ବୈଠକ ଅନ୍ତତଃ ଦୁଇ ମାସରେ ଥରେ ଅନୁଷ୍ଠିତ ହୋଇ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସଙ୍ଗେ ସଙ୍ଗେ ଯୋଜନା ରୂପାୟନ କ୍ଷେତ୍ରରେ ରହୁଥିବା ପ୍ରତିବନ୍ଧକ ସମ୍ପର୍କରେ ଆଲୋଚନା କରାଯିବା ଉଚିତ । ଶିକ୍ଷା ପ୍ରସାର ସଙ୍ଗେ ସଙ୍ଗେ ଆଞ୍ଚଳିକ ବୈଷମ୍ୟ ଯୋଗୁଁ ବିଭିନ୍ନ ସ୍ଥାନରେ ଅସନ୍ତୋଷ ସୃଷ୍ଟି ହେଉଥିବାରୁ ଜିଲ୍ଲାସ୍ତରୀୟ ଯୋଜନା ପ୍ରଣୟନ ଦ୍ୱାରା ଏହା ଦୂର କରାଯାଇ ପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ନୂତନ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଜିଲ୍ଲାପରିଷଦ ମାଧ୍ୟମରେ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଯୋଗ, ବିଦ୍ୟୁତ୍‌କରଣ ଆଦି ବିଷୟ ପ୍ରତି ସମୁଚିତ ଧ୍ୟାନ ଦିଆଯାଇପାରିବ । ଯୋଜନାର ସଫଳ ରୂପାୟନ ପାଇଁ ଜନସଂଖ୍ୟା ବୃଦ୍ଧି ରୋକିବା ପାଇଁ ଅଧିକ ପ୍ରୋତ୍ସାହନ ଦିଆଯିବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ।

ଆଲୋଚନା ଆରମ୍ଭ କରି ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଶ୍ରୀ ରମାକାନ୍ତ ମିଶ୍ର କହିଲେ ଯେ, ଗତ ଯୋଜନା ବୋର୍ଡ ବୈଠକରେ ଡ଼ାଲି ଓ ତୈଳବୀଜ ଜାତୀୟ ଫସଲର ଉତ୍ପାଦନ ବୃଦ୍ଧି, କୁଟୀର ଶିଳ୍ପର ବିକାଶ, ପରିବାର କଲ୍ୟାଣ, ଶିକ୍ଷିତ ବେକାରଙ୍କ ଆତ୍ମନିଯୁକ୍ତିର ସୁଯୋଗ, ଓଡିଶାରେ ରେଳପଥର ବିସ୍ତାର ଓ ପାରାଦ୍ୱୀପ ବନ୍ଦରର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା ବେଳେ ଚଳିତ ବୈଠକରେ ଆଦିବାସୀମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଭୂତଳ ଜଳ ସମ୍ପଦର ବିନିଯୋଗ ସମ୍ପର୍କରେ ଆଲୋଚନା ହେବ । ସେ କହିଲେ ଯେ, ଓଡିଶାରେ ଶିଶୁ ମୃତ୍ୟୁହାର ୧୨୨ ଥିବାବେଳେ ଏହାକୁ ୬୦ କୁ କମାଇବାକୁ ପଡିବ ଏବଂ ଆଦିବାସୀ ବାଳକ ବାଳିକାମାନେ ସ୍କୁଲ ପଢ଼ା ଛାଡ଼ି ଦେଉଥିବାରୁ ଏହାକୁ ରୋକିବାକୁ ସଫଳ ପଦକ୍ଷେପ ନେବାକୁ ବ୍ୟବସ୍ଥା କରାଯିବ ।

ଏହି ବୈଠକରେ ରାଜ୍ୟ ଯୋଜନା ଓ କାର୍ଯ୍ୟକ୍ରମ ସମୀକ୍ଷା କମିଟିର ଉପାଧ୍ୟକ୍ଷ ଶ୍ରୀ ପ୍ରତାପଚନ୍ଦ୍ର ମହାନ୍ତି, ଶିକ୍ଷା ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ, ଆଦିବାସୀ ଓ ହରିଜନ କଲ୍ୟାଣ ମନ୍ତ୍ରୀ ଶ୍ରୀ ଗାସିରାମ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା, ଯୋଜନା ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ରାଜ୍ୟ ଯୋଜନା ବୋର୍ଡ ସଭ୍ୟ ଡଃ ନୀଳକଣ୍ଠ ରଥ, ଡକ୍ଟର କିଷାନ କାନୁନ୍‌ଗୋ, ଡଃ ବୈଦ୍ୟନାଥ ମିଶ୍ର, ସର୍ବଶ୍ରୀ ଅଜିତ ମହାପାତ୍ର, କେ:ସି: ଗନ୍ତାୟତ, ଜି: ଏନ୍: ମିଶ୍ର, ଅଚ୍ୟୁତ ଦାସ, ଶ୍ରୀ ଆର୍: ବାରିକ, ଡଃ ଏସ୍: ସି: ଦାସ, ଫାଦର ଡ଼ି: ସୋଉଜା, ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ରଥ, ଉନ୍ନୟନ କମିଶନର ଶ୍ରୀ ସୁନ୍ଦରରାଜନଙ୍କ ସମେତ ବହୁ ଉଚ୍ଚପଦସ୍ଥ ସରକାରୀ ଅଫିସର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## କେନ୍ଦୁଝରର ଏକ ଉନ୍ନତ ଜିଲ୍ଲାରେ ପରିଣତ ହେବା ଆବଶ୍ୟକ

**–ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ**

ରାଜ୍ୟ ହରିଜନ ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ ସମ୍ପ୍ରତି କେନ୍ଦୁଝର ଗସ୍ତରେ ଯାଇ ଜିଲ୍ଲା ଯୋଜନା ବୋର୍ଡ ଓ ଜିଲ୍ଲା ଉନ୍ନୟନ ପରିଷଦ ବୈଠକରେ ଯୋଗ ଦେଇଥିଲେ । ରାଜ୍ୟ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ଉନ୍ନତି କଳ୍ପେ କି ପ୍ରକାର ପଦକ୍ଷେପ ନିଆଯିବ, କେଉଁ ବିଷୟ ପ୍ରତି ପ୍ରାଧାନ୍ୟ ଦିଆଯିବ ଓ ଅଗ୍ରାଧିକାର ଭିତ୍ତିରେ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକ କିପରି କାର୍ଯ୍ୟକାରୀ କରାଯିବ ସେ ବିଷୟରେ ଶ୍ରୀ ମାଝୀ ଆଲୋଚନା କରି କେନ୍ଦୁଝରକୁ ଏକ ଉନ୍ନତ ତଥା ସବୁ ଦିଗରୁ ସମୃଦ୍ଧ ଜିଲ୍ଲାରେ ପରିଣତ କରିବା ନିମନ୍ତେ ସମ୍ମିଳିତ ଉଦ୍ୟମ କରିବା ପାଇଁ ଜିଲ୍ଲାସ୍ତରୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ ।

ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ଘାଗରା, କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରୁ ଚାରି କିଲୋମିଟର ଦୂରରେ ଅବସ୍ଥିତ ହୋଇଥିଲେ ମଧ୍ୟ ଜାତୀୟ ଦର୍ଶନୀୟ ସ୍ଥାନ ମାନଚିତ୍ରରେ ଉପଯୁକ୍ତ ସ୍ଥାନ ପାଇପାରୁ ନାହିଁ । ଘାଗରାର ମନୋରମ ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ବିଶେଷ ଭାବେ ଆକୃଷ୍ଟ କରୁଥିବା ସ୍ଥଳେ ବିଦେଶୀ ପର୍ଯ୍ୟଟକମାନଙ୍କୁ କିପରି ଭାବେ ଏହି ସ୍ଥାନର ଆକର୍ଷଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ପରିଚିତ କରାଯିବା ପାଇଁ ସୁପରିକଳ୍ପିତ ଯୋଜନା ପ୍ରସ୍ତୁତ କରିବା ସକାଶେ ରାଜ୍ୟ ସରକାର ଆଶୁ ପଦକ୍ଷେପ ନେବାକୁ ଚିନ୍ତା କରୁଛନ୍ତି ବୋଲି ଶ୍ରୀ ମାଝୀ ଏହି ଅଞ୍ଚଳ ପରିଦର୍ଶନ ସମୟରେ କହିଥିଲେ । ଘାଗରା ଅଞ୍ଚଳ ପରିଦର୍ଶନ ସମୟରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମାଝୀଙ୍କ ସହିତ ପରିବହନ ମନ୍ତ୍ରୀ ଶ୍ରୀ ବେହେରା ମଧ୍ୟ ଉକ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ ।

ଶ୍ରୀ ମାଝୀ କେନ୍ଦୁଝର ମ୍ୟୁନିସିପାଲିଟି ଅନ୍ତର୍ଗତ ହରିଜନ ଅଧ୍ୟୁଷିତ କିପୀରବୋଲି ଓ ଆଦିବାସୀ ଅଧ୍ୟୁଷିତ ତୋଟା ସମେତ ବିଭିନ୍ନ ବସ୍ତି ଅଞ୍ଚଳ ପରିଦର୍ଶନ କରି ପ୍ରତ୍ୟକ୍ଷ ଭାବେ ସଫେଇ କାର୍ଯ୍ୟ ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ସେ ଅଞ୍ଚଳରେ ପୌରାଞ୍ଚଳ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ କେନ୍ଦୁଝରଗଡ଼ ପୌରପାଳିକା ଦ୍ୱାରା ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ ମାଝୀ ସ୍ଥାନୀୟ ନଗର ଭବନ ପ୍ରାଙ୍ଗଣରେ ଜାତୀୟ ପତାକା ଉତ୍ତୋଳନ କରିବା ପରେ ସଙ୍ଗେ ସଫେଇ କର୍ମଚାରୀମାନଙ୍କୁ ପୋଷାକ ବଣ୍ଟନ କରିଥିଲେ ।

କେନ୍ଦୁଝରଗଡ଼ ପୌରପାଳିକା ଦ୍ୱାରା ଆୟୋଜିତ ଏକ ଆଲୋଚନା ଚକ୍ରରେ ଶ୍ରୀ ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ନଗରବାସୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ

...ଏ ପଦକ ସଂଗ୍ରହ ନିମନ୍ତେ କର୍ମଚାରୀମାନଙ୍କୁ ପରାମର୍ଶ ...ଥିଲେ । ତ୍ରୁଟି ପୌର କର୍ମଚାରୀମାନଙ୍କୁ ଉଲ୍ଲେଖନୀୟ ...ଏ ପାଇଁ ସେ ବିଭିନ୍ନ ପୁରସ୍କାର ବିତରଣ କରିଥିଲେ । ...ଯୋଜିତ କର୍ମଚାରୀ ସଂଘ ତରଫରୁ ଆୟୋଜିତ ସାଂସ୍କୃତିକ ...ଷ୍ଠାନ ମଧ୍ୟ ସେ ଉଦ୍‌ଘାଟନ କରିଥିଲେ ।

## ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକା

...ରେ ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଅଧିକ ତତ୍ପର ଭାବେ କାର୍ଯ୍ୟ କରି ଏହି କାର୍ଯ୍ୟକ୍ରମକୁ ...ହୋଇପାରିଲେ, ଏହି ଅଭିଯାନର ଲକ୍ଷ୍ୟ ପୂରଣ ହୋଇପାରିବ ...ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ରମାକାନ୍ତ ମିଶ୍ର ...ଶ କରିଛନ୍ତି ।

...ସାକ୍ଷରତା ମିଶନ, ଗ୍ରାମ୍ୟ ସ୍ୱରାଜ୍ୟ କମିଟି ଓ ଉତ୍ତର ...ର ବନବାସୀ ସେବାଶ୍ରମ ଆନୁକୂଲ୍ୟରେ ଅନୁଷ୍ଠିତ ଏକ ...ରାଜ୍ୟସ୍ତରୀୟ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ସମ୍ପର୍କୀୟ ...ଶାଳା ଉଦ୍‌ଘାଟନ କରି ଯୋଜନା ବୋର୍ଡର ଉପାଧ୍ୟକ୍ଷ କହିଲେ ...ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଏହି ପରିପ୍ରେକ୍ଷୀରେ ଚାରୋଟି ...ରେ ବିଭକ୍ତ କରାଯାଇପାରେ । ଏଗୁଡ଼ିକ ହେଲା, ଜାତୀୟ ...ରାଜ୍ୟ ସ୍ତର, ଜିଲ୍ଲା ସ୍ତର ଓ ବ୍ଲକ୍ ସ୍ତରୀୟ ଅନୁଷ୍ଠାନ । ...ସ୍ତରରେ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ଏହି କାର୍ଯ୍ୟକ୍ରମକୁ ...କରିବା ପାଇଁ ଚେଷ୍ଟା କରିବା ଉଚିତ ।

...ଗ୍ରାମାଞ୍ଚଳରେ ସାକ୍ଷରତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ...ଶ୍ରୀ ମିଶ୍ର କେତେକ ପ୍ରସ୍ତାବ ଉପସ୍ଥାପିତ କରିଥିଲେ । ...ଗାଁଗହଳର ଭାଗବତ ଟୁଙ୍ଗୀ, ଗ୍ରାମାଞ୍ଚଳଗୁଡ଼ିକରେ ...ଳୟର ପ୍ରତିଷ୍ଠା, ସ୍କୁଲ ଛାତ୍ରମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ...କରିବା ନିମନ୍ତେ ଛାତ୍ରମାନଙ୍କୁ ସଂଶ୍ଳିଷ୍ଟ କରିବା ଇତ୍ୟାଦି ... । ଭାଗବତ ଟୁଙ୍ଗୀ ସମ୍ପର୍କରେ କହିବାକୁ ଯାଇ ଶ୍ରୀ ମିଶ୍ର ...ଟୁଙ୍ଗୀଗୁଡ଼ିକର ଗାଁଗହଳର ବିଭିନ୍ନ କାର୍ଯ୍ୟକ୍ରମ ଉପରେ କିପରି ...ପଡ଼ୁଥାଏ, ସେ ସମ୍ପର୍କରେ ଅବତାରଣା କରିଥିଲେ । ...ଟୁଙ୍ଗୀଗୁଡ଼ିକରେ ବିଭିନ୍ନ ଗ୍ରାମାଞ୍ଚଳର ସମସ୍ୟା ସମ୍ପର୍କରେ ...ଚନା ହେଉଥିଲା । ଭାଗବତ ଟୁଙ୍ଗୀକୁ ଯେପରି ନଷ୍ଟ କରା ...ଏହାକୁ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ କରିବା ...ସେ ପରାମର୍ଶ ଦେଇଥିଲେ । ଆଜିର ଗ୍ରାମପଞ୍ଚାୟତ ଏହି ...ଟୁଙ୍ଗୀ ସଂସ୍କୃତିରୁ ପ୍ରାପ୍ତ ଜନ୍ମ ବୋଲି କହିଲେ ଅତ୍ୟୁକ୍ତି ...ବୋଲି ସେ ମତ ପ୍ରକାଶ କରିଥିଲେ ।

...ଶିକ୍ଷିତ ଲୋକ ଅନ୍ୟ ଜଣେ ନିରକ୍ଷରକୁ ସାକ୍ଷର ...ଉଚିତ ବୋଲି ଶ୍ରୀ ମିଶ୍ର କହିବା ସଙ୍ଗେ ସଙ୍ଗେ ...ସ୍କୁଲ ସ୍ତରରେ ଯେଉଁ ଛାତ୍ର ୫/୧୦ ଜଣ ନିରକ୍ଷରଙ୍କୁ ସାକ୍ଷର ...ବେ, ସେମାନଙ୍କୁ ଏହି ପାଠ୍ୟାତିରିକ୍ତ କାର୍ଯ୍ୟ କଳାପ ପାଇଁ ...ନମ୍ବର ଦିଆଯିବା ଉଚିତ ।

ନାରୀଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରି ଶ୍ରୀ ମିଶ୍ର କହିଲେ ଯେ ମା' ଶିକ୍ଷିତା ହେଲେ, ତା'ର ପିଲାମାନେ ଶିକ୍ଷିତ ହୋଇପାରିବେ । ସେଥିପାଇଁ ନାରୀଶିକ୍ଷାର ପ୍ରସାର ଅତ୍ୟନ୍ତ ଆବଶ୍ୟକ । ଅଷ୍ଟମ ଯୋଜନା କାଳରେ ଜନସଂଖ୍ୟା ନିୟନ୍ତ୍ରଣ, ଶିକ୍ଷାର ଉନ୍ନତି, ସାଧାରଣ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଗ୍ରାଧିକାର ଦିଆଯାଉଥିବାରୁ ସାକ୍ଷରତା କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି ସେ ଦୃଢ଼ ଆଶା ପ୍ରକାଶ କରିଥିଲେ ।

ରାଜ୍ୟରେ ନୂଆ ପଞ୍ଚାୟତ ଓ ଜିଲ୍ଲା ପରିଷଦ ଗଠନ ହେଲେ, ସାକ୍ଷରତା କାର୍ଯ୍ୟକ୍ରମ ଆହୁରି ଭଲ ଭାବରେ ଚାଲିପାରିବ ବୋଲି ଶ୍ରୀ ମିଶ୍ର କହିଥିଲେ ।

ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ବନବାସୀ ସେବାଶ୍ରମର ଅଧ୍ୟକ୍ଷ ଶ୍ରୀ ପ୍ରେମ ଭାଇ ଓ ଶ୍ରୀ ଏ: ଭି: ସ୍ୱାମୀ ଭାଷଣ ଦେଇ ସାକ୍ଷରତା ଅଭିଯାନ ସମ୍ପର୍କରେ କହିଥିଲେ ।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟର ଲୋକସଂଖ୍ୟା ୧୯୯୧ ଜନଗଣନା ଅନୁଯାୟୀ ୩.୧୬ କୋଟି ଓ ତନ୍ମଧ୍ୟରେ ପୁରୁଷଙ୍କ ସଂଖ୍ୟା ହେଉଛି ୧.୫୯ କୋଟି ଏବଂ ସ୍ତ୍ରୀ ଲୋକଙ୍କ ସଂଖ୍ୟା ହେଉଛି ୧.୫୬ କୋଟି । ତନ୍ମଧ୍ୟରେ ପ୍ରାୟ ଅଧ କୋଟିଏ ପୁରୁଷ ଓ କୋଟିଏ ସ୍ତ୍ରୀ ଲୋକ ନିରକ୍ଷର ।

## ଜାତୀୟ ସଞ୍ଚୟ ଯୋଜନାର ରାଜ୍ୟ ଉପଦେଷ୍ଟା ବୋର୍ଡ ବୈଠକ

ରାଜ୍ୟ ସଚିବାଳୟଠାରେ ଜାତୀୟ ସଞ୍ଚୟ ଯୋଜନାର ରାଜ୍ୟ ଉପଦେଷ୍ଟା ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା । ଏହାକୁ ଉଦ୍‌ଘାଟନ କରି ଏହାର ଅଧ୍ୟକ୍ଷ ତଥା ଅର୍ଥମନ୍ତ୍ରୀ ଶ୍ରୀ ବେଦ ପ୍ରକାଶ ଅଗ୍ରୱାଲା କହିଲେ ଯେ ସଞ୍ଚୟ ଯୋଜନା ମାଧ୍ୟମରେ ଜମା କରାଯାଇଥିବା ଅର୍ଥର ତିନି–ଚତୁର୍ଥାଂଶ ଓଡ଼ିଶାକୁ କେନ୍ଦ୍ରରୁ ଋଣ ଆକାରରେ ମିଳିଥାଏ ଏବଂ ରାଜ୍ୟ ସରକାର ଏହି ଅର୍ଥକୁ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ବ୍ୟୟ କରିଥାନ୍ତି । ଏଣୁ, ଏହି ସଞ୍ଚୟ ଯୋଜନାକୁ ଲୋକପ୍ରିୟ କରାଯାଇ ଏଥିରେ ଅଧିକରୁ ଅଧିକ ଅର୍ଥ ଜମା କରାଯାଇ ପାରିଲେ, ତଦନୁସାରେ କେନ୍ଦ୍ରରୁ ଓଡ଼ିଶାକୁ ଅଧିକ ପରିମାଣର ଋଣ ମିଳିପାରିବ । ଏହି ଯୋଜନାକୁ ବିଶେଷ କରି ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ କିପରି ଲୋକପ୍ରିୟ କରାଯାଇ ପାରିବ, ସେ ଦିଗରେ ସଭ୍ୟମାନେ ତାଙ୍କର ମୂଲ୍ୟବାନ ଉପଦେଶ ଦେବାକୁ ଶ୍ରୀ ଅଗ୍ରୱାଲା ପରାମର୍ଶ ଦେଇଥିଲେ । ସବ୍‌ଡିଭିଜନ ଓ ପଞ୍ଚାୟତ ସ୍ତରରେ ହେଉଥିବା ବିଭିନ୍ନ ବୈଠକରେ ଯୋଗଦାନ କରି ସଞ୍ଚୟ ଅଧିକାରୀମାନେ ସଞ୍ଚୟ ଯୋଜନାର ଗୁରୁତ୍ୱ ବିଷୟରେ ଆଲୋଚନା କଲେ, ଏହି ଯୋଜନାର ସୁଫଳ ମିଳିପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ମନ୍ତ୍ରୀ ଶ୍ରୀ ଅଗ୍ରୱାଲା ଏ ପ୍ରସଙ୍ଗରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହ ପରାମର୍ଶ କ୍ରମେ ବ୍ଲକ୍ ସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ବିହିତ ନିର୍ଦ୍ଦେଶନାମା ଦିଆଯିବ ବୋଲି କହିଥିଲେ । ସେହିପରି ଶିକ୍ଷାନୁଷ୍ଠାନମାନଙ୍କରେ ସଞ୍ଚୟ ଯୋଜନାରେ ଅର୍ଥ ବିନିଯୋଗ କରିବା ପାଇଁ ଶିକ୍ଷାମନ୍ତ୍ରୀଙ୍କ ସହିତ ପରାମର୍ଶ କ୍ରମେ ବିହିତ ପଦକ୍ଷେପ ନିଆଯିବ ବୋଲି ଅର୍ଥମନ୍ତ୍ରୀ ସଭ୍ୟମାନଙ୍କୁ

ଜଣାଇଥିଲେ । କେନ୍ଦ୍ରରୁ ସଞ୍ଚୟ ଯୋଜନା ମାଧ୍ୟମରେ ସମୁଦାୟ ସଂଗ୍ରହର ଶତକଡ଼ା ୭୫ ଭାଗ ମିଳୁଥିବା ଋଣକୁ ଶତକଡ଼ା ୯୦ ଭାଗକୁ ବୃଦ୍ଧି କରାଯିବା ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଡାଃ ଯୋଗେଶ ଚନ୍ଦ୍ର ରାଉତ, ଆସ୍କା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ଶ୍ରୀ ସୁରେନ୍ଦ୍ରନାଥ ପ୍ରଧାନ, କଣାସ ପଞ୍ଚାୟତ ସମିତିର ପୂର୍ବତନ ଚେୟାରମ୍ୟାନ୍ ଶ୍ରୀ ରମା ରଞ୍ଜନ ବଳିଆରସିଂହ, ସୁବିଦାର ପୂର୍ବତନ ଚେୟାରମ୍ୟାନ୍ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ, ଆଡ଼ଭୋକେଟ୍ ଶ୍ରୀ ଗିରିଜା ଶଙ୍କର 'ମହାପାତ୍ର, ରାଉରକେଲାର ଶ୍ରୀ ରାମଚନ୍ଦ୍ର ନାୟକ, ରାୟଗଡ଼ାର ଶ୍ରୀ ଭାସ୍କର ରାଓ, ଗଞ୍ଜାମର ଶ୍ରୀ ନିରଞ୍ଜନ ପାତ୍ର ପ୍ରମୁଖ ବେସରକାରୀ ସଦସ୍ୟମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଏହା ବ୍ୟତୀତ ବୋର୍ଡର ସରକାରୀ ସଭ୍ୟ ଭାବେ ଓଡ଼ିଶାର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ, ଅର୍ଥ ବିଭାଗ ଅତିରିକ୍ତ ଶାସନ ସଚିବ, ଯୋଜନା ଓ ସମନ୍ୱୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ, ସ୍ୱଳ୍ପ ସଞ୍ଚୟ ଯୋଜନାର ଯୁଗ୍ମ ଶାସନ ସଚିବ ଏବଂ ଜାତୀୟ ସଂଚୟ ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ଏହି ବୈଠକରେ ଯୋଗ ଦେଇଥିଲେ ।

## ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆଞ୍ଚଳିକତା । ପରିହାର ଅପରିହାର୍ଯ୍ୟ

**–ଶାସନ ସଚିବ ଶ୍ରୀ ତ୍ରିପାଠୀ**

ସ୍ଥାନୀୟ ସୂଚନା ଭବନଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଜାତୀୟ ସଦ୍‌ଭାବନା ଦିବସ ପାଳନ ଉତ୍ସବରେ ଅଧ୍ୟକ୍ଷତା କରି ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀ କହିଲେ ଯେ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆଞ୍ଚଳିକତା ପରିହାର ଅପରିହାର୍ଯ୍ୟ । ଦେଶର ଏକତା ଓ ସଂହତିର ସଙ୍କଟ ସମୟରେ ଏହି ସଦ୍‌ଭାବନା ଦିବସ ପାଳନର ଯଥେଷ୍ଟ ତାତ୍ପର୍ଯ୍ୟ ରହିଛି ବୋଲି ମତବ୍ୟକ୍ତ କରି ଏ ଦିଗରେ ନିଷ୍ଠାପର ଉଦ୍ୟମ ନକରି କେବଳ ଦିବସ ପାଳନ ଯଥେଷ୍ଟ ନୁହେଁ ବୋଲି ସେ ଉଲ୍ଲେଖ କରିଥିଲେ । ଧର୍ମ ଓ ଜାତିର ଊର୍ଦ୍ଧ୍ୱରେ ରହି, ଦେଶର ଏକତା ଓ ସଂହତି ରକ୍ଷା ପାଇଁ ଆଗେଇ ଆସିବା ନିମନ୍ତେ ସେ ଆହ୍ୱାନ ଦେବା ସଙ୍ଗେ ସଙ୍ଗେ ସଦ୍‌ଭାବନା ରକ୍ଷା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଶପଥ ପାଠ କରାଇଥିଲେ ।

ଏହି ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଜଗନ୍ନାଥ ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଯୁଗେ ଯୁଗେ ଭାରତ କିଭଳି ଶାନ୍ତି, ମୈତ୍ରୀ, ଐକ୍ୟ, ସାମ୍ୟ ଓ ଧର୍ମ ନିରପେକ୍ଷତାର ବାର୍ତ୍ତା ସାରା ପୃଥିବୀରେ ପ୍ରଚାର କରି ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ଓ ବନ୍ଧୁତା ରକ୍ଷା ଲାଗି ଚେଷ୍ଟା ଚଳାଇ ଆସିଛି, ତା'ର ଅବତାରଣାକରି ଆମ ଦେଶର ସେହି ସଂସ୍କୃତି ଓ ଐତିହ୍ୟକୁ ବଜାୟ ରଖିବା ପାଇଁ ସଦ୍‌ଭାବନାକୁ ସୁଦୃଢ଼ କରିବା ଆମର ଏକ ନୈତିକ ଓ ଜାତୀୟ କର୍ତ୍ତବ୍ୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ ।

ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସମର ବିଳାସ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ ଏହି ଦିନର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ । ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ଉତ୍ସବ ଆରମ୍ଭ କରାଯାଇଥିଲା ଏବଂ ପରେ ପରେ ଜ୍ଞାନୀ ସୁରେନ୍ଦ୍ର ସିଂ, ଡଃ ସତ୍ୟାନନ୍ଦ ପାତ୍ର, ମହମ୍ମଦ୍ ଅନୱାର୍ ଏବଂ ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ର ଶର୍ମା ଯଥାକ୍ରମେ ପବିତ୍ର ଗ୍ରନ୍ଥସାହେବ, ବାଇବେଲ, କୋରାନ୍ ଓ ଗୀତା ପାଠ କରିଥିଲେ । ଶେଷରେ ଉପ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଏହି ଅବସରରେ ସେଠାରେ ବିଖ୍ୟାତ କଣ୍ଠଶିଳ୍ପୀ ମହମ୍ମଦ୍ ସିକନ୍ଦର ଆଲାମ୍ ଓ ଶ୍ରୀମତୀ ଦିପ୍ତିମୟୀ ମହାନ୍ତି ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରିଥିଲେ ।

## ପାରାଦୀପଠାରେ ଅଏଲ୍ ଟର୍ମିନାଲ୍ ନିର୍ମାଣ ପ୍ରକଳ୍ପକୁ ତ୍ୱରାନ୍ୱିତ

**–ମନ୍ତ୍ରୀ ଶ୍ରୀ ହରିଚନ୍ଦନ**

ଭାରତୀୟ ତୈଳ ନିଗମ ପକ୍ଷରୁ ପାରାଦୀପଠାରେ ପ୍ରସ୍ତାବିତ "ଅଏଲ୍ ଟର୍ମିନାଲ" ସ୍ଥାପନର ଗୁରୁତ୍ୱ ଦୃଷ୍ଟିରୁ ଏହାର ନିର୍ମାଣ କୁ ତ୍ୱରାନ୍ୱିତ କରିବା ପାଇଁ ତୈଳ ନିଗମର ଅଧ୍ୟକ୍ଷଙ୍କୁ ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପରାମର୍ଶ ଦେଇଛନ୍ତି ।

ଭାରତୀୟ ତୈଳ ନିଗମର ଅଧ୍ୟକ୍ଷ ଶ୍ରୀ କେ: ଏନ୍: ଭେଙ୍କଟ୍ ସୁବ୍ରମନିୟମ୍ ଯୋଗାଣ ମନ୍ତ୍ରୀଙ୍କୁ ସଚିବାଳୟସ୍ଥିତ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ କରିବା ଅବସରରେ ଶ୍ରୀ ହରିଚନ୍ଦନ ପ୍ରସ୍ତାବିତ ଅଏଲ୍ ଟର୍ମିନାଲ୍ ସହ ରାଜ୍ୟର ତିନୋଟି ମୁଖ୍ୟ ବାଣିଜ୍ୟ ତଥା ଶିଳ୍ପ କେନ୍ଦ୍ର, ରାୟଗଡ଼ା, ଜଟଣୀ ଏବଂ ଅନୁଗୁଳ ସହରରେ ତୈଳ ଡିପୋ ସ୍ଥାପନର ଗୁରୁତ୍ୱ ସମ୍ପର୍କରେ ଦର୍ଶାଇ ସେସବୁ ସ୍ଥାନରେ ଡିପୋ ନିର୍ମାଣ ସମ୍ପୂର୍ଣ୍ଣ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ଡିପୋ ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକୀୟ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ରାଜ୍ୟ ସରକାର ଯୋଗାଇ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ପେଟ୍ରୋଲ୍‌ରେ କିରୋସିନି ମିଶାଯାଇଥିବା ସମ୍ପର୍କରେ ଅଭିଯୋଗ ହେଉଥିବା ଏବଂ ବିଶେଷ କରି ଗତବର୍ଷ ତୈଳ ସଙ୍କଟଜନିତ ସମସ୍ୟା ଯୋଗୁଁ ପେଟ୍ରୋଲ୍‌ଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ପରଠାରୁ ଏ ପ୍ରକାର ଅଭିଯୋଗ ଆହୁରି ଅଧିକ ହୋଇଥିବା ଉଲ୍ଲେଖ କରି ସେ ଦିଗରେ ବିହିତ ଫଳପ୍ରଦ ପ୍ରତିକାର ପାଇଁ ଶ୍ରୀ ହରିଚନ୍ଦନ ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଭୁବନେଶ୍ୱରଠାରେ ଭାରତୀୟ ତୈଳ ନିଗମ ପକ୍ଷରୁ ଏକ ଗୁଣମାଣ ପରୀକ୍ଷାଗାର କାର୍ଯ୍ୟ ଆରମ୍ଭ କରିଥିବା ଏବଂ ନିଗମର ସମସ୍ତ ପେଟ୍ରୋଲ୍ ଡିପୋ ଓ ପମ୍ପଗୁଡ଼ିକରେ ପରୀକ୍ଷା ନିରୀକ୍ଷା କରାଯାଉଥିବା ନିଗମ କର୍ତ୍ତୃପକ୍ଷ ମନ୍ତ୍ରୀଙ୍କୁ ଜଣାଇଥିଲେ । ଏହି ବ୍ୟବସ୍ଥା ଦ୍ୱାରା ପେଟ୍ରୋଲ୍ ଅପମିଶ୍ରଣକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ । ନିଗମ ପକ୍ଷରୁ ନିଆଯାଉଥିବା ପଦକ୍ଷେପର ସମ୍ପୂର୍ଣ୍ଣ ସୁଯୋଗ ନିଆଯିବାକୁ ଏବଂ ଜିଲ୍ଲାରେ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବା ପାଇଁ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି । ଏହା ସଙ୍ଗେ ସଙ୍ଗେ ଆଇନ୍ ଅନୁଯାୟୀ ଦୋଷୀବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ଆଲୋଚନା ସମୟରେ ନିଗମ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ ଯେ ଡିପ୍ ଟର୍ମିନାଲ ପ୍ରକଳ୍ପ ନିର୍ମାଣ ପାଇଁ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟଠାରୁ ନିଗମ ୭୫ ଏକର ଜମି ଦଖଲ ନେଇଯାଇଛନ୍ତି । ପାରାଦ୍ୱୀପ ବନ୍ଦରକୁ ଯେପରି ବଡ଼ ବଡ଼ ତୈଳବାହୀ ଟ୍ୟାଙ୍କରସ ସୁବିଧାରେ ପ୍ରବେଶ କରିପାରିବ, ସେଥିପାଇଁ ବନ୍ଦର ମୁହାଁଣକୁ ଆବଶ୍ୟକୀୟ ଗଭୀର କରିବା ପାଇଁ ନିଗମ କର୍ତ୍ତୃପକ୍ଷ ପୋର୍ଟ ଟ୍ରଷ୍ଟ ଙ୍କୁ ଅନୁରୋଧ କରିଥିବା ଆଲୋଚନାରୁ ପ୍ରକାଶ । ଅଷ୍ଟମ ଯୋଜନା କାଳରେ ଦଇତାରୀଠାରେ ପ୍ରସ୍ତାବିତ "ରିଫାଇନରୀ" ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ଆଶା କରାଯାଉଛି ବୋଲି ନିଗମ ପକ୍ଷ ସୂଚନା ଦେଇଥିଲେ ।

## ଆଇ: ଆର୍: ଡ଼ି: ପି: ରେ ଉପକୃତ ପରିବାର

ଗତ ଅଗଷ୍ଟ ମାସରେ ଓଡ଼ିଶାରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା (ଆଇ:ଆର୍:ଡ଼ି:ପି) ଅଧୀନରେ ମୋଟ୍ ୫,୦୮୫ଟି ପରିବାର ଉପକୃତ ହୋଇଛନ୍ତି । ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷର ପ୍ରଥମ ପାଞ୍ଚ ମାସରେ ମୋଟ୍ ୧୯,୬୦୫ଟି ପରିବାର ଉପକୃତ ହୋଇଥିବା କଥା ଅଗଷ୍ଟ ମାସର ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ଜଣାପଡ଼ିଛି ।

ଉକ୍ତ ବିବରଣୀରୁ ଆହୁରି ମଧ୍ୟ ପ୍ରକାଶ ଯେ ଜବାହର ରୋଜଗାର ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳରେ ଯେଉଁସବୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ତଦନୁଯାୟୀ ୧୯୯୧-୯୨ ଆର୍ଥିକ ବର୍ଷର ଆରମ୍ଭରୁ ଅଦ୍ୟାବଧି ମୋଟ୍ ୭୯ ଲକ୍ଷ ୫ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ଗ୍ରାମାଞ୍ଚଳ ଲୋକଙ୍କୁ ନିଯୁକ୍ତି ଯୋଗାଇ ଦିଆଯାଇଛି । କେବଳ ଗତ ଅଗଷ୍ଟ ମାସରେ ୧୬ ଲକ୍ଷ ୭୯ ହଜାର ଶ୍ରମ ଦିବସ ଏଥିପାଇଁ ସୃଷ୍ଟି କରାଯାଇଛି ।

ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ପ୍ରଥମ ପାଞ୍ଚମାସ ମଧ୍ୟରେ ରାଜ୍ୟରେ ମୋଟ୍ ୩୯୬ ଟି କ୍ଷୁଦ୍ର ଶିଳ୍ପ ସ୍ଥାପନ କରାଯାଇଛି । କେବଳ ଗତ ଅଗଷ୍ଟ ମାସରେ ସ୍ଥାପନ କରାଯାଇଥିବା ୯୦ ଟି କ୍ଷୁଦ୍ର ଶିଳ୍ପ ଏହାର ଅନ୍ତର୍ଭୁକ୍ତ ବୋଲି ଗତ ଅଗଷ୍ଟ ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ପ୍ରକାଶ ।

## କୋରାପୁଟ ଜିଲ୍ଲା ପରିଦର୍ଶନରେ ମନ୍ତ୍ରୀ ଶ୍ରୀ ମାଝୀ

କୋରାପୁଟ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ସଂକ୍ରମିତ ଝାଡ଼ାବାନ୍ତି ରୋଗର ଫଳପ୍ରଦ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ସଂସ୍ଥା ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝୀ ପରାମର୍ଶ ଦେଇଛନ୍ତି । ଆବଶ୍ୟକୀୟ ଔଷଧ ପତ୍ର ଓ ରିଲିଫ୍ ଆକାରରେ ଯୋଗାଇ ଦିଆଯାଉଥିବା ଖାଦ୍ୟ ସାମଗ୍ରୀର ସୁଷମ ବଣ୍ଟନ ଅଗ୍ରାଧିକାର ଭିତ୍ତିରେ କରିବାକୁ ଶ୍ରୀ ମାଝୀ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

କୋରାପୁଟ ଜିଲ୍ଲାର ପାପଡ଼ାହାଣ୍ଡି, ବୋରିଗୁମା, କଷାଗୁମୁଡ଼ା ଓ ଚନ୍ଦାହାଣ୍ଡି ବ୍ଲକ୍‌ର ଝାଡ଼ାବାନ୍ତି ରୋଗ ସଂକ୍ରମିତ ବହୁ ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳ ଗ୍ରତିଦିନ ଧରି ବ୍ୟାପକ ଭାବେ ଶ୍ରୀ ମାଝୀ ଗସ୍ତ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇଥିବା ଚିକିତ୍ସା ବ୍ୟବସ୍ଥା ସହ ଯୋଗାଇ ଦିଆଯାଉଥିବା ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ସେ ଅନୁଧ୍ୟାନ କରିଥିଲେ । କଷା ଗୁମୁଡ଼ା ବ୍ଲକ୍ ଅନ୍ତର୍ଗତ ଟେମେରା, ଚୁଡ଼ାହାଣ୍ଡି, ମକିଆ ଓ ଭାସିନି ପ୍ରଭୃତି ଅଗମ୍ୟ ଗ୍ରାମ ପଞ୍ଚାୟତ ଅଞ୍ଚଳକୁ ଶ୍ରୀ ମାଝୀ ଭାସ୍କେଲ୍ ନଦୀ ଡଙ୍ଗା ଯୋଗେ ପାର ହୋଇ ସଂକ୍ରମିତ ଗ୍ରାମମାନ ପରିଦର୍ଶନ କରି ସେସବୁ ଅଞ୍ଚଳରେ ଆବଶ୍ୟକୀୟ ଚାଉଳ ଓ ଲୁଗାପଟା ଇତ୍ୟାଦି ବଣ୍ଟନ କରିଥିଲେ । ଝରିଗାଁରେ ସାହି ସାହି ବୁଲି ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ତଦାରଖ କରିଥିଲେ । ଚନ୍ଦାହାଣ୍ଡି ବ୍ଲକ୍‌ର ଗସାରୀଗୁଡ଼ା, ଦଣ୍ଡାମୁଣ୍ଡା ଇତ୍ୟାଦି ଗ୍ରାମମାନ ପରିଦର୍ଶନ କରି ସେସବୁ ଅଞ୍ଚଳର ସ୍ୱାସ୍ଥ୍ୟରକ୍ଷା ପଦକ୍ଷେପ ଅନୁଧ୍ୟାନ କରିଥିଲେ । ସେ ମଇଦଳପୁର ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅତିରିକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର, ଝରିଗାଁ ଡାକ୍ତରଖାନା ପରିଦର୍ଶନ କରି ଡାକ୍ତରଖାନାମାନଙ୍କରେ ଚିକିତ୍ସିତ ରୋଗୀମାନଙ୍କୁ ଆଶୁ ଆରୋଗ୍ୟ କାମନା କରିଥିଲେ । ସେ ତାଙ୍କ ଗସ୍ତକାଳରେ ଗ୍ରାମବାସୀମାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ସେମାନଙ୍କ ବିଭିନ୍ନ ଅଭାବ ଅସୁବିଧା ପଚାରି ବୁଝିଥିଲେ । ଜିଲ୍ଲାପାଳ, ସମ୍ପୃକ୍ତ ଅଞ୍ଚଳର ଚିକିତ୍ସାଧିକାରୀ ଓ ବି:ଡି:ଓ: ପ୍ରମୁଖ ଶ୍ରୀ ମାଝୀଙ୍କ ଗହଣରେ ଏହିସବୁ ଗ୍ରାମ ପରିଦର୍ଶନ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ କୋରାପୁଟ ଜିଲ୍ଲା ଗସ୍ତ କାଳରେ ଶ୍ରୀ ମାଝୀ ଜିଲ୍ଲାର ସଂକ୍ରମିତ ଅଞ୍ଚଳର ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବହିତ କରାଇଥିଲେ ।

## ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ସର୍ଭିସ୍ କମ୍ପ୍ଲେକ୍ସ ଉଦ୍‌ଘାଟିତ ଶ୍ରୀ ଭାଗବତ ବେହେରା

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା କଟକର ବାଦାମବାଡ଼ିସ୍ଥ ଓଡ଼ିଶା ରାଜ୍ୟ ପରିବହନ ବସ୍‌ଷ୍ଟାଣ୍ଡଠାରେ ଏକ ନୂତନ ସର୍ଭିସ୍ କମ୍ପ୍ଲେକ୍ସ ଏବଂ ଏକ ସ୍ୱୟଂଚାଳିତ ୱାସିଂ ମେସିନ୍ ଉଦ୍‌ଘାଟନ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ସଭାରେ ପୌରୋହିତ୍ୟ କରି ଶ୍ରୀ ବେହେରା କହିଲେ ଯେ

ଯାତ୍ରୀମାନଙ୍କୁ ନ୍ୟୁନତମ ସୁବିଧା ସୁଯୋଗ ଯୋଗାଇ ଦେବା ନିମନ୍ତେ କଟକ ତଥା ରାଜ୍ୟର ଅନ୍ୟାନ୍ୟ ବସ୍‌ଷ୍ଟାଣ୍ଡଗୁଡ଼ିକର ଉନ୍ନତିକରଣ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି ଏବଂ ଅଧିକ ସଂଖ୍ୟକ ନୂତନ ବସ୍ କିଣାଯାଇ ନିଗମର ବସ୍‌ସଂଖ୍ୟା ବୃଦ୍ଧି କରାଯାଉଛି । କୋରାପୁଟ ଓ ଫୁଲବାଣୀ ଜିଲ୍ଲା ସମେତ ଆନ୍ତଃରାଜ୍ୟ ବସ୍‌ରୁଟ୍‌ଗୁଡ଼ିକୁ ଜାତୀୟକରଣ କରାଯିବ । ରାଜ୍ୟର ବସ୍‌ଷ୍ଟାଣ୍ଡଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଜନସାଧାରଣଙ୍କ ସହଯୋଗ ସେ କାମନା କରିଥିଲେ । ବସ୍ କର୍ମଚାରୀମାନେ ନିଷ୍ଠାର ସହିତ ସେମାନଙ୍କ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ସାହାସୀ ଓ କର୍ତ୍ତବ୍ୟ ପରାୟଣ ସର୍ବୋତ୍କୃଷ୍ଟ ବସ୍‌ଚାଳକଙ୍କୁ ପ୍ରତିବର୍ଷ ମୃତ ଡ୍ରାଇଭର ଗୁଲ୍ ବଦନ ଟାଲିଙ୍କ ସ୍ମୃତି ପୁରସ୍କାର ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ । ଏଥି ସଙ୍ଗେ ସଙ୍ଗେ କର୍ତ୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ କଠୋର ଦଣ୍ଡ ବିଧାନ କରାଯିବ ବୋଲି ସେ ସତର୍କ କରାଇ ଦେଇଥିଲେ ।

ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ସୟଦ୍ ମୁସ୍ତାଫିଜ୍ ଅହମଦ୍ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାରେ ପ୍ରଥମ କରି ସ୍ୱୟଂଚାଳିତ ୱାସିଂ ମେସିନ୍ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ସ୍ଥାପନ କରିଥିବାରୁ ସରକାରଙ୍କ ଏହି ଉଦ୍ୟମକୁ ସାଧୁବାଦ ଜଣାଇବା ସଙ୍ଗେ ସଙ୍ଗେ ଯାତ୍ରୀମାନଙ୍କ ନିମନ୍ତେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ନିମନ୍ତେ ଗୁରୁତ୍ୱ ଆରୋପ କରିଥିଲେ ।

ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ମହାନନ୍ଦ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାର ବସ୍‌ଷ୍ଟାଣ୍ଡଗୁଡ଼ିକର ମଧ୍ୟ ଉନ୍ନତି ବିଧାନ କରାଯିବ ବୋଲି ସୂଚନା ଦେଇଥିଲେ ।

କଟକ ସଦର ବିଧାୟକ ଶ୍ରୀ ରାଜେନ୍ଦ୍ର ପ୍ରସାଦ ସିଂ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ବସ୍‌ଷ୍ଟାଣ୍ଡରେ ବୁଲାବିକାଳୀମାନଙ୍କୁ ଆର୍ଥିକ କ୍ଷତି ନହେଲା ଭଳି ବ୍ୟବସ୍ଥା ପୂର୍ବକ ସେମାନଙ୍କୁ ଦୋକାନ ଘର ଯୋଗାଇ ଦେବା ପ୍ରତି ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ପ୍ରାରମ୍ଭରେ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣରେ ନୂତନ ଭାବେ ସ୍ଥାପିତ ୱାସିଂ ମେସିନ୍ ଦ୍ୱାରା ପ୍ରତି ୩ ମିନିଟ୍‌ରେ ଗୋଟିଏ ଲେଖାଏ ବସ୍ ଧୁଆହୋଇ ପାରିବ ବୋଲି କହିଥିଲେ । ଏହାକୁ ଉଭୟ ନିଗମ ଓ ଘରୋଇ ବସ୍ ଧୋଇବା ନିମନ୍ତେ ବ୍ୟବହାର କରାଯାଇ ପାରିବ ଏବଂ ଏଥିନିମନ୍ତେ ନିଗମ ଓ ଘରୋଇ ପରିଚାଳିତ ପ୍ରତ୍ୟେକ ବସ୍ ପାଇଁ ଯଥାକ୍ରମେ ୩୦ ଟଙ୍କା ଓ ୫୦ ଟଙ୍କା ଧାର୍ଯ୍ୟ କରାଯାଇଛି ।

## ରାଜ୍ୟରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ

ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ରାଜ୍ୟରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରିମାସରେ ପରିବାରକୁ ସୀମିତ ରଖିବା ନିମନ୍ତେ ମୋଟ୍ ୯୯,୮୨୦ ଜଣ ବ୍ୟକ୍ତି ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରିଛନ୍ତି । କେବଳ ଗତ ଜୁଲାଇ ମାସରେ ଏଥିପାଇଁ ଅସ୍ତ୍ରୋପଚାର କରିଥିବା ୮୦୭୯ ଜଣ ବ୍ୟକ୍ତି ଅନ୍ତର୍ଭୁକ୍ତ । ଚଳିତ ଆର୍ଥିକ ବର୍ଷରେ ମୋଟ୍ ୨,୦୩,୦୦୦ ଜଣ ବ୍ୟକ୍ତି ଏଥିପାଇଁ ଅସ୍ତ୍ରୋପଚାର କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା ବ୍ୟତୀତ ଉକ୍ତ ସମୟ ମଧ୍ୟରେ ସନ୍ତାନ ଜନ୍ମ ବ୍ୟବଧାନ ସମୟ ବୃଦ୍ଧି ନିମନ୍ତେ ମୋଟ୍ ୩୧,୦୦୦ ଜଣ ମହିଳା ଆଇ.ୟୁ.ଡି. ବ୍ୟବହାର କରିଛନ୍ତି ବୋଲି ଗତ ଜୁଲାଇ ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ପ୍ରକାଶ ।

## କୋରାପୁଟ ଜିଲ୍ଲାରେ ଏକ ନୂତନ କଲେଜ

କୋରାପୁଟ ଜିଲ୍ଲାର ନବରଙ୍ଗପୁର ସବ୍‌ଡ଼ିଭିଜନ୍ ଅନ୍ତର୍ଗତ ଚନ୍ଦାହାଣ୍ଡିଠାରେ ଏକ ନୂତନ କଲେଜ ସ୍ଥାପନ କରାଯାଇଛି । ବେସରକାରୀ ଉଦ୍ୟମରେ ପ୍ରତିଷ୍ଠିତ କଲେଜ ଚଳିତ ଶିକ୍ଷାବର୍ଷଠାରୁ କାର୍ଯ୍ୟକାରୀ ହେଉଛି ।

ସଂପ୍ରତି ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝୀ ମୁଖ୍ୟ ଅତିଥି ଭାବରେ ଏହି "ପାନାବେଡ଼ା ମହାବିଦ୍ୟାଳୟ" କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ମାଝୀ କହିଲେ ଯେ ବାସ୍ତବରେ ଚନ୍ଦାହାଣ୍ଡି ପରି ଆଦିବାସୀ ଅଧ୍ୟୁଷିତ ଆଭ୍ୟନ୍ତରୀଣ ଅଞ୍ଚଳରେ ଏ ପ୍ରକାର ଏକ କଲେଜ ସ୍ଥାପନ ଆବଶ୍ୟକତା ବହୁଦିନରୁ ଅନୁଭୂତ ହେଉଥିଲା । ଏହି କଲେଜ ପ୍ରତିଷ୍ଠା ଫଳରେ ଚନ୍ଦାହାଣ୍ଡି ର ଝରିଗାଁ ବ୍ଲକ୍‌ର ଗ୍ରାମାଞ୍ଚଳର ଛାତ୍ର ଛାତ୍ରୀ, ବିଶେଷ କରି ତଫସିଲଭୁକ୍ତ ଜାତି, ଉପଜାତି ତଥା ସମାଜର ଦୁର୍ବଳ ଶ୍ରେଣୀର ଛାତ୍ର ଛାତ୍ରୀମାନେ ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶେଷ ଭାବରେ ଉପକୃତ ହୋଇପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଶ୍ରୀ ବିଜୟଚନ୍ଦ୍ର ଯୋଶୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉମରକୋଟ ତହସିଲଦାର, ଚନ୍ଦାହାଣ୍ଡି ବି.ଡି.ଓ., ଚନ୍ଦାହାଣ୍ଡି ବ୍ଲକ୍‌ର ପ୍ରାକ୍ତନ ଚେୟାରମ୍ୟାନ୍ ଶ୍ରୀ ଅବଦୁଲ୍ ଅଜିଜ୍, ସ୍ଥାନୀୟ ଯୁବନେତା ଶ୍ରୀ ଦୁର୍ଯ୍ୟୋଧନ ଜାଲି, ଯୁବ ଆଡ଼ଭୋକେଟ୍ ଶ୍ରୀ ସରୋଜ କୁମାର ଅଗସ୍ତି ପ୍ରମୁଖ ସରକାରୀ ଓ ଉଚ୍ଚାଧିକାରୀ ବେସରକାରୀ ବ୍ୟକ୍ତିମାନଙ୍କ ସହ ବହୁ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ ।

## ତାଳଜାତୀୟ ଉଦ୍‌ଭିଦ ଚାଷ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଓଡ଼ିଶାରେ ଅଧିକ ପରିମାଣର ଖାଇବା ତେଲ ଉତ୍ପାଦନ କରିବା ପାଇଁ ଖାଇବା ତେଲ ଉତ୍ପାଦନକ୍ଷମ ତାଳଜାତୀୟ ଉଦ୍‌ଭିଦର

...ଚାଷ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି ।

...ସେପ୍ଟେମ୍ବର ୭ ତାରିଖରେ ସଚିବାଳୟଠାରେ ଅନୁଷ୍ଠିତ ...ବୈଠକରେ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଉତ୍ସାହୀ ଏକଟି ...ଶିଳ୍ପୋଦ୍ୟୋଗୀ ସଂସ୍ଥା ସହିତ ଆଲୋଚନା ପ୍ରସଙ୍ଗରେ କହିଲେ ଯେ ...ରାଜ୍ୟର ବିଭିନ୍ନ ଅଞ୍ଚଳର ଜଳବାୟୁ ଓ ମୃତ୍ତିକା ଏହି ଚାଷ ପାଇଁ ...ବିଶେଷ ଉପଯୋଗୀ । ପ୍ରାଥମିକ ସ୍ତରରେ କେତେକ ନିର୍ଦ୍ଦିଷ୍ଟ ...ରାଜ୍ୟର ବିଭିନ୍ନ କୃଷି ଅଞ୍ଚଳରେ ପରୀକ୍ଷାମୂଳକ ଭାବରେ ଏହି ...ଚାଷ କରିବା ପାଇଁ ଆଗ୍ରହୀ ଥିବା ସଂସ୍ଥାକୁ ସରକାରୀ ଫାର୍ମ କିମ୍ବା ...ସରକାରୀ ଜମି ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ ...କରିଥିଲେ । ଏହି ପରୀକ୍ଷାର ଫଳାଫଳକୁ ବିଚାର କରି ପରବର୍ତ୍ତୀ ...ସମୟରେ ଏହି ଚାଷକୁ ସାଧାରଣ ଚାଷୀମାନଙ୍କ ଭିତରେ ପ୍ରସାର ...କରାଯାଇ ପାରିବ । ଜଳୀୟ ବାଷ୍ପ ଧରି ରଖିପାରୁଥିବା ଜଳବାୟୁ ଓ ମୃତ୍ତିକା ଏହି ଚାଷ ପାଇଁ ବିଶେଷ ଉପଯୋଗୀ ହୋଇଥିବାରୁ ...ରାଜ୍ୟର ବ୍ୟାପକ ଅଞ୍ଚଳରେ ତାଳ ଜାତୀୟ ଉଦ୍ଭିଦ ଚାଷ କରିବା ...ପାଇଁ ସୁଯୋଗ ରହିଛି । ସାଧାରଣତଃ ୩ ବର୍ଷ ପରେ ଏହି ...ଉଦ୍ଭିଦ ଉତ୍ପାଦନକ୍ଷମ ହୋଇଥାଏ, କିନ୍ତୁ ବ୍ୟବସାୟିକ ଉତ୍ପାଦନ ୫ ...ବର୍ଷ ପରେ ହୋଇଥାଏ । ପ୍ରଥମ ୨ ବର୍ଷ ପର୍ଯ୍ୟନ୍ତ ଚାଷ ...କରାଯାଇଥିବା ଜମି ଭିତରେ ଅନ୍ୟାନ୍ୟ ଫସଲ ମଧ୍ୟ ...କରାଯାଇପାରେ । ରାଜ୍ୟର ଉପକୂଳ ଅଞ୍ଚଳରେ ରହିଥିବା ...ଜଳସେଚିତ ଜମିରେ ସାଧାରଣ ଚାଷୀମାନେ ଏହି ଫସଲ ...ଅତି ସହଜରେ କରିପାରିବେ । ଏଥିପାଇଁ ପ୍ରଥମ ବର୍ଷ ହେକ୍ଟର ...ପିଛା ୨୦ ହଜାର ଟଙ୍କା ସହ ୫ ବର୍ଷରେ ୩୫ ହଜାର ଟଙ୍କା ଖର୍ଚ୍ଚ ...ହେଉଥିବା ବେଳେ ହେକ୍ଟର ପିଛା ୨ରୁ ଅଢ଼େଇ ଟନ୍ ପର୍ଯ୍ୟନ୍ତ ...ତେଲ ପଞ୍ଚମ ବର୍ଷ ପରେ ବାର୍ଷିକ ଉତ୍ପାଦନ ହୋଇଥାଏ । ଏହା ...ଏକ ଲାଭଜନକ ଫସଲ ହୋଇଥିବାରୁ ରାଜ୍ୟର ଚାଷୀମାନଙ୍କ ...ମଧ୍ୟରେ ଏ ଦିଗରେ ଉତ୍ସାହ ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ...ପଟ୍ଟନାୟକ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ...ଦେଇଥିଲେ ।

...୫ ବର୍ଷ ପରେ ଏହି ଫସଲକୁ ପ୍ରକ୍ରିୟାକରଣ କରାଯାଇ ତେଲ ...ଉତ୍ପାଦନ କରିବା ପାଇଁ ସମ୍ପୃକ୍ତ ଶିଳ୍ପୋଦ୍ୟୋଗୀ ସଂସ୍ଥାଗୁଡ଼ିକୁ ...ଅନୁମତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ...ଦେଇଥିଲେ ।

...ଏହି ବୈଠକରେ କେନ୍ଦ୍ର ସରକାରଙ୍କ ଯୋଗାଣ ବିଭାଗ ସଚିବ ଶ୍ରୀ ଡି. କେ. ଗୋସ୍ୱାମୀ, ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ରଥ, ଡେଭଲପମେଣ୍ଟ କମିଶନର ଶ୍ରୀ ସୁନ୍ଦରରାଜନ୍, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶ୍ରୀ ପ୍ୟାରୀମୋହନ ମହାପାତ୍ର, କୃଷି ଓ ଗ୍ରାମ୍ୟ ଉନ୍ନୟନ ...କମିଶନର ଶ୍ରୀମତୀ ଚନ୍ଦ୍ରମଣି ନାରାୟଣ ସ୍ୱାମୀ, କୃଷି ସଚିବ ଶ୍ରୀ ସଚ୍ଚିଦାନନ୍ଦ ରଥଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ...ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

ଓଡ଼ିଶାର ବନ୍ୟାକ୍ଲିଷ୍ଟ ଜନସାଧାରଣଙ୍କ ସାହାଯ୍ୟାର୍ଥେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ନିବେଦନ କ୍ରମେ ବହୁ ଅନୁଷ୍ଠାନ ଓ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ନିମ୍ନମତେ ସେମାନଙ୍କର ଦାନ ପଠାଇଛନ୍ତି :

ପ୍ରଧାନ ଶିକ୍ଷକ, ଲାଲବାହାଦୁର ହାଇସ୍କୁଲ, ଫୁଲନଖରା, ଜି:–ପୁରୀ–୪୦ ଟଙ୍କା, ଶ୍ରୀ ପ୍ରଭାକର ସାବତ, ଭୋଗପାଳଦା ପ୍ରାଇମେରୀ ସ୍କୁଲ, ପୋ:ଅ:–ଭୋଗଶାଳଦା, ଜି:–ପୁରୀ–୨୦ ଟଙ୍କା, ସଭାପତି, ଅଚ୍ୟୁତପୁର ଗ୍ରାମପଞ୍ଚାୟତ ଉନ୍ନୟନ ପରିଷଦ, ଅଚ୍ୟୁତପୁର, ଜିଲା–ବାଲେଶ୍ୱର–୧୫ ଟଙ୍କା, ଶ୍ରୀମତୀ ଶୈଳବାଳା ରଥ, ସ୍ୱାମୀ–ମହାଦେବ ରଥ, ସା:/ପୋ:ଅ:–ଶାସନ ଦାମୋଦରପୁର, ଜି:–ପୁରୀ–୫୧ ଟଙ୍କା, ବାଲେଶ୍ୱର ଜିଲ୍ଲାର ସୋରୋସ୍ଥିତ ରାଧାନାଥ ମଧ୍ୟ ଇଂରାଜୀ ବିଦ୍ୟାଳୟର କର୍ମଚାରୀ ବୃନ୍ଦ–୧୦୦ ଟଙ୍କା, ବାଲେଶ୍ୱର ଜିଲ୍ଲାର ସୋରୋସ୍ଥିତ ରାଧାନାଥ ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ର ବୃନ୍ଦ–୨୦୦ ଟଙ୍କା, ଶ୍ରୀ ରାଧାଶ୍ୟାମ ଦାସ, ଅବସରପ୍ରାପ୍ତ ଲାଇବ୍ରେରିଆନ୍, ସା:–ଶିବଦାସପୁର, ପୋ:ଅ:–ଦେବୀଦ୍ୱାର, ଜି:–କଟକ– ୧୦୦ ଟଙ୍କା, ହେଡ୍‌ପଣ୍ଡିତ, ହନ୍ତାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୋ:ଅ:–କରିଲୋ ପାଟଣା, ଜି:–କଟକ–୧୦୧ ଟଙ୍କା, ଶ୍ରୀ ଗଜପତି ପଟ୍ଟନାୟକ, ୟୁନିଟ୍–୯, ଭୁବନେଶ୍ୱର–୭ ଟଙ୍କା, ଶ୍ରୀ ଆର. ଡି. ମାଥୁର୍, ୧୭/ଡି. ଫୁଟ୍ ଗାର୍ଡ଼ନ୍, ଫଇଦାବାଦ, ହରିୟାନା– ୨୦ ଟଙ୍କା, ମଦନ ମୋହନ କାଜୁ ପ୍ରସେସିଂ ୟୁନିଟ୍, ସା:/ ପୋ:ଅ– ତୋରାଣି ପୋଖରୀ, ଜି:– କେନ୍ଦୁଝର– ୨୦ ଟଙ୍କା, ଶ୍ରୀ ସାମ୍ୟଭୂଷଣ ଶତପଥୀ, ମାର୍ଫତ୍– ଶ୍ରୀମତୀ ତପସ୍ୱିନୀ ମିଶ୍ର, ଜୁନିୟର କ୍ଲର୍କ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କରଞ୍ଜିଆ, ଜି:–ମୟୂରଭଞ୍ଜ– ୨୦ ଟଙ୍କା, ଶ୍ରୀ ଭାଗିରଥ ପଣ୍ଡା, ମାର୍ଫତ୍– ଉତ୍କଳ ନାଟ୍ୟ ପରିଷଦ, ଜି:– ୨୪ ପ୍ରଗଣା– ୧୦୧ ଟଙ୍କା, ସଭାପତି, ସେଣ୍ଟ ଟମାସ୍ ମାର୍ଥୋମା କଂଗ୍ରେସନ୍, ପୋ:ଅ:–ଖରିଆର୍ ରୋଡ୍, ଜି:–କଳାହାଣ୍ଡି– ୫୦୦ ଟଙ୍କା, ପ୍ରଧାନ ଶିକ୍ଷୟିତ୍ରୀ, ଓ. ପି. ଏମ୍. ବାଳିକା ଉଚ୍ଚ ବିଦ୍ୟାଳୟ, ବ୍ରଜରାଜନଗର, ଜି:–ସମ୍ବଲପୁର–୫୦୧ ଟଙ୍କା, ଶ୍ରୀ ବିଶ୍ୱନାଥ ପଣ୍ଡିତ, ଟ୍ରେଡ୍ ୟୁନିୟନ– ୧୦ ହଜାର ୧ ଟଙ୍କା, ଶ୍ରୀ ଭୁବନେଶ୍ୱର (ପୁରୀ) ୟୁନିଟ୍–୧ ହାଟ ବ୍ୟବସାୟୀ ସଙ୍ଘ, ଭୁବନେଶ୍ୱର (ପୁରୀ କଲେକ୍ଟରଙ୍କ ଜରିଆରେ)–୭ ହଜାର ୧ ଟଙ୍କା, ଫଳ ବ୍ୟବସାୟୀ ସଙ୍ଘ (ପୁରୀ କଲେକ୍ଟରଙ୍କ ଜରିଆରେ)– ୨ ହଜାର ୧ ଟଙ୍କା, ଶ୍ରୀ ପଦ୍ମନାଭ ଧୀର, ବାପୁଜୀନଗର, ଭୁବନେଶ୍ୱର– ୫ ଟଙ୍କା, ଶ୍ୟାମସୁନ୍ଦିନ୍ ଆକବର ଖାଁ, କଟକ–୧୦ ହଜାର ଟଙ୍କା, ଆକବର୍ କଣ୍ଟିନେଣ୍ଟାଲ୍ ପ୍ରାଇଭେଟ୍ ଲିମିଟେଡ୍, କଟକ–୫ ହଜାର ଟଙ୍କା, ସେକ୍ରେଟାରୀ, ନଗରପାଳିକା ସଫେଇ କର୍ମଚାରୀ ସଂଘ, ରାଇରଙ୍ଗପୁର ଏନ୍. ଏ. ସି., ରାଇରଙ୍ଗପୁର, ଜି:–ମୟୂରଭଞ୍ଜ–୧୦୧ ଟଙ୍କା, ମ୍ୟାନେଜର, ଗୋଲ୍ଡେନ୍ କେବଲ୍ ଡିବେଲପ୍ମେଣ୍ଟ ନଗର, ଜଗତପୁର, ଜି:–କଟକ– ୫୦୦ ଟଙ୍କା, ଶ୍ରୀ ବିଜୟ କୁମାର ପାଣି, ଅଶୋକ ନଗର, ଭୁବନେଶ୍ୱର–୧୦୫ ଟଙ୍କା, ରାଜ୍ୟ

ଅଣ-ଗେଜେଟେଡ୍ ଷ୍ଟାଟିଷ୍ଟିକାଲ୍ ଅଫିସର୍ସ ଆସୋସିଏସନ୍, ଓଡ଼ିଶା- ୨୦୨ ଟଙ୍କା, ଶ୍ରୀ ପୁରୁଷୋତ୍ତମ ସାହୁ, କାର୍ଯ୍ୟକାରୀ ସଭାପତି, ସ୍ନେହୀ ସମାଜ, ଭୁବନେଶ୍ୱର- ୧୦୧ ଟଙ୍କା, ଭଦ୍ରଖ ସରୋଜ ବସ୍ ମାଲିକ ସଙ୍ଘ, କଚେରୀ ବଜାର, ଭଦ୍ରଖ- ୧୦ ହଜାର ୧ ଟଙ୍କା, ପ୍ରେସିଡେଣ୍ଟ, ନାରୀ ଜାଗରଣ କେନ୍ଦ୍ର, ମହାଙ୍ଗିପଡ଼ା, ଯାଜପୁର- ୧ ହଜାର ୧ ଟଙ୍କା, ଶ୍ରୀ ବି: ପଣ୍ଡା, ଓ: ଏସ୍: ଇ: ବି:, ସାଃ/ପୋ:ଅ- ନୂଆଗାଁ, ଆସ୍କା, ଜି:- ଗଞ୍ଜାମ- ୦୦୦ ଟଙ୍କା, ଏବଂ ଶ୍ରୀ ନାରାୟଣ ପତି, କ୍ୱାର୍ଟର୍ ନଂ.ଡ଼ି/୧୭, ସେକ୍ଟର-୬, ରାଉରକେଲା-୨- ୧୦୦ ଟଙ୍କା ।

## ପରିସଂଖ୍ୟାନ ନିର୍ଦ୍ଦେଶାଳୟରେ ସୁପର ମିନି କମ୍ପ୍ୟୁଟର ସ୍ଥାପନ

ଭୁବନେଶ୍ୱରସ୍ଥ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟରେ ଏକ ସୁପର ମିନି କମ୍ପ୍ୟୁଟରର ଶୁଭ ଉଦ୍‌ଘାଟନ କରି ରାଜ୍ୟ ଯୋଜନା ଓ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ କହିଲେ ଯେ ଯୋଜନା ସମ୍ପର୍କୀୟ ସଠିକ ତଥ୍ୟ ଶୀଘ୍ର ପାଇବା ପାଇଁ ଏହି କମ୍ପ୍ୟୁଟର ଅତ୍ୟନ୍ତ ଫଳପ୍ରଦ ଓ ସହାୟକ ହେବ । ଏହି ଅତ୍ୟାଧୁନିକ କମ୍ପ୍ୟୁଟରର ବୋତାମ ଟିପି ଏହାକୁ ଉଦ୍‌ଘାଟନ କରିଥିଲେ ।

ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗ ଦେଇ ରାଜ୍ୟ ଉନ୍ନୟନ କମିଶନର ଶ୍ରୀ ଏସ୍: ସୁନ୍ଦରରାଜନ୍ କହିଲେ ଯେ ବିଭିନ୍ନ ତଥ୍ୟ ଭିତ୍ତିକ କାର୍ଯ୍ୟ ସମ୍ପାଦନ ନିମନ୍ତେ ଏହାକୁ ଭଲ ଭାବରେ ବ୍ୟବହାର କରିବା ଉଚିତ । ଏହି ଅତ୍ୟାଧୁନିକ କମ୍ପ୍ୟୁଟରର କାର୍ଯ୍ୟ ଉପରେ ଗୁରୁତ୍ୱ ଆରୋପ କରି ସେ କହିଲେ ଯେ ଡେକ୍ସ ଟପ୍ ପ୍ରିଣ୍ଟର ଦ୍ୱାରା ସ୍ୱଳ୍ପ ସମୟ ମଧ୍ୟରେ ଛୋଟ ଛୋଟ ବିଶ୍ଳେଷଣାତ୍ମକ ରିପୋର୍ଟମାନ ପ୍ରକାଶ କରାଯାଇପାରେ ।

ପୂର୍ବରୁ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଶ୍ରୀ ଏନ: କେ: ସିହ୍ନା ତାଙ୍କର ସ୍ୱାଗତ ଭାଷଣରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପିତ ଏହି କମ୍ପ୍ୟୁଟର ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ ।

ଏହି ଉତ୍ସବରେ ଯୋଜନା ଓ ସମନ୍ୱୟ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ଜାତୀୟ ଇନ୍‌ଫରମେଟିକ୍ ସେଣ୍ଟରର ନିର୍ଦ୍ଦେଶକ ଶ୍ରୀ ପି: ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ ।

## ପେନ୍‌ସନ୍ ଅଦାଲତର ଚତୁର୍ଦ୍ଦଶ ବୈଠକ

—ଡଃ : ପ୍ରସନ୍ନ ପାଟଶାଣୀ

ରାଜ୍ୟ ସଚିବାଳୟଠାରେ ପେନ୍‌ସନ୍ ଅଦାଲତର ଚତୁର୍ଦ୍ଦଶ ବୈଠକରେ ଅଧ୍ୟକ୍ଷତା କରି ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗ ମନ୍ତ୍ରୀ ଡଃ ପ୍ରସନ୍ନ ପାଟଶାଣୀ କହିଲେ ଯେ ସମ୍ପୃକ୍ତ କର୍ମଚାରୀଙ୍କ ଅବହେଳାରୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଯେପରି ପେନସନ ପାଇବାରେ ଅସୁବିଧା ଭୋଗ ନକରନ୍ତି, ସେଥିପାଇଁ ସମ୍ପୃକ୍ତ ବିଭାଗୀୟ କର୍ମଚାରୀମାନେ ଅଧିକ ତତ୍ପର ହେବା ଉଚିତ । ପେନ୍‌ସନ୍ ଅଦାଲତର ଉଦ୍ଦେଶ୍ୟ ସମ୍ପର୍କରେ କହିବାକୁ ଯାଇ ଡଃ ପାଟଶାଣୀ କହିଲେ ଯେ ପେନ୍‌ସନ୍ ମଞ୍ଜୁର କରୁଥିବା କର୍ମଚାରୀମାନେ ଏ ସମ୍ପର୍କୀୟ ଦରକାରୀ କାଗଜ ପତ୍ର ଦାଖଲ କରିବା ପାଇଁ ଯେତେ ଶୀଘ୍ର ସମ୍ଭବ ନେଇପାରିବେ, ସେଥିପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ । ପେନ୍‌ସନ୍ ଅଦାଲତରେ ପେନ୍‌ସନ୍ ମଞ୍ଜୁରକାରୀ କର୍ମଚାରୀମାନେ ଯେଉଁ ପ୍ରତିଶ୍ରୁତିମାନ ଦେଇଯାଉଛନ୍ତି, ସେଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସେ ସମ୍ପୃକ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଡଃ ପାଟଶାଣୀ କ୍ଷୋଭ ପ୍ରକାଶ କରି କହିଥିଲେ ଯେ ଏ: ଜି: ପଠାଇଥିବା ରେକର୍ଡ଼ ପତ୍ରରୁ ଜଣାଯାଏ ଯେ ସମସ୍ତ ପେନ୍‌ସନ୍ ଅଦାଲତର ପ୍ରତିଶ୍ରୁତି ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ତେଣୁ, ପ୍ରତ୍ୟେକ ପେନ୍‌ସନ୍ ଅଦାଲତରେ ପ୍ରତିଶ୍ରୁତି ଦିଆଯାଇଥିବା କାଗଜପତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଏ: ଜିଙ୍କ ପାଖରେ ଦାଖଲ କରାଗଲା କି ନାହିଁ, ତା'ର ଏକ ସମୀକ୍ଷା ହେବା ଉଚିତ । ସେ ଆହୁରି ମଧ୍ୟ କହିଲେ ଯେ ଯଦି ପେନ୍‌ସନ୍ ଅଦାଲତରେ ଦିଆଯାଇଥିବା ପ୍ରତିଶ୍ରୁତି ପରବର୍ତ୍ତୀ ଅଦାଲତର ସମୟ ମଧ୍ୟରେ ପାଳନ କରାନଯାଏ, ତେବେ ସମ୍ପୃକ୍ତ ପେନ୍‌ସନ୍ ମଞ୍ଜୁରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ।

ଏହି ବୈଠକରେ ମୋଟ୍ ୬୬ଟି ପେନ୍‌ସନ୍ କେଶ୍ ବିଚାର ପାଇଁ ଗୃହୀତ ହୋଇଥିଲା । ତନ୍ମଧ୍ୟରୁ ୩୨ଟି କେଶ୍‌ର ଫଇସଲା ଘଟଣା ସ୍ଥଳରେ କରାଯାଇଥିଲା ।

ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଲକ୍ଷ୍ମୀ ନାରାୟଣ ଦାସଙ୍କ ସମେତ ଏ: ଜି: ଓ ସମ୍ପୃକ୍ତ ନଅଟି ବିଭାଗର ଉଚ୍ଚ କର୍ମଚାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଗୋତି ଶ୍ରମିକ ଥଇଥାନ

ଗୋତି ଶ୍ରମିକ ଥଇଥାନ କାର୍ଯ୍ୟକ୍ରମ ଅନୁଯାୟୀ ଗତ ଜୁଲାଇ ମାସ ସୁଦ୍ଧା ରାଜ୍ୟରେ ମୋଟ୍ ୫୬ ହଜାର ୬୮୭ ଜଣ ଗୋତି ଶ୍ରମିକଙ୍କ ଥଇଥାନ କରାଯାଇଥିବା ପଞ୍ଚାୟତିରାଜ ବିଭାଗ ସୂତ୍ରରୁ ପ୍ରକାଶ । ଏଥିନିମନ୍ତେ ମୋଟ୍ ୧୭ କୋଟି ୭୫ ଲକ୍ଷ ୯୮ ହଜାର ଟଙ୍କା ବ୍ୟୟ କରାଯାଇଛି । ଏମାନଙ୍କ ମଧ୍ୟରେ ୧୭,୬୬୯ ଜଣ ତଫସିଲଭୁକ୍ତ ଜାତି ଏବଂ ୧୮,୨୯୭ ଜଣ ତଫସିଲଭୁକ୍ତ ଉପଜାତିର ଗୋତି ଶ୍ରମିକ ଅନ୍ତର୍ଭୁକ୍ତ । ସମଗ୍ର ରାଜ୍ୟରେ ଏ ପର୍ଯ୍ୟନ୍ତ ୯୫,୯୯୭ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇଛି ।

କୋରାପୁଟ ଜିଲ୍ଲାରେ ସର୍ବାଧିକ ୮,୨୦୫ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ଥଇଥାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଜିଲ୍ଲାମାନଙ୍କ ମଧ୍ୟରୁ ବାଲେଶ୍ୱରରେ ୧,୦୮୬ ଜଣ, ବଲାଙ୍ଗୀରରେ ୬,୦୬୧ ଜଣ, କଟକରେ ୫,୨୨୯ ଜଣ, ଢେଙ୍କାନାଳରେ ୧,୬୩୭ ଜଣ, ଗଞ୍ଜାମରେ ୨,୧୬୫ ଜଣ, କଳାହାଣ୍ଡିରେ ୩,୮୦୯ ଜଣ, କେନ୍ଦୁଝରରେ ୧,୮୦୧ ଜଣ, ମୟୂରଭଞ୍ଜରେ ୩,୨୯୮ ଜଣ,

ଖୋର୍ଦ୍ଧାରେ ୨,୩୯୭ ଜଣ, ପୁରୀରେ ୩,୮୪୦ ଜଣ, କୋରାପୁଟରେ ୩,୮୭୮ ଜଣ ଏବଂ ସୁନ୍ଦରଗଡ ଜିଲ୍ଲାରେ ୨,୨୮୨ ଜଣ ଭୂମିହୀନ ଶ୍ରମିକଙ୍କୁ ଅଭ୍ୟୁତ୍ଥାନ କରାଯାଇଥିବା ଉକ୍ତ ସୂତ୍ରରୁ ଜଣାଗଲା।

## ସ୍ୱାୟତ୍ତ ଶାସନର ସଫଳତା ଦ୍ୱାରା ସମାଜର ସର୍ବାଙ୍ଗୀନ ଉନ୍ନତି

ଗତ ସେପ୍ଟେମ୍ବର ୩୦ ତାରିଖରେ ଜଳେଶ୍ୱରଠାରେ ସ୍ୱାୟତ୍ତ ଶାସନ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଜଳେଶ୍ୱର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ (ଶ୍ରୀମତୀ) କମଳା ଦାସ ପତାକା ଉତ୍ତୋଳନ କରିଥିଲେ। ସେ କହିଲେ ଯେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟ ଜଳ ଇତ୍ୟାଦି ଉନ୍ନତି କରି ସମାଜର ସର୍ବାଙ୍ଗୀନ ଉନ୍ନତି ସାଧନରେ ଲୋକମାନଙ୍କୁ ଜଡିତ କରିବା ପାଇଁ ଲୋକସଂଖ୍ୟା ଅନୁସାରେ ଲର୍ଡ ରିପନ୍ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ କରିଥିଲେ। ଏହାଦ୍ୱାରା କ୍ଷମତାର ବିକେନ୍ଦ୍ରୀକରଣ ହୋଇ ଲୋକ ବାସ କରୁଥିବା ଅଞ୍ଚଳର ଉନ୍ନତି ସାଧିତ ହେଉଛନ୍ତି। ଏଣୁ ସମସ୍ତେ ଏହାର ସଦୁପଯୋଗ କରି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଆଗେଇ ଆସିବାକୁ ମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଉକ୍ତ ଦିନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ଥାନୀୟ ବି: କେ: ଭଞ୍ଜ ଡାକ୍ତରଖାନାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ୍ ଆଦି ବିତରଣ କରିଥିଲେ ଏବଂ ୧୦ ନମ୍ବର ହରିଜନ ବସ୍ତିରେ ବସ୍ତି ସଫେଇ କରିଥିଲେ। ଏହି ବସ୍ତି ସଫେଇ କାର୍ଯ୍ୟରେ ସ୍ଥାନୀୟ ବିଧାୟକ ଶ୍ରୀ ଅଶ୍ୱିନୀ କୁମାର ପାତ୍ର ସହଯୋଗ କରିଥିଲେ।

ସେହି ଦିନ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସ୍ଥାନୀୟ ମହିଳା କଲେଜର ଏକ ସଭାରେ ଯୋଗ ଦେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

## ଇଣ୍ଡୋ–ସୁଇସ୍ ପ୍ରକଳ୍ପ ଦ୍ୱାରା ଦୈନିକ ଦଶ ହଜାର ଲିଟର ଦୁଗ୍ଧ ସଂଗ୍ରହ

### –ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ

ଗଞ୍ଜାମ ଜିଲ୍ଲାରେ ଇଣ୍ଡୋ–ସୁଇସ୍ ପ୍ରକଳ୍ପ ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇପାରିଲେ, ଦୈନିକ ଦଶ ହଜାର ଲିଟର ଦୁଗ୍ଧ ସଂଗ୍ରହ ହୋଇପାରିବ ବୋଲି ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ପ୍ରକାଶ କରିଛନ୍ତି।

ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପାତ୍ର ଗତ ସେପ୍ଟେମ୍ବର ୨୯ ତାରିଖରେ ବ୍ରହ୍ମପୁରଠାରେ ଗଞ୍ଜାମ ଜିଲ୍ଲାପାଳ ଓ ଇଣ୍ଡୋ–ସୁଇସ୍ ପ୍ରକଳ୍ପର ଉଚ୍ଚ ଅଧିକାରୀମାନଙ୍କର ଏକ ବୈଠକରେ ଏହା ପ୍ରକାଶ କରିଛନ୍ତି। ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ପାତ୍ର ସମ୍ପୃକ୍ତ ଅଧିକାରୀମାନେ ଆନ୍ତରିକତାର ସହିତ ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ। କୃଷୀମାନଙ୍କୁ ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ଉଚିତ ସହାୟତା ଦେବା ସଙ୍ଗେ ସଙ୍ଗେ ଦୁଗ୍ଧ ପଥ ସମବାୟ ସମିତିଗୁଡ଼ିକ ସକ୍ରିୟ କାର୍ଯ୍ୟ କଲେ, ଏହି ପ୍ରକଳ୍ପ ଜରିଆରେ ଗଞ୍ଜାମ ଜିଲ୍ଲାରେ ଦିନକୁ ଦଶ ହଜାର ଲିଟର ଦୁଗ୍ଧ ସଂଗ୍ରହ ଲକ୍ଷ୍ୟ ପୂରଣ ହୋଇପାରିବ। ଏହି ଦୁଗ୍ଧ ବ୍ରହ୍ମପୁର ଓ ଆସିକା ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟରେ ଶୀତଳ କରାଯାଇ ଖାଉଟିମାନଙ୍କୁ ଯୋଗାଇ ଦିଆଯିବ। ପାରଳାଖେମୁଣ୍ଡିଠାରେ ଆଉ ଗୋଟିଏ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ସ୍ଥାପନ କରିବା ନିମନ୍ତେ ପ୍ରସ୍ତାବ ହୋଇଛି ଏବଂ ଏଥିନିମନ୍ତେ ଡି: ଆର: ଡି: ଏ: ଅଟକଳ ପ୍ରସ୍ତୁତ କରି ପ୍ଲାଣ୍ଟ ମଞ୍ଜୁରୀ ନିମନ୍ତେ ସରକାରଙ୍କ ନିକଟକୁ ପଠାଇବେ ବୋଲି ସେ କହିଥିଲେ। ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ନିମନ୍ତେ ଆବଶ୍ୟକ ପାଣି ଯୋଗାଇ ଦିଆଯିବ ବୋଲି ଗଞ୍ଜାମ ଜିଲ୍ଲାପାଳ ପ୍ରକାଶ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ପ୍ରକଳ୍ପ ପରାମର୍ଶଦାତା, ବ୍ରହ୍ମପୁର କେନ୍ଦ୍ର ବ୍ୟାଙ୍କ ସଭାପତି, ଗଞ୍ଜାମ ଦୁଗ୍ଧ ସଂଘ ଜେନେରାଲ ମ୍ୟାନେଜର ଓ ଜିଲ୍ଲାର ସମସ୍ତ ସବ୍‌ଡିଭିଜନାଲ ଭେଟେରିନାରୀ ଅଫିସର ଓ ପଶୁ ଚିକିତ୍ସକମାନେ ଉକ୍ତ ବୈଠକରେ ଯୋଗ ଦେଇଥିଲେ।

## କୃଷୀମାନଙ୍କୁ ଶସ୍ୟ ବୀମା ଟଙ୍କା ବଣ୍ଟନ

ଗତ ସେପ୍ଟେମ୍ବର ୨୯ ତାରିଖରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରାଙ୍ଗଣରେ ଏକ ଉତ୍ସବରେ ପୌରୋହିତ୍ୟ କରି ଗତବର୍ଷ ବନ୍ୟାରେ କ୍ଷତିଗ୍ରସ୍ତ ଗଞ୍ଜାମ ଜିଲ୍ଲା କୃଷୀମାନଙ୍କୁ (ଜେନେରାଲ ଇନ୍‌ସୁରାନ୍ସ କମ୍ପାନୀ ଓଡ଼ିଶାରେ) ଶସ୍ୟ ବୀମା ଟଙ୍କା ଚେକ୍ ଆକାରରେ ପ୍ରଦାନ କରିଥିଲେ। ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପାତ୍ର ତାଙ୍କ ସଂକ୍ଷିପ୍ତ ଭାଷଣରେ ଅଧିକରୁ ଅଧିକ କୃଷୀମାନଙ୍କୁ ଶସ୍ୟ ବୀମା ଯୋଜନା ଅନ୍ତର୍ଭୁକ୍ତ କରିବାକୁ ବିଭିନ୍ନ ବ୍ୟାଙ୍କମାନଙ୍କୁ ଆହ୍ୱାନ ଦେଇଥିଲେ ଏବଂ କହିଲେ ଯେ ଏହାଦ୍ୱାରା କୃଷୀମାନେ ଫସଲ ହାନୀଜନିତ କ୍ଷତିପୂରଣ ପାଇବା ସଙ୍ଗେ ସଙ୍ଗେ ଅଧିକରୁ ଅଧିକ ଫସଲ ଆମଦାନୀ କରିବାକୁ ଉତ୍ସାହିତ ହେବେ।

## ସାଲନ୍ଦୀ ସେଚାଞ୍ଚଳରେ ଖାଦ୍ୟ ଉତ୍ପାଦନ ହାର ବୃଦ୍ଧି

ସାଲନ୍ଦୀ ସେଚାଞ୍ଚଳ ଉନ୍ନୟନ ସଂସ୍ଥାର (ଭଦ୍ରକସ୍ଥିତ କାଡା) ସଫଳ ପ୍ରୟାସ ଫଳରେ ବାଲେଶ୍ୱର ଜିଲ୍ଲାର ସେଚାଞ୍ଚଳରେ ହାରାହାରି ଖାଦ୍ୟ ଉତ୍ପାଦନ ହାର ଆଶାନୁରୂପ ଭାବେ ବୃଦ୍ଧି ପାଉଥିବା ଉନ୍ନୟନ ସଂସ୍ଥା ସୂତ୍ରରୁ ପ୍ରକାଶ।

ଉନ୍ନୟନ ସଂସ୍ଥା ଆରମ୍ଭ ହେବା ପୂର୍ବରୁ ହେକ୍ଟର ପ୍ରତି ହାରାହାରି ୧୦ କ୍ୱିଣ୍ଟାଲ୍ ଖରିଫ୍ ଫସଲ ଉତ୍ପାଦନ ହେଉଥିବା ବେଳେ ତାହା ବର୍ତ୍ତମାନ ହେକ୍ଟର ପ୍ରତି ଖରିଫ୍ ଉତ୍ପାଦନ ହାରାହାରି ପରିମାଣ ୫୦ କ୍ୱିଣ୍ଟାଲ୍‌ରେ ପହଞ୍ଚିଛି। ସେହିପରି କାଡା ଆରମ୍ଭ ପୂର୍ବରୁ ହେକ୍ଟର ପ୍ରତି ୧୫ କ୍ୱିଣ୍ଟାଲ୍ ରବି ଫସଲ ଉତ୍ପାଦିତ ହେଉଥିବା ସ୍ଥଳେ ତାହା ବର୍ତ୍ତମାନ ହାରାହାରି ୨୫ କ୍ୱିଣ୍ଟାଲ୍‌ରେ ପହଞ୍ଚିଛି।

ଜିଲ୍ଲାରେ କୃଷି ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ସାଳନ୍ଦୀ ସେଚ୍ଯାଞ୍ଚଳ ଉନ୍ନୟନ ସଂସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସାଳନ୍ଦୀ ନଦୀ ଓ ବୈତରଣୀ ନଦୀରୁ ଉଭୟ ବାମ ଏବଂ ଦକ୍ଷିଣ ସାଳନ୍ଦୀ କେନାଲ ତଥା ହାଇ ଲେଭଲ୍ କେନାଲ-୩ରୁ ଆସୁଥିବା ଜଳକୁ ବିଭିନ୍ନ ପ୍ରକ୍ରିୟା ଅବଲମ୍ବନ କରି ଜଳ ସମ୍ପଦର ସୁବିନିଯୋଗ କରାଯାଉଥିବା ଫଳରେ ଏହି ସଫଳତା ହାସଲ ହୋଇପାରିଛି ।

ଓଡ଼ିଶାରେ ଜଳସେଚିତ ଜମିର ହାର ପ୍ରାୟ ୧୪.୪୮ ଭାଗ ଥିବା ସ୍ଥଳେ ବାଲେଶ୍ୱର ଜିଲ୍ଲାରେ ଏହାର ଶତକଡ଼ା ହାର ପ୍ରାୟ ୩୧-୫୭ ଭାଗ ଅଛି । ଜିଲ୍ଲାର ମୋଟ୍ ୬,୩୧୧ ବର୍ଗ କି: ମି: କ୍ଷେତ୍ରଫଳ ରହିଛି । ଏଥି ମଧ୍ୟରୁ ୧ ଲକ୍ଷ ୪୪ ହଜାର ହେକ୍ଟର ଜମିକୁ ବିଭିନ୍ନ ସୂତ୍ରରୁ ଜଳ ଯୋଗାଇ ଦିଆଯାଉଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସାଳନ୍ଦୀ ନଦୀ ଓ ବୈତରଣୀ ନଦୀର ଜଳ ସମ୍ପଦକୁ ସୁବିନିଯୋଗ କରି ବାଲେଶ୍ୱର ଜିଲ୍ଲାର କୃଷି ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ଉଦ୍ଦେଶ୍ୟରେ ୧୯୬୬ ମସିହାରେ ସାଳନ୍ଦୀ ସେଚ୍ଯାଞ୍ଚଳ ଉନ୍ନୟନ ସଂସ୍ଥା ଗଠିତ ହୋଇଥିଲା । ଜିଲ୍ଲାର ମୁଖ୍ୟତଃ ଭଦ୍ରକ, ବନ୍ତ, ତିହିଡ଼ି, ବାସୁଦେବପୁର, ଖଇରା ଓ ସିମୁଳିଆ ୬ଟି ବ୍ଲକ୍‌ର ଚକବନ୍ଦୀ ୧୯୮୦ ମସିହାରେ ଶେଷ ହେବା ଫଳରେ ଚକବନ୍ଦୀ ଦ୍ୱାରା ଶୁଷ୍କ ଜମିକୁ ସୁନିୟନ୍ତ୍ରିତ ଜଳ ସଂସ୍ଥା ଯୋଖାଇ ଦେବାରେ ସକ୍ଷମ ହୋଇପାରିଛି । ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୩୬,୧୩୭ ହେକ୍ଟର ଜମିରେ ଚକବନ୍ଦୀ କାର୍ଯ୍ୟ ଶେଷ ହୋଇଛି । ଫଳରେ ୫,୨୦୦ ହେକ୍ଟର ଶୁଷ୍କ ଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ କରାଯାଇ ସେହି ଜଳକୁ ୨ ହଜାର ହେକ୍ଟର ଜମିରେ ଜଳସେଚନ ପାଇଁ ପୁନଃ ବିନିଯୋଗ କରାଯାଇ ପାରିଛି । ସେଚ୍ଯାଞ୍ଚଳ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ ଯେ ୧ ଲକ୍ଷ ୪୪ ହଜାର ୮୫୫ ହେକ୍ଟର ଶୁଷ୍କ ହେଉଥିବା ଜମିରୁ ୪୪,୬୭୩ ହେକ୍ଟର ଜମିରେ ଜଳସେଚନ କରାଯାଇ ପାରିଛି । ଗତବର୍ଷ ୬୫,୦୫୧ ହେକ୍ଟର ଜମିରେ ଖରିଫ୍ ଓ ୧୮,୪୫୫ ହେକ୍ଟର ଜମିରେ ରବି ଫସଲ କରାଯାଇଥିଲା । ସେଚ୍ଯାଞ୍ଚଳରେ ହେକ୍ଟର ପ୍ରତି ହାରାହାରି ୬୫ କିଲୋଗ୍ରାମ୍ ସାର ପ୍ରୟୋଗ କରାଯାଇଥିଲା । ଉକ୍ତ ୬ଟି ବ୍ଲକ୍‌ରେ ୧,୨୦୦ ହେକ୍ଟର ଜମିରେ ପର୍ଯ୍ୟାୟ କ୍ରମେ ଅନ୍ୟୁନ ୨ରୁ ୩ ଗୋଟି ଅଧିକ ଉତ୍ପାଦନକ୍ଷମ ଧାନ, ତୈଳବୀଜ ଓ ଡାଲି ଜାତୀୟ ଫସଲ ଉତ୍ପାଦନ କରାଯିବା ପାଇଁ ସଂସ୍ଥା ପକ୍ଷରୁ କ୍ଷେତ୍ର ପ୍ରଦର୍ଶନ ଜରିଆରେ ୬,୪୦୦ ଜଣ କୃଷୀଙ୍କୁ ଶିକ୍ଷା ଦିଆଯାଇଥିଲା । ନୂତନ ବୈଜ୍ଞାନିକ କୃଷି କୌଶଳ ପ୍ରୟୋଗ କରି ବିଭିନ୍ନ ଫସଲ ଉତ୍ପାଦନ ପାଇଁ ୯,୬୪୩ ଜଣ କୃଷୀଙ୍କୁ ତାଲିମ ଦିଆଯାଇଛି ।

ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଯୋଗୁଁ ଗତ ତିନିବର୍ଷ ଧରି କ୍ରମାଗତ ଭାବରେ ଭାରତ ସରକାରଙ୍କ ଜାତୀୟ ଉତ୍ପାଦିକା ପରିଷଦ ପକ୍ଷରୁ ସାଳନ୍ଦୀ ସେଚ୍ଯାଞ୍ଚଳ ଉନ୍ନୟନ ସଂସ୍ଥାକୁ ପୁରସ୍କାର ପ୍ରଦାନ କରାଯାଇଛି । ସମ୍ପ୍ରତି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ଉତ୍ସବରେ ଉପରାଷ୍ଟ୍ରପତି ଡଃ ଶଙ୍କରଦୟାଲ ଶର୍ମା ୧୯୮୯-୯୦ ବର୍ଷ ପାଇଁ ସଂସ୍ଥାର ନିର୍ଦ୍ଦେଶକ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ରଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଛନ୍ତି ।

## ଭୁବନେଶ୍ୱର ଉନ୍ନୟନ ସଂସ୍ଥାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

ରାଜ୍ୟର ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସାହାଯ୍ୟାର୍ଥେ ଭୁବନେଶ୍ୱର ଉନ୍ନୟନ ସଂସ୍ଥା ତରଫରୁ ୧ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି । ଏହି ସଂସ୍ଥାର ଅଧ୍ୟକ୍ଷ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ଏବଂ ଉପାଧ୍ୟକ୍ଷ ଶ୍ରୀ ରମାନାଥ ମହାନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ସଚିବାଳୟ ପ୍ରକୋଷ୍ଠରେ ଭେଟି ୧ ଲକ୍ଷ ଟଙ୍କାର ଏକ ଚେକ୍ ତାଙ୍କ ହାତରେ ଅର୍ପଣ କରିଥିଲେ ।

## ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଗ୍ରାମ୍ୟ ବିଦ୍ୟୁତ୍‌କରଣ, କୃଷି ନିମନ୍ତେ ଉଦ୍ଦିଷ୍ଟ ପମ୍ପସେଟକୁ ବିଦ୍ୟୁତ୍ ସଂଯୋଗ, ଉନ୍ନତ ଚୂଲ୍ଲୀ ଯୋଗାଣ ଓ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ ପ୍ରଭୃତି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ଗତ ଜୁଲାଇ ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀ ଅନୁଯାୟୀ ଉକ୍ତ ମାସରେ ୧୭ଟି ଗ୍ରାମକୁ ବିଦ୍ୟୁତ୍‌କରଣ, ୩୯୬ଟି ପମ୍ପସେଟକୁ ବିଦ୍ୟୁତ୍ ସଂଯୋଗ, ୧,୩୬୭ଟି ଉନ୍ନତ ଚୂଲ୍ଲୀ ଯୋଗାଣ ଓ ୭୮ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି । ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷର ଅପ୍ରେଲଠାରୁ ଜୁଲାଇ ମାସ ଶେଷ ସୁଦ୍ଧା ପ୍ରଥମ ଚାରିମାସ ମଧ୍ୟରେ ମୋଟ୍ ୨୧୭ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଣ, ୯୩୫ଟି ପମ୍ପସେଟକୁ ବିଦ୍ୟୁତ୍ ସଂଯୋଗ, ୫,୦୨୦ଟି ଉନ୍ନତ ଚୂଲ୍ଲୀ ଯୋଗାଣ ଏବଂ ୪,୧୭୭ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି ବୋଲି ଉକ୍ତ ବିବରଣୀରୁ ଜଣାପଡ଼ିଛି ।

## ପାଲୁର୍ ସାହେବ କେନାଲ ପୁନରୁଦ୍ଧାର

ରାଜ୍ୟ ସଚିବାଳୟଠାରେ ଶିଳ୍ପ ମନ୍ତ୍ରୀ ଶ୍ରୀ ଦିଲିପ ରାୟଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ଜିଲ୍ଲା ପାଲୁର୍ ଅଞ୍ଚଳର ସାହେବ କେନାଲକୁ ଲୁଣ ମାରିବା ଓ ଖାରଜଳ ନିଷ୍କାସନ ପାଇଁ ଉପଯୋଗ କରିବା ନିମନ୍ତେ ପୁନରୁଦ୍ଧାର କରିବା ଲାଗି ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା ।

ଏହି ବୈଠକରେ ପୂର୍ବରୁ ବିଭିନ୍ନ ସମିତିକୁ ଲୁଣ ମାରିବା ସକାଶେ ଦିଆଯାଇଥିବା ଅବ୍ୟବହୃତ ଜମିଗୁଡ଼ିକ ଫେରାଇ ନିଆଯାଇ ସେଥିରେ ଲୁଣାପାଣି ନିଷ୍କାସନ ଶୁଷ୍କ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଗଞ୍ଜାମ ଜିଲ୍ଲା ଉପକୂଳବର୍ତ୍ତୀ ଅଞ୍ଚଳରେ ଲୁଣମରା ଓ ଲୁଣାଜଳ ନିଷ୍କାସନ ଶୁଷ୍କ ନିମନ୍ତେ ଉପଯୁକ୍ତ ସ୍ଥାନ ନିରୂପଣ ଲାଗି ମତ୍ସ୍ୟ ବିଭାଗ ଓ ଶିଳ୍ପ ବିଭାଗ ଦ୍ୱାରା ମିଳିତ ସର୍ଭେ କରି ଏକମାସ ମଧ୍ୟରେ ନକ୍ସା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଛି । ଗଞ୍ଜାମ ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ଉକ୍ତ କମିଟିର ଆବାହକ ରହିବେ । ରାଜସ୍ଥାନ ସରକାରଙ୍କୁ ଲୁଣ ମାରିବା ଓ ନିଷ୍କାସନ ଶୁଷ୍କ ପାଇଁ ଯୋଗାଇ ଦିଆଯାଇଥିବା ଜମିଗୁଡ଼ିକର ଉପଯୁକ୍ତ ବିନିଯୋଗ କରିବାକୁ ଉକ୍ତ ରାଜ୍ୟର ଲବଣ କମିଶନରଙ୍କୁ ଜଣାଇ ଦିଆଯିବା ଏବଂ ଏହାର ବ୍ୟତିକ୍ରମରେ ଏହି ଜମିଗୁଡ଼ିକ ଫେରାଇ

ହେବ ବୋଲି ସର୍ଭେ କରାଇ ଦେବାକୁ ବୈଠକରେ ମତ ପ୍ରକାଶ ... ଶିଳ୍ପ ଉନ୍ନୟନ ନିଗମ ଓ ଶିଳ୍ପ ବିଭାଗ ଦ୍ୱାରା ଲୁଣ ... ଉଦ୍ଦେଶ୍ୟରେ ଦିଆଯାଇଥିବା ଜମିଗୁଡ଼ିକୁ ଚିଙ୍ଗୁଡ଼ି ଚାଷ ... ସର୍ଭେ କରାଯିବ । ଡିଃ ଆରଃ ଡିଃ ଏଃ ଓ ... ଟି. ପିଃ ଯୋଜନାରେ ଦିଆଯାଇଥିବା ... ଚିଙ୍ଗୁଡ଼ି ଚାଷ ନିମନ୍ତେ ସର୍ଭେ କରାଯିବ । ... ଓ ଇଃ ଆରଃ ଆରଃ ପିଃ ... କ୍ଷୁଦ୍ର ଚାଷୀମାନଙ୍କୁ ଦିଆଯାଇଥିବା ଜମି ସେମାନଙ୍କ ... ବିନିଯୋଗ କରାଯିବା ଉଚିତ ବୋଲି ମତ ପ୍ରକାଶ ... ।

... ବୈଠକରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ... ନାରାୟଣ ପାତ୍ରଙ୍କ ସମେତ ମତ୍ସ୍ୟ ଓ ପଶୁ ସମ୍ପଦ ... ବିଭାଗ ଶାସନ ସଚିବ, ମତ୍ସ୍ୟ ନିର୍ଦ୍ଦେଶକ, ଅତିରିକ୍ତ ଶିଳ୍ପ ... ଗଞ୍ଜାମ ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର, ... ମତ୍ସ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ନିର୍ବାହୀ ଅଧିକାରୀ ଓ ... ଶୀର୍ଷ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

## ଜବାହର ରୋଜଗାର ଯୋଜନାରେ ସାଫଲ୍ୟ

... ରୋଜଗାର ଯୋଜନା ଅନୁଯାୟୀ ଚଳିତ ଆର୍ଥିକ ... ପ୍ରଥମ ୪ ମାସରେ ଗତ ଜୁଲାଇ ମାସ ଶେଷ ସୁଦ୍ଧା ... ମୋଟ ୨୨ କୋଟି ୩ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟ ... ରାଜ୍ୟ ପଞ୍ଚାୟତିରାଜ ବିଭାଗ ସୂତ୍ରରୁ ପ୍ରକାଶ । ଏହା ... ୬୬ ହଜାର ଟଙ୍କା ମୂଲ୍ୟର ୨୮.୩୦ ମେଟ୍ରିକ୍ ଟନ୍ ଚାଉଳ ... ଖାଦ୍ୟ ଶସ୍ୟ ଆକାରରେ ଶ୍ରମଜୀବୀମାନଙ୍କୁ ... ଦିଆଯାଇଛି । ଏହି ଟଙ୍କା ବିନିଯୋଗ ହେବା ଫଳରେ ... ସ୍ଥାୟୀ ଗୋଷ୍ଠୀ ସମ୍ପଦ ଗଢ଼ି ଉଠିବା ସଙ୍ଗେ ସଙ୍ଗେ ... ମୋଟ ୬୨ ଲକ୍ଷ ୬୭ ହଜାର ଶ୍ରମ ଦିବସ ସୃଷ୍ଟି ... । ଏଥିରେ ତଫସିଲଭୁକ୍ତ ଉପଜାତିଙ୍କ ପାଇଁ ୨୫ ... ହଜାର, ତଫସିଲଭୁକ୍ତ ଜାତିଙ୍କ ପାଇଁ ୧୬ ଲକ୍ଷ ୫୭ ହଜାର ... ମାନଙ୍କ ପାଇଁ ୨୦ ଲକ୍ଷ ୬୭ ହଜାର ଶ୍ରମ ଦିବସ ସୃଷ୍ଟି ... । ସମୁଦାୟ ଶ୍ରମ ଦିବସ ମଧ୍ୟରୁ କେବଳ ମହିଳାମାନଙ୍କ ... ସୃଷ୍ଟି ହୋଇଥିବା ୧୪ ଲକ୍ଷ ୭୨ ହଜାର ଶ୍ରମ ଦିବସ ଏହାର ... ।

... ଆର୍ଥିକ ବର୍ଷରେ ଜୁଲାଇ ମାସ ଶେଷ ସୁଦ୍ଧା ଇନ୍ଦିରା ... ଯୋଜନା ଅନୁଯାୟୀ ରାଜ୍ୟରେ ମୋଟ ୩,୯୧୯ଟି ... ନିର୍ମାଣ କରାଯାଇଛି ।

... ଉଲ୍ଲେଖ କରାଯାଇପାରେ ଯେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ... ତଳେ ରହିଥିବା, ସମାଜର ଦୁର୍ବଳ ଶ୍ରେଣୀ ତଥା ... ଜାତି ଓ ଉପଜାତିର ବେକାର ଓ ଅର୍ଦ୍ଧ ବେକାର ... ଓ ମହିଳାମାନଙ୍କୁ ଲାଭଜନକ କର୍ମ ନିଯୁକ୍ତି ... ଜବାହର ରୋଜଗାର ଯୋଜନାର ପ୍ରଧାନ ଲକ୍ଷ୍ୟ । ... ସଙ୍ଗେ ଗ୍ରାମାଞ୍ଚଳରେ ସ୍ଥାୟୀ ଗୋଷ୍ଠୀ ସମ୍ପଦ ସୃଷ୍ଟି କରିବା ମଧ୍ୟ ଏହାର ଅନ୍ୟତମ ଲକ୍ଷ୍ୟ । ଏହା ବ୍ୟତୀତ ମହିଳାମାନଙ୍କ ପାଇଁ ଏ ପ୍ରକାର କର୍ମ ଯୋଗାଣର ଶତକଡ଼ା ୩୦ ଭାଗ ସଂରକ୍ଷିତ ରହିବା ବ୍ୟବସ୍ଥା ଏହି ଯୋଜନାରେ ରହିଛି ।

## ଓଡ଼ିଶାରେ ଷ୍ଟ୍ରୁ ଚାଷ

ରାଜ୍ୟରେ ଷ୍ଟ୍ରୁ ଚାଷର ବିକାଶ ନିମନ୍ତେ କଳାହାଣ୍ଡି ଜିଲ୍ଲାର ଥୁଆମୂଳ-ରାମପୁର ତହସିଲ ଅନ୍ତର୍ଗତ ଗୋପାଳପୁରଠାରେ ପ୍ରଥମ ପର୍ଯ୍ୟାୟରେ ଏକ ହଜାର ଏକର ଜମିରେ ଷ୍ଟ୍ରୁ ଚାଷକରାଯିବ । ଏହି ଯୋଜନା କଳାହାଣ୍ଡି ଜିଲ୍ଲାର ମୁଖ୍ୟ ସହର ଭବାନୀପାଟଣାର ଅଧିଷ୍ଠାତ୍ରୀ ଦେବୀ 'ମାଣିକେଶ୍ୱରୀ'ଙ୍କ ନାମରେ ନାମିତ କରାଯାଇ 'ମାଣିକେଶ୍ୱରୀ ଟି ଇଷ୍ଟେଟ୍' ରଖାଯାଇଛି । ଗତ ଜୁଲାଇ ମାସ ୨୯ ତାରିଖରେ ଏହି ମାଣିକେଶ୍ୱରୀ ଟି ଇଷ୍ଟେଟ୍ ଯୋଜନା ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ଓ କଲିକତାର ବଜରଙ୍ଗ ଟି କମ୍ପାନୀ ଲିମିଟେଡ୍‌ଙ୍କ ମିଳିତ ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ସ୍ଥାନୀୟ ଜନସାଧାରଣ ଉପକୃତ ହେବା ସଙ୍ଗେ ସଙ୍ଗେ ପ୍ରଭୂତ କର୍ମ ନିଯୁକ୍ତି ନିମନ୍ତେ ବିଶେଷ ସୁବିଧା ସୁଯୋଗ ଯୋଗାଇବ ।

ଷ୍ଟ୍ରୁ ଚାଷ ନିମନ୍ତେ ରାଜ୍ୟ ସରକାର ରାଜ୍ୟ ଶିଳ୍ପ ଉନ୍ନୟନ ନିଗମକୁ ମୁଖ୍ୟ ଏଜେନ୍‌ସି ଭାବେ ମନୋନୀତ କରିଛନ୍ତି । ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ କଲିକତାର ମେସର୍ସ ବଜରଙ୍ଗ ଟି ମ୍ୟାନୁଫାକଚରିଂ କମ୍ପାନୀ (ପ୍ରାଇଭେଟ) ଲିମିଟେଡ୍‌ଙ୍କ ସହାୟତାରେ ରାଜ୍ୟରେ ଷ୍ଟ୍ରୁ ଚାଷ ଯୋଜନା କାର୍ଯ୍ୟକାରୀ କରିବେ । ଏଥିନିମନ୍ତେ ଶିଳ୍ପ ଉନ୍ନୟନ ନିଗମ ଓ ବଜରଙ୍ଗ ଟି ମ୍ୟାନୁଫାକଚରିଂ କମ୍ପାନୀ ମିଳିତ ଭାବେ 'ବଜରଙ୍ଗ-ଉତ୍କଳ ଟି କମ୍ପାନୀ' ନାମରେ ଏକ ନୂତନ ଲିମିଟେଡ୍ କମ୍ପାନୀ ଗଠନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗତ ମଇ ମାସରେ ଉପରୋକ୍ତ କମ୍ପାନୀ ସହ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି । ରାଜ୍ୟରେ ଷ୍ଟ୍ରୁ ଚାଷ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ବଜରଙ୍ଗ ଟି କମ୍ପାନୀକୁ ଏକ ହଜାର ଏକର ଜମି ଦିଆଯାଇଛି ।

## ଗୋବର ଗ୍ୟାସ୍ ପ୍ଲାଣ୍ଟ ସ୍ଥାପନର ଅଗ୍ରଗତି

ଚଳିତ ଆର୍ଥିକ ବର୍ଷରେ ଜୁଲାଇ ମାସ ଶେଷ ସୁଦ୍ଧା ରାଜ୍ୟରେ ୪,୧୭୭ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି ବୋଲି ବିଜ୍ଞାନ ଓ ବୈଷୟିକ ବିଭାଗ ସୂତ୍ରରୁ ପ୍ରକାଶ । ସେଥିମଧ୍ୟରୁ ସର୍ବାଧିକ ୮୯୬ଟି ପ୍ଲାଣ୍ଟ ଗଞ୍ଜାମ ଜିଲ୍ଲାରେ ସ୍ଥାପିତ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ୨୩୨ଟି, ବଲାଙ୍ଗୀର ଜିଲ୍ଲାରେ ୫୦ଟି, କଟକ ଜିଲ୍ଲାରେ ୨୬୭ଟି, ଢେଙ୍କାନାଳ ଜିଲ୍ଲାରେ ୬୮ଟି, କଳାହାଣ୍ଡି ଜିଲ୍ଲାରେ ୩୦୮ଟି, କେନ୍ଦୁଝର ଜିଲ୍ଲାରେ ୨୯ଟି, କୋରାପୁଟ ଜିଲ୍ଲାରେ ୫୩୦ଟି, ମୟୂରଭଞ୍ଜ ଜିଲ୍ଲାରେ ୪୨୭ଟି, ଫୁଲବାଣୀ ଜିଲ୍ଲାରେ ୨୧ଟି, ପୁରୀ ଜିଲ୍ଲାରେ ୭୮ଟି, ସମ୍ବଲପୁର ଜିଲ୍ଲାରେ ୫୨୯ଟି ଓ ସୁନ୍ଦରଗଡ଼ ଜିଲ୍ଲାରେ ୩୧୧ଟି ପ୍ଲାଣ୍ଟ ସ୍ଥାପିତ ହୋଇଛି ।

ପ୍ରକାଶ ଥାଉକି, କେବଳ ଗତ ଜୁଲାଇ ମାସରେ ସ୍ଥାପିତ ୬୧୮ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ମଧ୍ୟରୁ କୋରାପୁଟ ଜିଲ୍ଲାରେ ୫୦୪ଟି, ବାଲେଶ୍ୱର ଜିଲ୍ଲାରେ ୬ଟି, ବଲାଙ୍ଗୀର ଜିଲ୍ଲାରେ ୫ଟି, କଟକ ଜିଲ୍ଲାରେ ୧୭ଟି, ଢେଙ୍କାନାଳ ଜିଲ୍ଲାରେ ୨ଟି, ମୟୂରଭଞ୍ଜ ଜିଲ୍ଲାରେ ୪୧ଟି, ପୁରୀ ଜିଲ୍ଲାରେ ୧୩ଟି, ସମ୍ବଲପୁର ଜିଲ୍ଲାରେ ୮୩ଟି ଓ ସୁନ୍ଦରଗଡ଼ ଜିଲ୍ଲାରେ ୪୭ଟି ପ୍ଲାଣ୍ଟ ସ୍ଥାପିତ ହୋଇଛି ।

## ରାଜ୍ୟରେ ଉନ୍ନତ ଚୁଲ୍ଲୀ ସ୍ଥାପନ

ଚଳିତ ଆର୍ଥିକ ବର୍ଷରେ ଜୁଲାଇ ମାସ ଶେଷ ସୁଦ୍ଧା ରାଜ୍ୟରେ ୫,୦୨୦ଟି ଉନ୍ନତ ଚୁଲ୍ଲୀ ସ୍ଥାପିତ ହୋଇଛି ବୋଲି ବିଜ୍ଞାନ ଓ ବୈଷୟିକ ବିଭାଗର ଏକ ବିବରଣୀରୁ ପ୍ରକାଶ । କେବଳ ଜୁଲାଇ ମାସରେ ୧,୩୬୭ଟି ଉନ୍ନତ ଚୁଲ୍ଲୀ ସ୍ଥାପିତ ହୋଇଛି । ସେଥିମଧ୍ୟରୁ କଟକ ଜିଲ୍ଲାରେ ୧,୦୨୮ଟି, କଳାହାଣ୍ଡି ଜିଲ୍ଲାରେ ୨୭୪ଟି ଓ ପୁରୀ ଜିଲ୍ଲାରେ ୬୮ଟି ଉନ୍ନତ ଚୁଲ୍ଲୀ ସ୍ଥାପନ କରାଯାଇଛି ।

## ଏସ୍‌: ଇ: ସି: ଏଲ୍‌: ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

ଗତ ଅଗଷ୍ଟ ୨୦ ତାରିଖ ଦିନ ଦକ୍ଷିଣ–ପୂର୍ବ କୋଇଲା ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଜି: ସି: ମିଶ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ସଚିବାଳୟଠାରେ ଭେଟି ଓଡ଼ିଶାର ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସାହାଯ୍ୟାର୍ଥେ ୬ ଲକ୍ଷ ୪୫ ହଜାର ୩୩୦ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି । ଶ୍ରୀ ମିଶ୍ର ତାଳଚେରର ଏଚିଆରୁ ୨ ଗୋଟି ଆମ୍ବୁଲାନସ ବନ୍ୟା ରିଲିଫ୍ କାର୍ଯ୍ୟ ପାଇଁ ଯୋଗାଇ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଶିଳ୍ପୋଦ୍ୟୋଗମାନଙ୍କରେ ମାରଧର ଦୃଢ଼ ଭାବେ ଦମନ କରାଯିବ

ପୋଲିସ ମହାନିର୍ଦ୍ଦେଶକ, ଜିଲ୍ଲାପାଳ ଓ ଏସ୍‌: ପି:ମାନଙ୍କୁ ମୁଖ୍ୟ ଶାସନ ସଚିବ ଏକ ନିର୍ଦ୍ଦେଶନାମାରେ ଜଣାଇଛନ୍ତି ଯେ କୌଣସି ଶିଳ୍ପୋଦ୍ୟୋଗରେ ପରିଚାଳନା କର୍ତ୍ତୃପକ୍ଷଙ୍କ ଉପରେ ମାରଧର ନିରାକରଣ କରିବା ଏବଂ ମାରଧର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବାରେ କୌଣସି ଅବହେଳା ପ୍ରଦର୍ଶନ କରିବା ଉଚିତ ନୁହେଁ । ଏ ବିଷୟରେ ସରକାରଙ୍କ ଆଭିମୁଖ୍ୟର ସ୍ପଷ୍ଟୀକରଣ କରି କୁହାଯାଇଛି ଯେ ନିଜ ପ୍ରତି ବା ନିଜର ସମ୍ପତ୍ତି ପ୍ରତି ଅନଧିକାର ବଳପ୍ରୟୋଗରୁ ସୁରକ୍ଷା ପ୍ରତ୍ୟେକ ଭାରତୀୟ ନାଗରିକର ଅଧିକାର ଏବଂ ଶିଳ୍ପୋଦ୍ୟୋଗର କର୍ମକର୍ତ୍ତାମାନେ ମଧ୍ୟ ଏହି ଅଧିକାରର ହକ୍‌ଦାର । କୌଣସି ଶିଳ୍ପ ବିବାଦର ସମାଧାନ ଆଇନାନୁଯାୟୀ ହେବା ଉଚିତ । ବଳ ପ୍ରୟୋଗ ମାଧ୍ୟମରେ ବିବାଦର ସମାଧାନ କରିବା ପ୍ରଚେଷ୍ଟାକୁ ପ୍ରଶ୍ରୟ ଦିଆଯିବା ଉଚିତ ନୁହେଁ । ମାରଧର କରୁଥିବା ବା କରିବାକୁ ପ୍ରବର୍ତ୍ତାଉଥିବା ବ୍ୟକ୍ତିଙ୍କ ପ୍ରତି ଆଇନ କଡ଼ାକଡ଼ି ଭାବେ ଲାଗୁ ହେବା ଉଚିତ ଏବଂ ଲାଗୁ କଲାବେଳେ ସେ ବ୍ୟକ୍ତି କେଉଁ ମତବାଦର ସମର୍ଥକ ତାହା ବିଚାରକୁ ନେବା ଉଚିତ ନୁହେଁ ।

ଏ ବିଷୟରେ ସରକାରଙ୍କ ନୀତି ସ୍ପଷ୍ଟ କରିବାକୁ ଯାଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ରାଜ୍ୟରେ ଦ୍ରୁତ ଗତିରେ ନୂଆ ଉଦ୍ୟୋଗ ସ୍ଥାପିତ ନହେଲେ ବେକାରୀ ବଢ଼ି ଚାଲିବ ଏବଂ ବହୁ ସଂଖ୍ୟକ ପରିବାର କ୍ଷତିଗ୍ରସ୍ତ ହେବେ । ଯଦି ରାଜ୍ୟର ଶିଳ୍ପୋଦ୍ୟୋଗମାନଙ୍କରେ ବାରମ୍ବାର ମାରଧର ଘଟଣା ଘଟେ, ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଉଦ୍ୟୋଗୀମାନେ ଉତ୍ସାହିତ ହେବେ ନାହିଁ । ତାହା ଫଳରେ ବେକାରୀ ସମସ୍ୟା ବୃଦ୍ଧି ପାଇବ । ନୂଆ ଶିଳ୍ପ ନୀତି ଅନୁସାରେ ଅଧିକାଂଶ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଲାଇସେନ୍‌ସ ବ୍ୟବସ୍ଥା ଉଠିଯିବା ଫଳରେ ଯେଉଁ ରାଜ୍ୟରେ ଶ୍ରମ ବିବାଦ ବହୁଳ ନୁହେଁ ଏବଂ ଉଦ୍ୟୋଗଗୁଡ଼ିକରେ ହିଂସାଚରଣ ଘଟେ ନାହିଁ ସେ ରାଜ୍ୟ ପ୍ରତି ଉଦ୍ୟୋଗୀମାନେ ଆଗ୍ରହୀ ହେବେ । ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ସରକାରଙ୍କ ମତରେ ଓଡ଼ିଶାର ବୃହତ୍ତର ସ୍ୱାର୍ଥକୁ ମୁଷ୍ଟିମେୟ ଦାୟିତ୍ୱହୀନ ଲୋକଙ୍କ ପାଖରେ ଜଳାଞ୍ଜଳି ଦିଆଯାଇ ପାରିବ ନାହିଁ । ସରକାରଙ୍କ ଆଭିମୁଖ୍ୟ ଶ୍ରମିକ ବିରୋଧୀ ନୁହେଁ ଏବଂ ଶ୍ରମିକମାନଙ୍କ ନ୍ୟାଯ୍ୟ ଦାବୀ ଆଇନାନୁମୋଦିତ ପନ୍ଥାରେ ପୂରଣ କରାଯିବା ଆବଶ୍ୟକ । ବଳ ପ୍ରୟୋଗକୁ ପ୍ରୋତ୍ସାହିତ କଲେ ରାଜ୍ୟର ପ୍ରଭୂତ କ୍ଷତି ଘଟିବ । ଏହି ସ୍ଥିତି ଏଡ଼ାଇବା ପାଇଁ ବଳ ପ୍ରୟୋଗକାରୀମାନଙ୍କ ବିରୁଦ୍ଧରେ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

ଓଡ଼ିଶାର ବନ୍ୟାକ୍ଳିଷ୍ଟ ଜନସାଧାରଣଙ୍କ ସାହାଯ୍ୟାର୍ଥେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ନିବେଦନକ୍ରମେ ବହୁ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ନିମ୍ନମତେ ସେମାନଙ୍କର ଦାନ ପଠାଇଛନ୍ତି :

ମଣ୍ଡଳ ଉନ୍ନୟନ ଅଧିକାରୀ, ଠାକୁରମୁଣ୍ଡା, ଜି: ମୟୂରଭଞ୍ଜ–୨ ହଜାର ୩୫୧ ଟଙ୍କା, ଶ୍ରୀ ବି: ସି: ମହାନ୍ତି, ସାଧାରଣ ସମ୍ପାଦକ, ଦି ଉତ୍କଳ ଆସୋସିଏସନ୍, ଗଶ୍ତି ରୋଡ଼, ସାକ୍‌ଚି, ଜାମସେଦ୍‌ପୁର–୨ ହଜାର ଟଙ୍କା, କୁଳପତି, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ–୧ ହଜାର ୭୯୦ ଟଙ୍କା, ସଭାପତି, ଜନତା ଦଳ, ରାଜଗାଙ୍ଗପୁର ଟାଉନ୍, ଜି : ସୁନ୍ଦରଗଡ଼–୧ ହଜାର ୧ ଟଙ୍କା, ଅମରେନ୍ଦ୍ର କୁମାର ଦେ, ଗ୍ରାମ : ନାନୁଚଉଁ, ପୋ: ଅ: ମାଧବନଗର, ଭାୟା : ଭଦ୍ରକ, ଜି : ବାଲେଶ୍ୱର–୧୧ ଟଙ୍କା, ଶ୍ରୀ କାଳନ୍ଦୀ ଚରଣ ଦାସ, ବଡ଼ପୁର, ପୋ: ଅ: କ୍ଷେତ୍ର, କେନ୍ଦୁପାଟଣା, ଜି : କଟକ–୧୫ ଟଙ୍କା, ଶ୍ରୀ ଏ: କେ: ଦାସ, ପ୍ରଧାନ ଶିକ୍ଷକ, କଳିଙ୍ଗ ମଡେଲ୍ ହାଇସ୍କୁଲ, ଗା/ପୋ: ଅ: ଗଡ଼ିବିଙ୍ଗ, ଜି : କଟକ–୨୦୦ ଟଙ୍କା, ପ୍ରଧାନ ଶିକ୍ଷକ, କୋଟିଲେଶ୍ୱର ହାଇସ୍କୁଲ, ଗା : ଗଡ଼ହିଙ୍ଗିରିଆ, ପୋ: ଅ: ଗଡ଼କୁପାସ, ଜି: ପୁରୀ–୬୩୦ ଟଙ୍କା, ସବୁଜ କୃଷକ ସମିତି, ଅମାଥପୁର, ବରି ବ୍ଲକ, ଜି: କଟକ–୧ ହଜାର ୧ ଟଙ୍କା,

...ମହାନ୍ତି, ସାଃ ବୁଢ଼ାକୋ, ପୋଃ ଅଃ କେନ୍ଦୁପାଟଣା, ...–୨୦ ଟଙ୍କା, ଶ୍ରୀ ଦୁର୍ଗାଚରଣ ଦାସ, ହେଡ୍‌ପଣ୍ଡିତ, ... ପ୍ରାଇମେରୀ ସ୍କୁଲ, ପୋଃ ଅଃ ଦେଉଳବେରା ... ଟାଲଚେର, ଜିଃ ଢେଙ୍କାନାଳ–୧୦୦ ଟଙ୍କା, ... ଚନ୍ଦ୍ର ନାୟକ, ସା/ପୋଃ ଅଃ ଷଠିବାକୁଡ଼ା, ... ଜିଃ ବାଲେଶ୍ୱର–୧୦୧ ଟଙ୍କା, ଶ୍ରୀ ଏସ୍‌ଃ ଏମ୍‌ଃ ... ହେଡ୍‌ମାଷ୍ଟର, ଯଦୁପୁର ୟୁଃ ପିଃ ସ୍କୁଲ, ସା/ପୋଃ ଅଃ ... ଭାୟାଃ ଭୁବନେଶ୍ୱର, ଜିଃ ପୁରୀ–୧୦୦ ଟଙ୍କା, ... ଶିକ୍ଷକ, ନରେନ୍ଦ୍ରପୁର ଏମ୍‌ଃ ଇଃ ସ୍କୁଲ, ସା/ପୋଃ ଅଃ ... ଭାୟାଃ ପିପୁଲି, ଜିଃ ପୁରୀ–୨୧୦ ଟଙ୍କା, ... ପରିଡ଼ା, ସରପୋଖରୀ ପ୍ରାଇମେରୀ ସ୍କୁଲ, ... ବେଣୁଗୁଡ଼ିଆ, ଖଣ୍ଡପଡ଼ା ବ୍ଲକ୍, ଜିଃ ପୁରୀ–୨୦ ... ପ୍ରଧାନ ଶିକ୍ଷକ, କଞ୍ଚିପାଳ ହାଇସ୍କୁଲ, ସା/ପୋଃ ଅଃ ... ଭାୟାଃ ଆନନ୍ଦପୁର, ଜିଃ କେନ୍ଦୁଝର–୨୦ ଟଙ୍କା, ... ଶ୍ୟାମଦାସ, ସେଣ୍ଟର୍ ଫର୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍, ... ଭୁବନେଶ୍ୱର–୫୧ ଟଙ୍କା, ପ୍ରେସିଡେଣ୍ଟ, ସିଦ୍ଧେଶ୍ୱର ... ଏସ୍‌ଃ ଲିମିଟେଡ୍, ସାଃ ଗୋଠପଡ଼ା, ... ଗଡ଼ମା, ଜିଃ କଟକ–୧୧୦ ଟଙ୍କା, ଶ୍ରୀ ପ୍ରଫୁଲ୍ଲ ... ମଲ୍ଲିକ, ଛାତ୍ର ପ୍ରତିନିଧି, ବାସନ୍ତୀ ମଡେଲ୍ ୟୁଃ ପିଃ ଆଣ୍ଡ ... ସ୍କୁଲ, ପୋଃ ଅଃ ଛତ୍ରଚକଡ଼ା, ଡେରାବିଶ, ...–୪୦ ଟଙ୍କା, ଶ୍ରୀ ଶରତଚନ୍ଦ୍ର ସାହୁ, ମାର୍ଫତ୍ ... ସାହୁ, ସା/ପୋଃ ଅଃ ବଡ଼କୁଳ, ଭାୟାଃ ବାଲୁଗାଁ, ...–୩୧ ଟଙ୍କା, ଶ୍ରୀ ସୁଦର୍ଶନ ବଡ଼େଇ, ରିଜିଓନାଲ ... ଷ୍ଟେସନ୍, ସାକ୍ଷୀଗୋପାଳ, ଜିଃ ପୁରୀ–୫୦ ଟଙ୍କା, ... ଶ୍ରୀ ବିଶ୍ୱେଶ ମିଶ୍ର, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ୍, ... ଲୋଇଡ଼ା, ଜିଃ ସମ୍ବଲପୁର–୧୦୦ଟଙ୍କା ।

## ...ରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି

...ରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ଗତ ଜୁଲାଇ ... ମୋଟ୍ ୮,୦୭୯ ଜଣ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର ... । ସେମାନଙ୍କ ମଧ୍ୟରେ ୭,୫୩୩ ଜଣ ମହିଳା ... । ଏହା ବ୍ୟତୀତ ୧୧,୪୩୧ ଜଣ ମହିଳା 'ଲୁପ୍' ଗ୍ରହଣ ... ।

... ଟୀକା ଦାନ କାର୍ଯ୍ୟକ୍ରମରେ ୫୧,୯୯୪ ଜଣ ... ମହିଳା ଓ ୫୧,୬୩୮ ଜଣ ଶିଶୁଙ୍କୁ ଡିଃ ପିଃ ଟିଃ ୫୧,୩୮୩ ... ପୋଲିଓ, ୬୧,୯୯୭ ଜଣ ଶିଶୁଙ୍କୁ ବିଃ ସିଃ ଜିଃ ଓ ... ଜଣ ଶିଶୁଙ୍କୁ ମଲିମିଳା ପ୍ରତିଷେଧକ ଟୀକା ... ।

ଏହା ବ୍ୟତୀତ ୫ ବର୍ଷର ୩୪, ୯୬୮ ଜଣ ଶିଶୁଙ୍କୁ ଡିଃ ଟିଃ, ୧୦ ବର୍ଷର ୨୬,୭୬୧ ଜଣ ଶିଶୁଙ୍କୁ ଟିଃ ଟି ଓ ୧୬ ବର୍ଷର ୧୪,୬୫୫ ଜଣ ଶିଶୁଙ୍କୁ ଟିଃ ଟିଃ ପ୍ରତିଷେଧକ ଦିଆଯାଇ ଉପକୃତ କରାଯାଇଛି । ପୁଷ୍ଟିକର ଖାଦ୍ୟ ଅଭାବଜନିତ ରକ୍ତହୀନତା ରୋଗରେ ପୀଡ଼ିତ ୪୭,୨୪୨ ଜଣ ମହିଳା ଓ ୯୧,୫୭୩ ଜଣ ଶିଶୁଙ୍କୁ ଚିକିତ୍ସା କରାଯାଇଛି ଏବଂ ଶିଶୁମାନଙ୍କୁ ୧,୧୨,୯୬୬ଟି ଭିଟାମିନ୍ 'ଏ' ବଟିକା ବଣ୍ଟନ କରାଯାଇଥିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରକାଶିତ ଏକ ବିବରଣୀରୁ ଜଣାପଡ଼ିଛି ।

## ଧର୍ମାନନ୍ଦ ମହିଳା ସମିତିର ବାର୍ଷିକ ଉତ୍ସବ

ଗଞ୍ଜାମ ଜିଲ୍ଲା ପିତଳାରେ ଗତ ସେପ୍‌ଟେମ୍ବର ୨୭ ତାରିଖ ସନ୍ଧ୍ୟାରେ ଧର୍ମାନନ୍ଦ ମହିଳା ସମିତିର ୧୧ଶ ବାର୍ଷିକ ଜନ୍ମ ଉତ୍ସବ ଏବଂ ଜନସେବୀ ସ୍ୱର୍ଗତ ଡାକ୍ତର ଧର୍ମାନନ୍ଦ ମହାନ୍ତିଙ୍କ ୧୨ଶ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଜିଲ୍ଲା ଜନଶିକ୍ଷା ଅଧିକାରୀ ଅଧ୍ୟାପକ ଶ୍ରୀ ପ୍ରଭୁ ପ୍ରସାଦ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଗଞ୍ଜାମ ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ଜଗଦାନନ୍ଦ ପଣ୍ଡା ଉକ୍ତ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସ୍ୱର୍ଗତ ଧର୍ମାନନ୍ଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସଙ୍ଗେ ସଙ୍ଗେ ନାରୀମାନଙ୍କୁ ସାକ୍ଷର କରିବା ପାଇଁ ମହିଳା ସମିତି ଏବଂ ନାରୀ ସଙ୍ଗଠନମାନେ ଆଗଭର ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

ଗଞ୍ଜାମ ଜିଲ୍ଲାର ପ୍ରବୀଣ ସାମ୍ବାଦିକ ଡାକ୍ତର ହୃଷୀକେଶ ମହାନ୍ତିଙ୍କୁ ଜିଲ୍ଲାପାଳ ଶ୍ରୀ ପଣ୍ଡା ଉପଢୌକନ ସହ ପୁଷ୍ପମାଲ୍ୟ ଅର୍ପଣ କରି ସାମ୍ବାଦିକ ଭୂଷଣ ଉପାଧିରେ ଭୂଷିତ କରିଥିଲେ ।

ମୁଖ୍ୟ ଅତିଥି ତଥା ଉତ୍କଳ ପ୍ରସଙ୍ଗର ମୁଖ୍ୟ ସମ୍ପାଦକ ଶ୍ରୀ ସତୀଶ ପାଢ଼ୀ ଉକ୍ତ ଉତ୍ସବରେ ଧର୍ମାନନ୍ଦ ମହିଳା ସମିତି ସ୍ୱର୍ଗତ ଧର୍ମାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ସେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ସେଥିପାଇଁ ଭୂୟସୀ ପ୍ରଶଂସା କରିଥିଲେ । ସାମ୍ବାଦିକ ଡାକ୍ତର ହୃଷିକେଶ ମହାନ୍ତିଙ୍କୁ ଉକ୍ତ ଉତ୍ସବରେ ସମ୍ବର୍ଦ୍ଧନା କରାଯାଇଥିବାରୁ ଶ୍ରୀ ପାଢ଼ୀ ଏହାକୁ ସ୍ୱାଗତ ଜଣାଇଥିଲେ । ମୁଖ୍ୟ ଅତିଥି ଶ୍ରୀ ପାଢ଼ୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଭାରତ ଜ୍ଞାନବିଜ୍ଞାନ ସଭାପତି ଡାକ୍ତର ମଦନମୋହନ ପ୍ରଧାନ ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ । ସମିତିର ସମ୍ପାଦିକା କୁମାରୀ ସ୍ୱପ୍ନା ମହାନ୍ତି ବିବରଣୀ ପାଠ କରିଥିଲେ ।

## କୋରାପୁଟ ଗ୍ରାମାଞ୍ଚଳରେ ଝାଡାବାନ୍ତି ରୋଗ ନିୟନ୍ତ୍ରଣ ନିମନ୍ତେ ସରକାରୀ ପଦକ୍ଷେପ

କୋରାପୁଟ ଜିଲ୍ଲାର ଡାବୁଗାଁ ଓ ପାପଡାହାଣ୍ଡି ବ୍ଲକ୍‌ର ବିଭିନ୍ନ ଗ୍ରାମାଞ୍ଚଳରେ ବ୍ୟାପକ ଭାବେ ସଂକ୍ରମିତ ଝାଡାବାନ୍ତି ରୋଗର ନିୟନ୍ତ୍ରଣ ଦିଗରେ ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝୀ ପ୍ରକାଶ କରିଛନ୍ତି ।

ଶ୍ରୀ ମାଝୀ ସମ୍ପ୍ରତି କୋରାପୁଟ ଜିଲ୍ଲାର ଉପରୋକ୍ତ ଦୁଇଟି ବ୍ଲକର ସଂକ୍ରମିତ ଗ୍ରାମଗୁଡ଼ିକ ପରିଦର୍ଶନ କରି ଝାଡାବାନ୍ତି ରୋଗରେ ଆକ୍ରାନ୍ତ ଲୋକମାନଙ୍କ ଆଶୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ବିଭାଗର ଚିକିତ୍ସା ପ୍ରଦାନ ଓ ରୋଗ ନିୟନ୍ତ୍ରଣ ଦିଗରେ ଗ୍ରହଣ କରାଯାଇଥିବା ପ୍ରତିଷେଧକ ବ୍ୟବସ୍ଥା ଅନୁଧ୍ୟାନ କରି ଫେରିଆସିଛନ୍ତି । ଶ୍ରୀ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଡାକ୍ତରମାନଙ୍କର ଏକ ଚିକିତ୍ସକ ଦଳ କୋଟିଆ ବ୍ଲକ୍‌ର ଗ୍ରାମାଞ୍ଚଳକୁ ତୁରନ୍ତ ଯାଇ ରୋଗୀମାନଙ୍କ ଚିକିତ୍ସା ଓ ସେବାଶୁଶ୍ରୂଷା ସହ ରୋଗ ଯେପରି ଆଉ ଅଧିକ ସଂକ୍ରମିତ ନହୁଏ, ସେଥିପାଇଁ ଆବଶ୍ୟକୀୟ ପ୍ରତିଷେଧକ ଔଷଧ ଇତ୍ୟାଦି ବଣ୍ଟନ କରିଥିଲେ । ରୋଗ ନିୟନ୍ତ୍ରଣ ସହ ଏହା ଯେପରି ଆଉ ସଂକ୍ରମିତ ନହୁଏ, ସେଥିପ୍ରତି ସଂପୃକ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ବ୍ୟାପକ କରିବାକୁ ଓ ରୋଗରେ ଆକ୍ରାନ୍ତ ଲୋକମାନଙ୍କ, ବିଶେଷ କରି ଗରିବ ତପସିଲଭୁକ୍ତ ଜାତି ଓ ଉପଜାତିର ଲୋକମାନଙ୍କ ପ୍ରତି ସହାନୁଭୂତିଶୀଳ ହେବାକୁ ଶ୍ରୀ ମାଝୀ ଚିକିତ୍ସକ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଗ୍ରାମରେ ଲୋକମାନଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉପରେ ଗୁରୁତ୍ୱ ଆରୋପ କରି ଏ ଦିଗରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯିବା ନିମନ୍ତେ ଶ୍ରୀ ମାଝୀ ଜିଲ୍ଲା ପ୍ରଶାସନକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସମ୍ପ୍ରତି ଶ୍ରୀ ମାଝୀ ଡାବୁଗାଁ ଓ ପାପଡାହାଣ୍ଡି ବ୍ଲକ୍‌ର ବୁଟିଆଗୁଡା, ସାଲିଗୁଡା, ପ୍ରତାପଗୁଡା, ଜାଲିଆଗୁଡା, ରମଣାହାଣ୍ଡି ପ୍ରଭୃତି ବହୁ ଗ୍ରାମ ପରିଦର୍ଶନ କରି ଲୋକମାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ । ସ୍ୱାସ୍ଥ୍ୟରକ୍ଷା ପାଇଁ ସାଧାରଣ ନିୟମ ମାନି ଚଳିବା ଓ ବିଶେଷ କରି ପରିଷ୍କାର ପାଣି ବିଶୋଧନ କରି ବ୍ୟବହାର କରିବା ପାଇଁ ସେ ଲୋକମାନଙ୍କୁ ବୁଝାଇଥିଲେ । ନବରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କେତେକ ରୋଗୀଙ୍କୁ ଶ୍ରୀ ମାଝୀ ଭେଟି ସେମାନଙ୍କ ଚିକିତ୍ସା ପାଇଁ ଔଷଧ ପତ୍ର ସହ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ନବରଙ୍ଗପୁର ଉପ ଜିଲ୍ଲାପାଳ, ଏସ୍‌. ଡି. ଏମ୍‌. ଓ., ସମ୍ପୃକ୍ତ ତହସିଲଦାର, ବି. ଡି. ଓ. ଚିକିତ୍ସକମାନେ ଶ୍ରୀ ମାଝୀଙ୍କ ସହ ବିଭିନ୍ନ ଗ୍ରାମକୁ ଯାଇଥିଲେ ।

## ହରିଜନ ମଙ୍ଗଳ-ଉପଦେଷ୍ଟା କମିଟି ବୈଠକ

—ମୁଖ୍ୟମନ୍ତ୍ରୀ

ସଚିବାଳୟଠାରେ ରାଜ୍ୟ ହରିଜନ ମଙ୍ଗଳ ଉପଦେଷ୍ଟା କମିଟିର ଏକ ବୈଠକ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

କେତେକ ନୂତନ ସମ୍ପ୍ରଦାୟଙ୍କୁ ତପସିଲଭୁକ୍ତ ଜାତିରେ ଅନ୍ତର୍ଭୁକ୍ତ କରିବା ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି । 'ଚଣ୍ଡାଳ', 'ହାଡି', 'ମେହେନ୍ତର', ଓ 'ଭଙ୍ଗି' ପ୍ରଭୃତି କେତେକ ଜାତିର ନାମ ଆପତ୍ତିଜନକ ଓ ସମ୍ମାନ ହାନିକାରକ ହୋଇଥିବାରୁ 'ଚଣ୍ଡାଳ' ଙ୍କୁ 'ଆଦିଜନ୍ମ' ଏବଂ ହାଡି, ମେହେନ୍ତର ଓ ଭଙ୍ଗିଙ୍କୁ 'ସୁଦର୍ଶନ' ବୋଲି ନାମିତ କରିବା ପାଇଁ ସ୍ଥିର କରାଗଲା । ସରକାରୀ ଚାକିରିରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପଦବୀ ପାଇଁ ହରିଜନ ଓ ଆଦିବାସୀଙ୍କ ମଧ୍ୟରେ ଥିବା ପ୍ରତିବଦଳ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଆଲୋଚନା ପରେ ପ୍ରସ୍ତାବ ଗ୍ରହଣ କରାଗଲା ।

ଆଦିବାସୀ ଓ ହରିଜନମାନଙ୍କ ପାଇଁ ସରକାରୀ ଚାକିରି କ୍ଷେତ୍ରରେ ଯେଉଁଳି ସଂରକ୍ଷଣ ରଖାଯାଇଛି, ସେହିଭଳି ସରକାରୀ ତାଲିମ ଅନୁଷ୍ଠାନମାନଙ୍କରେ ଭର୍ତ୍ତି ନିମନ୍ତେ ସେମାନଙ୍କ ପାଇଁ ଯଥାକ୍ରମେ ୨୩ ଭାଗ ଓ ୧୬ ଭାଗ ସଂରକ୍ଷଣ ରଖିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଇନ୍ଦିରା ଆବାସ ଯୋଜନାରେ ନିର୍ମିତ ହେଉଥିବା ଆଦିବାସୀ ଓ ହରିଜନମାନଙ୍କ ପାଇଁ ବାସଗୃହଗୁଡ଼ିକୁ ରୁଚିବର୍ଦ୍ଧକ ଶିଳ୍ପ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଏହା ବ୍ୟତୀତ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ସ୍ୱୀକୃତି ପ୍ରଦାନ କଲା ବେଳେ ସେଠାରେ ନିଯୁକ୍ତ କର୍ମଚାରୀମାନଙ୍କ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାକୁ ଲାଗୁ କରାଯାଉଛି କି ନାହିଁ, ସେ ବିଷୟରେ କଡ଼ାକଡ଼ି ଭାବେ ଯାଞ୍ଚ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା ।

ଏହି ବୈଠକରେ ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ଘାସିରାମ ମାଝି, ସର୍ବଶ୍ରୀ କେଳୁ ଚରଣ ମଲ୍ଲିକ ଅନାଦି ଚରଣ ଦାସ, ବୃନ୍ଦାବନ ବେହେରା, ଲୁହୁର କୁଶଲ, କୁମାର ବେହେରା, ଅଜିତ୍ ଦାସ, ବେଣୁଧର ସେଠୀ, ଭାରତ ଭୂଷଣ ବେମାଲ, ବିଷ୍ଣୁ ଚରଣ ଦାସ, ରାଧାକାନ୍ତ ସେଠୀ, ମାଧବାନନ୍ଦ ବେହେରା, ବୈଷ୍ଣବ ଚରଣ ମଲ୍ଲିକ, ରାମ ଚନ୍ଦ୍ର ସେଠୀ, ଦୁର୍ଗିଶେଶ ନାୟକ ଓ ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ସମେତ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ରଥ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ଡି. ପି. ଭଟ୍ଟାଚାର୍ଯ୍ୟ, ସ୍ୱରାଷ୍ଟ୍ର ବିଭାଗର ପ୍ରମୁଖ ସଚିବ ଶ୍ରୀ ଭାସ୍କର ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କ ଉଚ୍ଚ ପଦସ୍ଥ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

# ଶକ୍ତି ପୂଜାର ମହାମନ୍ତ୍ର

• ପଣ୍ଡିତ ଶ୍ରୀ ଅଚ୍ୟୁତାନନ୍ଦ କର

ସୃଷ୍ଟିର ଇତିହାସ ସୃଷ୍ଟି ସର୍ଜନାର କେବେ ଠାରୁ ଆରମ୍ଭ ହୋଇଛି? କିପରି ଆରମ୍ଭ ହେଲା? କାହିଁକି ଆରମ୍ଭ ହେଲା? ନାରୀ ଆଗମନ କି ନର ଆଗମନ? ଏ ସୃଷ୍ଟି ବିକାଶର ପ୍ରଥମ ପୃଷ୍ଠ କିଏ ବହନ କରିଥିଲା? ଏ ସକଳ ଜଟିଳ ପ୍ରଶ୍ନର ଉତ୍ତର ସ୍ଥଳରେ ଅନ୍ୟ ଏକ ପ୍ରଶ୍ନ ସ୍ୱତଃ ଆମ ସମ୍ମୁଖରେ ଉପସ୍ଥିତ ହୋଇଉଠେ; ସେ ପ୍ରଶ୍ନଟି ହେଲା 'ବୃକ୍ଷ ଆଗ ନା ମଞ୍ଜି ଆଗ'।

ମୋଟାମୋଟି ଭାବେ ଚେତନାର ଏକ ମହାସ୍ରୋତ ମଧ୍ୟରୁ ବିଭିନ୍ନ ପରିମୁଖ୍ୟ ନେଇ ବହୁ କିଛିର ବିକାଶ ଘଟିଛି। କୀଟ-ପତଙ୍ଗ, ସରିସୃପଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ, ଏହି ସମସ୍ତ ମହାଶକ୍ତିରୁ ସମ୍ଭୂତି ଲାଭ କରିଛନ୍ତି। ଶକ୍ତି ହିଁ ନିଖିଳ ଜଗତର ସକଳ ଦ୍ୟୁତିର ନିୟାମକ; ସକଳ ଦ୍ୟୁତିର ନିୟନ୍ତ୍ରକ; ସକଳ ଦ୍ୟୁତିର ପ୍ରକାଶକ ତଥା ସକଳ ଦ୍ୟୁତିର ପ୍ରକାଶର ମଧ୍ୟ।

ଭାରତୀୟ ଅଦ୍ୱୈତ-ବାଦୀ ଋଷି-ମହର୍ଷିମାନଙ୍କ ମତରେ ବ୍ରହ୍ମ ହିଁ ସବୁର ଆଦିକାରଣ। ଶାକ୍ତ ଶାସ୍ତ୍ରବିତ୍ ବା ସାଧକଙ୍କ ମତରେ ଶକ୍ତି ହିଁ ନିଖିଳ ବିଶ୍ୱର ସକଳ ବସ୍ତୁର ବିକାଶର ଆଦି କାରଣ। ତନ୍ତ୍ରବାଦୀମାନଙ୍କ ମତରେ ପୁରୁଷ ଓ ପ୍ରକୃତି ବା ଶିବ ଓ ଶକ୍ତିର ସମନ୍ୱୟ ଘର ହେଉଛି ଏହି ବିଶାଳ ଜଗତ। ପ୍ରକାରାନ୍ତରେ ବ୍ରହ୍ମର ବିକାଶଶୀଳ ପ୍ରକାଶର ନାମ ହିଁ ଶକ୍ତି। ଉଦାହରଣତଃ ସୂର୍ଯ୍ୟ ଯଦି ବ୍ରହ୍ମ ହୁଅନ୍ତି ତେବେ ତାଙ୍କର କିରଣ ପୁଞ୍ଜ ହିଁ ଶକ୍ତି ନାମ ଗ୍ରହଣ କରିବେ, ସୂର୍ଯ୍ୟ ଯଦି ବ୍ରହ୍ମ ହୁଅନ୍ତି ତେବେ ତେଜୋରାଶି ହିଁ ଶକ୍ତିମାତା ଅଟନ୍ତି। ତେଣୁ ଅନୁଭୂତି ବଳରେ ହିଁ ଶକ୍ତିମାତାଙ୍କର ଏତାଦୃଶ ରହସ୍ୟକୁ ଜାଣିହୁଏ। କେବଳ ଯୁକ୍ତି ବଳରେ ମାଆର ମାତୃତ୍ୱ ପ୍ରମାଣିତ କରିବା ଏକ ଅସମ୍ଭବ ବ୍ୟାପାର।

ସ୍ଥୂଳ ଉପାଦାନଧାରୀ ମାନବୀୟ ତନୁରେ ଶକ୍ତିମାତାଙ୍କର ଚମତ୍କାର କ୍ରିୟା କଳାପ, ଅନବରତ ଚାଲିବାରେ ଲାଗିଛି। ଯେଉଁଦିନ ଏ ଶରୀରରୁ ସେହି ଶକ୍ତିର କ୍ରିୟାକଳାପ ବନ୍ଦ ହୋଇଯିବ; ସେହି ଦିନ ଶରୀର ଜଡ଼ତ୍ୱ ଅବସ୍ଥାରେ ପହଞ୍ଚିଯିବ, ଅର୍ଥାତ ଶକ୍ତି ମାତାଙ୍କର ଚେତନ ତତ୍ତ୍ୱର କ୍ରିୟାକଳାପ, ଜଡ଼ କ୍ରିୟାକଳାପରେ ପରିଣତ ହୋଇଯିବ। ଜଡ - ଜୀବନ୍ତ ସୃଷ୍ଟି ତାହାର କ୍ରିୟାକଳାପର ଭିନ୍ନ ଭିନ୍ନ ଲୀଳା। ଲୀଳାକୁ ଭାବ ଚକ୍ଷୁରେ ବା ବିଶ୍ୱାସ ଶ୍ରଦ୍ଧା ବଳରେ ମାନବଜାତି ଅବଲୋକନ କରି ନିଜକୁ ଧନ୍ୟ କରିଥାଏ। ଲୀଳା- ଦର୍ଶନର ବିହ୍ୱଳତା ସମସ୍ତଙ୍କ ଭାଗ୍ୟରେ ଜୁଟିନଥାଏ। ଜଡ- ବିଜ୍ଞାନର ଗବେଷଣାଗତ ଲେଖନୀ ସହଜରେ ଲୀଳାର ନିକଟବର୍ତ୍ତୀ ହୋଇପାରେ ନାହିଁ। ଯେଉଁ ଧନ୍ୟ ଚକ୍ଷୁଗୁଡ଼ିକ ଏହି ଲୀଳା ଦର୍ଶନ କ୍ଷମ ହୋଇଥାଏ ସେହି ଚକ୍ଷୁର ନାମ ହିଁ ଭକ୍ତି।

ଭାରତୀୟ ବିଶ୍ୱାସଧାରା ମଧ୍ୟରେ ଦୁଇଟି ମାର୍ଗ ଦେଖିବାକୁ ମିଳିଥାଏ। ଗୋଟିଏ ମାର୍ଗର ନାମ ଯୁକ୍ତି ଓ ଅପରଟିର ନାମ ଭକ୍ତି। ଅବିଶ୍ୱାସରୁ ଯୁକ୍ତି ଜନ୍ମ ନେଇଥାଏ ତଥା ବିଶ୍ୱାସରୁ ଭକ୍ତିର ବିକାଶ ଘଟିଥାଏ। ଅବିଶ୍ୱାସରୁ ବିଶ୍ୱାସ ଆଡ଼କୁ ଯିବା ପାଇଁ ମଣିଷ ନାନା ପ୍ରକାର ଯୁକ୍ତିର ଆଶ୍ରୟ ନେଇ ଗତି କରିଥାଏ। ଗୋଟିଏ ଯୁକ୍ତିରୁ ଅନ୍ୟ ଗୋଟିଏ ଯୁକ୍ତି, ଅନ୍ୟ ଗୋଟିଏ ଯୁକ୍ତିରୁ ଅଶେଷ ଯୁକ୍ତି, ଯୁକ୍ତିବାଦୀମାନଙ୍କ ସମ୍ମୁଖରେ ବାରମ୍ବାର ପୁଞ୍ଜିଭୂତ ହେବାକୁ ଆରମ୍ଭ କରିଥାଏ ଯୁକ୍ତି। ଶେଷ ହୁଏନାହିଁ କି ଯୁକ୍ତିର ଚରମସୀମା ବିଶ୍ୱାସର ମହାନନ୍ଦ ନିକଟରେ କେବେ କେବେ ଯୁକ୍ତିବାଦୀମାନେ ପହଞ୍ଚିବା କ୍ଷେତ୍ରରେ ପରାଭୂତ ହୋଇଯାଆନ୍ତି। ଆପସ୍ମାନିରେ ସଢ଼ି ସଢ଼ି ଅଶାନ୍ତି ନିଆଁରେ ନିଜେ ନିଜକୁ ଦଗ୍ଧିଭୂତ କରନ୍ତି; ଅପରର ଶାନ୍ତିକୁ ସେହି ନିଆଁରେ ଭସ୍ମ କରିବା ପାଇଁ ଉଦ୍ୟମ କରନ୍ତି। ଏହାର ନାମ ହେଉଛି ବିକୃତାବସ୍ଥା ବା ଇଂରାଜିରେ ଫ୍ରଷ୍ଟେସନ। କେହି କେହି ଏ ଅବସ୍ଥା ଆଡ଼କୁ ଗତି ନକରି ଯୁକ୍ତି ମଧ୍ୟରୁ ମହା ବିଭତ୍ସତା, ମହାଭୀଷଣତା ସନ୍ଧାନ କରି ଧ୍ୱଂସର ଭୟାବହତାକୁ ମାନବ ଜାତି ଉପରେ ଲଦି ଦେଇ ଗବେଷକର ଗୌରବ ଅର୍ଜନ କରିଥାନ୍ତି। ଶକ୍ତିର ବିକାଶର ମହନୀୟତାରୁ ଅଣୁ ପରମାଣୁ; ତତ୍‌ପରେ ଧ୍ୱଂସ ବିଭୀଷିକାର ମହାପରମାଣୁ ବୋମାର ଆତଙ୍କ ଆଡ଼କୁ ଏଠି ଯୁକ୍ତିବାଦୀମାନେ ପୃଥିବୀକୁ ଠେଲିଦେଇ ସର୍ବସରେ ଢୋଲର ଢୋଲକି ବଜାଇ ହସିଲା ପରି ଆନନ୍ଦିତ ହୁଅନ୍ତି। ଏ ଆନନ୍ଦ କିନ୍ତୁ ଶାନ୍ତିର, ସମୃଦ୍ଧିର ଆନନ୍ଦ ନୁହେଁ। ଏ ଆନନ୍ଦ ଶରାହତ ପକ୍ଷୀର ବିବଶ ଚିତ୍କାର ମାତ୍ର। ଏହା କହିବାର ଅର୍ଥ ନୁହେଁ ଯେ ଯୁକ୍ତିକୁ ସମୂଳେ ବାଦ୍ ଦେଇ ଆମେ ମୂଢ଼ତ୍ୱର ବିଶ୍ୱାସ ବଳୟ ଭିତରେ ନିଜ ଗତିଶୀଳତାର ବଳପଦ୍ମ ବରଣ କରିବା। ଭକ୍ତିତତ୍ତ୍ୱ ମଧ୍ୟ କିଛି ଯୁକ୍ତି ଉପରେ ନିଜର ଛିତିକୁ ସୁଦୃଢ଼ଭୂତ କରି ପାରିଛି। ଏହି ଯୁକ୍ତିର ନାମ ଜିଜ୍ଞାସା। ଯୁକ୍ତି ମୂଳରେ ଶ୍ରଦ୍ଧା କ୍ରିୟାଶୀଳ ହେଲେ ତାହା ହୃଦୟ ମଧ୍ୟସ୍ଥ ମାନବୀୟ ଚେତନାର ଜିଜ୍ଞାସାକୁ ବହନ କରେ।

ଶ୍ରଦ୍ଧାହୀନ ଯୁକ୍ତିକୁ ଯଦି ମ୍ୟୁଜିୟମ୍ ବା ଯାଦୁଘର ଆଖ୍ୟା ଦିଆଯିବ ତେବେ ଶ୍ରଦ୍ଧାଯୁକ୍ତ ଯୁକ୍ତିକୁ ମନ୍ଦିର, ମସ୍‌ଜିଦ୍ ବା ଗୀର୍ଜାର ଉପମା ଦିଆଯାଇ ପାରେ। ମନ୍ଦିର ବା ମସ୍‌ଜିଦ୍ ମାନବୀୟ ଏକତାର ବା ମିଳନର ମହାଲୀଳା କ୍ଷେତ୍ର। ଯାଦୁଘର କାହିନିକ ଇତିହାସର ଭୟଙ୍କର ଯୁକ୍ତିର ବିବାଦମାନ ପୀଠ।

ଯାଦୁଘରେ ମୂର୍ତ୍ତି ଅଛି ; ମନ୍ଦିରରେ ମଧ୍ୟ ମୂର୍ତ୍ତି ଅଛନ୍ତି । ଯାଦୁଘରର ମୂର୍ତ୍ତି ଯୁକ୍ତିକୁ ଅପେକ୍ଷା କରି, ନିଜର ଐତିହାସିକ ଆଲେଖ୍ୟକୁ ଜାହିର କରିବା ପାଇଁ ବ୍ୟଗ୍ର ; କିନ୍ତୁ ମନ୍ଦିରର ମୂର୍ତ୍ତି ଶ୍ରଦ୍ଧାର ଜିଜ୍ଞାସା ବହନ କରି ଅଶେଷ ଶ୍ରଦ୍ଧାର ଦୀପାଳୀ ଜଳାଇ ଜଳାଇ ମୂର୍ତ୍ତିତ୍ୱର ଗଣ୍ଡିରୁ ମୁକୁଳିଯାଇ ଶକ୍ତି ଉଦ୍ରେକକାରୀ ବା ପ୍ରେରଣାଦାୟୀ ଅମୃତମୟ ସ୍ରୋତରେ ପରିଣତ ହୋଇଯାଇଥାଏ । ଯାଦୁଘର ମୂର୍ତ୍ତି ଗବେଷଣାକୁ ଅପେକ୍ଷାକରି ପଡିଥାଏ ; ମନ୍ଦିରର ମୂର୍ତ୍ତି ପୂଜାର ଧୂପ ଆରତୀ ଲାଭକରି ମାନବ ହୃଦୟର ମାନବୀୟ ମମତ୍ୱ ଆଲୋକରେ ଶକ୍ତିମାନ ହୋଇଉଠିଥାଏ । ଯାଦୁଘରର ମୂର୍ତ୍ତି ଜଡ ; କିନ୍ତୁ ମନ୍ଦିରର ମୂର୍ତ୍ତି ଜଡ଼ତ୍ୱର ବନ୍ଧନକୁ ଭାଙ୍ଗି ଶକ୍ତିର ଆଧାରଶୀଳ ହୋଇଉଠିଥାଏ । ମଣିଷର ଅଭ୍ୟୁତ୍‌ଥାନ ପାଇଁ, ସମାଜର, ମଙ୍ଗଳ ପାଇଁ, ରାଷ୍ଟ୍ରର ସୁଖ ସମୃଦ୍ଧିର ବିକାଶ ପାଇଁ, ଏହି କାରଣରୁ ଭାରତର ବହୁ ପ୍ରାନ୍ତରରେ କେଉଁ ଅବହମାନ କାଳରୁ ଶକ୍ତିମାତାଙ୍କର ସ୍ତବନ, ପୂଜନ, ବୋଧନ ହୋଇ ଆସୁଛି ।

ଶକ୍ତିମାତାହିଁ ଆଦି ଜନନୀ, ଆଦ୍ୟାଶକ୍ତି, ଜଗତ୍‌ଜନନୀ, ଜଗତ୍‌ପ୍ରସବିନୀ, ଜଗତ୍ ମଙ୍ଗଳକାରିଣୀ ମଧ୍ୟ । ଶ୍ରୀ ଦୁର୍ଗା ସପ୍ତଶତୀ ବା ଚଣ୍ଡି ପୁରାଣ ଶକ୍ତିମାନଙ୍କର ସ୍ୱରୂପ ନିର୍ଦ୍ଧାରଣ କରି କହିଛନ୍ତି –

ମନ୍ତ୍ରଣାଂ ମାତୃକା ଦେବୀ ଶବ୍ଦନାଂ ଜ୍ଞାନରୂପିଣୀ
ଜ୍ଞାନାନାଂ ଚିନ୍ମୟାନନ୍ଦା ଶୂନ୍ୟାନାଂ ଶୂନ୍ୟସାକ୍ଷୀଣୀ
ଯସ୍ୟା ପରତରଂଯାସ୍ତି ସୈଷା ଦୁର୍ଗା ପ୍ରକୀର୍ତ୍ତିତା
ତାଂ ଦୁର୍ଗା ଦୁର୍ଗମାଂ ଦେବୀଂ ଦୁରାଗ୍ରରବିଘାତିନୀଂ ।

ଅର୍ଥାତ୍ ସକଳ ମନ୍ତ୍ରମଧ୍ୟରେ ସିଏ ହେଉଛନ୍ତି ଅକ୍ଷର ; ଶବ୍ଦ ମଧ୍ୟରେ ସିଏ ହେଉଛନ୍ତି ଜ୍ଞାନ ବା ଶବ୍ଦାର୍ଥ ; ଜ୍ଞାନ ମଧ୍ୟରେ ସେ ଚିନ୍ମୟାନନ୍ଦା ବା ଶୂନ୍ୟତା ; ଶୂନ୍ୟ ମଧ୍ୟରେ ସିଏ ହେଉଛନ୍ତି ସାକ୍ଷୀ ସ୍ୱରୂପିଣୀ । ଏହାଙ୍କଠାରୁ ଆଉ ଶ୍ରେଷ୍ଠ କେହି ନାହାନ୍ତି । ତେଣୁ ସେ ଦୁର୍ଗା ବା ଅଶେଷ ମଙ୍ଗଳ ଦୁର୍ଗ ରକ୍ଷାକାରିଣୀ । ଅଶେଷ ଅମଙ୍ଗଳ ସତ୍ତାର ବିଲୋପ କାରିଣୀ ।

ପୁନଶ୍ଚ ତାଙ୍କ ସମ୍ପର୍କରେ ବର୍ଣ୍ଣନା କରି କୁହାଯାଇଛି –
ସୃଷ୍ଟିସ୍ଥିତି ବିନାଶାନାଂ ଶକ୍ତିଭୂତେ ସନାତନି
ଗୁଣାଶ୍ରୟେ ଗୁଣମୟେ ନାରାୟଣୀ ନମୋଽସ୍ତୁତେ

ଅର୍ଥାତ୍ – ସୃଷ୍ଟି ପାଳନକାରିଣୀ, ସଂହାରକାରିଣୀ ତୁମେ, ସର୍ବଶକ୍ତିର ଆଧାର ଅଟେ । ତୁମେ ଗୁଣର ଆଧାର ତଥା ସର୍ବଗୁଣମୟୀ । ତୁମେ ନାରାୟଣି ଅର୍ଥାତ୍ ବ୍ରହ୍ମାଙ୍କର ଶକ୍ତି ସ୍ୱରୂପା । ତୁମକୁ ନମସ୍କାର ଦେବୀ ।

ଉକ୍ତ ଦୁଇ ମନ୍ତ୍ରର ରହସ୍ୟକୁ ଉଦ୍‌ଘାଟନ କଲେ ବହୁ ବିଭୂତିର ଦ୍ୱାର ସହଜରେ ଉନ୍ମୁକ୍ତ ହୋଇଯାଇଥାଏ । ଏହି ଶକ୍ତି ଦେବୀ ହେଉଛନ୍ତି ଅକ୍ଷର, ଅର୍ଥାତ୍ ଏହି ଅକ୍ଷରମାନଙ୍କୁ ନେଇ ଅନନ୍ତ କୋଟି ଶାସ୍ତ୍ର ପୁରାଣ ସୃଷ୍ଟି ହୋଇଛି ଓ ହୋଇପାରେ । ତେଣୁ ଏ ସବୁ ସୃଷ୍ଟିର ସିଏ ହେଉଛନ୍ତି, ଅକ୍ଷର ସ୍ୱରୂପା ଜନନୀ । ଅର୍ଥ ବ୍ୟତୀତ ଶବ୍ଦ ନିରର୍ଥକ ; ଅର୍ଥାତ୍ ଯାହାର କୌଣସି ଅର୍ଥ ନାହିଁ ତାକୁ ଶବ୍ଦ କୁହାଯାଇ ପାରିବ ନାହିଁ । ତେଣୁ ଶକ୍ତିମାତା ହେଉଛନ୍ତି, ଶବ୍ଦ ସମୂହର ଅର୍ଥ ବା ଶବ୍ଦ–ଜନନୀ । ଶବ୍ଦ ନ ଥାଇ ଜ୍ଞାନର ମନ୍ଦିର ଧ୍ୱନିହୀନ ହୋଇ ପଡେ । ତେଣୁ ଜ୍ଞାନ ହିଁ ଶବ୍ଦକୁ ଆଶ୍ରୟ କରି ଗତିଶୀଳ ହୋଇଥାଏ । ଏହି କାରଣରୁ ଶକ୍ତିମାତା ହେଉଛନ୍ତି ଜ୍ଞାନ ମଧ୍ୟରେ ଆନନ୍ଦର ମଙ୍ଗଳମୟୀ ଧ୍ୱନି, ବା ଜ୍ଞାନର ଜନନୀ । ସୃଷ୍ଟିର ସୃଷ୍ଟିକାରିଣୀ ଶକ୍ତି ସେଏ, ପାଳନ କାରିଣୀ ମାତା ସିଏ, ବିକାଶ କାରିଣୀ ପ୍ରଳୟର ସ୍ୱର ସିଏ । ଶକ୍ତି---ଶକ୍ତି---ଶକ୍ତି–ସବୁହିଁ ଶକ୍ତିର ଖେଳ--। ଶକ୍ତିର ଲୀଳାଦ୍ୱାରା ବିଶ୍ୱବ୍ରହ୍ମାଣ୍ଡ ଲୀଳାୟିତ । ନାନା ପ୍ରକାର ନାମ ବହନକରି ନାନା ଭାବରେ, ନାନା ସ୍ଥାନରେ ସିଏ ପ୍ରକଟିତା । ଆଗମଶାସ୍ତ୍ରବେତ୍ତାଗଣ ଅଶେଷ ନାମରେ ବା ସକଳ ନାମରେ ତାଙ୍କୁ ଭୂଷିତା କରିଛନ୍ତି ; ସିଏ ନାମରେ ଅତୀତ ପୁନଶ୍ଚ ନାମମୟୀ ମଧ୍ୟ । ଭଲ ମନ୍ଦ ପ୍ରତ୍ୟେକ ନାମରେ ସିଏ ବୀଜଅକ୍ଷର ବା ନିୟାମକ । ବହୁ ରହସ୍ୟ ମଧ୍ୟରେ ସିଏ ରହସ୍ୟମୟୀ ; ତେଣୁ ତାଙ୍କୁ ବିଷ୍ଣୁମାୟା ବୋଲି କୁହାଯାଏ । ମହାମାୟା ସ୍ୱରୂପିଣୀ ସିଏ---ଯୋଗମାୟା ନାମଧାରିଣୀ ମଧ୍ୟ । ସିଏ ଚେତନାସ୍ୱରୂପିଣୀ, ବୁଦ୍ଧିରୂପିଣୀ, ନିଦ୍ରାରୂପିଣୀ, କ୍ଷୁଧାରୂପିଣୀ, ଛାୟାରୂପିଣୀ ଅଟନ୍ତି । ସିଏ ମଧ୍ୟ ଶକ୍ତି, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କାନ୍ତି, ଲକ୍ଷ୍ମୀ, ବୃତ୍ତି, ସ୍ମୃତି, ଦୟା, ତୁଷ୍ଟି, ଭ୍ରାନ୍ତି ଓ ମାତୃରୂପିଣୀ ଅଟନ୍ତି । ସକଳ ଇନ୍ଦ୍ରିୟମାନଙ୍କର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି । ସେଇଥିପାଇଁ ବନ୍ଦନା ଏମରେ କୁହାଯାଇଛି –

ଇନ୍ଦ୍ରିୟାଣାମଧିଷ୍ଠାତ୍ରୀ ଭୂତାନାଂ ଚାଖିଳେଷୁ ଯା
ଭୂତେଷୁ 'ସତଂ' ତସ୍ୟୈ ବ୍ୟାପ୍ତି ଦେବ୍ୟୈ
ନମୋନମଃ ।

ଯଦି ଦେବୀଙ୍କର ଅଶେଷ ନାମ ରହିଛି ତଥାପି ବ୍ରହ୍ମବୈବର୍ତ୍ତ ପୁରାଣର ପ୍ରକୃତି ଖଣ୍ଡରେ ଶକ୍ତିମାତାଙ୍କର ଷୋଡଶୀ ନାମରେ ପ୍ରାଧାନ୍ୟ ବର୍ଣ୍ଣିତ ହୋଇଛି । ନାମ ବର୍ଣ୍ଣନା କ୍ରମରେ କୁହାଯାଇଛି–ମହାମାୟାଙ୍କର ନାମ ମଧ୍ୟରେ ଯେଉଁ ଷୋହଳ ନାମ ଶ୍ରେଷ୍ଠ ତାହା ହେଲା–ଦୁର୍ଗା, ନାରାୟଣୀ, ଈଶାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ସର୍ବାଣୀ, ସର୍ବମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ ଓ ସନାତନୀ ।

ଶ୍ରୀ ଦୁର୍ଗାସପ୍ତଶତୀର ଦେବୀ କବଚ ମନ୍ତ୍ରରେ ନବମ ନାମରେ ପ୍ରସିଦ୍ଧି ରହିଛି–

ପ୍ରଥମଂ ଶୈଳପୁତ୍ରୀ ଚ ଦ୍ୱତୀୟଂ ବ୍ରହ୍ମଚାରିଣୀ
ତୃତୀୟଂ ଚନ୍ଦ୍ରଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍
ପଞ୍ଚମଂ ସ୍କନ୍ଦମାତେତି ଷଷ୍ଠଂ କାତ୍ୟାୟନୀତି ଚ
ସପ୍ତମଂ କାଳରାତ୍ରୀତି ମହାଗୌରୀତି ଚାଷ୍ଟମମ୍
ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗାଃ ପ୍ରକୀର୍ତ୍ତିତାଃ
ଉକ୍ତା ନ୍ୟେତାନି ନାମାନି ବ୍ରହ୍ମଣୈବ ମହାତ୍ମନା ।

ଅର୍ଥାତ୍-ପ୍ରଥମରେ ତାଙ୍କ ନାମ ଶୈଳପୁତ୍ରୀ, ଦ୍ୱିତୀୟରେ ବ୍ରହ୍ମଚାରିଣୀ, ତୃତୀୟରେ ଚନ୍ଦ୍ରଘଣ୍ଟା, ଚତୁର୍ଥରେ କୁଷ୍ମାଣ୍ଡା, ପଞ୍ଚମରେ ସ୍କନ୍ଦମାତା, ଷଷ୍ଠରେ କାତ୍ୟାୟନୀ, ସପ୍ତମରେ କାଳରାତ୍ରୀ, ଅଷ୍ଟମରେ ମହାଗୌରୀ ଓ ନବମରେ ନବଦୁର୍ଗା ।

ଏହି ନବଦୁର୍ଗାଙ୍କ ନାମ ଅନୁଯାୟୀ ନବରାତ୍ର ଶକ୍ତି- ଆବାହନ- ପୂଜା କରାଯାଇଥାଏ । ବ୍ରହ୍ମବୈବର୍ତ୍ତ ପୁରାଣ ମତ ଅନୁଯାୟୀ ଆର୍ଦ୍ରା ନକ୍ଷତ୍ରରେ ଦେବୀ ଯାଗରୁକ- କର୍ମ, ମୂଳା ନକ୍ଷତ୍ରରେ ଆବାହନ, ଉତ୍ତରାଷାଢ଼ା ନକ୍ଷତ୍ରରେ ପୂଜା କର୍ମପରେ ଶ୍ରବଣା ନକ୍ଷତ୍ରରେ ବିସର୍ଜନ କର୍ମ କରାଯାଇଥାଏ । ଅର୍ଥାତ୍ କୃଷ୍ଣାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ପ୍ରାୟ ପନ୍ଦର ଦିନ ଏବଂ ମହାଷ୍ଟମୀଠାରୁ ଦଶହରା- ଦଶମୀ ପର୍ଯ୍ୟନ୍ତ ତିନିଦିନ ମିଶିକରିବେ ଅଠରଦିନ ବ୍ୟାପୀ ଏ ପୂଜାର ନାନା ବିଧିବିଧାନଗତ କର୍ମ ରହିଛି । ତଥାପି ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦାଠାରୁ ଦଶମୀ ପର୍ଯ୍ୟନ୍ତ ପୂଜା ଆମ ଦେଶାଗ୍ରର ମତେ ଚଳି ଆସୁଅଛି ।

ମୂଳତଃ ଶକ୍ତି ଆବାହନ ବା ଦେବୀ ପୂଜାର ଅସଲ ରହସ୍ୟ ହେଲା ଆସୁରିକ ଶକ୍ତିକୁ ପ୍ରତିହତ କରିବା ପାଇଁ ମାନବୀୟ ଚରିତ୍ରର ଉନ୍ନତତା । ଚଣ୍ଡୀ ପୁରାଣରେ ବର୍ଣ୍ଣିତ ହୋଇଛି ଯେ ଅତ୍ୟନ୍ତ ବିପନ୍ନ ଅବସ୍ଥାରେ ରାଜା ସୁରଥ, ସମାଧି ବୈଶ୍ୟ ଉଭୟେ ମେଧା ଋଷିଙ୍କଠାରୁ ଦେବୀ ତତ୍ତ୍ୱ ପୂଜନର ବିଶେଷତ୍ୱ ସମ୍ପର୍କରେ ଅବଗତ ହୋଇ ନିଜ ହୃତ ଆତ୍ମଶକ୍ତିକୁ ଫେରି ପାଇଥିଲେ ।

ଏହି ଆଖ୍ୟାନର ମୌଳିକ ତାତ୍ପର୍ଯ୍ୟ ହେଲା-ବୈଶ୍ୟ ବା ବ୍ୟବସାୟୀ, ରାଜା ବା ଶାସକ, ଉଭୟ ଯେତେବେଳେ ପଥହରା ହୁଅନ୍ତି, ସେତେବେଳେ ସମାଜର ତ୍ୟାଗୀ ଜ୍ଞାନ ଦ୍ରଷ୍ଟାଙ୍କଠାରୁ, ପଥ ନିର୍ଦ୍ଦେଶ ପାଇଁ ଶକ୍ତିତତ୍ତ୍ୱ ଲାଭ କରିଥାନ୍ତି । ଅର୍ଥାତ୍ ବ୍ୟବସାୟୀ, ଶାସକ, ତ୍ୟାଗୀ ଜ୍ଞାନଦ୍ରଷ୍ଟାଙ୍କ ମଧ୍ୟରେ ସମନ୍ୱୟ ବାଦର ବିକାଶ ଘଟିଲେ ରାଷ୍ଟ୍ରୀୟ ଶକ୍ତିର ପୁନର୍ବିନ୍ୟାଶ ଘଟିଥାଏ ।

'ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ' ପୁସ୍ତକରେ ସ୍ୱର୍ଗତଃ ସଦାଶିବ ମହାପାତ୍ର ମତ ବ୍ୟକ୍ତ କରି ଲେଖିଛନ୍ତି ଯେ "କାଳର ପ୍ରବାହରେ ଯେଉଁ ସ୍ମୃତି ଶାସ୍ତ୍ର ରଚିତ ହେଲା, ତା ମଧ୍ୟ ଜାତିକୁ ପଙ୍ଗୁ କରିଦେଲା' ପର୍ବ-ପର୍ବାଣୀର ଦିନ ନିର୍ଣ୍ଣୟ, ସ୍ପର୍ଶା ସ୍ପର୍ଶ ବିଗ୍ରହ, ଦୈନନ୍ଦିନ ବିଗ୍ରହ ନିୟନ୍ତ୍ରଣ କରିବାଦ୍ୱାରା 'ପୁରୁଷ' ଭାବ ସମାଜରୁ ଲୁପ୍ତ ହୋଇଗଲା । ତେଣୁ ମହାତ୍ମା ବର୍ଦ୍ଧନ ରାଜଗୁରୁ ମହାପାତ୍ର ପରିସ୍ଥିତି ବୁଝିକରି ମାନବିକତାର ସୁରକ୍ଷାରେ ଦୁର୍ଗୋତ୍ସବ ବିଧି ନିର୍ଦ୍ଧାରଣ କରିଥିଲେ ।"

ମନ୍ତ୍ର ହେଲା -

ଓଁ ପ୍ରବିଶ୍ୟ ପ୍ରବୁଦ୍ଧି, କିଂ ସ୍ୱପିଷି, ଭୟଂମେ
ସମୁପସ୍ଥିତଂ, ଯଦି ଶକ୍ୟ ମଶକ୍ୟଂ
ହୁଁ ଦୁର୍ଗେ ଭଗବତୀ କାମୟ ସ୍ୱାହା ।
ହୁଁ ଦୁର୍ଗେ, ପାଠନ୍ତରୋ

ଏ ମନ୍ତ୍ରର ଅର୍ଥହେଲା- ହେ ପ୍ରବୁଦ୍ଧି ! କିଆଁ ଶୋଇଛ ? ଭୟ ସମୁପସ୍ଥିତ । ତୁମେ ଶକ୍ୟ ହୁଅ ବା ନ ହୁଅ, ହୁଁ କାର କରି ଭଗବତୀ ଦୁର୍ଗା ଯେପରି ମାନବ ଜାତିର ଦୁର୍ଦ୍ଦଶା ମୋଚନ କରିଥିଲେ । ତାଙ୍କୁ ସ୍ମରଣ କରି ତୁମେ ତଦ୍ରୂପ ଶତ୍ରୁ ନାଶ କର ; ଶାନ୍ତି ଦାନକର---ଇତ୍ୟାଦି---ଇତ୍ୟାଦି ।

(ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟର ପୃଷ୍ଠା ୭୮)

ନିରାଶାର ଘନ ଅନ୍ଧକାର ମଧ୍ୟରେ, ଶକ୍ତି ତତ୍ତ୍ୱ ହେଉଛି ଆଶାର ଉଜ୍ଜ୍ୱଳ ସୂର୍ଯ୍ୟକିରଣ । ଶାକ୍ତମାନେ ତନ୍ତ୍ର ବିଧାନରେ ଏହି ତତ୍ତ୍ୱର ଆବାହନ କରିଥାନ୍ତି । ଅମର କୋଷର ବର୍ଣ୍ଣନା କ୍ରମରେ ଏହି ଶକ୍ତି ଅଷ୍ଟମାତୃଗଣ ବା ସପ୍ତମାତୃଗଣ ଅଟନ୍ତି । ସପ୍ତମାତୃଗଣ ହେଲେ-

ବ୍ରାହ୍ମଣୀ ବୈଷ୍ଣବୀ ଚୈନ୍ଦ୍ରୀ ରୌଦ୍ରୀ ବାରାହିଵୀ ତଥା
କୌବେରୀ ଚୈବ କୌମାରୀ ମାତରଃ ପରିକୀର୍ତ୍ତିତ ।

ଅର୍ଥାତ୍-ବ୍ରାହ୍ମଣୀ, ବୈଷ୍ଣବୀ, ଐନ୍ଦ୍ରୀ, ରୌଦ୍ରୀ, ବାରାହିକୀ, କୌବେରୀ ଏବଂ କୌମାରୀ ଏ ସାତ ଜଣ ମାତୃଗଣ ଅଟନ୍ତି ।

ପୁନଶ୍ଚ

ଅଷ୍ଟମାତୃଗଣ ହେଲେ-

ବ୍ରାହ୍ମୀ ମାହେଶ୍ୱରୀ ଐନ୍ଦ୍ରୀ, ବାରାହୀ, ବୈଷ୍ଣବୀ ତଥା
କୌମାରୀତ୍ୟପି ଚାମୁଣ୍ଡା ଚଣ୍ଡିକେ ତ୍ୟଷ୍ଟା ମାତରଃ

ଅର୍ଥାତ୍-ବ୍ରାହ୍ମୀ, ମହେଶ୍ୱରୀ, ଐନ୍ଦ୍ରୀ, ବାରାହୀ, ବୈଷ୍ଣବୀ, କୌମାରୀ, ଚାମୁଣ୍ଡା ଓ ଚଣ୍ଡିକା ଏ ଆଠଜଣ ମାତୃଗଣ ଅଟନ୍ତି ।

'ନାନା ପନ୍ଥା-ନାନା ମତ' ପରି ଦେବୀଙ୍କର ମଧ୍ୟ ଏକଶହ ଆଠ ନାମବି ରହିଛି । ଶାକ୍ତମାନେ ଦେବୀ ତତ୍ତ୍ୱକୁ ଦଶ ମହା ବିଦ୍ୟା ନାମରେ ବି ନାମିତ କରି ଶକ୍ତିମାତାଙ୍କର ଦଶରୂପର ଆରାଧନା କରିଥାନ୍ତି । ଅଷ୍ଟ ମାତୃଗଣଙ୍କ ସହିତ ଛିନ୍ନମସ୍ତା, ବଗଳା ନାମ ମଧ୍ୟ ଶାକ୍ତମାନଙ୍କର ଆରାଧ୍ୟ ଦେବୀ ।

ମହାଶକ୍ତିର ଅସଲ ରୂପ ଯେ କ'ଣ ତାହା ଅବର୍ଣ୍ଣନୀୟ । କେହି ତାଙ୍କୁ ଷୋଡ଼ଶୀ ରୂପରେ ଦେଖେତ, କେହି ତାଙ୍କୁ କୁମାରୀ ରୂପରେ ଦେଖେ : କେହି ତାଙ୍କୁ ବିଷ୍ଣୁମାୟା ଭାବେ ପୂଜା କରନ୍ତିତ କେହି କେହି ତାଙ୍କ ଶିବପତ୍ନୀ ଭାବେ ଆବାହନ କରିଥାନ୍ତି । ଆତ୍ମ ଶକ୍ତିର ଜାଗରଣ ପାଇଁ ନିରାକାର ମହାଶକ୍ତିର ସାକାର ମୂର୍ତ୍ତିକୁ ଆଶ୍ରୟ କରି ମଣିଷ ତା'ର ସାକାର ଦେହକୁ ଶକ୍ତିମାନ୍ କରିବାକୁ ଚାହିଁଥାଏ ।

ଦୁର୍ଗ ରକ୍ଷାକାରିଣୀ ଦୁର୍ଗାଦେବୀଙ୍କର ପୂଜା ବିଧାନ ପାଇଁ ମଣିଷଠାରେ ଭରିରହିଥିବା ମାନବୀୟ ଅହଂକାରର ବଳିଦାନ ଆବଶ୍ୟକ। ଶକ୍ତି ପୂଜା ଏକ ବିଳାସ ନୁହେଁ---ଏକ ତପସ୍ୟା। ଶକ୍ତି ପୂଜା ଭୋଗ ରାଜ୍ୟର ପାରିଜାତ ନୁହେଁ---ଏ ପୂଜା ହେଉଛି ତ୍ୟାଗ ରାଜ୍ୟର ଦୀପଶିଖା।ଏ ପୂଜା ତମସିକ ମେଳୋଡି ନୁହେଁ---ଏହା ତପସ୍ୱୀ ଋଷିଙ୍କର ଗଭୀର ଗବେଷଣା ଲବ୍ଧ ଜୀବନୀଦାୟୀ ତତ୍ତ୍ୱ। ତେଣୁ ଆତ୍ମ ସମର୍ପଣହିଁ ଦେବୀତତ୍ତ୍ୱ ଆବାହନର ଅସଲ ପୁଷ୍ପାଞ୍ଜଳି। ସଂସ୍କାରର ବିକାଶହିଁ ପ୍ରକୃତ ନୈବେଦ୍ୟ ଓ ସମଗ୍ର ଜାତିର ଏକତାର ସ୍ୱରହିଁ ଏ ପୂଜାର ମହାମନ୍ତ୍ର। ଏ ମନ୍ତ୍ର ହେଲା-

ଯାଦେବୀ ସର୍ବଭୂତେଷୁ ଶାନ୍ତିରୂପେଣ ସଂସ୍ଥିତା
ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋ ନମଃ।
ଯା ଦେବୀ ସର୍ବ ଭୂତେଷୁ ମାତୃରୂପେଣ ସଂସ୍ଥିତା
ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋ ନମଃ।

ଦୁର୍ଗା କାର୍ଯ୍ୟାଳୟ,
ଦେଉଳୀ ବଜାର,
କଟକ-୯।



ସୂଚନା ଭବନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ଗୋପୀନାଥ ମହାନ୍ତି ସ୍ମୃତି ସଦନ ସଭାରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କର ଉଦ୍‌ବୋଧନ ଦେଉଛନ୍ତି।

...ରେ ଭାରତରେ ଲୋକସଂଖ୍ୟା ପ୍ରାୟ ୯୮ କୋଟି ହେଲାଣି ... ଅନୁମାନ କରାଯାଉଛି । ଏମାନଙ୍କ ଭିତରୁ ଶତକଡ଼ା ୮୩ ... ଗ୍ରାମିଣ । ସର୍ବଭାରତୀୟ ସ୍ତରରେ ୧,୦୦୦ ପୁରୁଷଙ୍କ ପ୍ରତି ... ସଂଖ୍ୟା ୯୩୩ । ମୋଟ ଲୋକସଂଖ୍ୟାର ୩୬ ... କର୍ମୀ । ଏମାନଙ୍କର ସଂଖ୍ୟାର ୪୨ ଶତାଂଶ କୃଷକ, ୨୬ ... କୃଷି ଶ୍ରମିକ ଏବଂ ୩୨ ଶତାଂଶ ଅନ୍ୟାନ୍ୟ ଶ୍ରେଣୀର ... ୧୯୯୧ ମସିହା ଜନଗଣନା ଅନୁସାରେ ୨୨୩ ନିୟୁତ ... । ଏମାନଙ୍କ ଭିତରୁ ୧୭୮ ନିୟୁତ ପୁରୁଷ କର୍ମୀ ଓ ୪୫ ... ମହିଳା କର୍ମୀ । ଏମାନଙ୍କ ମଧ୍ୟରେ ନାବାଳକ ମଧ୍ୟ ... । ... ଅନୁସାରେ ଶ୍ରମିକମାନଙ୍କ ହିସାବ ନିମ୍ନରେ ... ।

| | ୧୯୮୫ | ୧୯୯୦(ନିୟୁତ) |
|---|---|---|
| [illegible] | ୨୯୯.୫ | ୩୦୬.୧ |
| [illegible] | ୧୨୨.୨ | ୧୫୨.୪ |
| [illegible] | ୨୨.୨ | ୨୧.୨ |
| [illegible] | ୫୯.୦ | ୨୨.୫ |
| [illegible] | ୨୭.୦ | ୧୫.୦ |

...୧ ମସିହା ଜନଗଣନା ଅନୁସାରେ ... ଅନ୍ୟୁନ ୧୮୩ ଦିନ ... ପ୍ରତ୍ୟକ୍ଷ ଭାବରେ ନିଯୁକ୍ତ ... ସେମାନେ ମୁଖ୍ୟ ଶ୍ରମିକ ବୋଲି ... ୧୮୩ ଦିନରୁ କମ୍ କାମ ... ଶ୍ରମିକମାନଙ୍କୁ ନାମକୁ ମାତ୍ର ଶ୍ରମିକ (Marginal Worker) ଏବଂ ... ଆଦୌ କାମ କରନ୍ତି ନାହିଁ, ... ଅନ୍ତର୍ଭୁକ୍ତ (Non-workers) ... ।।

...ରେ ମୋଟ ସ୍ୱତ୍ତ (ଦୋ... ...) ଜମିର ପରିମାଣ ୯.୧ ... ହେକ୍ଟର । କୁଟୁମ୍ବ ପ୍ରତି ... ହେକ୍ଟର ଓ ହାରାହାରି ୫ ଜଣିଆ କୁଟୁମ୍ବ ପ୍ରତି ୦.୨୯ ... (୩ ୧/୨ ମୁଣ୍ଡ) । ଏହା ପୁଣି ଟୁକୁରା ଟୁକୁରା ହୋଇ ... ଗୋଟିଏ ଗାଁରେ ବା ୨-୩ଟା ପାଖାପାଖି ... । ମୋଟ ଜୋତ (holding)ର ଶତକଡ଼ା ୭୬ ଭାଗର ... ୨ ହେକ୍ଟର କମ୍ । କିନ୍ତୁ କ୍ଷେତ୍ରଫଳ ଅନୁସାରେ ଏହା ... ଶତକଡ଼ା ୪୦ ଭାଗ । ଅବଶିଷ୍ଟ ଜମି ବଡ଼ ଚାଷୀଙ୍କ ... । ଜମି ଯେତେ ଛୋଟ ହେବ ସେଥିରେ ଯାନ୍ତ୍ରିକ କୃଷି ... ଅସମ୍ଭବ ହୋଇପଡ଼ିବ । ଛୋଟ ଜମିଥିବା ପରିବାରରେ ... ମହିଳାମାନଙ୍କର ନିଯୁକ୍ତି ଭାଗ ବେଶୀ । ଜମିର ... କାମ ପ୍ରାୟ ମହିଳାମାନଙ୍କ ଦ୍ୱାରା କରାଯାଇଥାଏ । ... ଜାତି/ଉପଜାତି ଓ ଦରିଦ୍ରମାନଙ୍କ ଭାଗରେ ଏଇ ସବୁ ... ଛୋଟ ଜମି । ଏଣୁ ସେମାନଙ୍କର ସ୍ତ୍ରୀ ଓ ପିଲାମାନେ ... ବିଲବାଡ଼ିରେ କାମ କରନ୍ତି ।

...:

...ରେ ଶତକଡ଼ା ୪୬.୯ ଭାଗ ପୁରୁଷ ଓ ୨୪.୮ ଭାଗ ... ସାକ୍ଷର । ଦରିଦ୍ର ସମାଜରେ ଅଶିକ୍ଷିତତା ବେଶୀ । ଓଡ଼ିଶାର ମୋଟ ଲୋକସଂଖ୍ୟାର ୪୯.୫ ଭାଗ ମହିଳା ଗାଁରେ ରହୁଥିବା ୨ କୋଟି ୩୨ ଲକ୍ଷ ଲୋକ ମଧ୍ୟରୁ ଶତକଡ଼ା ୫୦ ଭାଗ ମହିଳା । ସହରର ବାବୁଭୁଈଁଆଙ୍କ ଘରେ ସ୍ୱରାଣୀ ନହେଲେ ଘର ଅଚଳ । ଓଡ଼ିଶାରେ ଶତକଡ଼ା ୩୪ ଭାଗ ଲୋକ ସାକ୍ଷର । ମହିଳା ସାକ୍ଷରତା ଶତକଡ଼ା ୨୨-୨୩ । ଆଦିବାସୀ ଓ ହରିଜନ ଓ ଗରିବ ଶ୍ରେଣୀରେ ମହିଳା ସାକ୍ଷରତା ଅତି କମ୍ ।

# କୃଷିରେ ମହିଳାମାନଙ୍କ ଭୂମିକା

• ଦାମୋଦର ଜେନ୍ନା

କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ବର୍ଷସାରା ଚାଷରେ କାମ ମିଳେନି । ଏହି ଗୋଷ୍ଠୀର ସ୍ତ୍ରୀଲୋକମାନେ ମୁଖ୍ୟତଃ ବିଲରେ ବେଶୀ କାମ କରନ୍ତି । ଗାଁରେ ରହୁଥିବା ସ୍ତ୍ରୀଲୋକମାନଙ୍କ ମଧ୍ୟରୁ ୫୦-୬୦ ଭାଗ ବିଲରେ କାମ କରନ୍ତି । ଜାତିସଂଘର ଏକ ହିସାବରୁ ଜଣାଯାଏ ଯେ ମୋଟ କାମର ୬୦ ଭାଗ ସ୍ତ୍ରୀଲୋକମାନେ କରନ୍ତି । କିନ୍ତୁ ମୋଟ ଆୟର ମାତ୍ର ୧୦ ଭାଗ ପାଆନ୍ତି ଓ ବିଶ୍ୱର ଉତ୍ପାଦିତ ସମ୍ପଦର ମାତ୍ର ୧ ଭାଗ ଉପଭୋଗ କରନ୍ତି । ପାଠୁଆ ସାଠୁଆ ଓ ବଡ଼ବଡ଼ିଆଙ୍କ ସ୍ତ୍ରୀଲୋକମାନଙ୍କୁ ଭଦ୍ରମହିଳା କୁହାଗଲା ବେଳେ ଗରିବ ଲୋକଙ୍କ ସ୍ତ୍ରୀମାନଙ୍କୁ ସେ ଶବ୍ଦ ମର୍ଯ୍ୟାଦା ମିଳେନାହିଁ । କିନ୍ତୁ ସମାଜରେ ସମସ୍ତଙ୍କର ବଞ୍ଚି ରହିବା ପାଇଁ ସେମାନଙ୍କର ଦାନ କିଛି କମ୍ ନୁହେଁ । ବର୍ତ୍ତମାନ ସମାଜରେ ସେମାନଙ୍କର କର୍ତ୍ତବ୍ୟ କେବଳ ଘରେ ରହିବେ – ଘର କାମ କରିବେ – ବିଲବାଡ଼ି କାମ କରିବେ – ପିଲା ଜନ୍ମ କରିବେ ଓ ପୁରୁଷ ଜାତିଙ୍କର ସର୍ବାଙ୍ଗାଧୀନ ହୋଇରହିବେ । କିନ୍ତୁ ଭୁଲିଯିବା ଉଚିତ ନୁହେଁ ଯେ ସେମାନଙ୍କର ଇଙ୍ଗିତରେ ଘର ଚଳେ ଓ ସେମାନଙ୍କ ଯୋଗୁଁ ହିଁ ସମାଜରେ ପୁରୁଷ ଭଦ୍ର ଓ ଶୃଙ୍ଖଳିତ । ପ୍ରତ୍ୟେକଙ୍କ ଘରେ ମା', ଭଉଣୀ, ସ୍ତ୍ରୀ କ'ଣ କରନ୍ତି ବିଶ୍ଳେଷଣ କଲେ କଥାଟି ଠିକ୍ ଜଣାପଡ଼ିବ ।

ବର୍ତ୍ତମାନ କୃଷି ଓ ତତ୍‌ସଂକ୍ରାନ୍ତୀୟ କାମ କଥା ବିଚାର କରାଯାଉ । ମାନେ ବିଲରେ ହଳ କରିବା କାମ ସାଧାରଣତଃ ପୁରୁଷ କରିଥାନ୍ତି । କିନ୍ତୁ ଆଦିବାସୀ ଅଞ୍ଚଳରେ କେବେ କେବେ ସ୍ତ୍ରୀଲୋକମାନେ ହଳ କରିବା ଦେଖୁଛି । ବିଲରେ ଦେଶୁଆ ଖତ ବୋହିବା, ଘାସ ବାଛିବା, ଜମି ସମାନ କରିବା, ଖତ ବୋହିବା, ଖତ ଭାଙ୍ଗିବା, ଘାସ ବାଛିବା, ଜମି ସମାନ କରିବା, ଖତ ବୋହିବା, ଖତ ପକାଇବା କାମ ମୁଖ୍ୟତଃ ସ୍ତ୍ରୀଲୋକମାନେ କରନ୍ତି ।

ଧାନ ଚାଷ କଥା ବିଚାର କରାଯାଉ । ତଳି ଉପାଡ଼ିବା, ତଳି ଧୋଇବା, ବୋହିକରି ନେଇ କିଆରୀରେ ଯୋଗାଇଦେବା ଇତ୍ୟାଦି କାମ ତ ତାଙ୍କର । ଠିକା ଧାନ ରୁଆରେ ୧-୨ ଜଣ ମରଦଙ୍କ ସାଙ୍ଗରେ ୧୫-୨୦ ସ୍ତ୍ରୀଲୋକ ଦଳ ଦଳ ହୋଇ ବୁଲି ଧାନ ରୋଇବା ଓଡ଼ିଶା, ବିହାର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗର କେତେକ ଜିଲ୍ଲାରେ ସାଧାରଣ କଥା ବୋଲି ମୁଁ ଜାଣିଛି । ଧାନ କେଉଁଷଣ

ପୂର୍ବରୁ ମୁଆଁ ଝାଡ଼ିବା (ଏବେ କମି ଗଲାଣି), ଖଲି ବଛା, ଦୋପଟା ବଛା, ବିଆଳି ବଛା କାମ ତ ସେମାନଙ୍କର । ଧାନ କାଟିବା, ମୂଳ ପକେଇବା, ଛଣ ବାନ୍ଧିବାରେ ସାହାଯ୍ୟ କରିବା, ଦଳା ଓ ଛଣ ବୋହିବା କାମ ମୁଖ୍ୟତଃ ସେମାନଙ୍କର । ଧାନ ବେଙ୍ଗୋଲା ପଡ଼ିବା ବେଳେ ଗୁରାଣ୍ଡିବା, ଖଳାରୁ ଉଡ଼ାଇବା, ଯାଗାକୁ ବୋହିକରି ନେବା, ପୁଣି ବୋହିଆଣି ମରେଇ ବା ଖଣିରେ ପକାଇବା ଓ ଖଣିରୁ ଘରକୁ ନେବା କାମରେ ତାଙ୍କର ସାହାଯ୍ୟ ଅପରିହାର୍ଯ୍ୟ ।

ମୁଗ, ବିରି, କୋଳଥ, ସୋରିଷ, ଫେସି, ଚିନାବାଦାମ ଇତ୍ୟାଦି ଉପାଡ଼ିବା, ଖଳାକୁ ବୋହିବା ବା ଗାଡ଼ିରେ ଲଦିବା ଓ ଗାଡ଼ିରୁ ଓରାଇବା କାମ ସବୁ ତାଙ୍କର । ଏହିପରି ପ୍ରତ୍ୟେକ ଫସଲ କଥା ବିଚାର କଲେ ସେମାନଙ୍କର କାମ ଅଙ୍ଗେ ଲିଭାଇଥିବା ଜାଣତା ଲୋକକୁ ଜଳଜଳ ଦେଖାଯିବ । ଏତ ଗଲା ବିଲ କାମ । ସେ ସ୍ତ୍ରୀ ଲୋକ ପୁଣି ବିଲରୁ ଆସି ଘରେ ଘର କଥା ପିଲାଝିଲା, ଗୋରୁଗାଈ, ବୁଣିଆ ମଇଁଷିଙ୍କ କଥା ବୁଝିବ । ତାକୁ ବିଶ୍ରାମ କାହିଁ ? ଘର ଭିତରକୁ ଆସନ୍ତୁ । ଧାନ ଉଷୁଁଇବା, ଶୁଖେଇବା, କୁଟିବା (ଏବେ କଳ ବସିଲାଣି), ଢିଙ୍କି କୁଟି ଆସୁଛି ଖାଁ ଖାଁ ଦେଖାଯାଉଛି), ଗୁଡ଼ଳ ଅଟାଗିବା, ବାରିଆଡ଼େ ପରିବା ଲଗାଇବା, ପାଣି ଦେବା, ପରିବା ତୋଳିବା ଇତ୍ୟାଦି ତାଙ୍କର । ପୁରୁଷଟିଏ ଘରକୁ ଫେରିଲା ବେଳକୁ ଖାଇବା ପାଇଁ ବଢ଼ାହେଲେ ସବୁ ଠିକ୍ ଅଛି । ନହେଲେ ସ୍ତ୍ରୀ ଉପରେ କେତେ ରାଗ ଚିନ୍ତା କରନ୍ତୁ ତ ! ହିସାବରୁ ଜଣାପଡୁଛି କୃଷି କର୍ମର ଶତକଡ଼ା ୫୦ ଭାଗରୁ ବେଶୀ କାମ ସ୍ତ୍ରୀମାନଙ୍କର ।

ଗାଈଗୋରୁଙ୍କ ସେବା ସେମାନେ କରନ୍ତି । ଗୁହାଳେ ବାନ୍ଧିବା, ତାଙ୍କ ଆଗରେ କୁଟା, ନଡ଼ା, ଘାସ ପକାଇବା, ଗୁହାଳ ପୋଛିବା, ଗୋବର ଘସି ପାରିବା କାମ ତାଙ୍କର । ଦୁଧ ବସେଇ ଦହି ପକାଇବା, ଗୋଳାଇବା, ଘିଅ ମାରିବା, କେତେଜଣ ପୁରୁଷ କରନ୍ତି ?

ଘର ଚଳେଇବାରେ ଓସ୍ତାଦ କେବଳ ମହିଳାମାନେ । ପୁରୁଷ କେବଳ ଦାନ୍ତ ମାମଲତକାର । ଆଦିବାସୀ ଅଞ୍ଚଳ ସ୍ତ୍ରୀମାନଙ୍କର ପ୍ରାଧାନ୍ୟ ଉପକୂଳ ଅଞ୍ଚଳ ସ୍ତ୍ରୀମାନଙ୍କ ପ୍ରାଧାନ୍ୟଠାରୁ ବେଶୀ । କେଉଁ ବିଲରେ କେଉଁ ଫସଲ ହେବ ସ୍ଥିର କରିବାଠାରୁ ଆରମ୍ଭ କରି ବଜାର, ହାଟ, କିଣାବିକା ଦାୟିତ୍ୱ ସବୁ ମହିଳାମାନଙ୍କ । ଆଦିବାସୀ ଅଞ୍ଚଳର ହାଟ ବଜାର ଦେଖିଲେ ଏହା ସହଜରେ ଜଣାପଡ଼ିବ ।

ହେଁସ, ମଶୁଣୀ, ବାଉଁଶିଆ, କୁଲା, ପାଛିଆ, ଡାଲା, ଟୋକେଇ ବୁଣିବା ଓ ବୁଲିକରି ବିକିବା କାମ ଅଧେରୁ ବେଶୀ ସେମାନଙ୍କର । କୁମ୍ଭାର ଘର କଥା ବି ବିଚାର କରାଯାଉ । କଥାରେ ଅଛି :

କୁମ୍ଭାର ଘର ବୋହୂ,
ଝାଟିକି ନଗଲେ ମାଟିକି ଯାଉ ।

ଏ କଥାଟି ସବୁଠି ପ୍ରଯୁଜ୍ୟ । କିଛି ନା କିଛି କାମ କରୁଥିବା ଘରେ ଜଣେ ମହିଳା ଦିନକୁ ୧୫–୨୦ କି. ମି. ବାଟରୁ କମ୍ ଚାଲୁନି ? ଦିନ ରାତି ବକର ବକର ହେଉଥିବେ – କାମ ଚାଲିଥିବ ।

ଘରେ ଶିଶୁମାନଙ୍କ ଲାଳନ ପାଳନ କରିବେ ସେଇ ନାରୀ । ଗରିବ ଘରର ଝିଅଟିଏ । ବାପ ଘରେ ଗାଈ ଜଗିବା, ଘାସ କାଟିବାଠାରୁ ଆରମ୍ଭ କରି ସବୁ କରେ । ଶାଶୁ ଘରକୁ ଗଲା ପରେ ବି ସେଇ ବିଲବାଡ଼ି ଓ ଘର କାମ । ତା ଦୁଃଖ ବୁଝୁଛି କିଏ ? ରାସ୍ତାରେ ଭଦ୍ରମହିଳା ଜଣେ ଭାନିଟି ବ୍ୟାଗ୍ ପକେଇ ଗଲାବେଳେ ସେ ଜଳ ଜଳ ଅନେଇ କ'ଣ ଭାବୁଥିବ – ଚିନ୍ତା କରନ୍ତୁ ତ ! ଏ ସମାଜରେ କି ଅସମାନତା ! କେବେ ଯିବ ?

ଜନନୀ–ଜାୟା–କନ୍ୟାର ଦାୟିତ୍ୱ ସାଙ୍ଗକୁ କର୍ତ୍ତବ୍ୟ ଓ ନିଷ୍ଠାର ପଟାନ୍ତର ନାହିଁ । ତଥାପି ଆମର ସମାଜରେ ନାରୀମାନଙ୍କ ସ୍ଥାନ ଏତେ ନ୍ୟୁନ କାହିଁକି ? ସମାଜରେ ଦେଖା ଦେଉଥିବା ଏ ବ୍ୟତିକ୍ରମକୁ କିଏ ସଜାଡ଼ିବ ? ସରକାର ନା ସମାଜ ? ସମାଜରୁ ସରକାରର ସୃଷ୍ଟି, ତେଣୁ ସମାଜରେ କିଛି ପରିବର୍ତ୍ତନ ଆଣିବାକୁ ହେଲେ କେବଳ ସମାଜ ହିଁ କରିପାରିବ ।

---

ବୃଷ କଲେଜ,
ଭୁବନେଶ୍ୱର ।

# ପାଠକଙ୍କ କଲମରୁ

**ଶ୍ରୀ ଲକ୍ଷ୍ମଣ କୁମାର ସାହୁ,**
ଗ୍ରା/ପୋ : ପଧାନପଡ଼ା,
ଭାୟା : ବସ୍ତ, ବାଲେଶ୍ୱର ।

● ମୁଁ ଉତ୍କଳ ପ୍ରସଙ୍ଗର ବାର୍ଷିକ ଗ୍ରାହକ ହେବାକୁ ଚାହେଁ ।

● ● ନିକଟସ୍ଥ ସବ୍‌ଡିଭିଜନାଲ୍ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ବାର୍ଷିକ ଦେୟ କୋଡ଼ିଏ ଟଙ୍କା ପୈଠ ଦେଇ ବାର୍ଷିକ ଗ୍ରାହକ ହୋଇଯାଆନ୍ତୁ ।

**ଶ୍ରୀ ଦୁର୍ଗା ପ୍ରସାଦ ରଥ,**
କ୍ୱାର୍ଟର୍ ନଂ ସି, ୧୯୬,
ଏଚ୍: ଏ: ଏଲ୍: ଟାଉନ୍‌ସିପ୍,
ସୁନାବେଡ଼ା, କୋରାପୁଟ ।

● ଉତ୍କଳ ପ୍ରସଙ୍ଗ ବହିଟି ଅତ୍ୟନ୍ତ ମନମୁଗ୍ଧକର । ବହୁତ କିଛି ଜାଣିବାର ଏବଂ ଶିଖିବାର ବିଷୟ ଏହି ବହିରୁ ହିଁ ମିଳେ । ଏହାର ବିଶେଷାଙ୍କଗୁଡ଼ିକ ଆହୁରି ଅଧିକ ମନମୁଗ୍ଧକର ଓ ଉପାଦେୟ ।

● ● ମତାମତ ପାଇଁ ଧନ୍ୟବାଦ । ତୁରନ୍ତ ବାର୍ଷିକ ଗ୍ରାହକ ହୋଇଯାଆନ୍ତୁ ।

**ଶ୍ରୀ ଆଶୀଷ କୁମାର ଶତପଥୀ,**
ରାଜରଣପୁର, ପୁରୀ ।

● ବହି ଦୋକାନ କିମ୍ବା ନିଉଜ୍‌ପେପର୍ ଷ୍ଟଲ୍‌ମାନଙ୍କରେ ଉତ୍କଳ ପ୍ରସଙ୍ଗ ବିକ୍ରି ବ୍ୟବସ୍ଥା ହେଲେ ସମସ୍ତେ ସୁବିଧାରେ ବହି ପାଇପାରିବେ ।

● ● ଆଗ୍ରହୀ ବ୍ୟକ୍ତି ଦରଖାସ୍ତ କରି ଏଜେନ୍‌ସି ନେଇପାରିବେ ।

**ଶ୍ରୀ ବାବାଜୀ ଚରଣ ସ୍ୱାଇଁ,**
ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଉଦ, ଫୁଲବାଣୀ ।

● ଏହି କେତେମାସ ହେବ ଲକ୍ଷ୍ୟ କରାଯାଉଛି, ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲେଖକମାନଙ୍କର ଲେଖା ଉତ୍କଳ ପ୍ରସଙ୍ଗରେ ସ୍ଥାନ ପାଉଛି । ଏହା ଅତି ଖୁସିର କଥା । ଫୁଲବାଣୀ ଜିଲ୍ଲାର ଲେଖକମାନଙ୍କ ଲେଖା ମଧ୍ୟ ଉତ୍କଳ ପ୍ରସଙ୍ଗରେ ସ୍ଥାନ ପାଉ ।

● ● ସବୁ ଜିଲ୍ଲାର ଲେଖକମାନେ ସୁବିଧା ପାଉଥିବା ବେଳେ ଫୁଲବାଣୀ କଦାପି ବଞ୍ଚିତ ହେବନାହିଁ । ଲେଖା ପଠାନ୍ତୁ । ପ୍ରକାଶୋପଯୋଗୀ ହୋଇଥିଲେ ନିଶ୍ଚୟ ପ୍ରକାଶ ପାଇବ ।

ଶ୍ରୀ ଦଣ୍ଡପାଣି ପାଢ଼,
କ୍ଷୁଦ୍ର ଜଳସେଚନ କଲୋନି,
ବଲାଙ୍ଗୀର ।

- ଜହ୍ନମାମୁଁ ପତ୍ରିକା ଭଳି ଛୋଟ ଛୋଟ ଗପ ଉତ୍କଳ ପ୍ରସଙ୍ଗରେ ପ୍ରକାଶ ପାଉଲେ ଅଧିକ ରୁଚିକର ହୁଅନ୍ତା ।
- ● ଏହା ଉତ୍କଳ ପ୍ରସଙ୍ଗ ବଦଳରେ ଦ୍ୱିତୀୟ ଜହ୍ନମାମୁଁ ହୋଇଯିବ ।

## * ବିଶେଷ ସୂଚନା *

ଉତ୍କଳ ପ୍ରସଙ୍ଗର ପାଠକ ପାଠିକାମାନଙ୍କୁ ସେମାନଙ୍କ ସୁଚିନ୍ତିତ ମତାମତ ଉପସ୍ଥାପନ କରିବା ସୁଯୋଗ ଦେବା ନିମନ୍ତେ ପାଠକଙ୍କ କଲମରୁ ବିଭାଗ ସୃଷ୍ଟି କରାଯାଇଛି ।

ଆଗ୍ରହୀ ପାଠକ ପାଠିକାମାନେ ନିମ୍ନରେ ଦିଆଯାଉଥିବା କୁପନ ବ୍ୟବହାର କରି ସେମାନଙ୍କ ପ୍ରଶ୍ନ ବା ମତାମତ ପଠାଇବାକୁ ଅନୁରୋଧ ।

[illegible]
ମୁଖ୍ୟ ସମ୍ପାଦକ

### ପ୍ରଶ୍ନ କର୍ତ୍ତାଙ୍କ ପାଇଁ କୁପନ

ପ୍ରଶ୍ନ କର୍ତ୍ତାଙ୍କ ଠିକଣା

ନାମ ...............................
ଗ୍ରାମ ...............................
ପୋଷ୍ଟ ...............................
ଥାନା ............ ଜିଲ୍ଲା ............


କେବଳ ୩୦/୧୧/୧୯୯୧ ପୂର୍ବରୁ ବ୍ୟବହାର ପାଇଁ
ମତାମତ ବା ପ୍ରଶ୍ନ


..............................................................
..............................................................
..............................................................
..............................................................
..............................................................
..............................................................
..............................................................
..............................................................
..............................................................
..............................................................
..............................................................
..............................................................

ସ୍ୱାକ୍ଷର

OGP-MP-PTS (I&PR) 30-6,000-31-10-1991

କୋରାପୁଟ ଜିଲ୍ଲାର ଗଲୁରୀପୁଟ ଗ୍ରାମରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ





ସଚିବାଳୟଠାରେ ଅନୁଷ୍ଠିତ ଆନ୍ତଃପ୍ରାଦେଶିକ ସୁବର୍ଣ୍ଣରେଖା ପ୍ରୋଜେକ୍ଟର ମିଳିତ ନିୟନ୍ତ୍ରଣ ବୋର୍ଡ଼ ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଓ ବିହାରର ମୁଖ୍ୟମନ୍ତ୍ରୀ ଶ୍ରୀ ଲାଲୁପ୍ରସାଦ ଯାଦବ ।

...ence No. C.R.N.P. 5-Licensed to post without pre-payment ... Regd. No. 0-05/91



କଟକ ଚଣ୍ଡୀରୋଡ୍ ଶେଖ୍‌ବଜାର ପୂଜା କମିଟି ଦ୍ୱାରା ନୂତନ ଭାବେ ନିର୍ମିତ ହୋଇଥିବା ଦ୍ୱିତୀୟ ରୁପି ମେଢ଼ ଏ ବର୍ଷ ପୂଜାର ପ୍ରଧାନ ଆକର୍ଷଣ ଥିଲା । ମେଢ଼ଟିର ଉଚ୍ଚତା ୧୪ ଫୁଟ, ଓସାର ୧୧ ଫୁଟ୍, ସେଥିରେ ବ୍ୟବହୃତ ହୋଇଥିବା ରୁପିର ଓଜନ ୧୬୫ କିଃ ଗ୍ରାଃ ଏବଂ ମଜୁରି ସହ ମେଢ଼ଟିର ମୂଲ୍ୟ ଥିଲା ୧୯ ଲକ୍ଷ ଟଙ୍କା ।

# ଉତ୍କଳ ପ୍ରସଙ୍ଗ